# ଭାରତର

# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

# ମାର୍ଚ୍ଚ 2014 ରେ ସମାପ୍ତ ବର୍ଷ ପାଇଁ
# ରାଜ୍ୟ ଆର୍ଥିକ ସ୍ଥିତିର ପ୍ରତିବେଦନ

ଓଡିଶା ସରକାର

# ଭାରତର
# ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

# ମାର୍ଚ୍ଚ 2014 ରେ ସମାପ୍ତ ବର୍ଷ ପାଇଁ
# ରାଜ୍ୟ ଆର୍ଥିକ ସ୍ଥିତିର ପ୍ରତିବେଦନ

## ଓଡିଶା ସରକାର

# ସୂଚୀପତ୍ର



| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ମୁଖବନ୍ଧ | | v |
| ସଂକ୍ଷିପ୍ତ ସାରମର୍ମ | | vii-x |
| **ଅଧ୍ୟାୟ I: ରାଜ୍ୟ ସରକାରଙ୍କ ଅର୍ଥ ବ୍ୟବସ୍ଥା** | | |
| ଓଡିଶାର ପାର୍ଶ୍ୱଚିତ୍ର | | 1 |
| ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) | | 1 |
| ଉପକ୍ରମ | 1.1 | 2 |
| ଚଳିତ ବର୍ଷର ବିତ୍ତୀୟ କାରବାରର ସାରାଂଶ | 1.2 | 2-7 |
| ରାଜ୍ୟର ସମ୍ବଳ | 1.3 | 7-9 |
| ରାଜସ୍ୱ ପ୍ରାପ୍ତି | 1.4 | 9-15 |
| ପୁଞ୍ଜିଗତ ପ୍ରାପ୍ତି, କରଜ ଏବଂ ଅଗ୍ରୀମ ଓ ଋଣ ଆଦାୟ | 1.5 | 15-16 |
| ସରକାରୀ ହିସାବ ପ୍ରାପ୍ତି | 1.6 | 16-17 |
| ସମ୍ବଳର ପ୍ରୟୋଗ | 1.7 | 17-23 |
| ଖର୍ଚ୍ଚର ଗୁଣବତ୍ତା | 1.8 | 23-28 |
| ସରକାରୀ ବ୍ୟୟ ଏବଂ ବିନିଯୋଗର ଆର୍ଥିକ ବିଶ୍ଳେଷଣ | 1.9 | 29-35 |
| ପରିସମ୍ପତ୍ତି ଏବଂ ଦେୟତା | 1.10 | 35-40 |
| ଋଣ ପୋଷଣୀୟତା | 1.11 | 41-42 |
| ବିତ୍ତୀୟ ଅସନ୍ତୁଳନ | 1.12 | 42-46 |
| ସରକାରୀ ବେସରକାରୀ ଭାଗିଦାରୀତା | 1.13 | 46-47 |
| ଉପସଂହାର ଓ ସୁପାରିଶ | 1.14 | 47 |
| **ଅଧ୍ୟାୟ II: ଆର୍ଥିକ ପରିଚାଳନା ଓ ବଜେଟ୍ ନିୟନ୍ତ୍ରଣ** | | |
| ଉପକ୍ରମ | 2.1 | 49 |
| ବିନିଯୋଗ ହିସାବର ସାରାଂଶ | 2.2 | 50 |
| ଆର୍ଥିକ ଉତ୍ତରଦାୟିତ୍ୱ ଓ ବଜେଟ୍ ପରିଚାଳନା | 2.3 | 50-58 |
| ଆକସ୍ମିକ ପାଣ୍ଠିରୁ ଅଗ୍ରୀମ | 2.4 | 58-59 |
| ବଜେଟ୍ ପ୍ରସ୍ତୁତିରେ ତ୍ରୁଟି | 2.5 | 59-62 |
| ବଛାଯାଇଥିବା ଅନୁଦାନ ଗୁଡିକର ସମୀକ୍ଷାର ପରିଣାମ | 2.6 | 62-64 |
| କୋଷାଗାର ଗୁଡିକର ନିରୀକ୍ଷଣର ପରିଣାମ | 2.7 | 64-66 |

| | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ | ପୃଷ୍ଠା |
| ଉପସଂହାର ଓ ସୁପାରିଶ | 2.8 | 66 |
| **ଅଧ୍ୟାୟ III: ବିତ୍ତୀୟ ପ୍ରତିବେଦନ** | | |
| ଉପଯୋଗ ପ୍ରମାଣ ପତ୍ର ଦେବାରେ ବିଳମ୍ବ | 3.1 | 67-69 |
| ପ୍ରଦତ୍ତ ସହାୟତା / ଋଣର ବିଶଦ ବିବରଣୀ ପ୍ରଦାନ ନ କରିବା /ବିଳମ୍ବରେ ପ୍ରଦାନ କରିବା | 3.2 | 69 |
| ସ୍ୱାୟତ୍ତ ନିକାୟମାନଙ୍କର ହିସାବ / ଲେଖା ପରୀକ୍ଷା ପ୍ରତିବେଦନରେ ବିଳମ୍ବ | 3.3 | 69-70 |
| ସରକାରୀ ବିଭାଗ ପରିଚାଳିତ ବାଣିଜ୍ୟିକ କ୍ରିୟାକଳାପ | 3.4 | 70-71 |
| ଆତ୍ମସାତ୍ , କ୍ଷତି ଏବଂ ତୋଷରପାତ ଇତ୍ୟାଦିରେ ବିଭାଗ ଗୁଡିକର ଅପ୍ରଚୁର କାର୍ଯ୍ୟାନୁଷ୍ଠାନ | 3.5 | 71-72 |
| ବ୍ୟବସ୍ଥିତ କରିବା ନିମିତ୍ତ ବିଚରାଧିନ ଥିବା ସଂକ୍ଷିପ୍ତ ଅନିୟମିତ ବିଲ | 3.6 | 73-76 |
| ଅକାମି / ଅଯୁକ୍ତିଯୁକ୍ତ ବ୍ୟକ୍ତିଗତ ଜମାଖାତା(ପି.ଡି) ସମାପ୍ତି ନ କରିବା ସମ୍ବନ୍ଧରେ | 3.7 | 76-77 |
| ସରକାରୀ ପ୍ରାପ୍ତି ଓ ବ୍ୟୟକୁ ଲଘୁ ଶୀର୍ଷକ 800 ଅନ୍ୟାନ୍ୟ ପ୍ରାପ୍ତି ଓ 800 ଅନ୍ୟାନ୍ୟ ବ୍ୟୟ ଅଧିନରେ ଅନ୍ତର୍ଭୁକ୍ତ କରିବା । | 3.8 | 77 |
| ପାଣ୍ଠି ପରିଚାଳନା କାର୍ଯ୍ୟପଦ୍ଧତି | 3.9 | 77-79 |
| ଉପସଂହାର ଓ ସୁପାରିଶ | 3.10 | 79-81 |
| **ପରିଶିଷ୍ଟ** | | |
| 1.1 ଓଡିଶା ପାର୍ଶ୍ୱଚିତ୍ରର ସଂକ୍ଷିପ୍ତ ବିବରଣୀ | | 83 |
| 1.2 ସରକାରୀ ହିସାବର ଢାଞ୍ଚା ଓ ଆକାର | 1.1 | 84 |
| 1.3 ରାଜ୍ୟ ସରକାରଙ୍କ ଅର୍ଥ ବ୍ୟବସ୍ଥା ଉପରେ ସମୟ ଶ୍ରେଣୀ ତଥ୍ୟ | 1.2 | 85-87 |
| 1.4 2013-14 ବର୍ଷ ନିମିତ୍ତ ପ୍ରାପ୍ତି ଓ ବିତରଣର ବିବରଣ | 1.2 | 88-89 |
| 1.5 ରାଜ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ସିଧା ପାଣ୍ଠି ସ୍ଥାନାନ୍ତରିତ ସ୍ଥିତିର ବିବରଣ | 1.3.2 | 90-93 |
| 1.6 2013-14 ବର୍ଷର ମୋଟ ସଂଗ୍ରହ ଓ ସଂଗ୍ରହ ଉପରେ ବ୍ୟୟର ବିବରଣ | 1.8.3 | 94-95 |
| 1.7 ଓଡିଶା ସରକାରଙ୍କର 31 ମାର୍ଚ୍ଚ 2014 ପର୍ଯ୍ୟନ୍ତ ଆର୍ଥିକ ସ୍ଥିତିର ସଂକ୍ଷିପ୍ତ ବିବରଣ | 1.10.1 | 96-97 |
| 1.8 ଓଡିଶାରେ 31 ମାର୍ଚ୍ଚ 2014 ସୁଦ୍ଧା ସରକାରୀ ବେସରକାରୀ ଭାଗିଦାରିତା ପ୍ରକଳ୍ପର ସ୍ଥିତି | 1.13 | 98-102 |
| 2.1 2013-14ରେ ବିଭିନ୍ନ ଅନୁଦାନ / ବିନିଯୋଗର ବିବରଣୀ ଯେଉଁଠି ସଞ୍ଚୟ ପ୍ରତ୍ୟେକ କ୍ଷେତ୍ରରେ ସଞ୍ଚୟ 10 କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଏବଂ ସମ୍ପୂର୍ଣ୍ଣ ବ୍ୟବସ୍ଥାର 20 ପ୍ରତିଶତରୁ ଉର୍ଦ୍ଧ୍ୱ ଥିଲା | 2.3.1 | 103 |
| 2.2 2009-14 କ୍ରମାଗତ ସଞ୍ଚୟ ହୋଇଥିବା ଅନୁଦାନର ବିବରଣ | 2.3.2 | 104 |
| 2.3 2013-14 ବର୍ଷରେ ଅନାବଶ୍ୟକ ପ୍ରମାଣିତ ହୋଇଥିବା ଅନୁପୂରକ ବ୍ୟବସ୍ଥାର ବିବରଣ (ପ୍ରତ୍ୟେକ କ୍ଷେତ୍ରରେ 1 କୋଟି ଟଙ୍କା କିମ୍ବା ତତୋଧିକ) | 2.3.5 | 105-106 |
| 2.4 2013-14 ବର୍ଷ ମଧ୍ୟରେ ଅନୁପୂରକ ବ୍ୟବସ୍ଥା ଅତ୍ୟଧିକ ପ୍ରମାଣିତ ହୋଇଥିବା କ୍ଷେତ୍ର ଗୁଡିକର ବିବରଣ (ପ୍ରତ୍ୟେକ କ୍ଷେତ୍ରରେ ଏକ କୋଟି ଟଙ୍କା କିମ୍ବା ତତୋଧିକ) | 2.3.5 | 107 |

| | | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| 2.5 | 2013-14 ରେ ଅଧିକ / ଅଦରକାରୀ ପୁନଃ ବିନିଯୋଗ ହୋଇଥିବା ନିଧିର ବିବରଣ | 2.3.6 | 108-110 |
| 2.6 | 2013-14 ବର୍ଷକ ମଧ୍ୟରେ ହୋଇଥିବା ମାତ୍ରାଧିକ ସମର୍ପଣ ସମୀକ୍ଷା ଫଳାଫଳର ବିବରଣ (10 କୋଟି ଟଙ୍କା କିମ୍ବା ତଦୁର୍ଦ୍ଧ ପ୍ରତିକ୍ଷେତ୍ରରେ) | 2.3.8 | 111-113 |
| 2.7 | 2013-14 ବାସ୍ତବ ସଞ୍ଚୟ ଠାରୁ ଅଧିକ ପ୍ରତ୍ୟାର୍ପଣର ବିବରଣ ( 25 ଲକ୍ଷ ଟଙ୍କା କିମ୍ବା ଅଧିକ) | 2.3.9 | 114 |
| 2.8 | 2013-14 ବର୍ଷରେ ଫେରସ୍ତ ହୋଇ ନଥିବା ଟଙ୍କା 1 କୋଟି ଓ ତତୋଧିକ ସଞ୍ଚୟକୁ ଦର୍ଶାଉଥିବା ବିବରଣ | 2.3.10 | 115 |
| 2.9 | 31 ମାର୍ଚ୍ଚ 2014 ଦିବସ ମାନଙ୍କରେ 10 କୋଟି ଟଙ୍କାରୁ ଊର୍ଦ୍ଧ ପାଣ୍ଠି ସମର୍ପଣ ମାମଲାର ଅନୁଦାନ / ମୂଖ୍ୟ ଶୀର୍ଷଓ୍ୱାରୀ ବିବରଣ | 2.3.10 | 116-117 |
| 2.10 | 2013-14 ଅବଧି ମଧ୍ୟରେ ପ୍ରଚୁର ବ୍ୟୟର ପ୍ରଦର୍ଶନ ବିବରଣ | 2.3.11 | 118-122 |
| 2.11 | ଅନୁଦାନ ସଂଖ୍ୟା 17 ଏବଂ ଅନୁଦାନ ସଂଖ୍ୟା 28 ର ମୁଖ୍ୟ ନିୟନ୍ତ୍ରଣ ଅଧିକାରୀମାନଙ୍କ ଦ୍ୱାରା ପ୍ରତ୍ୟାର୍ପଣ ଓ ପୁନଃବିନିଯୋଗ ମାଧ୍ୟମରେ ସମଗ୍ର ବ୍ୟବସ୍ଥାର ଉଠାଣ 2013-14 | 2.6.3 | 123 |
| 3.1 | 2013-14 ବର୍ଷ ଶେଷରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ ଦ୍ୱାରା ପ୍ରାପ୍ତ ହେବାକୁ ଥିବା ବିନିଯୋଗ ପ୍ରମାଣ ପତ୍ରର ଦର୍ଶାଯାଇଥିବା ବିଶଦ ବିବରଣ | 3.1 | 124 |
| 3.2 | 31 ମାର୍ଚ୍ଚ 2014 ସୁଦ୍ଧା ବିଭାଗ ଅନୁଯାୟୀ ପାଇଥିବା କେନ୍ଦ୍ରୀୟ ସହାୟତା ରାଶି ଏବଂ ପ୍ରଦାନ ନ କରିଥିବା ବିନିଯୋଗ ପ୍ରମାଣ ପତ୍ରର ବିଶଦ ବିବରଣ | 3.1 | 125 |
| 3.3 | ହିସାବ ଚୂଡ଼ାନ୍ତ ହୋଇଥିବାର ବିବରଣୀ ଏବଂ ବିଭାଗ ଦ୍ୱାରା ପରିଚାଳିତ ବାଣିଜ୍ୟିକ ଏବଂ ଅର୍ଦ୍ଧ ବାଣିଜ୍ୟିକ କ୍ରିୟାକଳାପରେ ସରକାରଙ୍କର ପୁଞ୍ଜି ଲଗାଣ | 3.4 | 126 |
| 3.4 | କାର୍ଯ୍ୟକାଳ ଅନୁଯାୟୀ ପୃଥକ ଭାବେ ଆତ୍ମସାତକରଣ,ତୋଷରପାତ୍ ଇତ୍ୟାଦିର ବିବରଣ (ମାର୍ଚ୍ଚ 2014 ସୁଦ୍ଧା ବାକିଥିବା ମାମଲାଗୁଡିକର ଚୂଡ଼ାନ୍ତ କାର୍ଯ୍ୟାନୁଷ୍ଠାନ ସୂଚିତ ) | 3.5 | 127 |
| 3.5 | ସରକାରୀ ସମ୍ପତ୍ତିର ଚୋରି / ତୋଷରପାତ କିମ୍ବା କ୍ଷତି ଯୋଗୁଁ ସରକାରଙ୍କ କ୍ଷତିର ମାମଲାଗୁଡିକର ବିଭାଗ / ବର୍ଗ ଅନୁଯାୟୀ ଦର୍ଶାଯାଇଅଛି | 3.5 | 128 |
| 3.6 | କେଉଁ କାରଣ ଯୋଗୁଁ ମାମଲା ଗୁଡିକ ବାକି ରହିଛି | 3.5 | 129 |
| 3.7 | 2013-14 ବର୍ଷ ଶେଷ ସୁଦ୍ଧା ପଡିରହିଥିବା ପ୍ରତିସ୍ୱାକ୍ଷରିତ ବିଗତ ଅନିୟମ ବିଲର ବିବରଣ | 3.6 | 130 |
| 3.8 | 31 ମାର୍ଚ୍ଚ 2014 ସୁଦ୍ଧା ଅସୁଝା ଅଗ୍ରୀମର ଦର୍ଶାଉଥିବା ବିବରଣୀ ଯାହାକି ଅଗ୍ରୀମ ଲେଜର ସଠିକ୍ ରକ୍ଷଣବେକ୍ଷଣ ଅଭାବରୁ ଅଡ଼ିଟ୍ ଦ୍ୱାରା ନିରୂପିତ ହୋଇପାରିଲା ନାହିଁ | 3.9.1 | 131 |
| 3.9 | 31 ମାର୍ଚ୍ଚ 2014 ସୁଦ୍ଧା ଡ଼ିଡ଼ିଓ ମାନଙ୍କ ଅନୁଯାୟୀ ଥିବା ଅସୁଝା ଅଗ୍ରୀମର | 3.9.1 | 132 |

| | | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ | ପୃଷ୍ଠା |
| | ଅବସ୍ଥିତିର ବିଶଦ ବିବରଣୀ ଯାହାର ବିସ୍ତୃତ ବିବରଣୀ ଡ଼ିଡ଼ିଓ ମାନଙ୍କ ପାଖରେ ଉପଲବ୍ଧ ଅଛି | | |
| 3.10 | 31 ମାର୍ଚ୍ଚ 2014 ସୁଦ୍ଧା ପ୍ରଦତ୍ତ ଭାଉଚ଼ର ଗୁଡ଼ିକୁ ଦର୍ଶାଉଥିବା ବିସ୍ତୃତ ବିବରଣ | 3.9.2 | 133 |
| 3.11 | ରୋକଡ଼ ବହି ଓ ପାସ ବହି ମଧ୍ୟରେ ଥିବା ଅସାମଞ୍ଜସ୍ୟତାକୁ ବିସ୍ତୃତ ଭାବରେ ଦର୍ଶାଉଥିବା ବିଶଦ ବିବରଣ | 3.9.3 | 134 |
| 3.12 | ସମୟସୀମା ଅତିକ୍ରାନ୍ତ କରିଥିବା ବ୍ୟାଙ୍କ ଡ୍ରାଫ୍ଟର ବିଶଦ ବିବରଣୀ | 3.9.4 | 135 |
| ***4.1*** | ***ବିବରଣରେ ବ୍ୟବହୃତ ହୋଇଥିବା ପଦର ତାଲିକା ( ଏବଂ ସେମାନଙ୍କ ଗଣନାର ଆଧାର) ଏବଂ ସମାଲୋଚନାତ୍ମକ ମନ୍ତବ୍ୟ*** | ***4.1*** | 136-139 |

# ମୁଖବନ୍ଧ

1. ସମ୍ବିଧାନର ଧାରା 151 ଅନୁଯାୟୀ ଏହି ପ୍ରତିବେଦନ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରିବା ନିମିତ୍ତ ପ୍ରସ୍ତୁତ କରାଯାଇଛି ।

2. ଏହି ପ୍ରତିବେଦନର ଅଧ୍ୟାୟ-I ଓ II ରେ ଯଥାକ୍ରମେ 31 ମାର୍ଚ୍ଚ 2014 ସମାପ୍ତ ହେଉଥିବା ବର୍ଷ ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ଓ ବିନିଯୋଗ ହିସାବର ସମୀକ୍ଷାରୁ ଉପଲବ୍ଧ ତଥ୍ୟାବଳୀ ଉପରେ ଅଡିଟ୍ ମନ୍ତବ୍ୟ ସ୍ଥାନପାଇଛି । ଆବଶ୍ୟକ ସ୍ଥଳେ ଓଡିଶା ସରକାଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଛି ।

3. ଅଧ୍ୟାୟ-III ରେ ଆର୍ଥିକ ପ୍ରତିବେଦନ ଦର୍ଶାଯାଇଛି, ଯାହାକି ଚଳିତ ବର୍ଷର ରାଜ୍ୟ ସରକାରଙ୍କ ବିଭିନ୍ନ ଆର୍ଥିକ ନିୟମ, ପ୍ରକ୍ରିୟା ଓ ନିର୍ଦ୍ଦେଶନାମାର ଅନୁପାଳନର ଅବସ୍ଥା ଓ ଦୃଶ୍ୟପଟ୍ଟ ସୂଚାଏ ।

4. ଏହି ପ୍ରତିବେଦନରେ ବିଭିନ୍ନ ବିଭାଗମାନଙ୍କର ସଂପାଦନା ଓ ଅନୁପାଳନ ସମୀକ୍ଷା ଏବଂ ବୈଧାନିକ ନିଗମ, ବୋର୍ଡ ଏବଂ ସରକାରୀ କମ୍ପାନୀଗୁଡ଼ିକର ସମୀକ୍ଷାରୁ ଉଦ୍‌ଭୂତ ମନ୍ତବ୍ୟ ସ୍ଥାନପାଇଛି ଏବଂ ରାଜସ୍ୱ ପ୍ରାପ୍ତି ଉପରେ ମନ୍ତବ୍ୟଗୁଡ଼ିକୁ ପୃଥକ ପ୍ରତିବେଦନ ଭାବରେ ଉପସ୍ଥାପିତ ହୋଇଛି ।

5. ଏହି ପ୍ରତିବେଦନ ଇଂରାଜୀ ପ୍ରତିବେଦନର ଓଡ଼ିଆ ଭାଷାନ୍ତର ଅଟେ । ଯଥାର୍ଥତା ଓ ସଠିକତା ନିମନ୍ତେ ଇଂରାଜୀ ପାଠାନ୍ତରକୁ ପ୍ରାମାଣିକ ଭାବେ ଗ୍ରହଣ କରିବା ବିଧେୟ ।

# ସଂକ୍ଷିପ୍ତ ସାରମର୍ମ

# ସଂକ୍ଷିପ୍ତ ସାରମର୍ମ

## ପୃଷ୍ଠଭୂମି

2013-14 ରେ ରାଜ୍ୟର ଆର୍ଥିକ ସମ୍ପାଦନକୁ ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ଅର୍ଥ ବ୍ୟବସ୍ଥା ସମ୍ବନ୍ଧରେ ଏବଂ ବିତ୍ତୀୟ ତଥ୍ୟାବଳୀର ଲେଖା ବିଶ୍ଳେଷଣକୁ ଠିକ୍ ସମୟରେ ରାଜ୍ୟ ସରକାର ଏବଂ ରାଜ୍ୟ ବିଧାନସଭାରେ ଉପସ୍ଥାପନ ପାଇଁ ଏହି ପ୍ରତିବେଦନ ପ୍ରକାଶ କରାଯାଇଛି । ବିଶ୍ଳେଷଣକୁ ପରିପ୍ରେକ୍ଷଣ ଦେବାପାଇଁ ମଧ୍ୟବର୍ତ୍ତୀକାଳୀନ ବିତ୍ତୀୟ ଯୋଜନା (ଏମ୍.ଟି.ଏଫ୍.ପି) ଅନ୍ତର୍ଗତ ବିତ୍ତୀୟ ଦାୟିତ୍ୱ ଓ ବଜେଟ୍ ସମ୍ବନ୍ଧୀୟ ପରିଚାଳନା (ଏଫ୍.ଆର.ବି.ଏମ୍) ସଂଶୋଧନ ଅଧିନିୟମ 2011 ଓ 2013-14 ବର୍ଷ ପାଇଁ ବଜେଟ୍ ଆୟ ବ୍ୟୟ ଅଟକଳରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିର ହୋଇଥିବା ଏବଂ ତ୍ରୟୋଦଶ ଅର୍ଥ କମିଶନ ଦ୍ୱାରା ସୁପାରିଶ କରାଯାଇଥିବା ରୀତିର ଲକ୍ଷ୍ୟ ଓ ସଫଳତାର ତୁଳନା ପାଇଁ ଏକ ପ୍ରଚେଷ୍ଟା କରାଯାଇଛି ।

## ପ୍ରତିବେଦନ

ମାର୍ଚ୍ଚ 2014 ସମାପ୍ତ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ସମୀକ୍ଷୀତ ହିସାବ ଉପରେ ଆଧାରିତ ଏହି ପ୍ରତିବେଦନ ରାଜ୍ୟ ସରକାରଙ୍କର ବାର୍ଷିକ ହିସାବର ଏକ ବିଶ୍ଳେଷଣାତ୍ମକ ସମୀକ୍ଷା ବିଷୟରେ ସୂଚନା ଦିଏ । ରାଜ୍ୟର ବିତ୍ତୀୟ ସଂପାଦନା, ଏଫ୍.ଆର୍.ବି.ଏମ୍ ନିୟମ, ବଜେଟ୍, ନଥିପତ୍ର ତ୍ରୟୋଦଶ ଅର୍ଥ କମିଶନଙ୍କ (ଟି.ଏଚ୍.ଏଫ୍.ସି) ସୁପାରିଶମାନ ଏବଂ ସରକାରୀ ବିଭାଗ ଓ ସଂସ୍ଥାରୁ ପ୍ରାପ୍ତ ଅନ୍ୟାନ୍ୟ ଆର୍ଥିକ ତଥ୍ୟକୁ ଆଧାର କରି ନିର୍ଦ୍ଧାରଣ କରାଯାଇଛି । ଏହି ରିପୋର୍ଟ ତିନୋଟି ଅଧ୍ୟାୟକୁ ନେଇ ଗଠିତ ।

**ଅଧ୍ୟାୟ I** ଆର୍ଥିକ ହିସାବର ସମୀକ୍ଷା ଉପରେ ଆଧାରିତ ଏବଂ ଏହା 31 ମାର୍ଚ୍ଚ 2014 ସୁଦ୍ଧା ଓଡ଼ିଶା ସରକାରଙ୍କର ବିତ୍ତୀୟ ଅବସ୍ଥାର ଆକଳନ କରେ । ଏହା ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚର ଧାରା, କରଜ ଗ୍ରହଣର ଢାଞ୍ଚା ସହିତ ବିନା ବଜେଟ୍ ମାଧ୍ୟମରେ କେନ୍ଦ୍ରୀୟ ପାଣ୍ଠି ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟ ସମ୍ପାଦନକାରୀ ସଂସ୍ଥାକୁ ସ୍ଥାନାନ୍ତରଣ କରାଯିବାର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରେ ଏବଂ ସରକାରୀ, ବେସରକାରୀ ସହଭାଗିତା ମାଧ୍ୟମରେ ସମ୍ବଳ ସୃଷ୍ଟିକରିବା ବିଷୟରେ ସୂଚନା ପ୍ରଦାନ କରେ ।

**ଅଧ୍ୟାୟ II** ବିନିଯୋଗ, ହିସାବର ସମୀକ୍ଷା ଉପରେ ଆଧାରିତ ଏବଂ ଏହା ଅନୁଦାନରୁ ଅନୁଦାନ ଅନୁଯାୟୀ ବିନିଯୋଗର ବିବରଣୀ ପ୍ରଦାନ କରେ ଏବଂ ଅନୁଦାନ ଅନୁଯାୟୀ ବିନିଯୋଗର ବିବରଣୀ ପ୍ରଦାନ କରେ ଏବଂ ସେବା ପ୍ରଦାନ ବିଭାଗଗୁଡ଼ିକରେ ବଣ୍ଟନ କରାଯାଉଥିବା ସମ୍ବଳ ବିନିଯୋଗର ରୀତି ବିଷୟରେ ସୂଚନା ପ୍ରଦାନ କରେ । ଏହାଛଡା ଏହି ଅଧ୍ୟାୟରେ ବଜେଟ୍ କ୍ରମୋନ୍ନତିର ସମୀକ୍ଷା ଓ ବଜେଟ୍ ଉପରେ ଧାରଣା ଏବଂ କୋଷାଗାର ସମୀକ୍ଷାର ଫଳାଫଳ ସମ୍ବନ୍ଧରେ ମନ୍ତବ୍ୟଗୁଡ଼ିକ ଆଲୋଚନା କରାଯାଇଛି ।

**ଅଧ୍ୟାୟ III** ଆର୍ଥିକ ନିୟମ ଏବଂ ରିପୋର୍ଟ ପାଇଁ ଆବଶ୍ୟକ ସରକାରଙ୍କର ଅନୁପାଳନର ତାଲିକା ପ୍ରଦାନ କରେ । ଏହି ରିପୋର୍ଟରେ ସିଦ୍ଧାନ୍ତ ସପକ୍ଷରେ ବିଭିନ୍ନ ସ୍ତରରୁ ସଂଗୃହୀତ ବିଭିନ୍ନ ତଥ୍ୟର ତାଲିକା ସଂଲଗ୍ନ କରାଯାଇଛି ।

**ପରିଶିଷ୍ଟ 4.1** ରେ ରାଜ୍ୟ ଆର୍ଥିକ ଅବସ୍ଥା ସମ୍ବନ୍ଧୀୟ ଯେଉଁ ମୁଖ୍ୟ ଶବ୍ଦଗୁଡ଼ିକର ବ୍ୟବହାର କରାଯାଇଛି ତାହାର ଶବ୍ଦକୋଷ ପ୍ରତିବେଦନର ଶେଷ ଭାଗରେ ଦିଆଯାଇଛି ।

## ଲେଖା ପରୀକ୍ଷାର ସିଦ୍ଧାନ୍ତ

***ରାଜ୍ୟ ଏଫ୍. ଆର୍.ବି.ଏମ୍. ଅଧିନିୟମର ସଂଶୋଧନ :*** ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ରାଜ୍ୟ ସରକାର ଏଫ୍.ଆର.ବି.ଏମ୍. ଅଧିନିୟମର ସଂଶୋଧନ ଫେବୃଆରୀ 2012 ରେ କଲେ, ଯେଉଁଥିରେ କି ବର୍ତ୍ତମାନ ସୁଦ୍ଧା ହାସଲ କରିଥିବା ରାଜ୍ୟ ରାଜସ୍ୱ ନିଅଣ୍ଟ ଶୂନକୁ ନେବା ଏବଂ ତିନି ପ୍ରତିଶତ ବିତ୍ତୀୟ ନିଅଣ୍ଟର ଲକ୍ଷ୍ୟ ଧାର୍ଯ୍ୟ ଏବଂ ଗୋଟିଏ ସ୍ୱାଧୀନ ସଂସ୍ଥା ଦ୍ୱାରା ଏଫ୍.ଆର.ବି.ଏମ୍. ଅଧିନିୟମର ବ୍ୟବସ୍ଥାକୁ ସମୀକ୍ଷା / ପର୍ଯ୍ୟାଲୋଚନା ପଦ୍ଧତି ଅନ୍ତର୍ଭୁକ୍ତ ଅଟେ ।

ଯାହାହେଉ, ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ ମଧ୍ୟବର୍ତ୍ତୀକାଳୀନ ଯୋଜନାରେ ପୁଞ୍ଜି ଖର୍ଚ୍ଚରେ ରାଜସ୍ୱ ପ୍ରକ୍ଷେପଣର ପରିମାଣ ସରକାରୀ ବେସରକାରୀ ଭାଗିଦାରି ଓ ତତ୍ ସମ୍ବନ୍ଧୀୟ ଦାୟିତ୍ୱ ଏବଂ ସରକାରୀ ଜମି ଓ କୋଠାର ବିବରଣ ପ୍ରକାଶ ଅନ୍ତର୍ଭୁକ୍ତ କରିବାର ଥିଲା, ମାତ୍ର ତାହା ହୋଇନାହିଁ । ପୁନଶ୍ଚ ସରକାର, ତ୍ରୟୋଦଶ ଅର୍ଥ କମିଶନଙ୍କ ସମୟ ମଧ୍ୟରେ ବିତ୍ତୀୟ ସଂଶୋଧନ ପଥର ପରିଣାମ ସଙ୍କେତକ ପ୍ରସ୍ତୁତ କରି ନାହାନ୍ତି ।

***ଭାରତ ସରକାରଙ୍କ ଠାରୁ ରାଜ୍ୟ କାର୍ଯ୍ୟନ୍ୱୟୀ ସଂସ୍ଥାକୁ ସିଧାସଳଖ ହସ୍ତାନ୍ତରିତ କରିଥିବା ପାଣ୍ଠିକୁ ଅଣଦେଖା :*** ଭାରତ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରିତା ପାଇଁ ରାଜ୍ୟ କାର୍ଯ୍ୟନ୍ୱୟୀ ସଂସ୍ଥାକୁ ପ୍ରଚୁର ପରିମାଣର ସହାୟକ ଅନୁଦାନ ସିଧାସଳଖ ସ୍ଥାନାନ୍ତରଣ କରନ୍ତି, ଯାହାର ତତ୍ତ୍ୱାବଧନାର ଆବଶ୍ୟକତା ରହିଛି । ଏଫ୍.ଆର୍.ବି.ଏମ୍. ଅଧିନିୟମ ଅନୁଯାୟୀ ବଜେଟ ବହିର୍ଭୁତ ପଥରେ କାର୍ଯ୍ୟନ୍ୱୟୀ ସଂସ୍ଥାଗୁଡ଼ିକୁ ସିଧାସଳଖ ପାଣ୍ଠି ପ୍ରେରଣ ଆବଶ୍ୟକୀୟ ସ୍ୱଚ୍ଛତା ଓ ଦାୟିତ୍ୱବୋଧତାକୁ ବାରଣ କରେ । ଏହି ପାଣ୍ଠିର ଉପଯୋଗକୁ ପରିଚାଳନା କରିବା ପାଇଁ କୌଣସି ଏକ ସଂସ୍ଥା ନାହିଁ ଏବଂ ଏକ ନିର୍ଦ୍ଦିଷ୍ଟ ବର୍ଷରେ ମୁଖ୍ୟ ସୂଚିକୃତ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରିଯୋଜନାରେ ଖର୍ଚ୍ଚ ହେଉଥିବା ରାଶିର କୌଣସି ତଥ୍ୟାବଳୀ ଉପଲବ୍ଧ ହୁଏ ନାହିଁ । ଏହି ସବୁ ସଂସ୍ଥାଦ୍ୱାରା ଯଦି ଏକ ପ୍ରକାର ହିସାବର କାର୍ଯ୍ୟ ପଦ୍ଧତି ଅନୁସରଣ କରା ନ ଯାଏ ଏବଂ ଉଚିତ୍ ଦସ୍ତାବିଜ ସଂଗ୍ରହ ଯଥା ସମୟରେ ବ୍ୟୟ ବିଷୟରେ ଜଣାଇ ଦିଆ ନ ଯାଏ ତେବେ ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟନ୍ୱୟୀ ସଂସ୍ଥାକୁ ସିଧାସଳଖ ପାଣ୍ଠି ହସ୍ତାନ୍ତରଣର ଅନ୍ତିମ ଉପଯୋଗକୁ ପର୍ଯ୍ୟାଲୋଚନା କରିବା ଜଟିଳ ହେବ ।

***ରାଜସ୍ୱ ଆୟ :*** ରାଜସ୍ୱ ଆୟ ବର୍ଷ 2009-10 ରେ 26430 କୋଟି ଟଙ୍କାରୁ 2013-14 ବର୍ଷରେ 48947 କୋଟି ଟଙ୍କାକୁ 85 ପ୍ରତିଶତ ଉଲ୍ଲେଖନୀୟ ବୃଦ୍ଧି ଦେଖାଇଛି ତଥାପି ବାର୍ଷିକ ଅଭିବୃଦ୍ଧିର ହାର 2012-13 ବର୍ଷରେ ନଅ ପ୍ରତିଶତ ଥିବାବେଳେ 2013-14 ମଧ୍ୟରେ 11 ପ୍ରତିଶତକୁ, ମାତ୍ର ଦୁଇ ପ୍ରତିଶତ ବୃଦ୍ଧି ପାଇଛି ।

***ରାଜସ୍ୱ ବ୍ୟୟ :*** 2009-10 ରେ ମୋଟ ବ୍ୟୟର ପ୍ରଧାନ ଅଂଶ 87 ପ୍ରତିଶତ ରାଜସ୍ୱ ବ୍ୟୟ ଥିଲା, ଯାହାକି 2013-14 ବର୍ଷ ବେଳକୁ 85 ପ୍ରତିଶତକୁ ହ୍ରାସ ପାଇଥିଲା । ଯାହାହେଉ ରାଜସ୍ୱ ବ୍ୟୟର ବୃଦ୍ଧିହାର 2012-13 ରେ 38238 କୋଟି ଟଙ୍କାରୁ 2013-14 ରେ 45618 କୋଟି ଟଙ୍କାକୁ (19 ପ୍ରତିଶତ) ବୃଦ୍ଧି ହୋଇଅଛି । ଅଣ ଯୋଜନା ରାଜସ୍ୱ ବ୍ୟୟ (ଏନ୍.ପି.ଆର୍.ଇ) ରାଜସ୍ୱ ବ୍ୟୟର ଅନୁପାତ ଅନୁସାରେ 2009-10ରେ 78 ପ୍ରତିଶତ (19677 କୋଟି ଟଙ୍କା)ରୁ 2013-14ରେ 67 ପ୍ରତିଶତ (30610 କୋଟି ଟଙ୍କା)କୁ ହ୍ରାସ ପାଇଛି ।

ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ରାଜସ୍ୱ ବ୍ୟୟ ସମୁଦାୟ 7380 କୋଟି ଟଙ୍କା ବୃଦ୍ଧି ହୋଇଅଛି । ସେଥିମଧ୍ୟରୁ ଅଣ ଯୋଜନା ରାଜସ୍ୱ ବ୍ୟୟ ବାବଦରେ 54 ପ୍ରତିଶତ(3965 କୋଟି ଟଙ୍କା) ଥିବା ବେଳେ ଅବଶିଷ୍ଟ 46 ପ୍ରତିଶତ(3415 କୋଟି ଟଙ୍କା) ଯୋଜନା ବାବଦ ରାଜସ୍ୱ ବ୍ୟୟ ଥିଲା । ଚଳିତ ବର୍ଷ ଅଣଯୋଜନା ରାଜସ୍ୱ ବ୍ୟୟର ବୃଦ୍ଧି ମୁଖ୍ୟତଃ ସାମାଜିକ କଲ୍ୟାଣ ପୃଷ୍ଟି(୪94 କୋଟି ଟଙ୍କା) ଶିକ୍ଷା, କ୍ରୀଡ଼ା, କଳା ଓ ସଂସ୍କୃତି (428 କୋଟି ଟଙ୍କା), କୃଷି ଓ ଆନୁସାଙ୍ଗିକ ସେବା (240 କୋଟି ଟଙ୍କା), ପରିବହନ (127 କୋଟି ଟଙ୍କା) ଏବଂ ଅନୁସୂଚିତ ଜାତି, ଉପଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର କଲ୍ୟାଣ ନିମନ୍ତେ (84 କୋଟି ଟଙ୍କା) ଥିଲା ।

## ବିତ୍ତୀୟ ସ୍ଥିତି :

ରାଜ୍ୟର ବିତ୍ତୀୟ ଅବସ୍ଥାକୁ ନିଅଣ୍ଟ / ବଳକା ଧାରାର ସାଙ୍କେତିକ ଜରିଆରେ ପର୍ଯ୍ୟବେକ୍ଷଣ କରିବାରୁ ଜଣାଗଲା ଯେ ରାଜ୍ୟ ରାଜସ୍ୱ ବଳକା ବଜାୟ ରଖିଥିବା ବେଳେ ପୂର୍ବ ବର୍ଷର ବିତ୍ତୀୟ ଓ ପ୍ରାଥମିକ ବଳକା 2013-14 ବର୍ଷ ପାଇଁ ନିଅଣ୍ଟ ଅବସ୍ଥାକୁ ରୂପାନ୍ତରିତ ହୋଇଥିଲା । ରାଜସ୍ୱ ବଳକା 2012-13 ରେ 5699 କୋଟି ଟଙ୍କା ଥିବା ବେଳେ, 2013-14 ରେ ତାହା 3329 କୋଟି ଟଙ୍କାକୁ ହ୍ରାସ ପାଇଥିଲା । ଚଳିତ ବର୍ଷ ନିଟ୍ ପୁଞ୍ଜି ଖର୍ଚ୍ଚ ଏବଂ ନିଟ୍ ଋଣ ଅଗ୍ରୀମ ପ୍ରଦତ୍ତ ପାଇଁ ପୂର୍ବ ବର୍ଷର ବିତ୍ତୀୟ ବଳକା, ଚଳିତ ବର୍ଷ ବିତ୍ତୀୟ ନିଅଣ୍ଟ ଅବସ୍ଥାକୁ ରୂପାନ୍ତରିତ ହୋଇଥିଲା ।

***ପୁଞ୍ଜି ଖର୍ଚ୍ଚକୁ ଅଧିକ ପ୍ରାଥମିକତା :*** ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ପୁଞ୍ଜି ଖର୍ଚ୍ଚ 39 ପ୍ରତିଶତ ବୃଦ୍ଧି ଘଟିଥିଲା । 2013-14 ରେ ପୁଞ୍ଜି ଖର୍ଚ୍ଚ ଜି.ଏସ୍.ଡି.ପି.ର 2.69 ପ୍ରତିଶତ ହୋଇଥିଲା ବେଳେ ରାଜ୍ୟ ସରକାରଙ୍କର ପ୍ରକ୍ଷେପଣ 2.72 ପ୍ରତିଶତ ଥିଲା ଏବଂ ଏହା ବଜେଟ ଅଟକଳ ଠାରୁ କମ୍ ଥିଲା ।

***ସରକାରୀ ପୁଞ୍ଜି ଲଗାଣର ସମୀକ୍ଷା :*** 31 ମାର୍ଚ୍ଚ 2014 ସୁଦ୍ଧା ସରକାର ବୈଧାନିକ ନିଗମ, ଗ୍ରାମୀଣ ବ୍ୟାଙ୍କ, ଯୌଥ କମ୍ପାନୀ ଏବଂ ସମବାୟ ସଂସ୍ଥାରେ 3308.79 କୋଟି ଟଙ୍କା ବିନିଯୋଗ କରିଥିଲେ । ଏହି ବିନିଯୋଗର ହାରାହାରି ପ୍ରତ୍ୟାଗମ ଗତ ପାଞ୍ଚ ବର୍ଷ ଭିତରେ 11.82 ପ୍ରତିଶତ ଥିଲା (2013-14 ରେ 13.67 ପ୍ରତିଶତ), ଯେତେବେଳେ କି 2009-10 ରୁ 2013-14 ମଧ୍ୟରେ ସରକାର ତାଙ୍କ ଧାର ଗ୍ରହଣ ରାଶି ଉପରେ ହାରାହାରି 6.09 ପ୍ରତିଶତରୁ 7.63 ପ୍ରତିଶତ ଫେରସ୍ତ ଦେଇଛନ୍ତି ।

***ଋଣ ପୋଷଣୀୟତା :*** 2011-14 ମଧ୍ୟରେ ପ୍ରମାତ୍ରା ବ୍ୟାପ୍ତି ସହିତ ପ୍ରାଥମିକ ବଳକା ସୁସଂଗତ ଭାବରେ ସାକାରାତ୍ମକ ଥିଲା, ଫଳତଃ ଋଣ / ଜି.ଏସ୍.ଡି.ପି.ର ମାତ୍ରା 2012-13 ରେ 17 ପ୍ରତିଶତରୁ 2013-14 ରେ 15 ପ୍ରତିଶତକୁ ହ୍ରାସ ପାଇଥିଲା । 2009-12 ମଧ୍ୟରେ ଋଣର ସାଙ୍କେତିକ ଧାରା ପ୍ରକାଶ କରୁଛି ଯେ ରାଜ୍ୟର କ୍ରମ ବର୍ଦ୍ଧିଷ୍ଣୁ ଅଣ ଋଣ ପ୍ରାପ୍ତି କ୍ରମ ବର୍ଦ୍ଧିଷ୍ଣୁ ସୁଧ ଦାୟିତ୍ୱ ଓ ପ୍ରାଥମିକ ଖର୍ଚ୍ଚର ମୁକାବିଲା କରିବା ପାଇଁ ସକ୍ଷମ ହୋଇଅଛି । ଯାହାହେଉ 2012-13 ଓ 2013-14 ବର୍ଷରେ ଏହି ଧାରା 619 କୋଟି ଟଙ୍କା ଓ 4636 କୋଟି ଟଙ୍କାର ବିଯୁକ୍ତାତ୍ମକ ହୋଇଥିଲା, ଯାହା ଋଣ ପୋଷଣୀୟତା ଅସ୍ଥିରତାକୁ ସୂଚାଏ ଏବଂ ଏହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ।

## ଆର୍ଥିକ ପରିଚାଳନା ଓ ବଜେଟ୍ ନିୟନ୍ତ୍ରଣ

2013-14 ବର୍ଷ ମଧ୍ୟରେ ମୋଟାମୋଟି ଭାବରେ ସଞ୍ଚୟ 12755.96 କୋଟି ଟଙ୍କା ହୋଇଥିଲା । ସଞ୍ଚୟ ମୁଖ୍ୟତଃ ଯୋଜନାର କାର୍ଯ୍ୟାନ୍ୱୟନ ନ ହେବା ଏବଂ ନିଧିର ଆବଶ୍ୟକତା କମ୍ ହେବା ଯୋଗୁଁ ହୋଇଅଛି । ଯେଉଁଥିରେ ସାତୋଟି ବିଷୟର ଚାରୋଟି ଅନୁଦାନ ଏବଂ ତିନୋଟି ବିନିଯୋଗ କ୍ଷେତ୍ରରେ 8810.11 କୋଟି ଟଙ୍କାର ସଞ୍ଚୟ ଅନ୍ତର୍ଭୁକ୍ତ ହୋଇଛି ଏବଂ ପ୍ରତ୍ୟେକ ବିଷୟରେ 100 କୋଟି ଟଙ୍କାରୁ ଅଧିକ ସଞ୍ଚୟ ହୋଇଛି ।

2009-2014 ବର୍ଷ ମଧ୍ୟରେ 16 ଟି ଅନୁଦାନ ଏବଂ ଗୋଟିଏ ବିନିଯୋଗ କ୍ଷେତ୍ରରେ 18ଟି ବିଷୟରେ 10 କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ରମାଗତ ସଞ୍ଚୟର ଦୃଷ୍ଟାନ୍ତ ଅଛି । ଚଳିତ ବର୍ଷ ମଧ୍ୟରେ କ୍ରମାଗତ ସଞ୍ଚୟ, ଅଧିକ ବ୍ୟୟ, ପାଣ୍ଠି ବ୍ୟବସ୍ଥିତ ବିନା ବ୍ୟୟ, ଅନାବଶ୍ୟକ/ ଅତ୍ୟଧିକ ଅନୁପୂରକ ପାଣ୍ଠି ବ୍ୟବସ୍ଥା, ଅତ୍ୟଧିକ ଫେରସ୍ତ, ପ୍ରତ୍ୟାଶିତ ସଞ୍ଚୟ ଫେରସ୍ତ ନ ହେବା ଏବଂ ଆର୍ଥିକ ବର୍ଷର ଶେଷ ମାସରେ ପ୍ରଚୁର ବ୍ୟୟର ମଧ୍ୟ ଦୃଷ୍ଟାନ୍ତ ଥିଲା ।

## ବିତ୍ତୀୟ ପ୍ରତିବେଦନ

ରାଜ୍ୟ ସରକାରଙ୍କ ବିଭିନ୍ନ ନିୟମ ପ୍ରକ୍ରିୟା ଏବଂ ନିର୍ଦ୍ଦେଶର ଅନୁପାଳନ ସନ୍ତୋଷଜନକ ନଥିଲା ଯାହା ବିଭିନ୍ନ ଅନୁଦାନ ପ୍ରାପ୍ତ ଅନୁଷ୍ଠାନଠାରୁ ମିଳିଥିବା ଅନୁଦାନର ଭୁଲ ତଥା ବିଳମ୍ବରେ ବିନିଯୋଗର ପ୍ରମାଣପତ୍ର ଦାଖଲ କରିଥିବା ସୂଚାଇଥାଏ । ବିନିଯୋଗ ପ୍ରମାଣପତ୍ର ଠିକ୍ ସମୟରେ ଗ୍ରହଣ ସମ୍ବନ୍ଧରେ ପ୍ରଚଳିତ ପରାମର୍ଶଗୁଡ଼ିକ ନ ମାନିବା ହେଉଛି ଏହାର ମୁଖ୍ୟ କାରଣ ।

ଲେଖା ଓ ଲେଖା ପରୀକ୍ଷା ଆଇନ୍ 2007 ଏବଂ ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁଯାୟୀ ବିଭିନ୍ନ ଅନୁଷ୍ଠାନ/ କର୍ତ୍ତୃପକ୍ଷ ବିଭିନ୍ନ ବିଭାଗରୁ ମିଳିଥିବା ଆର୍ଥିକ ଅନୁଦାନର ସୂଚନା ଅଡ଼ିଟ୍‌କୁ ପ୍ରଦାନ କରି ନଥିଲେ ।

ସେପ୍ଟେମ୍ବର 2014 ମଧ୍ୟରେ 24ଟି ସଂସ୍ଥା ଓ କର୍ତ୍ତୃପକ୍ଷର ବାର୍ଷିକ ହିସାବ ମହାଲେଖାକାର (ସାଧାରଣ ଏବଂ ସାମାଜିକ ସେବା ଅଡିଟ୍) ଓଡ଼ିଶା ପାଇ ନଥିଲେ ।

ସରକାରୀ ବିଭାଗଦ୍ୱାରା ପରିଚାଳିତ ବାଣିଜ୍ୟକ ଉଦ୍ୟୋଗଗୁଡ଼ିକ ବାର୍ଷିକ ହିସାବ ବିଳମ୍ବରେ ଉପସ୍ଥାପିତ କରିଥିବା ଲକ୍ଷ୍ୟ କରାଯାଇଥିଲା ।

ପ୍ରତ୍ୟେକ ଲେଖାପରୀକ୍ଷା ପ୍ରତିବେଦନରେ ପୂର୍ବରୁ ଦର୍ଶାଯାଇଥିବା ସତ୍ତ୍ୱେ ରାଜ୍ୟର ବିଭିନ୍ନ ବିଭାଗରେ ହୋଇଥିବା ଆତ୍ମସାତ୍, କ୍ଷତି ତଥା ତୋଷରପାତ ମାମଲା ଗୁଡ଼ିକ ସମାଧାନ ନ ହୋଇ ବହୁ ଦିନ ଧରି ପଡ଼ିରହିଛି ।

ମୁଖ୍ୟ ନିୟନ୍ତ୍ରଣ ଅଧିକାରୀମାନେ 31 ମାର୍ଚ୍ଚ 2014 ସୁଦ୍ଧା ଅଗ୍ରୀମ ଉଠାଯାଇଥିବା 114.49 କୋଟି ଟଙ୍କାର ସଂକ୍ଷିପ୍ତ ଅନିୟତ ବିଲ୍ ବିରୁଦ୍ଧରେ ବିଶଦ ଅନିୟତ ବିଲ୍ ଉପସ୍ଥାପିତ କରି ନଥିଲେ ।

ଖର୍ଚ୍ଚ ହୋଇ ନଥିବା ପାଣ୍ଠି (1287 କୋଟି ଟଙ୍କା) 874 ଟି ବ୍ୟକ୍ତିଗତ ଜମା ଖାତାରେ ପଡ଼ିରହିଥିଲା ଏବଂ ତାହା ସରକାରୀ ହିସାବକୁ ଫେରାଯାଇ ନଥିଲା ।

# ଅଧ୍ୟାୟ -I

# ଓଡିଶା ସରକାରଙ୍କର ଅର୍ଥ ବ୍ୟବସ୍ଥା

# ଅଧ୍ୟାୟ I

# ଓଡିଶା ସରକାରଙ୍କ ଅର୍ଥ ବ୍ୟବସ୍ଥା

### *ଓଡିଶାର ପାର୍ଶ୍ୱଚିତ୍ର*

ଓଡ଼ିଶା ରାଜ୍ୟ ଦେଶର ପୂର୍ବ ଉପକୂଳରେ ଅବସ୍ଥିତ । ଭୌଗୋଳିକ ଦୃଷ୍ଟିକୋଣରୁ ଏହା (155707 ବର୍ଗ କିମି) ଦେଶର ନବମ ବୃହତ୍ତମ ରାଜ୍ୟ ଏବଂ ଲୋକସଂଖ୍ୟା ଅନୁଯାୟୀ ଏକାଦଶତମ ରାଜ୍ୟ ଅଟେ । ରାଜ୍ୟର ଜନସଂଖ୍ୟା 2001 ଜନଗଣନାଠାରୁ 2011 (ଅନନ୍ତିମ ଅଙ୍କ) ଜନଗଣନା ମଧ୍ୟରେ 3.68 କୋଟିରୁ 4.19 କୋଟିରେ ପହଞ୍ଚିଛି ଯଦ୍ୱାରା ଦଶ ବର୍ଷୀୟ ଅଭିବୃଦ୍ଧି ହାର 14 ପ୍ରତିଶତ ରହିଛି ଯାହାକି ପରିଶିଷ୍ଟ 1.1 ରେ ସୂଚୀତ ହୋଇଛି । ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟା 32.59 ପ୍ରତିଶତ ଥିଲା ଯାହାକି ସର୍ବଭାରତୀୟ ହାରାହାରି 21.92 ପ୍ରତିଶତ ଠାରୁ ବହୁ ଉଚ୍ଚରେ । ସର୍ବ ଭାରତୀୟ ହାରାହାରି ତୁଳନାରେ ଓଡିଶାରେ ନିମ୍ନସ୍ୱାକ୍ଷରତା ହାର ନିମ୍ନ ପ୍ରତ୍ୟାଶିତ ଆୟୁ ଓ ଉଚ୍ଚ ଶିଶୁ ମୃତ୍ୟୁହାର ରହିଥିଲା । ବିଗତ ଦଶନ୍ଧିରେ 2004-05 ରୁ 2013-14 ରେ ରାଜ୍ୟ ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ଦର୍ଶାଇଥିଲା ଯେହେତୁ ଏହାର ସାମଗ୍ରିକ ଘରୋଇ ଉତ୍ପାଦନର ବାର୍ଷିକ ଚକ୍ରବୃଦ୍ଧି ହାର 15.68 ଥିବା ବେଳେ ଅନ୍ୟ ସାଧାରଣ ବର୍ଗ ରାଜ୍ୟମାନଙ୍କରେ 15.49 ପ୍ରତିଶତ ଥିଲା । ଉପରେ ଦିଆଯାଇଥିବା ସମୟ ମଧ୍ୟରେ ଏହାର ଜନସଂଖ୍ୟା 12.56 ପ୍ରତିଶତ ବୃଦ୍ଧି ହୋଇଥିଲା ଯେତେବେଳେ କି ସାଧାରଣ ବର୍ଗର ରାଜ୍ୟ ମାନଙ୍କର 12.94 ପ୍ରତିଶତ ରହିଥିଲା । ରାଜ୍ୟ ସଂବନ୍ଧୀୟ ସାଧାରଣ ତଥ୍ୟ ***ପରିଶିଷ୍ଟ 1.1*** ରେ ଦିଆଯାଇଛି ।

## ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)

ଏକ ନିର୍ଦ୍ଧିଷ୍ଟ ସମୟ ସୀମାରେ ରାଜ୍ୟ ମଧ୍ୟରେ ସରକାରୀ ଭାବେ ସ୍ବୀରିକୃତ ତିଆରି ଦ୍ରବ୍ୟ ଓ ଉତ୍ପାଦିତ ସେବାର ବଜାର ମୂଲ୍ୟାୟନକୁ ଜିଏସଡିପି କୁହାଯାଏ । ରାଜ୍ୟରେ ଉତ୍ପାଦନ କାର୍ଯ୍ୟକଳାପର ପୂର୍ଣାଙ୍ଗ ମୂଲ୍ୟରେ ଅଭିବୃଦ୍ଧିରୁ ଜଣାଯାଏ ଯେ ରାଜ୍ୟରେ ଜିଏସଡିପିର ଅଭିବୃଦ୍ଧି ହେଉଛି ଆର୍ଥିକ ସୂଚକାଙ୍କର ମୁଖ୍ୟ । ଦେଶର ଜିଏସଡିପିର ବାର୍ଷିକ ବୃଦ୍ଧିର ଧାରା ସଦ୍ୟତମ ହିସାବରେ ନିମ୍ନରେ ଦିଆଗଲା ।

**ଜିଡିପି ଓ ଜିଏସଡିପିର ବାର୍ଷିକ ଅଭିବୃଦ୍ଧି ହାର**

| ବର୍ଷ | 2009-10 | 2010-11 (3rd R) | 2011-12 (2nd R) | 2012-13 (1st R) | 2013-14 (AE) |
|---|---|---|---|---|---|
| ଭାରତର ସାମଗ୍ରୀକ ଘରୋଇ ଉତ୍ପାଦ (ଜିଡିପି)(କୋଟି ଟଙ୍କାରେ) | 6108903 | 7248860 | 8391691 | 9388876 | 10472807 |
| ଜିଡିପିର ବୃଦ୍ଧିର (ପ୍ରତିଶତ) ହାର | 15.18 | 18.66 | 15.77 | 11.88 | 11.54 |
| ରାଜ୍ୟର ଜିଏସଡିପି (କୋଟି ଟଙ୍କାରେ) | 162946 | 197530 | 214583 | 255459 | 288414 |
| ଜିଏସଡିପିର (ପ୍ରତିଶତ) ବୃଦ୍ଧିର ହାର | 9.74 | 21.22 | 8.63 | 19.05 | 12.90 |

**ଆର୍ – ରିଭାଇଜ୍‌ଡ ଏବଂ ଏଇ-ଆଡଭାନ୍‌ସ୍‌ଡ ଏଷ୍ଟିମେଟ୍**

ଏହି ପ୍ରତିବେଦନରେ ବ୍ୟବହୃତ ସଂକ୍ଷେପଣ ପଦର ତାଲିକା ଅନୁଯାୟୀ (ଏବଂ ସେମାନଙ୍କର ଗଣନାର ଆଧାର) ଏବଂ ପ୍ରତିବେଦନର ପରିଶିଷ୍ଟ– 4.1 ପୃଷ୍ଠା 136**.**

ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦ (ଜିଏସଡିପି) 2012-13 ରେ 255459 କୋଟି ରୁ ବୃଦ୍ଧି ହୋଇ 2013-14 ରେ 288414 କୋଟି ଟଙ୍କାକୁ ଯାଇଥିଲା ଯାହାକି ପୂର୍ବ ବର୍ଷ ତୁଳନାରେ 12.90 ପ୍ରତିଶତ ବୃଦ୍ଧିକୁ ସୂଚାଏ, ଯେତେବେଳେ କି ଦେଶର ସାମଗ୍ରୀକ ଘରୋଇ ଉତ୍ପାଦନରେ ପୂର୍ବ ବର୍ଷ ତୁଳନାରେ 11.54 ପ୍ରତିଶତ ଅଭିବୃଦ୍ଧି ଘଟିଥିଲା ।

## 1.1 ଉପକ୍ରମ

ଓଡ଼ିଶା ସରକାରଙ୍କର 2013-14 ବର୍ଷର ଆର୍ଥିକ ପରିବର୍ତ୍ତନର ସମାଲୋଚନାତ୍ମକ ବିବରଣୀ ମୋଟାମୋଟି ଭାବରେ ଏହି ଅଧ୍ୟାୟରେ ପ୍ରତିପାଦନ ରଖାଯାଇଅଛି । ଯାହା ବିଗତ ପାଞ୍ଚବର୍ଷର ଆର୍ଥିକ ବ୍ୟବସ୍ଥାର ଢାଞ୍ଚା ରହିଛି । ସରକାରଙ୍କର ହିସାବ ରଖିବା ଶୈଳୀ ଢାଞ୍ଚାର ବିବରଣୀ ***ପରିଶିଷ୍ଟ-1.2*** ଫର୍ଦ୍ଦରେ ଦିଆଯାଇଛି ।

## 1.2 ଚଳିତ ବର୍ଷର ବିତ୍ତୀୟ କାରବାରର ସାରାଂଶ

ରାଜ୍ୟ ସରକାରଙ୍କ ଆର୍ଥିକ କାରବାର ଚଳିତବର୍ଷ (2013-14) ବନାମ ବିଗତ ବର୍ଷର ତୁଳନାତ୍ମକ ବିବରଣୀ ***ସାରଣୀ 1.1*** ରେ ଉପସ୍ଥାପନା କରାଯାଇଅଛି, ଆର୍ଥିକ ସ୍ଥିତି ବିଷୟରେ ***ପରିଶିଷ୍ଟ 1.3*** ରେ ଦର୍ଶାଯାଇଅଛି ଏବଂ ***ପରିଶିଷ୍ଟ 1.4*** ରେ ଚଳିତବର୍ଷର କାରବାର ହିସାବ ଉପସ୍ଥାପନ କରାଯାଇଛି ।

**ସାରଣୀ 1.1 ଚଳିତ ବର୍ଷର ବିତ୍ତୀୟ କାରବାରର ସାରାଂଶ**

(ଟଙ୍କା କୋଟିରେ)

| ପ୍ରାପ୍ତି | | | ବିତରଣ | | | | |
|---|---|---|---|---|---|---|---|
| | 2012-13 | 2013-14 | | 2012-13 | 2013-14 | | |
| ଅନୁଭାଗ-କ | ମୋଟ | ମୋଟ | ଅନୁଭାଗ-କ | ମୋଟ | ଅଣ-ଯୋଜନା | ଯୋଜନା | ମୋଟ |
| ରାଜସ୍ୱ ପ୍ରାପ୍ତି* | **43936.91** | **48946.85** | ରାଜସ୍ୱ ବ୍ୟୟ | **38237.55** | **30610.06** | **15007.69** | **45617.75** |
| କର ରାଜସ୍ୱ | 15034.13 | 16891.59 | ସାଧାରଣ ସେବା | 12423.26 | 13537.65 | 151.76 | 13689.41 |
| ଅଣକର ରାଜସ୍ୱ | 8078.03 | 8378.60 | ସାମାଜିକ ସେବା | 14976.56 | 10079.08 | 8642.47 | 18721.55 |
| କେନ୍ଦ୍ରୀୟକର / ଶୁଳ୍କରେ ରାଜ୍ୟର ଭାଗ | 13965.01 | 15247.24 | ଆର୍ଥିକ ସେବା | 10196.24 | 6101.13 | 6213.46 | 12314.59 |
| ଭାରତ ସରକାରଙ୍କ ଅନୁଦାନ | 6859.74 | 8429.42 | ଅନୁଦାନ ଏବଂ ବିତରଣ | 641.49 | 892.20 | -- | 892.20 |
| **ଅନୁଭାଗ-ଖ** | | | ଅନୁଭାଗ-ଖ | | | | |
| ବିବିଧ ପୁଞ୍ଜିଗତ ଆୟ | --- | 0.03 | ପୁଞ୍ଜି ବିନିଯୋଗ | 5622.18 | 157.81 | 7598.59 | 7756.40 |
| ଋଣ ଓ ଅଗ୍ରୀମର ଅସୁଲି | 142.47 | 257.18 | ଋଣ ଓ ଅଗ୍ରୀମର ବିତରଣ | 216.02 | | | 463.55 |
| ସରକାରୀ ଋଣ ପ୍ରାପ୍ତି** | 1879.55 | 2290.25 | ସରକାରୀ ଋଣ ପରିଶୋଧ** | 3179.86 | ---- | ---- | 2293.22 |
| ଆକସ୍ମିକତା ନିଧି | 15.89 | ---- | ଅକସ୍ମିକତା ନିଧି | ---- | | | 150.00 |
| ସରକାରୀ ହିସାବ ପ୍ରାପ୍ତି | 27545.35 | 32677.32 | ସରକାରୀ ହିସାବ ବିତରଣ | 24886.31 | ---- | ---- | 31256.60 |
| ପ୍ରାରମ୍ଭିକ ରୋକଡଅବଶେଷ | 11488.94 | 12867.19 | ଅନ୍ତିମ ରୋକଡ ଅବଶେଷ | 12867.19 | | | 9501.30 |
| ମୋଟ | **85009.11** | **97038.82** | ମୋଟ | **85009.11** | | | **97038.82** |

**ଉତ୍ସ – ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ**

* ଭାରତ ସରକାରଙ୍କ ଦ୍ୱାରା ସିଧାସଳଖ ଭାବରେ ବେସରକାରୀ ସଂସ୍ଥା / ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ସିଧାସଳଖ ଭାବେ ସ୍ଥାନାନ୍ତରିତ 4699.58 କୋଟି ଟଙ୍କା ଏଥିରେ ଅନ୍ତର୍ଭୁକ୍ତ ହୋଇନାହିଁ ।

** ସାଧୋନପାୟ ଏବଂ ଓଭରଡ୍ରାଫ୍ଟ ଅଧିନରେ ସମୁଦାୟ କାରବାରକୁ ସାମିଲ୍ କରାଯାଇନାହିଁ ।

ପୂର୍ବ ବର୍ଷ ତୁଳନାରେ 2013-14 ବର୍ଷରେ ନିମ୍ନଲିଖିତ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ପରିଲକ୍ଷିତ ହୁଏ ।:

- ରାଜ୍ୟର ରାଜସ୍ୱ ପ୍ରାପ୍ତି ପୂର୍ବ ବର୍ଷ ତୁଳନାରେ 5010 କୋଟି ଟଙ୍କା (11 ପ୍ରତିଶତ) ଅଧିକ । ଏହି ବୃଦ୍ଧିର ମୁଖ୍ୟକାରଣ ହେଲା ରାଜ୍ୟର ନିଜସ୍ୱ କର (1858 କୋଟି ଟଙ୍କା), ଭାରତ ସରକାରଙ୍କ ସହାୟକ ଅନୁଦାନ ରାଶି (1569 କୋଟି ଟଙ୍କା), କେନ୍ଦ୍ରୀୟ କର / ଶୁଳ୍କର ରାଜ୍ୟ ଅଂଶ (1282 କୋଟି ଟଙ୍କା) ଏବଂ ଅଣକର ରାଜସ୍ୱ (301 କୋଟି ଟଙ୍କା) ବୃଦ୍ଧି ।

- ପୂର୍ବ ବର୍ଷ ଅପେକ୍ଷା 2013-14 ରେ 7380 କୋଟି ଟଙ୍କାର (19 ପ୍ରତିଶତ) ରାଜସ୍ୱ ଖର୍ଚ୍ଚ ବୃଦ୍ଧିର ମୁଖ୍ୟ କାରଣ ହେଲା ସାମାଜିକ ସେବା (3745 କୋଟି ଟଙ୍କା), ଆର୍ଥିକ ସେବା (2118 କୋଟି ଟଙ୍କା), ସାଧାରଣ ସେବା (1266 କୋଟି ଟଙ୍କା) ଏବଂ ସହାୟକ ଅନୁଦାନ ଓ ଅଂଶଦାନ ବିତରଣ(251 କୋଟି ଟଙ୍କା) ଆଦି କ୍ଷେତ୍ରରେ ଖର୍ଚ୍ଚର ଅଭିବୃଦ୍ଧି ।

- ପୁଞ୍ଜିଗତ ଖର୍ଚ୍ଚ ଗତବର୍ଷ ତୁଳନାରେ 2134 କୋଟି ଟଙ୍କା (38 ପ୍ରତିଶତ) ବୃଦ୍ଧି ପାଇଛି । ଏହି ବୃଦ୍ଧିର ମୁଖ୍ୟ କାରଣ ହେଲା ପରିବହନ (658 କୋଟି ଟଙ୍କା), ଶକ୍ତି (487 କୋଟି ଟଙ୍କା) ଜଳଯୋଗାଣ ଓ ପରିମଳ, ଗୃହ ଓ ନଗର ଉନ୍ନୟନ (389 କୋଟି ଟଙ୍କା) ଏବଂ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ (206 କୋଟି ଟଙ୍କା) ଆଦି କ୍ଷେତ୍ରରେ ଖର୍ଚ୍ଚର ବୃଦ୍ଧି । ଋଣ ଓ ଅଗ୍ରୀମର ବିତରଣରେ 247 କୋଟି ଟଙ୍କା (115 ପ୍ରତିଶତ) ବୃଦ୍ଧି ଯାହାକି 2012-13 ରେ 216 କୋଟି ଟଙ୍କାରୁ ବୃଦ୍ଧି ହୋଇ 2013-14 ରେ 463 କୋଟି ଟଙ୍କାରେ ପହଞ୍ଚିଛି ।

- ସରକାରୀ ଋଣ ବୃଦ୍ଧି 411 କୋଟି ଟଙ୍କା(22 ପ୍ରତିଶତ) ହୋଇଛି ଯେତେବେଳେ ସରକାରୀ ଋଣ ପରିଶୋଧ 887 କୋଟି ଟଙ୍କାକୁ (28 ପ୍ରତିଶତ) ବୃଦ୍ଧି ପାଇଛି ।
- ସରକାରୀ ହିସାବ ପ୍ରାପ୍ତି (32677 କୋଟି ଟଙ୍କା) ବିଗତ ବର୍ଷ ତୁଳନାରେ 5132 କୋଟି ଟଙ୍କା ବୃଦ୍ଧି (19 ପ୍ରତିଶତ) ପାଇଛି । ଏହାର ମୁଖ୍ୟ କାରଣ ହେଲା ସସ୍‌ପେନ୍‌ସ ଅନ୍ୟାନ୍ୟ (1697 କୋଟି ଟଙ୍କା), ସଂରକ୍ଷିତ ପାଣ୍ଠି (822 କୋଟି ଟଙ୍କା), ଜମା ଓ ଅଗ୍ରୀମ (482 କୋଟି ଟଙ୍କା), ଟଙ୍କା ପ୍ରେରଣ (1800 କୋଟି ଟଙ୍କା), ଓ ସ୍ୱଳ୍ପ ସଂଚୟ ଓ ଭବିଷ୍ୟ ନିଧି (331 କୋଟି ଟଙ୍କା) ଆଦିରେ ବୃଦ୍ଧି । ଅନ୍ୟ ପକ୍ଷରେ ସରକାରୀ ହିସାବ ବିତରଣ (31257 କୋଟି ଟଙ୍କା) ସେହି ସମୟ ମଧ୍ୟରେ 6370 କୋଟି ଟଙ୍କାକୁ (26 ପ୍ରତିଶତ) ବୃଦ୍ଧି ପାଇଥିଲା । ଏହାର ମୁଖ୍ୟ କାରଣଗୁଡିକ ହେଲା ସସପେନସ୍ ଓ ଅନ୍ୟାନ୍ୟ (1653 କୋଟି ଟଙ୍କା), ଟଙ୍କା ପ୍ରେରଣ (1776 କୋଟି ଟଙ୍କା), ଜମା ଓ ଅଗ୍ରୀମ (1263 କୋଟି ଟଙ୍କା), ସଂରକ୍ଷିତ ପାଣ୍ଠି (1345 କୋଟି ଟଙ୍କା) ଓ ସ୍ୱଳ୍ପ ସଞ୍ଚୟ ଓ ଭବିଷ୍ୟ ନିଧି (333 କୋଟି ଟଙ୍କା) ଆଦିରେ ବୃଦ୍ଧି ।
- ରାଜ୍ୟର ରୋକଡ ଅବଶେଷରେ 3366 କୋଟି ଟଙ୍କା ହ୍ରାସ ପାଇଥିଲା । ଏହା ରୋକଡ ଅବଶେଷର ବିନିଯୋଗରେ 3415 କୋଟି ଟଙ୍କା ହ୍ରାସ, ବିଭାଗୀୟ ରୋକଡ ଅବଶେଷର ଦୁଇ କୋଟି ଟଙ୍କା ହ୍ରାସ ଏବଂ 51 କୋଟି ଟଙ୍କାର ଭାରତୀୟ ରିଜର୍ଭ ବ୍ୟାଙ୍କର ଜମା ବୃଦ୍ଧିର ପ୍ରତିବଦଳ ଯୋଗୁଁ ହୋଇଛି ।

### *1.2.1 ବିତ୍ତୀୟ ପରିସ୍ଥିତିର ସମୀକ୍ଷା*

ବିତ୍ତୀୟ ଏକତ୍ରୀକରଣ ଅଭିମୁଖେ ପ୍ରତ୍ୟୟଯୋଗ୍ୟ କ୍ରମୋନ୍ନତି ସଂପନ୍ନ କରିବାକୁ ବିତ୍ତୀୟ ସଂସ୍କାର ପଥର କାମ ଆକଳନ ଓ ବିତ୍ତୀୟ ଦାୟିତ୍ୱ ତଥା ବଜେଟ୍ ପରିଚାଳନା(ଏଫ.ଆର.ବି.ଏମ୍) ଆଇନ୍‌ର ସଂଶୋଧନ କରିବା ପ୍ରତ୍ୟେକ ରାଜ୍ୟର ଆବଶ୍ୟକ ବୋଲି ତ୍ରୟୋଦଶ ଅର୍ଥ କମିଶନ (ଟିଏଫ୍‌ସି) ସୁପାରିଶ କଲେ । ସେହି ଧାରାରେ ଉକ୍ତ କମିଶନର ସୁପାରିଶ ସହ ରାଜ୍ୟ ସରକାର (ଫେବୃଆରୀ 2012) ରାଜ୍ୟ ବିତ୍ତୀୟ ଦାୟିତ୍ୱ ଓ ବଜେଟ ପରିଚାଳନା (ଏଫ୍ଆରବିଏମ୍) ଆଇନ 2005ର ସଂଶୋଧନ ହାସଲ କରିଥିଲେ ଓ ଯାହାର ନିମ୍ନଲିଖିତ ବିତ୍ତୀୟ ଲକ୍ଷ ଉପସ୍ଥାପନ କରାଗଲା ।

- 2011-12 ତଥା ପରବର୍ତ୍ତୀ ବର୍ଷରେ ରାଜସ୍ୱ ନିଅଣ୍ଟକୁ ଶୂନ୍ୟସ୍ତରକୁ ଆଣିବା ।
- 2011-12 ଠାରୁ ପରବର୍ତ୍ତୀ ବର୍ଷ ମାନଙ୍କରେ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜି.ଏସ୍.ଡି.ପି)ର ବିତ୍ତୀୟ ନିଅଣ୍ଟକୁ ତିନି ପ୍ରତିଶତ ମଧ୍ୟରେ ସୀମିତ କରିବା ।
- ଋଣ ଭଣ୍ଡାରକୁ ଏକ ସହନୀୟ ସ୍ତରକୁ ଆଣିବା ପାଇଁ ରାଜସ୍ୱ ପ୍ରାପ୍ତିର 15 ପ୍ରତିଶତ ଭିତରେ ସୁଧ ପରିଶୋଧକୁ ସୀମିତ ରଖିବା ଦରକାର ।
- ଏଫ୍.ଆର୍.ବି.ଏମ୍ ଅଧିନିୟମ ବ୍ୟବସ୍ଥାକୁ ଅନୁପାଳନକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ସ୍ୱାଧୀନ ଏଜେନସିକୁ ଦାୟିତ୍ୱ ଦେବେ ଯିଏ କି ପର୍ଯ୍ୟାୟ କ୍ରମେ ଅନୁପାଳନ ଗୁଡିକୁ ସମୀକ୍ଷା କରିବେ ଓ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ଯାହାକି ବିଧାନସଭାରେ ଉପସ୍ଥାପନ ହେବ ।

ଯାହା ହେଉ, ଯଦିଓ ଟିଏଚଏଫସି ସୁପାରିଶ କରିଛନ୍ତି, ପ୍ରକଟିତ ବିଷୟ ଗୁଡିକ ଏପରି କି ପୁଞ୍ଜିଗତ ଖର୍ଚ୍ଚର ରାଜସ୍ୱ ପରିଣାମ ଆର.ସି.ସି.ଇ), ସରକାରୀ-ବେସରକାରୀ ଭାଗିଦାରୀ (ପିପିପି) ଏବଂ ତଦ୍ ସମ୍ପର୍କିତ ଦାୟିତ୍ୱ ଗୁଡିକ, ବସ୍ତୁଗତ ଓ ଆର୍ଥିକ ସମ୍ପତ୍ତିର ବିବରଣୀ (ଏମ୍‌ଟିଏଫ୍‌ପି) ତଥା ଖାଲିଥିବା ସରକାରୀ ଜମି ଓ ଗୃହ ଗୁଡିକର ମଧ୍ୟବର୍ତ୍ତୀ ଆର୍ଥିକ ଯୋଜନାରେ ଅର୍ନ୍ତଭୁକ୍ତ ହୋଇ ନଥିଲା ।

ପୁନଶ୍ଚ, ସରକାର ତ୍ରୟୋଦଶ ଅର୍ଥ କମିଶନର ଅବଧି ମଧ୍ୟରେ ଆର୍ଥିକ ସଂଶୋଧନ ପଥର (ଏଫ.ସି.ପି) ପରିଣାମ ସଂକେତକ ପ୍ରସ୍ତୁତି କରିନଥିଲେ ।

2013-14 ବର୍ଷ ପାଇଁ ଟି.ଏଚ.ଏଫ.ସି /ଏଫ.ଆର.ବି.ଏମ) ଅଧିନିୟମ ଅନୁଯାୟୀ ଋଣ ଭଣ୍ଡାର, ରାଜସ୍ୱ , ବିତ୍ତୀୟ ନିଅଣ୍ଟ ଋଣ ଜମାର ସ୍ତର ଏବଂ ସୁଧ ଦେୟତାର ଲକ୍ଷ୍ୟକୁ ରାଜ୍ୟ ହାସଲ କରିଅଛି ।

### *1.2.2 ବଜେଟ ଅଟକଳ ଏବଂ ବାସ୍ତବ*

ରାଜ୍ୟ ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟର ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଅଟକଳ ଓ ଖର୍ଚ୍ଚ ପ୍ରଦାନ କରାଯାଇଥାଏ । ସାମଗ୍ରିକ ଅର୍ଥନୈତିକ ପରିଚାଳନା ପାଇଁ ବିତ୍ତୀୟ ନୀତିର ଫଳପ୍ରଦ କାର୍ଯ୍ୟକ୍ଷମ ସଂପର୍କିତ ରାଜସ୍ୱ ବ୍ୟୟର ଅଟକଳର ଯଥାର୍ଥତାର ପ୍ରାଧାନ୍ୟତା ସୁଦୂରପ୍ରସାରୀ ଅଟେ । ଆକଳନ ଅଟକଳ ବ୍ୟତିକ୍ରମରେ ଅଭୀଷ୍ଟ ବିତ୍ତୀୟ ଲକ୍ଷ୍ୟରେ ଅପ୍ରାପ୍ତତା ଓ ନୈରାଶ୍ୟତାର ସଂକେତ ମିଳିଥାଏ । 2013-14 ରେ ବଜେଟ ଅଟକଳ ତୁଳନାରେ ବିଭିନ୍ନ ମୁଖ୍ୟ ନିୟାମକ ବିତ୍ତୀୟ କ୍ଷେତ୍ରରେ ବଜେଟ ଅଟକଳ ଓ ବାସ୍ତବ ମଧ୍ୟରେ ବିପୁଳ ପରିବର୍ତ୍ତନ ଘଟିଥିଲା । **ଚାର୍ଟ 1.1** ଏବଂ ***ସାରଣୀ 1.2*** ରେ ବଜେଟ ଅଟକଳ ଓ କିଛି ପ୍ରମୁଖ ମନ୍ତବ୍ୟର ପ୍ରକୃତ ତଥ୍ୟ ଦିଆଯାଇଅଛି ।

**ଚାର୍ଟ 1.1: ଚୟନ ବିତ୍ତୀୟ ପରିମାପକ: ବଜେଟ ଆକଳନ ବନାମ ପ୍ରକୃତ (କୋଟି ଟଙ୍କାରେ)**




**ଉତ୍ସ : ବିତ୍ତୀୟ ହିସାବ**

**ସାରଣୀ 1.2: ବଜେଟ ଆକଳନ ଓ ପ୍ରକୃତୟ ପରିବର୍ତ୍ତନ**

| ଅନ୍ତର | ବଜେଟ୍ ଆକଳନ | ପ୍ରକୃତ | ବୃଦ୍ଧି (+) / ହ୍ରାସ (-) |
|---|---|---|---|
| | (କୋଟି ଟଙ୍କାରେ) | | |
| କର ରାଜସ୍ୱ | 17605 | 16892 | (-)713 |
| ଅଣ-କର ରାଜସ୍ୱ | 6825 | 8379 | (+)1554 |
| ରାଜସ୍ୱ ପ୍ରାପ୍ତି | 51299 | 48947 | (-)2352 |
| **ରାଜସ୍ୱ ବ୍ୟୟ** | 49394 | 45618 | (-)3776 |
| ପୁଞ୍ଜି ବ୍ୟୟ | 7840 | 7756 | (-)84 |
| **ରାଜସ୍ୱ ନିଅଣ୍ଟ (-) ବଳକା (+)** | 1905 | 3329 | (+)1424 |
| **ବିତ୍ତୀୟ ନିଅଣ୍ଟ (-) ବଳକା (+)** | (-)5945 | (-)4633 | (+)1312 |
| **ପ୍ରାରମ୍ଭିକ ନିଅଣ୍ଟ (-) / ବଳକା (+)** | (-)937 | (-)1745 | (-)808 |

**ଉତ୍ସ:** ଓଡ଼ିଶା ବଜେଟ୍ ଏଟ୍ ଏ ଗ୍ଲାନ୍ସ **2014-15**ଏବଂ ଆର୍ଥିକ ହିସାବ 2013-14.

ଚାର୍ଟ 1.1 ଏବଂ ସାରଣୀ 1.2 କୁ ଅନୁଧାନ କଲେ ଜଣାଯାଏ ଯେ ରାଜ୍ୟର ପ୍ରକୃତ ରାଜସ୍ୱ ପ୍ରାପ୍ତି ବଜେଟ ଆକଳନ ଠାରୁ 2352 କୋଟି ଟଙ୍କା କମ୍ ଥିଲା । ରାଜ୍ୟର ନିଜସ୍ୱ ରାଜସ୍ୱ କର ବଜେଟ ଆକଳନ ଠାରୁ 713 କୋଟି ଟଙ୍କା (ଚାରି ପ୍ରତିଶତ) ଯେତେବେଳେ କି ଅଣକର ରାଜସ୍ୱ ବଜେଟ ଆକଳନ ଠାରୁ 1554 କୋଟି ଟଙ୍କା (23 ପ୍ରତିଶତ) ଅଧିକ ଥିଲା । ଫଳତଃ ଆକଳିତ ରାଜସ୍ୱ ବଳକା 1905 କୋଟି ଟଙ୍କା ଥିବାବେଳେ ପ୍ରକୃତ ରାଜସ୍ୱ ବଳକା 3329 କୋଟି ଟଙ୍କା ଥିଲା । ଉଭୟ ରାଜସ୍ୱ ବ୍ୟୟ ଏବଂ ପୁଞ୍ଜିଗତ ବ୍ୟୟ ବଜେଟ୍ ଆକଳନଠାରୁ ଯଥାକ୍ରମେ 3776 କୋଟି ଟଙ୍କା ଏବଂ 84 କୋଟି ଟଙ୍କା କମ୍ ଥିଲା । ବଜେଟ୍ ଆକଳନ ତୁଳନାରେ ପ୍ରକୃତ ପୁଞ୍ଜିଗତ ବ୍ୟୟ କମ୍ ଥିବାରୁ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

### *1.2.3 ବଜେଟରେ ମୁଖ୍ୟ ନୀତିଗୁଡିକର ସୂତ୍ରପାତ*

କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଉନ୍ନତି ପାଇଁ ଏକ ଅଲଗା କୃଷି ବଜେଟ୍ ପ୍ରଥମ ଥର ପାଇଁ 2013-14 ରେ ସାଧାରଣ ବଜେଟ୍ ସାଙ୍ଗରେ ବିଧାନ ସଭାରେ ଉପସ୍ଥାପିତ ହୋଇଥିଲା । ଏହି ବଜେଟ୍ ପାଇଁ 7161.84 କୋଟି ଟଙ୍କା ଆବଣ୍ଟିତ ହୋଇଥିଲା । ବଜେଟ୍ 2013-14 ରେ ମୁଖ୍ୟ ନୀତିର ସୂତ୍ରପାତ ସହିତ କେତେକର କାର୍ଯ୍ୟାନ୍ୱୟନର ସ୍ଥିତି ନିମ୍ନ ସାରଣୀ 1.3 ରେ ଦିଆଯାଇଛି ।

**ସାରଣୀ 1.3: ବଜେଟର ମୁଖ୍ୟ ନୀତିଗୁଡିକର ଘୋଷଣା ଏବଂ ତାହାର କାର୍ଯ୍ୟାନ୍ୱୟନ**

| କ୍ର.ସଂ. | ବିଭାଗ | ନୀତିଘୋଷଣା ଖସଡା | କାର୍ଯ୍ୟାନ୍ୱୟନର ସ୍ଥିତି |
|---|---|---|---|
| 1 | କୃଷି | ଜୈବ କୃଷି: ରାଜ୍ୟର ଜୈବ କୃଷିକୁ ପ୍ରୋତ୍ସାହନ ଦେବା ପାଇଁ 2013-14 ରେ ବଜେଟର ରାଜ୍ୟ ଯୋଜନା ବାବଦରେ 5.50 କୋଟି ଟଙ୍କା ବ୍ୟବସ୍ଥା ପ୍ରଥମ ଥର ପାଇଁ ହୋଇଥିଲା । କୃଷି ବିଭାଗ ଜିଆ ଚାଷ, ଜିଆ ଖତ, ଜୈବ ଗ୍ୟାସ୍, ସବୁଜ ଖତ, ଜୈବ କୀଟନାଶକ, ଜୈବ ସାର ସହ ଆଦିମ ସ୍ଥାନୀୟ କିସମ ପାଇଁ ଜିନ ବ୍ୟାଙ୍କର ସ୍ଥାପନ ଆଦିକୁ ପ୍ରୋତ୍ସାହନ ଦେବ | ଏହି ପରିଯୋଜନା ଡିଏଏଫପି ଏବଂ ଡିଏଚ୍ଓ ଦ୍ୱାରା 2013-14 ରେ କାର୍ଯ୍ୟାନ୍ୱିତ ହୋଇଛି । ବଜେଟରେ 5.50 କୋଟି ଟଙ୍କା ବ୍ୟବସ୍ଥିତ ହୋଇଛି । ଏହି ପରିଯୋଜନାର ମଞ୍ଜୁରୀ ପାଇଁ ବିଳମ୍ୱ ହେବାରୁ ଚାରି କୋଟି ଟଙ୍କା ସମର୍ପଣ ହୋଇଛି । 2013-14 ରେ 1.50 କୋଟି ଟଙ୍କା ଦିଆଯାଇଥିଲା । (ସ୍ଥିତି-କାର୍ଯ୍ୟ ଚାଲିଛି ) |
| 2 | | **ଜଳନିଧି ଏବଂ ଜଳ ନିଅଣ୍ଟ ଅଞ୍ଚଳରେ ଭୂତଳ ଜଳର ପୋଷଣୀୟ ଅମଳ:** ଦ୍ୱାଦଶ ଯୋଜନା | ଏହି ଜଳନିଧି ପରିଯୋଜନାରେ 125 କୋଟି ଟଙ୍କା ଦିଆଯାଇଥିଲା । 2013-14 ରେ 13297 ଟି ପିଏଲଆଇପି |

| କ୍ର.ସଂ. | ବିଭାଗ | ନୀତିଘୋଷଣା ଖସଡା | କାର୍ଯ୍ୟାନ୍ୱୟନର ସ୍ଥିତି |
|---|---|---|---|
| | | ଅବଧିରେ 3000 କୋଟି ଟଙ୍କା ନିବେଶରେ ଏକ ଲକ୍ଷ ନଳକୂପ ସ୍ଥାପନର ପ୍ରସ୍ତାବ ରହିଥିଲା, ଯାହା ମଧ୍ୟରୁ 25000 ବୋର ୱେଲ 2013-14 ରେ ହେବାର ଥିଲା । ଏହି ଦୁଇଟି ପରିଯୋଜନାରେ ଖର୍ଚ୍ଚ ପାଇଁ 290 କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା । | ସ୍ଥାପିତ ହୋଇଥିଲା । 2013-14 ରେ ଭୂତଳ ଜଳର ପୋଷଣୀୟ ଉତ୍ତୋଳନ ପାଇଁ 165 କୋଟି ଟଙ୍କା ଦିଆଯାଇଥିଲା । (ସ୍ଥିତି-କାର୍ଯ୍ୟ ଚାଲିଛି ) |
| 3 | ସମବାୟ | ଅମଳ ପରବର୍ତ୍ତୀ ଶସ୍ୟ ପରିଚାଳନା ପାଇଁ ସରକାର 544 ଟି ଭଣ୍ଡାର ଘର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ, ଯେଉଁଥିରେ 134800 ମେଟ୍ରିକ୍ ଟନ୍ ଶସ୍ୟ ମହଜୁଦ୍ ରହିପାରିବ । ରାଜ୍ୟ ଯୋଜନା 2013-14 ରେ 83 କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା । | ବଜେଟରେ ବ୍ୟବସ୍ଥିତ ସମଗ୍ର 83 କୋଟି ଟଙ୍କା 124 ଟି ପିଏସିଏସ ସ୍ତରରେ ଆରଆଇଡିଏଫ୍ ଦ୍ୱାରା ଗୋଦାମ ନିର୍ମାଣ ପାଇଁ ଏବଂ ଏନଏବିସିଓଏନକୁ ଡିପିଆର ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଫିସ୍ ବାବଦରେ ଦିଆଯାଇଛି । (ସ୍ଥିତି-କାର୍ଯ୍ୟ ଚାଲିଛି ) |
| 4 | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ | ରାଜ୍ୟରେ ମତ୍ସ୍ୟ ଉତ୍ପାଦନର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଗୋଟିଏ ନୂଆ ପରିକଳ୍ପନା "ସଘନ ଜଳ ଜୀବ ଏବଂ ଯାଆଁଳ ଉତ୍ପାଦନ" ର ଶୁଭାରମ୍ଭ 2013-14 ରେ ହୋଇଥିଲା । ଏଥିପାଇଁ 12.50 କୋଟି ଟଙ୍କାର ବ୍ୟବସ୍ଥା ହୋଇଥିଲା । | ଦୁଗ୍ଧ ଉତ୍ପାଦନକାରୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ 12.50 କୋଟି ଟଙ୍କା ଦିଆଯାଇଥିଲା । ଏସଏଲବିସି/ ଓଏସସିବି କୁ 3892 ଜଣ ହିତାଧିକାରୀଙ୍କ ଲକ୍ଷ୍ୟ ହାସଲ ପାଇଁ 11.59 କୋଟି ଟଙ୍କା ଦିଆଯାଇଛି । (ସ୍ଥିତି-କାର୍ଯ୍ୟ ଚାଲିଛି ) |
| 5 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ | ବ୍ୟାପକ ମାଗଣା ଔଷଧ ବିତରଣ : ରାଜ୍ୟ ସରକାର ଔଷଧ ସଂଗ୍ରହଣ ଏବଂ ଦକ୍ଷତାର ସହ ପରିଚାଳନା ପାଇଁ ଓଡିଶା ରାଜ୍ୟ ରୋଗୀ ସେବା ନିଗମ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଥିଲେ । 2013-14 ରେ 202.56 କୋଟି ଟଙ୍କା ଔଷଧ କ୍ରୟ ପାଇଁ ବ୍ୟବସ୍ଥା କରାଯାଇଥିଲା । | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଂକଳ୍ପ ସଂଖ୍ୟା 18844 / ଏଚ୍ ଦିନାଙ୍କ 26-06-2013 ଅନୁସାରେ ଓଡିଶା ରାଜ୍ୟ ଚିକିତ୍ସା ନିଗମ ସ୍ଥାପନ ହୋଇଥିଲା । 2013-14 ଆର୍ଥିକ ବର୍ଷରେ 202.56 କୋଟି ଟଙ୍କା ବିପକ୍ଷରେ 185.04 କୋଟି ଟଙ୍କା (91 ପ୍ରତିଶତ) ଖର୍ଚ୍ଚ ହୋଇଥିଲା । |
| 6 | | ସ୍ୱାସ୍ଥ୍ୟ ପରିଚାଳନା ସୂଚନା ପଦ୍ଧତି : ସ୍ୱାସ୍ଥ୍ୟ ବିଭାଗର ସୂଚନା ପଦ୍ଧତିରେ ଉନ୍ନତି ପାଇଁ ସରକାର 2013-14 ଠାରୁ ସ୍ୱାସ୍ଥ୍ୟ ପରିଚାଳନା ସୂଚନା ପଦ୍ଧତି ପ୍ରବର୍ତ୍ତନ କରିଥିଲେ । ରାଜ୍ୟ ଯୋଜନାରେ 2013-14 ବଜେଟରେ 10 କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା । | ଏହି ପ୍ରକଳ୍ପ 2013 ରେ ମଞ୍ଜୁର ହୋଇଥିଲା । 2013-14 ବଜେଟରେ ବ୍ୟବସ୍ଥିତ 10 କୋଟି ଟଙ୍କା ମଧ୍ୟରୁ 41.57 ଲକ୍ଷ ଟଙ୍କା ଏନଆଇଏସଜି କୁ ଦିଆଯାଇଥିଲା । 758.43 ଲକ୍ଷ ଟଙ୍କା ପୁନର୍ବିନିଯୋଗ ହୋଇଥିଲା ଓ ବାକି ଦୁଇ କୋଟି ଟଙ୍କା ଅବ୍ୟବହୃତ ହୋଇ ପଡିରହିଥିଲା । |
| 7 | ପଞ୍ଚାୟତି ରାଜ | ସିମେଣ୍ଟ କଂକ୍ରିଟ ରାସ୍ତା(ସିସି ରୋଡ): ରାଜ୍ୟ ଯୋଜନା ଅଧିନରେ ସିମେଣ୍ଟ କଂକ୍ରିଟ୍ ରୋଡ ନିର୍ମାଣ ପାଇଁ 499 କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା, ଯେଉଁଥିରେ ଗ୍ରାମ ପଞ୍ଚାୟତକୁ ଏକକ ଭାବେ ନିଆଯାଇଛି । | ଏହି ସିମେଣ୍ଟ କଂକ୍ରିଟ୍ ରାସ୍ତା ପରିକଳ୍ପନା ଅଧିନରେ ସମଗ୍ର ବଜେଟ୍ ନିଧି 6232 ଟି ଗ୍ରାମ ପଞ୍ଚାୟତକୁ 10 ଲକ୍ଷ ହିସାବରେ 2013-14 ରେ ଦିଆଯାଇଥିଲା । ଏହି ପରିଯୋଜନାରେ 1713.72 କିଲୋମିଟର ଦୀର୍ଘର ସିସି ରୋଡ ନିର୍ମାଣ ହୋଇଥିଲା । ଏହାଦ୍ୱାରା 149.12 ଲକ୍ଷ କାର୍ଯ୍ୟ ଦିବସ ସୃଷ୍ଟି ହୋଇଥିଲା ଓ 17817 ଟି ଗ୍ରାମ ଉପକୃତ ହୋଇଥିଲେ । |
| 8 | ଅନୁସୂଚିତ ଜନଜାତି ଓ ଜାତି ବିକାଶ | ରାଜ୍ୟ ଯୋଜନା ଅଧିନରେ 1168 ଟି ଅନୁସୂଚିତ ଜନଜାତି ଛାତ୍ରୀ ଓ ଛାତ୍ରଙ୍କ ଛାତ୍ରାବାସ ଏବଂ 900 ଟି ନୂତନ ଛାତ୍ରାବାସ | 2013-14 ରେ ବଜେଟରେ 1168 ଟି ଆଦିବାସୀ ଛାତ୍ରାବାସ ଏବଂ 900 ଟି ନୂତନ ଛାତ୍ରାବାସ ନିର୍ମାଣ ପାଇଁ 230 କୋଟି ଟଙ୍କା ବ୍ୟବସ୍ଥିତ ହୋଇଥିଲା । ସମୁଦାୟ |

| କ୍ର.ସଂ. | ବିଭାଗ | ନୀତିଘୋଷଣା ଖସଡା | କାର୍ଯ୍ୟାନ୍ୱୟନର ସ୍ଥିତି |
|---|---|---|---|
| | | ନିର୍ମାଣ ପାଇଁ 230 କୋଟି ଟଙ୍କା ବ୍ୟବସ୍ଥା ହୋଇଥିଲା । | 2068 ଟି ଛାତ୍ରାବାସ ମଧ୍ୟରୁ 422 ଟିର କାମ ସରିଯାଇଥିଲା, 1123 ଟିର କାମ ଚାଲିଛି ଓ ବାକି 523 ଟିର କାମ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନାହିଁ । (ସ୍ଥିତି କାର୍ଯ୍ୟ ଚାଲିଛି) |
| 9 | ନିର୍ମାଣ | ସହରାଞ୍ଚଳରେ ପିଡବ୍ଲୁଡି ରାସ୍ତାର ଉନ୍ନତିକରଣ ପାଇଁ ଗୋଟିଏ ନୂତନ ପରିକଳ୍ପନାର ଶୁଭାରମ୍ଭ ହୋଇଛି ଯେଉଁଥିପାଇଁ 75 କୋଟି ଟଙ୍କା ବ୍ୟବସ୍ଥା କରାଯାଇଅଛି । | 2013-14 ରେ 149 ଟି କାମରେ 213 କିମି ଦୈର୍ଘ୍ୟର କାମ ହେବାକୁ ଥିବା ବେଳେ 142 ଟି କାମ ଦିଆଯାଇଥିଲା ଓ ସାତଟିରେ ଟେଣ୍ଡର କାର୍ଯ୍ୟ ପ୍ରସ୍ତୁତିରେ ରହିଥିଲା । ଦିଆଯାଇ ଥିବା 142 ଟି କାର୍ଯ୍ୟ ମଧ୍ୟରୁ 85 ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । |

**ଉତ୍ସ: ବଜେଟ୍ ଏଟ୍ ଗ୍ଲାନ୍ସ 2014-15, ଓଡିଶା ସରକାର**

## 1.3 ରାଜ୍ୟର ସମ୍ବଳ

### *1.3.1 ଆର୍ଥିକ ହିସାବ ଅନୁସାରେ ରାଜ୍ୟର ସମ୍ବଳ*

ସରକାରୀ ଯୋଜନାର ପ୍ରଗତି ଏହାର ସମ୍ବଳ ଉପରେ ନିର୍ଭର କରେ ଏବଂ ଏକ ନିର୍ଦ୍ଦିଷ୍ଟ ଆର୍ଥିକ ବର୍ଷରେ ସମ୍ବଳର ପରିମାଣ ସରକାରଙ୍କ ଖର୍ଚ୍ଚର ସୀମାରେଖାକୁ ସମାପନ କରେ । ରାଜସ୍ୱ ଓ ପୁଞ୍ଜି ସରକାରଙ୍କ ସମ୍ବଳ ପ୍ରାପ୍ତିର ଦୁଇଟି ମୁଖ୍ୟ ସ୍ରୋତ । ରାଜସ୍ୱ ପ୍ରାପ୍ତି କର ରାଜସ୍ୱ, ଅଣକର ରାଜସ୍ୱ, କେନ୍ଦ୍ରୀୟ କର ଓ ଶୁଳ୍କରେ ରାଜ୍ୟର ଅଂଶ ଏବଂ ଭାରତସୁରକାରଙ୍କ (ଜି ଓ ଆଇ) ଅନୁଦାନର ସମାହାରରେ ଗଠିତ, ପୁଞ୍ଜିଗତ ପ୍ରାପ୍ତି ଯଥା ବିନିଯୋଗରୁ ପ୍ରାପ୍ତରାଶି, ଋଣ ଓ ଅଗ୍ରୀମର ଅସୁଲି, ଆଭ୍ୟନ୍ତରୀଣ ଉତ୍ସ (ବଜାର ଋଣ, ଅର୍ଥ ସଂସ୍ଥା/ବାଣିଜ୍ୟିକ ବ୍ୟାଙ୍କରୁ ଧାର) ରୁ ପ୍ରାପ୍ତି ଋଣ ଏବଂ ସରକାରୀ ହିସାବରୁ ଉଦଭୁଦ ତତ୍ ସହିତ ଭାରତ ସରକାରକାରଙ୍କଠାରୁ ପ୍ରାପ୍ତଋଣ ଓ ଅଗ୍ରୀମର ସମାହାରରେ ଗଠିତ ।

**ସାରଣୀ 1.1** ଓ **ଚାର୍ଟ 1.2** ରେ ଚଳିତ ବର୍ଷର ଅର୍ଥ ହିସାବରେ ଲିଖିତ ରାଜ୍ୟର ପ୍ରାପ୍ତି ଓ ବିତରଣ ଦର୍ଶାଇ ଦିଆଯାଇଛି । **ଋର୍ଟ 1.3** ରେ 2009-14 ପ୍ରାପ୍ତିର ବିଭିନ୍ନ ଧାରା ଦର୍ଶାଇଯାଇଅଛି । **ଋର୍ଟ 1.4** ରେ ଚଳିତ ବର୍ଷରେ ରାଜ୍ୟ ସମ୍ବଳର ସଂରଚନା ଦର୍ଶାଯାଇଅଛି ।

**ଋର୍ଟ 1.2: ସମ୍ବଳ ଉପାଦାନ ଓ ଅବ-ଉପଦାନ**





ଚାର୍ଟ 1.3: ପ୍ରାପ୍ତିର ଧାରା(କୋଟି ଟଙ୍କାରେ)



ଚାର୍ଟ 1.4: ପ୍ରାପ୍ତିର ସଂରଚନା (କୋଟି ଟଙ୍କାରେ)

**ଉତ୍ସ : ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର**

2009-14 ମଧ୍ୟରେ ସମୁଦାୟ ପ୍ରାପ୍ତି 2009-10 ରେ 40182 କୋଟି ଟଙ୍କାରୁ 109 ପ୍ରତିଶତ ବୃଦ୍ଧି ଘଟି 2013-14 ରେ 84171 କୋଟି ଟଙ୍କା ହୋଇଥିଲା । ଏହି ସମୟରେ ରାଜସ୍ୱ ପ୍ରାପ୍ତି 26430 କୋଟି ଟଙ୍କାରୁ 85 ପ୍ରତିଶତ ବୃଦ୍ଧି ପାଇଁ 48947 କୋଟି ଟଙ୍କା ହୋଇଥିଲା । ଏହା ରାଜ୍ୟର ନିଜସ୍ୱ କର ଅସୁଲରେ ବୃଦ୍ଧି, ଭାରତ ସରକାରଙ୍କର କେନ୍ଦ୍ରୀୟ କର ଏବଂ ଅନୁଦାନର ଅଭିବୃଦ୍ଧି ଯୋଗୁଁ ହୋଇଥିଲା । ଯାହାହେଉ, ରାଜସ୍ୱ ପ୍ରାପ୍ତିର ଭାଗ ସମୁଦାୟ ପ୍ରାପ୍ତିର ପ୍ରତିଶତ ହିସାବରେ 2009-10 ଠାରୁ 2013-14 ମଧ୍ୟରେ 66 ରୁ 58 କୁ ଖସିଆସିଥିଲା । ପୁଞ୍ଜିଗତ ପ୍ରାପ୍ତି 2009-10 ରେ 5 ପ୍ରତିଶତରୁ 2013-14 ରେ 3 ପ୍ରତିଶତକୁ ଖସି ଆସିଥିଲା । ସରକାରୀ ହିସାବ ଓ ସମୁଦାୟ ପ୍ରାପ୍ତିର ଅନୁପାତ 2009-10 ରେ 29 ପ୍ରତିଶତରୁ 2013-14 ରେ 39 ପ୍ରତିଶତକୁ ବୃଦ୍ଧି ହୋଇଥିଲା ।

### *1.3.2 ରାଜ୍ୟ ବଜେଟ୍ ବାହାରେ ରାଜ୍ୟକାର୍ଯ୍ୟକାରୀ ସଂସ୍ଥାକୁ ହସ୍ତାନ୍ତରିତ କରାଯାଇଥିବା ପାଣ୍ଠି*

ସାମାଜିକ ଓ ଆର୍ଥିକ ସେକ୍ଟରରେ ଯେଉଁଗୁଡିକ ସଙ୍କଟମୟ ଭାବେ ବିବେଚନା କରାଯାଇଛି ସେଠାରେ ବିଭିନ୍ନ ଯୋଜନା/କାର୍ଯ୍ୟକ୍ରମଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ଭାରତ ସରକାର ଆଖିଦୃଶିଆ ପରିମାଣର ପାଣ୍ଠି ସିଧାସଳଖ ରାଜ୍ୟରେ କାର୍ଯ୍ୟନ୍ୱିତ ସଂସ୍ଥା[1]କୁ ହସ୍ତାନ୍ତର କରି ଆସୁଛନ୍ତି । ଯେହେତୁ ସେହି ପାଣ୍ଠି ରାଜ୍ୟ ବଜେଟ୍ / ରାଜ୍ୟ ରାଜକୋଷ ପଦ୍ଧତି ମଧ୍ୟରେ ଆସୁନାହିଁ । ଉକ୍ତ ପାଣ୍ଠିର ଗତି ଆର୍ଥିକ ହିସାବ ଖାତାରେ ସ୍ଥାନ ପାଇଁ ନାହିଁ ଓ ସେହିପରିମାଣର ରାଜ୍ୟ ପ୍ରାପ୍ତି ଓ ବ୍ୟୟ ଏପରିକି ବିତ୍ତୀୟ ପରିବର୍ତ୍ତନୀୟ / ମାନଦଣ୍ଡକୁ ସୁନିଶ୍ଚିତ କରାଯାଇ ନଥିଲା । ଯାହାହେଉ ଏକ ପରିଶିଷ୍ଟ ***(ପରିଶିଷ୍ଟ 1.5)***ରେ ଦର୍ଶିତ ପାଣ୍ଠି ଯାହାକି ରାଜ୍ୟର କାର୍ଯ୍ୟାନ୍ୱିତ ସଂସ୍ଥାକୁ ସିଧାସଳଖ ସ୍ଥାନାନ୍ତରଣ ହୋଇଥିଲା ତାହା ହିସାବ ନିୟନ୍ତ୍ରକଙ୍କ ୱେବସାଇଟ୍‌ରୁ ବାହାର କରାଯାଇ ଆର୍ଥିକ ହିସାବ ଖାତାରେ ସ୍ଥାନ ପାଇଥିଲା ।

2013-14 ବର୍ଷରେ 4699.58 କୋଟି ଟଙ୍କାର କେନ୍ଦ୍ରୀୟ ପାଣ୍ଠି ସିଧାସଳଖ ରାଜ୍ୟ କାର୍ଯ୍ୟାନ୍ୱିତ ସଂସ୍ଥାକୁ ସ୍ଥାନାନ୍ତର କରାଯାଇଥିଲା । ଏଥିରୁ ମୁଖ୍ୟ ସ୍ଥାନାନ୍ତରିତ ପାଣ୍ଠି ଗୁଡିକର ବିଶଦ ବିବରଣୀ ନିମ୍ନ **ସାରଣୀ 1.4** ରେ ଦିଆଯାଇଛି ।

---

[1] ଯେକୌଣସି ସଙ୍ଗଠନ / ସଂସ୍ଥା ସହିତ ଅଣସରକାରୀ ସଙ୍ଗଠନକୁ ମଧ୍ୟ ରାଜ୍ୟ କାର୍ଯ୍ୟକାରୀ ସଂସ୍ଥା ଭାବେ ପରିଗଣିତ କରାଯାଏ, ଯେଉଁମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମଗୁଡିକ କାର୍ଯ୍ୟକାରୀ କରିବା ପାଇଁ ଭାରତ ସରକାରଙ୍କଠାରୁ ଅର୍ଥ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତ ପ୍ରାପ୍ତ ଅଟନ୍ତି ।

**ସାରଣୀ 1.4: ମୁଖ୍ୟ ଯୋଜନା ପରିକଳ୍ପନା ପାଇଁ ରାଜ୍ୟ କାର୍ଯ୍ୟାନ୍ୱିତ ଏଜେନ୍ସିକୁ ପ୍ରତ୍ୟକ୍ଷ ଭାବେ ପାଣ୍ଠି ସ୍ଥାନାନ୍ତରଣ.**

| କ୍ର.ସଂ. | ଭାରତ ସରକାରଙ୍କ ଯୋଜନା | ଭାରତ ସରକାରଙ୍କ ଦେୟ ରାଶି (କୋଟି ଟଙ୍କାରେ) | | |
|---|---|---|---|---|
| | | 2011-12 | 2012-13 | 2013-14 |
| 1 | ତ୍ୱରିତ ଗ୍ରାମ୍ୟ ଜଳ ଯୋଗାଣ ଯୋଜନା | 171.05 | 246.53 | 317.07 |
| 2 | ସମନ୍ୱିତ ଜଳଛାୟା ପରିଚାଳନା ଯୋଜନା | 114.67 | 101.27 | 148.45 |
| 3 | ଜାତିୟ ଗ୍ରମୀଣ ନିଶ୍ଚିତ ରୋଜଗାର ଯୋଜନା | 978.22 | 847.98 | 757.53 |
| 4 | ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଉପାଦାନ | 1969.95 | 87.25 | 758.91 |
| 5 | ଗ୍ରାମୀଣ ଗୃହ (ଆଇ ଏ ୱାଇ) | 629.99 | 458.65 | 444.63 |
| 6 | ସର୍ବଶିକ୍ଷା ଅଭିଯାନ | 927.20 | 1043.08 | 739.56 |
| 7 | ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନା | 125.48 | 123.79 | 53.77 |
| 8 | ଜାତୀୟ ମାଧ୍ୟମିକ ଶିକ୍ଷା ଅଭିଯାନ | 128.87 | 215.42 | 265.54 |

ସିଧାସଳଖ ସ୍ଥାନାନ୍ତରଣର ବିଶେଷତାକୁ ଦୃଷ୍ଟିରେ ରଖି ଏହା ଶିରୋଧାର୍ଯ୍ୟ ଯେ ଏହି ପାଣ୍ଠିର ପୂର୍ଣ୍ଣାଙ୍ଗ ବ୍ୟବହାରକୁ ଅମୋଘ ଓ ସମୟୋଚିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ମନିଟର କରାଯାଏ ଯେପରିକି ଅଭିଳକ୍ଷିତ ପରିଣାମ ଗୁଡିକ ପ୍ରକୃତରେ ଦକ୍ଷ ଓ ମିତବ୍ୟୟୀ ଭାବେ କାର୍ଯ୍ୟରେ ପରିଣତ ହୋଇପାରିବ । ପୁନଃ ବଜେଟ ବାହାର ବାଟ ଦେଇ କାର୍ଯ୍ୟାନ୍ୱିତ ଏଜେନସିକୁ ପାଣ୍ଠି ପ୍ରବାହ ଏଫଆରବିଏମ ଅଧିନିୟମର ସ୍ୱଛତାକୁ ବାରଣ କରେ ଓ ଦାୟିତ୍ୱଧିନତାଠାରୁ ଦୂରରେ ରହେ । ମୁଖ୍ୟ କାର୍ଯ୍ୟ ଯୋଜନାକୁ କୌଣସି ନିର୍ଦ୍ଦିଷ୍ଟ ବର୍ଷରେ କାର୍ଯ୍ୟ କରିବା ପାଇଁ ପରିମାଣର ତଥ୍ୟ ଓ ଏହି ପାଣ୍ଠିର ବ୍ୟବହାରକୁ ମନିଟର କରିବା ପାଇଁ କୌଣସି ଏକ ଏଜେନସି ନାହିଁ । ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହି ପାଣ୍ଠିର ସଠିକ୍ ହିସାବ ରଖିବା ପାଇଁ ଉପଯୁକ୍ତ ଉପାୟ ଅବଲମ୍ବନ କରିପାରିନାହାନ୍ତି ଯଦିଓ ଏହି ବିଷୟ ଅଡିଟରେ ଦର୍ଶାଯାଇଛି ଓ ପୂର୍ବ ବର୍ଷର ରାଜ୍ୟ ଆର୍ଥିକ ପ୍ରତିବେଦନ ଗୁଡିକରେ ସ୍ଥାନ ପାଇଛି ।

ରାଜ୍ୟ ସରକାର(ଅକ୍ଟୋବର 2014) ରେ ଜଣାଇଲେ ଯେ ଛଅଟି ମୁଖ୍ୟ ପରିକଳ୍ପନାରେ ବିତ୍ତୀୟ ଦେଣନେଣକୁ ସବୁ ସ୍ତରରେ ଅନୁସରଣ କରାଯାଉଛି । ପର୍ଯ୍ୟାଲୋଚନ ଓ ଉତ୍ତରଦାୟିତ୍ୱର ଉନ୍ନତି ପାଇଁ ପଦକ୍ଷେପ ନିଆଯାଉଛି । କିନ୍ତୁ ସରକାର ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ପର୍ଯ୍ୟାଲୋଚନା ପଦ୍ଧତି ବିକାଶ କରିପାରି ନାହାନ୍ତି ।

## 1.4 ରାଜସ୍ୱ ପ୍ରାପ୍ତି

ରାଜସ୍ୱ ପ୍ରାପ୍ତି ରାଜ୍ୟ ସରକାରଙ୍କର ନିଜସ୍ୱ କର, ଅଣକର ରାଜସ୍ୱ, କେନ୍ଦ୍ରୀୟ କର ଅଂଶ ସ୍ଥାନାନ୍ତରଣ ଏବଂ ଭାରତ ସରକାରଙ୍କର ସହାୟକ ଅନୁଦାନ ରାଶିର ସମାହାର । ବିତ୍ତୀୟ ହିସାବ ବହିର ବିବରଣ -11 ରେ ସରକାର ରାଜସ୍ୱ ପ୍ରାପ୍ତି ବିଷୟ ଦର୍ଶାଯାଇଛି । ଅର୍ଥ ହିସାବ ବିବରଣୀ ରେ ସରକାରଙ୍କ ରାଜସ୍ୱ ପ୍ରାପ୍ତିର ବିଶଦ ବିବରଣୀ ଦିଆଯାଇଛି । 2009-14 ମଧ୍ୟରେ ଅର୍ଥ କମିଶନ ସୁପାରିଶ ଆଧାରରେ କେନ୍ଦ୍ରୀୟ କରରେ ରାଜ୍ୟର ଅଂଶ ଓ ସହାୟକ ଅନୁଦାନ ଅବଧାରଣ କରେ । ଅର୍ଥ କମିଶନ ସୁପାରିଶ ଆଧାରରେ ମଧ୍ୟ କେନ୍ଦ୍ରୀୟ କର ପ୍ରାପ୍ତିର ଅସୁଲ ଓ ଯୋଜନା ପରିକଳ୍ପନା ପାଇଁ କେନ୍ଦ୍ରୀୟ ସହାୟତା ଅବଧାରଣ କରେ । ରାଜସ୍ୱ ପ୍ରାପ୍ତିର ଧାରା ଓ ସଂରଚନା ***ପରିଶିଷ୍ଟ 1.3*** ଓ **ଚାର୍ଟ 1.5** ଓ **1.6** ରେ ଯଥାକ୍ରମେ ଦର୍ଶାଯାଇଅଛି ।

ଚାର୍ଟ 1.5: ରାଜସ୍ୱ ପ୍ରାପ୍ତିର ଧାରା (କୋଟି ଟଙ୍କାରେ)




ଚାର୍ଟ 1.6: 2009-14 ରେ ରାଜସ୍ୱ ପ୍ରାପ୍ତିର ସଂରଚନା




**ଉତ୍ସ: ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର**

ହାରାହାରି 52 ପ୍ରତିଶତ ରାଜସ୍ୱ ରାଜ୍ୟର ନିଜସ୍ୱ ସମ୍ବଳରୁ ଓ ଅବଶିଷ୍ଟ ଭାରତ ସରକାରଙ୍କ ଠାରୁ କର ହିସାବରେ ରାଜ୍ୟର ଅଂଶ ଓ ସହାୟକ ଅନୁଦାନ ଆକରରେ ଆସିଥିଲା । ନିଜସ୍ୱ କର ରାଜସ୍ୱରେ 1858 କୋଟି ଟଙ୍କା (12 ପ୍ରତିଶତ) ଅଣକର ରାଜସ୍ୱରେ 301 କୋଟି ଟଙ୍କା (4 ପ୍ରତିଶତ), କେନ୍ଦ୍ରୀୟ କର ଓ ଶୁଳ୍କରେ ରାଜ୍ୟର ଅଂଶ ବାବଦରେ 1282 କୋଟି ଟଙ୍କା (9 ପ୍ରତିଶତ)ଏବଂ ଭାରତ ସରକାରଙ୍କ ସହାୟକ ଅନୁଦାନ 1569 କୋଟି ଟଙ୍କା(23 ପ୍ରତିଶତ)ବୃଦ୍ଧି 2013-14 ରେ ରାଜସ୍ୱ ପ୍ରାପ୍ତିରେ 5010 କୋଟି ଟଙ୍କାର (11 ପ୍ରତିଶତ) ତୀକ୍ଷଣ ବୃଦ୍ଧି ହେବାର ପରିଣାମ ।

ରାଜସ୍ୱ ପ୍ରାପ୍ତି 2009-10 ରେ 26430 କୋଟି ଟଙ୍କା ଥିଲା, 2013-14 ରେ 48947 କୋଟି ଟଙ୍କା ହୋଇଥିଲା ଯାହାକି କ୍ରମ ବର୍ଦ୍ଧିଷ୍ଣୁ ରାଜସ୍ୱ ପ୍ରାପ୍ତିର 85 ପ୍ରତିଶତ ବୃଦ୍ଧି ହୋଇଥିଲା । ରାଜ୍ୟର ମୋଟ ଘରୋଇ ଉତ୍ପାଦନ (ଜି.ଏସ୍.ଡି.ପି) ତୁଳନାରେ ରାଜସ୍ୱ ପ୍ରାପ୍ତିର ଧାରା ନିମ୍ନ **ସାରଣୀ 1.5** ରେ ପ୍ରଦତ୍ତ ହେଲା ।

**ସାରଣୀ 1.5: ଜିଏସଡିପିର ଆପେକ୍ଷିକ ରାଜସ୍ୱ ପ୍ରାପ୍ତିର ଧାରା**

| | 2009-10 | 2010-11 (3rd R) | 2011-12 (2nd R) | 2012-13 (1st R) | 2013-14 (AE) |
|---|---|---|---|---|---|
| ରାଜ୍ୟର ମୋଟ ଘରୋଇ ଉତ୍ପାଦନ (ଜି.ଏସ୍.ଡି.ପିର ବୃଦ୍ଧିର ହାର) (ଟଙ୍କା କୋଟିରେ) | **162946** | **197530** | **214583** | **255459** | **288414** |
| ରାଜସ୍ୱ ପ୍ରାପ୍ତି (ଆର୍.ଆର) (ଟଙ୍କା କୋଟିରେ)* | **9.74** | **21.22** | **8.63** | **19.05** | **12.90** |
| ଆର୍.ଆର୍.ର ବୃଦ୍ଧି ହାର(ପ୍ରତିଶତ) | **26430** | **33276** | **40267** | **43937** | **48947** |
| *ଆର୍.ଆର୍.(ଜି.ଏସ୍.ଡି.ପି)(ଶତକଡାରେ)* | 7.40 | 25.90 | 21.01 | 9.11 | 11.40 |
| ପ୍ଲାବତା ଅନୁପାତ[2] | 16.22 | 16.85 | 18.77 | 17.20 | 16.97 |
| ନିଜସ୍ୱ କର ବୃଦ୍ଧିର ହାର | | | | | |
| ଜି.ଏସ୍.ଡି.ପି ସଂପର୍କିତ ରାଜ୍ୟର ନିଜସ୍ୱ କର ପ୍ଲବତା | 0.76 | 1.22 | 2.43 | 0.48 | 0.88 |
| ରାଜ୍ୟର ମୋଟ ଘରୋଇ ଉତ୍ପାଦନ (ଜି.ଏସ୍.ଡି.ପିର ବୃଦ୍ଧିର ହାର) (ଟଙ୍କା କୋଟିରେ) | 12.35 | 24.61 | 20.10 | 11.83 | 12.36 |
| ରାଜସ୍ୱ ପ୍ରାପ୍ତି (ଆର୍.ଆର) (ଟଙ୍କା କୋଟିରେ) | 1.27 | 1.16 | 2.33 | 0.62 | 0.96 |

[2] ପ୍ଲବତା ଅନୁପାତ ଆଧାର ଚଳର ପରିବର୍ତ୍ତନ ଜବାବରେ ସଂପୃକ୍ତ ଆର୍ଥିକ ସ୍ଥିତିସ୍ଥାପକ ବା ମାତ୍ରାକୁ ଦର୍ଶାଏ । ଉଦାହରଣତଃ 0.6 ରାଜସ୍ୱ ପ୍ଲବତା କହିଲେ ରାଜସ୍ୱ ପ୍ରାପ୍ତିରେ 0.6 ପ୍ରତିଶତ ବୃଦ୍ଧିକୁ ସୂଚାଏ ଯଦି ଡି.ଏସ୍.ଡି.ପି ରେ ଏକ ପ୍ରତିଶତ ବୃଦ୍ଧି ଘଟେ ।

ଉତ୍ସ : ଜି.ଏସ୍.ଡି.ପି-ଅର୍ଥ ଓ ପରିସଂଖ୍ୟାନ ନିର୍ଦ୍ଦେଶକ, ଓଡ଼ିଶା ସରକାର- ସଂପୃକ୍ତ ବର୍ଷର ଅର୍ଥ ହିସାବ ଆର- ରିଭାଇଜଡ୍ ଏଷ୍ଟିମେଟ, ଏ-ଆଡଭାନ୍ସ ଏଷ୍ଟିମେଟ * **ଅଣସରକାରୀ ସଂସ୍ଥା ଏବଂ ଅନ୍ୟାନ୍ୟ ସଂସ୍ଥାକୁ ଦିଆଯାଇଥିବା ଜିଓଆଇ ପୁଞ୍ଜି ଅନ୍ତର୍ଭୁକ୍ତ ନୁହେଁ ।**

- ରାଜସ୍ୱ ପ୍ରାପ୍ତିର ବୃଦ୍ଧି ହାରର ପରିବର୍ତ୍ତନ ଯୋଗୁଁ ଏହି ସମୟରେ ରାଜସ୍ୱ ପ୍ଲାବତା ବିପୁଳ ପରିବର୍ତ୍ତନ ହୋଇଥିଲା ।
- ସାମଗ୍ରିକ ଘରୋଇ ଉତ୍ପାଦନ ଅନୁପାତରେ ରାଜସ୍ୱ ପ୍ଲାବତା ଯାହାକି 2010-12 ରେ ଏକରୁ ଅଧିକ ଥିଲା, 2012-13 ଓ 2013-14 ରେ ଏହା ଏକରୁ କମ୍ ରହିଥିଲା । ସାମଗ୍ରିକ ଘରୋଇ ଉତ୍ପାଦନର ଅଭିବୃଦ୍ଧି ରାଜସ୍ୱ ପ୍ରାପ୍ତିର ଅଭିବୃଦ୍ଧି ଠାରୁ ଉନ୍ନତ ବୋଲି ଏହା ସୂଚାଉଛି ।
- ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦନ ଓ ରାଜସ୍ୱ ନିଜସ୍ୱ କର ପ୍ଲାବତାର ଅନୁପାତ 2012-13 ଏବଂ 2013-14 ରେ ଏକରୁ କମ୍ ରହିଥିଲା । ଏହା ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦନର ଅଭିବୃଦ୍ଧି ନିଜସ୍ୱ କର ଅଭିବୃଦ୍ଧି ଠାରୁ ଉନ୍ନତ ବୋଲି ସୂଚାଉଛି ।

### *1.4.1 ରାଜ୍ୟର ନିଜସ୍ୱ ସମ୍ବଳ*

ନିଜସ୍ୱ କର ଓ ଅଣକର ସମ୍ବଳରୁ ରାଜସ୍ୱ ପ୍ରାପ୍ତିକୁ ନେଇ ରାଜ୍ୟର ନିଜସ୍ୱ ସମ୍ବଳ ଗଠିତ । ରାଜ୍ୟର କର ଓ ଅଣକର ରାଜସ୍ୱରୁ ପ୍ରକୃତ ବନାମ ଏମ୍‌ଟିଏଫ୍‌ପି ରେ ରାଜ୍ୟ ସରକାର ଦ୍ୱାରା ଓ ଟିଏଚ୍‌ଏଫ୍‌ସି ଦ୍ୱାରା ନିର୍ଦ୍ଧାରିତ ତଥ୍ୟ **ସାରଣୀ 1.6** ରେ ନିମ୍ନରେ ଦିଆଗଲା ।

**ସାରଣୀ 1.6: ନିଜସ୍ୱ କର ରାଜସ୍ୱ ଏବଂ ନିଜସ୍ୱ ଅଣକର ରାଜସ୍ୱର ପ୍ରବୃତ୍ତିକରଣ**

(କୋଟି ଟଙ୍କାରେ)

| | ଟିଏଫ୍ ସି ଦ୍ୱାରା ନିର୍ଦ୍ଧାରିତ | ଏମ୍ ଟି ଏଫ୍ ପି ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ | ପ୍ରକୃତ |
|---|---|---|---|
| **ରାଜ୍ୟର ନିଜସ୍ୱ କର ରାଜସ୍ୱ** | 15388 | 17605 | 16892 |
| **ରାଜ୍ୟର ନିଜସ୍ୱ ଅଣକର ରାଜସ୍ୱ** | 2831 | 6825 | 8379 |

2013-14 ରେ ରାଜ୍ୟର କର ରାଜସ୍ୱ ଓ ଅଣକର ରାଜସ୍ୱ ଯଥାକ୍ରମେ ତ୍ରୟୋଦଶ ଅର୍ଥ କମିଶନଙ୍କ ଆକଳନ ଯଥାକ୍ରମେ 10 ପ୍ରତିଶତ ଓ 196 ପ୍ରତିଶତ ବୃଦ୍ଧି ହୋଇଥିଲା । ଯାହା ହେଉ, ରାଜ୍ୟର ନିଜସ୍ୱ କର ରାଜସ୍ୱ ଏମଟିଏଫପି କର ନିର୍ଦ୍ଧାରଣ ଠାରୁ 713 କୋଟି ଟଙ୍କା (4 ପ୍ରତିଶତ) କମ୍ ଥିଲା ବେଳେ ଅଣକର ରାଜସ୍ୱ 1554 କୋଟି ଟଙ୍କା (23 ପ୍ରତିଶତ) ଅଧିକ ଥିଲା ।

#### *1.4.1.1 କର ରାଜସ୍ୱ*

2009-10 ଠାରୁ 2013-14 ମଧ୍ୟରେ କର ରାଜସ୍ୱର ସେକ୍ଟରକୁ ନେଇ ଉପାଦାନ ***ସାରଣୀ 1.7*** ରେ ଦିଆଗଲା ।

**ସାରଣୀ 1.7: ରାଜ୍ୟର କର ରାଜସ୍ୱର ସେକ୍ଟରକୁ ଆଧାର କରି ଉପାଦାନ**

(କୋଟିରେ)

| ରାଜସ୍ୱ ମୁଖ୍ୟ | 2009-10 | 2010-11 | 2011-12 | 2012-13 | 2013-14 | 2013-14 ରେ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପ୍ରତିଶତରେ |
|---|---|---|---|---|---|---|
| ବିକ୍ରି ଓ ବାଣିଜ୍ୟ କର | 5409 | 6807 | 8197 | 9685 | 10729 | 11 |
| ରାଜ୍ୟ ଅବକାରୀ | 849 | 1094 | 1379 | 1499 | 1780 | 19 |
| ଯାନବାହନ କର | 611 | 728 | 788 | 746 | 860 | 15 |
| ଷ୍ଟାମ୍ପ ଶୁଳ୍କ ଓ ପଞ୍ଜିକରଣ ଫିସ୍ | 360 | 416 | 498 | 545 | 606 | 11 |

| ରାଜସ୍ୱ ମୁଖ୍ୟ | 2009-10 | 2010-11 | 2011-12 | 2012-13 | 2013-14 | 2013-14 ରେ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପ୍ରତିଶତରେ |
|---|---|---|---|---|---|---|
| ଭୂ ରାଜସ୍ୱ | 292 | 391 | 522 | 420 | 431 | 3 |
| ମାଲପତ୍ର ଓ ଯାତ୍ରୀ କର | 815 | 1111 | 1312 | 1342 | 1613 | 20 |
| ଅନ୍ୟାନ୍ୟ କର[3] | 646 | 646 | 747 | 797 | 873 | 10 |
| **ମୋଟ** | **8982** | **11193** | **13443** | **15034** | **16892** | **12** |

**ଉତ୍ସ – ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର**

2004-13 ବର୍ଷ ମଧ୍ୟରେ ରାଜ୍ୟର କର ରାଜସ୍ୱ ବାର୍ଷିକ ଅଭିବୃଦ୍ଧିର ଚକ୍ରବୃଦ୍ଧି ହାର (ସି.ଏ.ଜି.ଆର) ଅନ୍ୟ ସାଧାରଣ ବର୍ଗ ରାଜ୍ୟ ତୁଳନାରେ ଉନ୍ନତି ଥିଲା ***(ପରିଶିଷ୍ଟ -1.1)*** ପୂର୍ବ ବର୍ଷ ତୁଳନାରେ ରାଜସ୍ୱ କର (15034 କୋଟି ଟଙ୍କା) ଠାରୁ ଚଳନ୍ତି ବର୍ଷର କର ରାଜସ୍ୱ (16892 କୋଟି ଟଙ୍କା) ହୋଇ 12 ପ୍ରତିଶତରୁ ଉର୍ଦ୍ଧ୍ୱ ବୃଦ୍ଧି ଘଟିଥିଲା। ବିକ୍ରି ବାଣିଜ୍ୟ ଇତ୍ୟାଦି କର(10729 କୋଟି ଟଙ୍କା) ରାଜ୍ୟର ରାଜସ୍ୱର ଏକ ମୁଖ୍ୟ ସ୍ରୋତ ଏବଂ ଏହା ବିଗତ ବର୍ଷ ତୁଳନାରେ 11 ପ୍ରତିଶତ ବୃଦ୍ଧି ଘଟିଥିଲା, ମାଲପତ୍ର ଓ ଯାତ୍ରୀକର (1613 କୋଟି ଟଙ୍କା) 20 ପ୍ରତିଶତ ବୃଦ୍ଧି, ରାଜ୍ୟ ଅବକାରୀ (1780 କୋଟି ଟଙ୍କା) 19 ପ୍ରତିଶତ ବୃଦ୍ଧି, ଯାନବାହନ କର (860 କୋଟି ଟଙ୍କା) 15 ପ୍ରତିଶତ, ଷ୍ଟାମ୍ପ ଓ ପଞ୍ଜିକୃତ ଫିସ୍ (606 କୋଟି ଟଙ୍କା) 11 ପ୍ରତିଶତ ବୃଦ୍ଧି ଏବଂ ଭୂ-ରାଜସ୍ୱ (431 କୋଟି ଟଙ୍କା) ତିନି ପ୍ରତିଶତ ପୂର୍ବ ବର୍ଷ ତୁଳନାରେ ବୃଦ୍ଧି ଘଟିଥିଲା।

2013-14 ରେ ଜି.ଏସ.ଡି.ପି ତୁଳନାରେ ନିଜସ୍ୱ କର ରାଜସ୍ୱର ବୃଦ୍ଧିହାର (ଓଟିଆର) ଛଅ ପ୍ରତିଶତ ଥିଲା। ତ୍ରୟୋଦଶ ଅର୍ଥ କମିଶନ ପ୍ରକ୍ଷେପଣ (ସୁପାରିଶ ଅନୁଚ୍ଛେଦ 7.6 ରେ) ଅନୁଯାୟୀ 2014-15 ସୁଦ୍ଧା 7.5 ପ୍ରତିଶତର ଲକ୍ଷ୍ୟ ହାସଲ ପାଇଁ ରାଜ୍ୟ ସରକାର ତାଙ୍କର ଓଟିଆରକୁ ବଢାଇବା ପାଇଁ ସମୁଚିତ ପଦକ୍ଷେପ ନେବାକୁ ହେବ।

ଚଳିତ ବର୍ଷର ନିଜସ୍ୱ ରାଜସ୍ୱ ପ୍ରାପ୍ତିର ମୁଖ୍ୟ ବୃଦ୍ଧି / ହ୍ରାସ ସହ ଏହାର କାରଣ **ସାରଣୀ 1.8** ରେ ଦିଆଗଲା।

**ସାରଣୀ 1.8: ଚଳିତ ବର୍ଷର ନିଜସ୍ୱ ରାଜସ୍ୱ ପ୍ରାପ୍ତିର ମୁଖ୍ୟ ବୃଦ୍ଧି / ହ୍ରାସ**

| କ୍ର.ସଂ. | ହିସାବର ମୁଖ୍ୟ ଶୀର୍ଷକ | ବୃଦ୍ଧି *କୋଟି ଟଙ୍କାରେ)* | ମୁଖ୍ୟ କାରଣ * |
|---|---|---|---|
| 1 | 0040- ବିକ୍ରି ଓ ବାଣିଜ୍ୟ ପ୍ରଭୃତିରେ କର | 1043.87 | କେନ୍ଦ୍ରୀୟ ବିକ୍ରୀ କରରେ କର ଅସୁଲ ଦ୍ୱାରା ଅଧିକ ପ୍ରାପ୍ତି ହେତୁ |
| 2 | 0039- ରାଜ୍ୟ ଅବକାରୀ | 281.49 | ବିଦେଶୀ ମଦର ଅବକାରୀ ଶୁଳ୍କର ଲାଇସେନ୍ସ ଫିସ୍, ଦେଶୀ ମଦର ଅବକାରୀ ଶୁଳ୍କର ବୃଦ୍ଧି ହେତୁ |
| 3 | 0042- ମାଲ ପତ୍ର ଓ ଯାତ୍ରୀ କର | 270.92 | ସ୍ଥାନୀୟ କ୍ଷେତ୍ରରେ ମାଲ ପତ୍ରର ପ୍ରବେଶ ପାଇଁ ପାଇଥିବା ଅଧିକ ପ୍ରାପ୍ତି ହେତୁ |
| 4 | 0049- ସୁଧ ପ୍ରାପ୍ତି | 652.93 | ଗ୍ରୀଡକୋ ଠାରୁ ପାୱାର ବଣ୍ଡ ଉପରେ ପାଇଥିବା ସୁଧର ପ୍ରାପ୍ତି ପାଇଁ |
| **କ୍ର.ସଂ** | **ହିସାବର ମୁଖ୍ୟ ଶୀର୍ଷକ** | **ହ୍ରାସ *(କୋଟି ଟଙ୍କାରେ)*** | **ମୁଖ୍ୟ କାରଣ** |
| 5 | 0853– ଅଣଲୌହ, ଖଣି ଓ ଧାତୁ ସମ୍ବନ୍ଧୀୟ ଶିଳ୍ପ | 176.90 | ଭଡା ଓ ରୟାଲିଟି ବାବଦରେ ଫିସ୍ ଅସୁଲରେ ହ୍ରାସ ହେତୁ |
| 6 | 0050- ଲାଭାଂଶ ଓ ଲାଭ | 112.13 | ଓଏମସି ଓ ଓପିଜିସି ଠାରୁ କମ୍ ଲାଭାଂଶ ପ୍ରାପ୍ତି ହେତୁ |

**ଉତ୍ସ : ରାଜ୍ୟ ସରକାରଙ୍କ 2013-14 ବିତ୍ତୀୟ ହିସାବରେ ଯେପରି କାରଣ ଦର୍ଶାଯାଇଛି**

[3] କୃଷି ସମ୍ବନ୍ଧୀୟ ଜମିକୁ ଛାଡି ସ୍ଥାବର ସମ୍ପତ୍ତି ଉପରେ କର ଓ ବିଦ୍ୟୁତ୍ ଏବଂ କୃଷି ରୋଜଗାର ଉପରେ କର ଓ ଶୁଳ୍କକୁ ନେଇ ଅନ୍ୟାନ୍ୟ କର ମଧ୍ୟରେ ଅନ୍ତର୍ଗତ

### *1.4.1.2 ଅଣକର ରାଜସ୍ୱ*

**2009-14 ବର୍ଷ ମଧ୍ୟରେ ଅଣକର ରାଜସ୍ୱର ଉପାଦାନ ସାରଣୀ 1.9 ରେ ଦିଆଗଲା:**

**ସାରଣୀ 1.9: ରାଜ୍ୟର ନିଜସ୍ୱ ସମ୍ବନ୍ଧରେ ଉପାଦାନ**

(କୋଟିରେ)

| ରାଜସ୍ୱ ବର୍ଷ | 2009-10 | 2010-11 | 2011-12 | 2012-13 | 2013-14 | ପୂର୍ବ ବର୍ଷ ତୁଳନାରେ ବୃଦ୍ଧି (ପ୍ରତିଶତ) |
|---|---|---|---|---|---|---|
| ସୁଧ ପ୍ରାପ୍ତି | 379 | 261 | 576 | 588 | 1241 | 111.05 |
| ଲାଭାଂଶ ଓ ଲାଭ | 251 | 102 | 286 | 565 | 452 | -20.00 |
| ଅଣ ଲୌହ ଖଣି ଓ ଧାତୁ ସମ୍ବନ୍ଧୀୟ | 2021 | 3329 | 4572 | 5697 | 5519 | -3.12 |
| ଅନ୍ୟ ଅଣକର ପ୍ରାପ୍ତି | 561 | 1088 | 1009 | 1228 | 1167 | -4.92 |
| **ସମୁଦାୟ** | **3212** | **4780** | **6443** | **8078** | **8379** | **3.73** |

**ଉତ୍ସ : ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର**

2004-13 ବର୍ଷ ମଧ୍ୟରେ ରାଜ୍ୟର ଅଣକର ରାଜସ୍ୱ ବାର୍ଷିକ ଅଭିବୃଦ୍ଧିର ଚକ୍ରବୃଦ୍ଧି ହାର (ସିଏଜିଆର) ସାଧାରଣ ବର୍ଗ ରାଜ୍ୟ ମାନଙ୍କଠାରୁ ଉର୍ଦ୍ଧ୍ୱରେ ଥିଲା*(ପରିଶିଷ୍ଟ-1.1)* । 2009-14 ମଧ୍ୟରେ ସଂଗୃହୀତ ହୋଇଥିବା ଅଣକର ରାଜସ୍ୱ ରାଜସ୍ୱ ପ୍ରାପ୍ତିର 12 ରୁ 18 ପ୍ରତିଶତ ମଧ୍ୟରେ ରହୁଥିଲା । ପୂର୍ବ ବର୍ଷ ତୁଳନାରେ ନିଜର ଅଣକର ରାଜସ୍ୱ (ଓଏନସିଆର) (8379 କୋଟି ଟଙ୍କା) ଯାହାକି 2013-14 ରେ ସମୁଦାୟ ରାଜସ୍ୱ ପ୍ରାପ୍ତିର 17 ପ୍ରତିଶତ ରହିଥିଲା । ଏହା ପୂର୍ବ ବର୍ଷ ତୁଳନାରେ 301 କୋଟି ଟଙ୍କା (ଚାରି ପ୍ରତିଶତ) ଅଧିକ । ଏହି ବୃଦ୍ଧି ମୁଖ୍ୟତଃ ସୁଧ ପ୍ରାପ୍ତି (653 କୋଟି ଟଙ୍କା ) ଯାହା ଅଣଲୌହ ଖଣି ଓ ଧାତୁଶିଳ୍ପ (177 କୋଟି ଟଙ୍କା) ମୁଖ୍ୟତଃ ଏହା ଖଣି ରିହାତି ଫିସ୍, ରୟାଲିଟି, ଲାଭାଂଶ ଓ ଲାଭ (113 କୋଟି ଟଙ୍କା) ପ୍ରତିବନ୍ଧକ ଯୋଗୁଁ ହୋଇଛି ।

### *1.4.2 ଭାରତ ସରକାରଙ୍କର ଅନୁଦାନ*

2009-10 ବର୍ଷରେ ଭାରତ ସରକାରଙ୍କ ସହାୟକ ଅନୁଦାନ 5717 କୋଟି ଟଙ୍କା ରୁ ବୃଦ୍ଧି ହୋଇ 2013-14 ରେ 8429 କୋଟି ଟଙ୍କା ହୋଇଅଛି ଏହାର ତଥ୍ୟ **ସାରଣୀ 1.10** ରେ ଦିଆଗଲା ।

**ସାରଣୀ 1.10: ଭାରତ ସରକାରଙ୍କ ସହାୟକ ଅନୁଦାନ**

(କୋଟିରେ)

| ବିଶେଷ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| ଅଣ ଯୋଜନା ଅନୁଦାନ | 1629 | 2111 | 2561 | 1505 | 2729 |
| ରାଜ୍ୟ ଯୋଜନା ପରିକଳ୍ପନା ପାଇଁ ଅନୁଦାନ | 2777 | 3279 | 3853 | 3484 | 3429 |
| କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାର ଅନୁଦାନ | 167 | 192 | 109 | 183 | 122 |
| କେନ୍ଦ୍ରୀୟ ଯୋଜନା ପରିକଳ୍ପନା ଅନୁଦାନ | 1144 | 1224 | 1629 | 1688 | 2149 |
| ସ୍ୱତନ୍ତ୍ର ଯୋଜନା ପରିକଳ୍ପନା ପାଇଁ ଅନୁଦାନ | --- | --- | --- | --- | --- |
| ସମୁଦାୟ | **5717** | **6806** | **8152** | **6860** | **8429** |
| ପୂର୍ବ ବର୍ଷ ଉପରେ ବୃଦ୍ଧିର ପ୍ରତିଶତ | 10.84 | 19.05 | 19.78 | (-)15.85 | 22.87 |
| ରାଜସ୍ୱ ପ୍ରାପ୍ତିର ପ୍ରତିଶତକୁ ନେଇ ସମୁଦାୟ ଅନୁଦାନ | 21.63 | 20.45 | 20.24 | 15.61 | 17.22 |

ଭାରତ ସରକାରଙ୍କଠାରୁ ସହାୟକ ଅନୁଦାନ 2012-13 ରେ 6860 କୋଟିରୁ ବୃଦ୍ଧି ହୋଇ 2013-14 ରେ 8429 କୋଟିକୁ ଛୁଇଁଥିଲା, ଯାହାକି 1569 କୋଟି ଟଙ୍କା ସମୁଦାୟ ବୃଦ୍ଧି ହୋଇଥିଲା । ଏହି ବୃଦ୍ଧି ଅଣଯୋଜନା ପରିକଳ୍ପନା (1224 କୋଟି ଟଙ୍କା), କେନ୍ଦ୍ରୀୟ ଅନୁଦାନ ଯୋଜନା (461 କୋଟି ଟଙ୍କା) ବୃଦ୍ଧି, ରାଜ୍ୟ ଯୋଜନା ପରିକଳ୍ପନା (55 କୋଟି ଟଙ୍କା) ହ୍ରାସ ଏବଂ କେନ୍ଦ୍ରୀୟ ଯୋଜନା ପରିକଳ୍ପନାର (61 କୋଟି ଟଙ୍କା) ହ୍ରାସ ପ୍ରତିବଦଳପାଇଁ ହୋଇଥିଲା । ଯାହାହେଉ ରାଜସ୍ୱ ପ୍ରାପ୍ତିର ଅନୁଦାନାଂଶର ପ୍ରତିଶତ 2009-10 ରୁ 2013-14 ରେ 22 ରୁ 17 କୁ ହ୍ରାସ ପାଇଥିଲା ।

### *1.4.3 2013-14 ବର୍ଷରେ ତ୍ରୟୋଦଶ ଅର୍ଥ କମିଶନର ଅନୁଦାନ*

ତ୍ରୟୋଦଶ ଅର୍ଥ କମିଶନର ସୁପାରିଶ ଅନୁଯାୟୀ ଭାରତ ସରକାର 2010-15 ବର୍ଷ ମଧ୍ୟରେ, ଯେଉଁଥିରେ 2013-14 ପାଇଁ 2313.55 କୋଟି ଟଙ୍କା ଅନ୍ତର୍ଭୁକ୍ତ କରାଇଥିଲା ଉପଯୋଗ ପାଇଁ ଓଡ଼ିଶା ସରକାରଙ୍କୁ ଅନୁଦାନ(ଉଭୟ ଅଣ ଯୋଜନା ଓ ଯୋଜନା) ବାବଦକୁ 9658.76 କୋଟି ଟଙ୍କା ବଣ୍ଟନ କରିଥିଲେ । 2013-14 ବର୍ଷର ଅନୁଦାନ ଉନ୍ମୋଚନକୁ ସମୀକ୍ଷା କଲେ ନିମ୍ନ ଅବସ୍ଥା ପ୍ରକଟ ହୁଏ ।

#### (i) *ତ୍ରୟୋଦଶ କମିଶନର ଅନୁଦାନ ନ ମିଳିବା*

ତ୍ରୟୋଦଶ ଅର୍ଥ କମିଶନର ସୁଫଳ ଅନୁଯାୟୀ ଯଦି ରାଜ୍ୟ ବିତ୍ତୀୟ ବର୍ଷ ମଧ୍ୟରେ ଅନୁଦାନ ଉନ୍ମୋଚନ କରିବା ସର୍ତ୍ତଗୁଡିକ ଖିଲାପ କରେ ତେବେ ସେ ପରବର୍ତ୍ତୀ ବର୍ଷ ପାଇଁ ସମ୍ପାଦନା ଅନୁଦାନ ହରାଇବ । ଯାହାହେଉ ଏହା ଅନୁଧ୍ୟାନ କରାଗଲା ଯେ (କ) ସ୍ୱାଧୀନ ଆଞ୍ଚଳିକ ସଂସ୍ଥା ପାଇଁ ଅମ୍ବୁଡସମ୍ୟାନ ଗଠନ (ଖ) ସିଏଜି ଦ୍ୱାରା ବୈଷୟିକ ଦିଗ୍‌ଦର୍ଶନ ଓ ପର୍ଯ୍ୟବେକ୍ଷଣ ପାଇଁ ପ୍ରମାଣୀକରଣ(ଗ) ଆଞ୍ଚଳିକ ସଂସ୍ଥାକୁ ସମ୍ପତ୍ତି ଶୁଳ୍କ ପାଇଁ କ୍ଷମତା ପ୍ରଦାନର ସର୍ତ୍ତଗୁଡିକ 31-03-2013 ସୁଦ୍ଧା ସମାପନ ନ ହେବା ଯୋଗୁଁ 2013-14 ପାଇଁ ରାଜ୍ୟ ସମ୍ପାଦନ ଅନୁଦାନ ବାବଦକୁ 336.97 କୋଟି ଟଙ୍କା କ୍ଷତି ସହିଥିଲା ।

ପୁନଶ୍ଚ, ଯଦି ରାଜ୍ୟ 31-03-2012 ସୁଦ୍ଧା ବୈଧାନିକ ଓ ସ୍ୱାଧୀନ ଜଳ ନିୟନ୍ତ୍ରକ କର୍ତ୍ତୃପକ୍ଷ(ଡବ୍ଲୁ.ଆର୍.ଏ) ନ କରେ ତେବେ 2013-14 ରେ ଜଳ ସେକ୍ଟର ପାଇଁ 46 କୋଟି ଟଙ୍କାର ଅନୁଦାନ ଦିଆଯିବ ବୋଲି ଟି.ଏଚ.ଏଫ.ସି ସୁପାରିଶ କରିଥିଲା । କିନ୍ତୁ 31-03-2012 ସୁଦ୍ଧା ଡବ୍ଲୁ ଆର.ଏ ଗଠନ ନ ହେବା କାରଣରୁ 2013-14 ପାଇଁ ରାଜ୍ୟ 46 କୋଟି ଟଙ୍କା ମଧ୍ୟ ହରାଇଥିଲା ।

#### (ii) *ତ୍ରୟୋଦଶ ଅର୍ଥ କମିଶନର ଅନୁଦାନ ନ ମିଳିବା / କମ୍ ମିଳିବା*

ପୁନଶ୍ଚ, ଯଦିଓ 2013-14 ପାଇଁ (**ସାରଣୀ 1.11 ଓ ସାରଣୀ 1.12**) ନିମ୍ନ ଉପାଦାନ ବାବଦରେ 219.42 କୋଟି ଟଙ୍କାର ଅନୁଦାନ ଟି.ଏଚ.ଏଫ.ସି ସୁପାରିଶ କରିଥିଲେ, ରାଜ୍ୟ ସରକାର ନିମ୍ନଲିଖିତ ସର୍ତ୍ତଗୁଡିକ ଅନୁପାଳନ କରିବାରେ ବିଫଳ ହେବାରୁ ଅନୁଦାନକୁ କାମରେ ଲଗାଇବାରେ ବିଫଳ ହୋଇଥିଲେ ।

**ସାରଣୀ 1.11: 2013-14 ମଧ୍ୟରେ ଟିଏଚଏଫସି ଅନୁଦାନର ଅଣ ଉନ୍ମୋଚନ**

| କ୍ର.ସଂ. | ଉଦ୍ଦେଶ୍ୟ | ଟି.ଏଚ୍.ଏଫ୍.ସି ଦ୍ୱାରା ସୁପାରିଶ ପରିମାଣ |
|---|---|---|
| 1 | ଇଉଆଇଡି ପାଇଁ ଅନୁଦାନ | 35.70 |
| 2 | ଅଙ୍ଗନୱାଡିକେନ୍ଦ୍ର ସ୍ଥାପନ | 100.00 |
| 3 | କର୍ମଚାରୀ ଓ ପେନସନ ତଥ୍ୟାବଳି | 7.50 |
| 4 | କଏଦୀଖାନାର ଉନ୍ନତିକରଣ | 25.00 |
| 5 | ଚିଲିକା ହ୍ରଦର ପର୍ଯ୍ୟାବରଣ ପୁନସ୍ଥାପନ | 12.50 |
| 6 | ନ୍ୟାୟ ପ୍ରଦାନ | 38.72 |
| ମୋଟ | | **219.42** |

ଉତ୍ସ ; ତ୍ରୟୋଦଶ ଅର୍ଥ କମିଶନର ରିପୋର୍ଟ ଓ ରାଜ୍ୟସରକାରଙ୍କ 2013-14 ର ଆର୍ଥିକ ହିସାବ

ସେହିପରି 66.23 କୋଟି ଟଙ୍କା କମ୍ ଅନୁଦାନ ପ୍ରଦାନ ବିଷୟ ନିମ୍ନରେ ଦିଆଗଲା ।

**1.12: 2013-14 ରେ ତ୍ରୟୋଦଶ ଅର୍ଥ କମିଶନର କମ୍ ଅନୁଦାନ ପ୍ରଦାନ**

| ଉଦ୍ଦେଶ୍ୟ | ତ୍ରୟୋଦଶ ଅର୍ଥ କମିଶନ ଦ୍ୱାରା ଅନୁମୋଦିତ ରାଶି | ତ୍ରୟୋଦଶ ଅର୍ଥ କମିଶନ ଦ୍ୱାରା ପ୍ରାପ୍ତ ରାଶି(କୋଟିରେ) |
|---|---|---|
| ବିତରଣ ପଦ୍ଧତିର ପାହ୍ୟା ବୃଦ୍ଧି ଓ ଉନ୍ନତି | 125.00 | 58.77 |
| ମୋଟ | 125.00 | **58.77** |

ଅନୁଦାନ ଉନ୍ମୋଚନ ହ୍ରାସ ହେବାର କାରଣ ନିମ୍ନରେ ଦିଆଗଲା ।

- କର୍ମଚାରୀ ଓ ପେନ୍‌ସନ୍ ଭୋଗୀଙ୍କର ତଥ୍ୟାବଳୀ ପାଇଁ ଅନୁଦାନ ପ୍ରଦାନର ସର୍ତ୍ତ ରହିଥିଲା ଯେ ରାଜ୍ୟ ଗୋଟିଏ ତଥ୍ୟାବଳୀ ତିଆରି କରିବ ଏବଂ କୋଷାଗାର ସହ ସମନ୍ୱୟ କରି କାରବାର ଆଧାରରେ କାର୍ଯ୍ୟକ୍ଷମ କରିବ । ଯେହେତୁ ରାଜ୍ୟ ଏହି ତଥ୍ୟାବଳୀ ତିଆରି କରିବାରେ ସଫଳ ହୋଇପାରି ନଥିଲା ରାଜ୍ୟ ସରକାର 7.50 କୋଟି ଟଙ୍କାର ଅନୁଦାନ 2013-14 ରେ ପ୍ରଦାନ କରି ନଥିଲେ ।
- ଅଙ୍ଗନବାଡି କେନ୍ଦ୍ର ନିର୍ମାଣ, ନ୍ୟାୟ ପ୍ରଦାନ ଇଉ ଆଇଡି ନିର୍ଗମ ପାଇଁ ପ୍ରୋତ୍ସାହନ, ଜେଲର ଉନ୍ନତି ଏବଂ ଚିଲିକା ହ୍ରଦର ପର୍ଯ୍ୟାବରଣ ପୁନସ୍ଥାପନ ପାଇଁ ପୂର୍ବ ବର୍ଷ ମାନଙ୍କରେ ଦିଆଯାଇଥିବା ଅନୁଦାନ ରାଶିର ବିନିଯୋଗ ପ୍ରମାଣ ପତ୍ର ଦିଆଯାଇ ନଥିବାରୁ ଅନୁଦାନ ପ୍ରଦାନ କରାଯାଇ ନଥିଲା ।

ସରକାର ଏହି ଅନୁଦାନ ପାଇବା ପାଇଁ କିଛି ସର୍ତ୍ତ ଗୁଡିକ ପୂରଣ କରିପାରି ନଥିଲେ ବୋଲି ଅକ୍ଟୋବର 2014 ରେ ରାଜି ହୋଇଥିଲେ ।

### *1.4.4 କେନ୍ଦ୍ରୀୟ କର ହସ୍ତାନ୍ତର*

2013-14 ରେ ପୂର୍ବ ବର୍ଷ ତୁଳନାରେ କେନ୍ଦ୍ରୀୟ କର ହସ୍ତାନ୍ତର 1282 କୋଟି ଟଙ୍କା ବୃଦ୍ଧି ପାଇଥିଲା ଓ ଏହା ରଜସ୍ୱ ପ୍ରାପ୍ତିରେ 31 ପ୍ରତିଶତ ଥିଲା । ଏହା ବୃଦ୍ଧିରେ ମୁଖ୍ୟ କାରଣ ହେଲା ସେବା କର (445 କୋଟି), ନିଗମ କର ବ୍ୟତୀତ ରୋଜଗାର ଉପରେ କର (373 କୋଟି), କେନ୍ଦ୍ରୀୟ ଅବକାରୀ ଶୁଳ୍କ (180 କୋଟି) ଓ ଅବକାରୀ କର (167 କୋଟି) ।

## 1.5 ପୁଞ୍ଜିଗତ ପ୍ରାପ୍ତି, କରଜ ଓ ଅଗ୍ରୀମ ଓ ଋଣର ଆଦାୟ

ଅଣ ଋଣ ପୁଞ୍ଜି ପ୍ରାପ୍ତି ଯଥା ସରକାରୀ କମ୍ପାନୀ / ନିଗମର ଅଂଶର ବିନିବେଶ ଏବଂ କରଜ ଓ ଅଗ୍ରୀମର ଆଦାୟ ବା ଋଣ ପୁଞ୍ଜି ପ୍ରାପ୍ତି ଯାହାକି ଏକକୀକୃତ ପାଣ୍ଠିର ସରକାରୀ ଋଣ ଅନୁଭାଗରେ ଜମା ହୁଏ ତାହା ପୁଞ୍ଜିଗତ ପ୍ରାପ୍ତି ଅଟେ । ସରକାରୀ ଋଣ ପ୍ରାପ୍ତି ମୁଖ୍ୟତଃ ଦୁଇଟି ବର୍ଗରେ ବିଭକ୍ତ (କ) କେନ୍ଦ୍ର ସରକାରଙ୍କ ଠାରୁ ପାଇଥିବା କରଜ ଓ ଅଗ୍ରୀମ (ଖ) ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନରୁ ବିକାଶ ଋଣ ନିର୍ଗମ କରି ଧାର ସଂଗ୍ରହ । ପୁଞ୍ଜିଗତ ପ୍ରାପ୍ତି 2009-10 ରେ 2006 କୋଟି ଟଙ୍କାରୁ 541 କୋଟି ଟଙ୍କା ବୃଦ୍ଧି ପାଇଁ 2013-14 ରେ 2547 କୋଟି ଟଙ୍କା ହୋଇଥିଲା ଯାହାକି ***ସାରଣୀ 1.13*** ରେ ଦର୍ଶାଇ ଦିଆଯାଇଛି ।

**ସାରଣୀ 1.13: ପୁଞ୍ଜି ପ୍ରାପ୍ତିର ଗଠନ ବୃଦ୍ଧିର ଧାରା**

(କୋଟି ଟଙ୍କାରେ)

| ରାଜ୍ୟ ପ୍ରାପ୍ତିର ସମ୍ବଳ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| ପୁଞ୍ଜି ପ୍ରାପ୍ତି (ସିଆର) | **2006** | **2302** | **1486** | **2022** | **2547** |
| ମିଶ୍ରିତ ପୁଞ୍ଜି ପ୍ରାପ୍ତି | --- | --- | --- | --- | 0.03 |
| କରଜ ଓ ଅଗ୍ରୀମରୁ ଆଦାୟ | 356 | 34 | 132 | 142 | 257 |
| ସରକାରୀ ଋଣ ପ୍ରାପ୍ତି | 1650 | 2268 | 1354 | 1880 | 2290 |
| ଋଣ ପୁଞ୍ଜି ପ୍ରାପ୍ତିର ବୃଦ୍ଧି ହାର | 43.23 | 37.45 | (-)40.30 | 38.85 | 21.81 |
| ଅଣଋଣ ପୁଞ୍ଜି ପ୍ରାପ୍ତିର ବୃଦ୍ଧିହାର | 50.85 | (-)90.45 | 288.24 | 7.58 | 80.98 |
| ଜିଏସ ଡିପିର ବୃଦ୍ଧିହାର | 9.74 | 21.22 | 8.63 | 19.05 | 12.90 |
| ପୁଞ୍ଜି ପ୍ରାପ୍ତିର ବୃଦ୍ଧି ହାର (*ପ୍ରତିଶତରେ*) | 44.52 | 14.76 | (-)35.45 | 36.06 | 25.96 |

**ଉତ୍ସ : ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର**

ସରକାରୀ ଋଣ ପ୍ରାପ୍ତି ଯାହାକି ଭବିଷ୍ୟତରେ ପରିଶୋଧ କରିବାକୁ ପଡେ ତାହା 1650 କୋଟିରୁ 2290 କୋଟି ଟଙ୍କାକୁ 39 ପ୍ରତିଶତ ବୃଦ୍ଧି ପାଇଛି, ଯାହା ଚିନ୍ତାର ବିଷୟ । ଏହି ବର୍ଷ ସରକାରୀ ଋଣ ପ୍ରାପ୍ତି 2290 କୋଟି ଟଙ୍କା ଅନ୍ତରୀଣ ଋଣ 1740 କୋଟି ଟଙ୍କା(76 ପ୍ରତିଶତ), କରଜ ଓ ଋଣ 24 ପ୍ରତିଶତର ସମାହାର । 2009-14 ମଧ୍ୟରେ ଋଣ ପ୍ରାପ୍ତି ସମୁଦାୟ ପୁଞ୍ଜି ପ୍ରାପ୍ତିର ଏକ ମୁଖ୍ୟ ଅଂଶ ଯାହାକି 82 ଠାରୁ 99 ପ୍ରତିଶତ ମଧ୍ୟରେ ରହିଥିଲା । ଯେତେବେଳେ କି ଅଣଋଣ ପ୍ରାପ୍ତି ପୁଞ୍ଜି ପ୍ରାପ୍ତିର ଏକ ଗୌଣ ଅଂଶ ଯାହା 2009-14 ମଧ୍ୟରେ ଏକରୁ 18 ପ୍ରତିଶତ ମଧ୍ୟରେ ରହିଥିଲା ।

## 1.6 ସରକାରୀ ହିସାବ ପ୍ରାପ୍ତି

କ୍ଷୁଦ୍ର ସଂଚୟ ଭବିଷ୍ୟ ନିଧି, ସଂରକ୍ଷିତ ପାଣ୍ଠି ଜମା ସସ୍‌ପେନ୍‌ସ ଓ ଅର୍ଥ ପ୍ରେରଣ ଭଳି କାରବାରରେ ପ୍ରାପ୍ତି ଓ ବିତରଣ ଯିଏ କି ଏକକୀକୃତ ନିଧିଅଂଶ ନୁହେଁ ତାହାକୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 266(2) ଅନ୍ତର୍ଗତ ସରକାରୀ ହିସାବରେ ରଖାଯାଏ ଏବଂ ରାଜ୍ୟ ବିଧାନ ସଭାରେ ଭୋଟରେ ଗୃହୀତ ହୁଏ ନାହିଁ । ଏଠାରେ ସରକାରୀ ବ୍ୟାଙ୍କ ଭଳି କାମ କରେ । ବିତରଣ ପରେ ବଳକା ପରିମାଣ ପାଣ୍ଠି ଭାବେ ସରକାରୀ ବ୍ୟବହାର ପାଇଁ ମିଳିଥାଏ ।

**ସାରଣୀ 1.14: ସରକାରୀ ହିସାବ ପ୍ରାପ୍ତିରେ ମିଶ୍ରଣ ଓ ବୃଦ୍ଧିର ଧାରା**

(କୋଟି ଟଙ୍କାରେ)

| ବିଭିନ୍ନ ଶୀର୍ଷର ସମ୍ବଳ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| ସରକାରୀ ହିସାବ ପ୍ରାପ୍ତି | **11735** | **12779** | **15487** | **27545** | **32677** |
| କ. କ୍ଷୁଦ୍ର ସଂଚୟ, ଭବିଷ୍ୟ ନିଧି | 2571 | 2804 | 2492 | 3001 | 3332 |
| ଖ. ସଂରକ୍ଷିତ ପାଣ୍ଠି | 736 | 603 | 1661 | 939 | 1760 |
| ଗ. ଜମା ଓ ଅଗ୍ରୀମ | 3134 | 3346 | 4126 | 6537 | 7019 |
| ଘ. ସସ୍‌ପେନ୍‌ସ ଓ ଅନ୍ୟାନ୍ୟ | 37 | -2 | -32 | 8527 | 10225 |
| ଙ. ଟଙ୍କା ପ୍ରେରଣ | 5257 | 6028 | 7240 | 8541 | 10341 |

**ଉତ୍ସ : ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର**

ମୋଟ ସରକାରୀ ହିସାବ ଆଧାରରେ ସରକାରୀ ହିସାବରେ ଭାଗ 2009-10 ରେ 29 ପ୍ରତିଶତରୁ 2013-14 ରେ 39 ପ୍ରତିଶତରୁ ବୃଦ୍ଧି ହୋଇଥିଲା । 2012-13 ତୁଳନାରେ 2013-14 ରେ 19 ପ୍ରତିଶତ (5132 କୋଟି ଟଙ୍କା) ବୃଦ୍ଧିର ମୁଖ୍ୟ କାରଣ ହେଲା ସସ୍‌ପେନ୍‌ସ ଓ ଅନ୍ୟାନ୍ୟ , ଟଙ୍କା ପ୍ରେରଣା ଏବଂ ଜମା ଓ ଅଗ୍ରୀମ ।

## 1.7 ସମ୍ବଳର ପ୍ରୟୋଗ

ରାଜ୍ୟ ସରକାରଙ୍କ ଉପରେ ମୁଖ୍ୟ ଖର୍ଚ୍ଚ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ରାଜ୍ୟ ସ୍ତରରେ ଖର୍ଚ୍ଚ ଆବଣ୍ଟନର ବିଶ୍ଳେଷଣ ଗୁରୁତ୍ୱପୂର୍ଣ୍ଣ ଅଟେ । ବିତ୍ତୀୟ ଦାୟିତ୍ୱ ବୋଧତା ବିଧିପ୍ରଣୟନ ଢାଞ୍ଚା ମଧ୍ୟରେ ସାଧାରଣ ଖର୍ଚ୍ଚ ଯାହାକି ନିଅଣ୍ଟ ବା ଧାର ଗ୍ରହଣ ଢାଞ୍ଚା ଦ୍ୱାରା ହୋଇଥାଏ ତାହାପାଇଁ ବଜେଟ୍‌ର ବାଧ୍ୟତା ରହିଥାଏ । ଏଣୁ ରାଜ୍ୟ ସ୍ତରରେ ପ୍ରଚଳିତ ବିତ୍ତୀୟ ସଂଶୋଧନ ଏବଂ ଏକତ୍ରିକରଣ ପ୍ରକ୍ରିୟା ବିଶେଷ ଭାବରେ ସାମାଜିକ ଓ ଉନ୍ନୟନ ଖର୍ଚ୍ଚ ବିରୁଦ୍ଧରେ ଯାଇନାହିଁ ବୋଲି ନିଶ୍ଚିତ କରିବା ବାଞ୍ଛନୀୟ ।

### *1.7.1 ବ୍ୟୟର ଅଭିବୃଦ୍ଧି ଏବଂ ଗଠନ*

**ଚାର୍ଟ 1.7** ରେ (2009-14) ପାଞ୍ଚ ବର୍ଷ ମଧ୍ୟରେ ସମୁଦାୟ ଖର୍ଚ୍ଚର ଧାରା ଏବଂ ଏହାର ଉଭୟ ଆର୍ଥିକ ଶ୍ରେଣୀ ବିଭାଗ ଏବଂ ବ୍ୟୟର କ୍ରିୟା କଳାପ ଗଠନର ବିବରଣୀ ଯଥାକ୍ରମେ **ଚାର୍ଟ 1.8** ଓ **ଚାର୍ଟ 1.9** ରେ ବର୍ଣ୍ଣନା କରାଯାଇଛି ।

**ଚାର୍ଟ 1.7: ମୋଟ ବ୍ୟୟର ଧାରା ଓ ସଂରଚନା (କୋଟି ଟଙ୍କାରେ)**




**ଉତ୍ସ : ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର**

ରାଜ୍ୟର ସମୁଦାୟ ଖର୍ଚ୍ଚ 2009-10 ରେ 29052 କୋଟି ଟଙ୍କାରୁ 85 ପ୍ରତିଶତ ବୃଦ୍ଧି ପାଇ 2013-14 ରେ 53837 କୋଟି ଟଙ୍କା ହୋଇଥିଲା । କାରଣ ରାଜସ୍ୱ ଖର୍ଚ୍ଚରେ (20326 କୋଟି ଟଙ୍କା) ପୁଞ୍ଜି ଖର୍ଚ୍ଚରେ 4108 କୋଟି ଟଙ୍କା ଏବଂ କରଜ ଏବଂ ଅଗ୍ରୀମରେ 351 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । ରାଜସ୍ୱ ଖର୍ଚ୍ଚ ସମୁଦାୟ ଖର୍ଚ୍ଚର ଅଂଶ ହିସାବରେ 2009-10 ରେ 87 ପ୍ରତିଶତରୁ 2013-14 ରେ 85 ପ୍ରତିଶତକୁ ଖସି ଆସିଥିଲା । ପୁଞ୍ଜିଗତ ଖର୍ଚ୍ଚ 2009-10 ରେ 12 ପ୍ରତିଶତରୁ 2013-14 ରେ 14 ପ୍ରତିଶତକୁ ବୃଦ୍ଧି ଘଟିଥିଲା ।

ବିଗତ ବର୍ଷ ତୁଳନାରେ 2013-14 ରେ ସମୁଦାୟ ଖର୍ଚ୍ଚରେ 9761 କୋଟି ଟଙ୍କା ବୃଦ୍ଧି ଘଟିଥିଲା କାରଣ ରାଜସ୍ୱ ଖର୍ଚ୍ଚ, ପୁଞ୍ଜି ଖର୍ଚ୍ଚ ଓ କରଜ ଓ ଅଗ୍ରୀମର ବିତରଣରେ ଯଥାକ୍ରମେ 7380 କୋଟି ଟଙ୍କା, 2134 କୋଟି ଟଙ୍କା ଓ 247 କୋଟି ଟଙ୍କା ବୃଦ୍ଧି ଘଟିଥିଲା । ସମୁଦାୟ ଖର୍ଚ୍ଚ ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦନର 2013-14 ରେ 18.67 ପ୍ରତିଶତ ଥିଲାବେଳେ ବିଗତ ବର୍ଷ ରେ 17.25 ପ୍ରତିଶତ ଥିଲା ।

ଚାର୍ଟ 1.8: ମୋଟ ବ୍ୟୟ "ଧାରା ଉପାଦାନ ଭିତ୍ତିରେ"




ଚାର୍ଟ 1.9: ମୋଟ ବ୍ୟୟ "ବ୍ୟୟର କ୍ରିୟା କଳାପ ଗଠନ"




**ଉତ୍ସ : ବିତ୍ତୀୟ ହିସାବ**

### *1.7.2 ମୋଟ ବ୍ୟୟ*

ମୋଟ ବ୍ୟୟ (ଟି.ଇ) ମଧ୍ୟରେ ସାଧାରଣ ସେବା, ସୁଧ ପରିଶୋଧ, ସାମାଜିକ ଏବଂ ଅର୍ଥନୈତିକ ସେବା , ସହାୟକ ଅନୁଦାନ, ଏବଂ ଋଣ ଓ ଅଗ୍ରୀମ ବିତରଣ ଅନ୍ତର୍ଭୁକ୍ତ । ବ୍ୟୟର ଉପାଦାନ ଗୁଡିକର ଆପେକ୍ଷିକ ଦୋଳାୟମାନ ସ୍ଥିତି **ଚାର୍ଟ 1.9** ରେ ଦର୍ଶାଯାଇଛି ।

### *1.7.3 ରାଜସ୍ୱ ବ୍ୟୟ*

ରାଜସ୍ୱ ବ୍ୟୟ (ଆର.ଇ) ସାମ୍ପ୍ରତିକ ସେବାର ମାନ ଏବଂ ପୁରାତନ ଋଣ ପରିଶୋଧର ରକ୍ଷଣାବେକ୍ଷଣ ପାଇଁ ରାଜସ୍ୱ ବ୍ୟୟ ଉପଲବ୍ଧ ଅଟେ । ତେଣୁ ରାଜ୍ୟର ଭିତ୍ତି ସଂରଚନା ଏବଂ ସର୍ଭିସ୍ ନେଟୱାର୍କ ପାଇଁ ଏହାର କୌଣସି ଅବଦାନ ନାହିଁ । 2009-10ରେ ରାଜସ୍ୱ ବ୍ୟୟ ସମୁଦାୟ ଖର୍ଚ୍ଚର 87 ପ୍ରତିଶତ ଥିଲା ଯାହାକି 2013-14ରେ ହ୍ରାସ ପାଇ 85 ପ୍ରତିଶତ ହୋଇଥିଲା । ଯାହାହେଉ 2012-13ରେ ଏହା 38238 କୋଟି ଟଙ୍କାରୁ 19 ପ୍ରତିଶତ ହିସାବରେ ବୃଦ୍ଧି ପାଇ 2013-14 ରେ 45618 କୋଟି ଟଙ୍କାରେ ପହଞ୍ଚିଥିଲା ।

ରାଜ୍ୟ ଅର୍ଥ ନୀତି ପ୍ରସଙ୍ଗରେ ଖର୍ଚ୍ଚରୁ ଗୁଣବତ୍ତା ସଦାବେଳେ ଗୋଟିଏ ପ୍ରଧାନ ବିଷୟ ଭାବେ ବିଚାର କରାଯାଏ । ଏବେ ରାଜସ୍ୱ ଖର୍ଚ୍ଚ ରାଜ୍ୟର ସର୍ବମୋଟ ଖର୍ଚ୍ଚର ପାଖାପାଖି 85 ପ୍ରତିଶତ ଅଟେ, ଯାହାକି ଚଳିତ ଉପଭୋଗ ପ୍ରକୃତିର ଏବଂ କେବଳ 15 ପ୍ରତିଶତ ଭିତ୍ତି ସଂରଚନାରେ ନିବେଶ ଓ ଆସ୍ତି ସୃଜନ ପାଇଁ ରହିଥାଏ ।

### *1.7.4 ଅଣଯୋଜନାର ରାଜସ୍ୱ ବ୍ୟୟ*

ଅଣ ଯୋଜନା ରାଜସ୍ୱ ବ୍ୟୟ (ଏନ୍.ପି.ଆର.ଇ) 2012-13 ବର୍ଷରେ 26645 କୋଟି ଟଙ୍କାରୁ ଚଳିତ ବର୍ଷ 30610 କୋଟି ଟଙ୍କା ହୋଇଥିବାରୁ 3965 କୋଟି ଟଙ୍କା (15 ପ୍ରତିଶତ) ବୃଦ୍ଧି ଅଭିଲିଖିତ ହୋଇଛି । ଅଣ ଯୋଜନା ରାଜସ୍ୱ ବ୍ୟୟ (ଏନ.ପି.ଆର.ଇ) ର ବୃଦ୍ଧି ଏକ ଉଦବେଗର କାରଣ । ଯେହେତୁ ଏହା ଉନ୍ନତିମୂଳକ ମଧକ୍ଷେପ ପାଇଁ ବଜେଟ ଆକଳନରେ ଉଦ୍ଦିଷ୍ଟ ସମ୍ବଳ ବିନିଯୋଗର ଆଧାରକୁ କ୍ଷୟ କରେ । ଯାହାହେଉ, ଏନ୍.ପି.ଆର.ଇ ରେ ମୋଟ ରାଜସ୍ୱ ବ୍ୟୟର ଆନୁପାତିକ ଭିତ୍ତିରେ 2009-10 ବର୍ଷରେ 78 ପ୍ରତିଶତ (19677 କୋଟି ଟଙ୍କା)ରୁ 2013-14

ବର୍ଷରେ 67 ପ୍ରତିଶତ (30610 କୋଟି ଟଙ୍କା) କୁ ହ୍ରାସ ପାଇଛି । ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ରାଜସ୍ୱ ବ୍ୟୟରେ ସମୁଦାୟ 7380 କୋଟି ଟଙ୍କାର ବୃଦ୍ଧି ମଧ୍ୟରୁ ଏନ.ପି.ଆର.ଇ ରେ 54 ପ୍ରତିଶତ (3965 କୋଟି ଟଙ୍କା) ଏବଂ ବାକି 46 ପ୍ରତିଶତ (3415 କୋଟି ଟଙ୍କା) ଯୋଜନା ରାଜସ୍ୱ ବ୍ୟୟ (ପି.ଆର.ଇ) ଥିଲା । ଏନ.ପି.ଆର.ଇ ରେ ବୃଦ୍ଧି ପ୍ରଧାନତଃ ସମାଜ କଲ୍ୟାଣ ଏବଂ ପୃଷ୍ଟିକରଣ (894 କୋଟି ଟଙ୍କା), ଶିକ୍ଷା, କ୍ରୀଡା ଏବଂ ସଂସ୍କୃତି (428 କୋଟି ଟଙ୍କା), କୃଷି ଏବଂ ଆନୁସଂଗିକ ସେବା (240 କୋଟି ଟଙ୍କା ) ପରିବହନ (127 କୋଟି ଟଙ୍କା) ଏବଂ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗ ମାନଙ୍କର ମଙ୍ଗଳ (84 କୋଟି ଟଙ୍କା ଯୋଗୁ ହୋଇଥିଲା । ଯାହାହେଉ ତ୍ରୟୋଦଶ ଅର୍ଥ କମିଶନଙ୍କ ନିର୍ଦ୍ଧାରଣ (24583 କୋଟି ଟଙ୍କା) ଠାରୁ 6027 କୋଟି ଟଙ୍କା ଅଧିକ ହୋଇଥିଲା ଯଦିଓ 2013-14 ରେ ଏମ୍.ଟି.ଏଫ.ପି ରେ ସରକାରୀ ଆକଳନ (37959 କୋଟି ଟଙ୍କା) ଠାରୁ ଏହା 7349 କୋଟି ଟଙ୍କା କମ୍ ରହିଥିଲା ଯାହା ନିମ୍ନ ସାରଣୀ 1.15 ରେ ପ୍ରଦତ୍ତ ହେଲା ।

**ସାରଣୀ 1.15 ଆର.ଇ ଏବଂ ଏନ୍.ପି ଆର.ଇ, ଜି.ଏସ୍. ଡି.ପି.ର ପ୍ରତିଶତ ହିସାବରେ ତୁଳନାତ୍ମକ ନିର୍ଦ୍ଧାରଣ ।**

(*କୋଟି ଟଙ୍କାରେ*)

| | ତ୍ରୟୋଦଶ ଅର୍ଥ କମିଶନଙ୍କ ଦ୍ୱାରାନିର୍ଦ୍ଧାରଣ | ଏମ୍.ଏଫ.ଟି.ପିରେ ସରକାରୀ ନିର୍ଦ୍ଧାରଣ | **2013-14** ରେ ପ୍ରକୃତ ମୂଲ୍ୟାଙ୍କନ |
|---|---|---|---|
| ରାଜସ୍ୱ ବ୍ୟୟ | ମିଳିନାହିଁ । | 49394 | 45618 |
| ଅଣ ଯୋଜନର ରାଜସ୍ୱ ବ୍ୟୟ (ଏନ୍.ପି.ଆର.ଇ) | 24583 (8.52) | 37959 (13.16) | 30610 (10.61) |

ଉତ୍ସ:ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା 2013-14 ପାଇଁ ସମ୍ପୂର୍ଣ୍ଣ ପରିମାଣର ଜି.ଏସ୍.ଡି.ପି ର ପ୍ରତିଶତକୁ ରୂପାନ୍ତରିତ(288414 କୋଟି ଟଙ୍କା) ।

ଉତ୍ସ- ତ୍ରୟୋଦଶ ଅର୍ଥ ଆୟୋଗ ଙ୍କ ରିପୋର୍ଟ ,ବିତ୍ତୀୟ ହିସାବ 2013-14 ଓ ବଜେଟ୍ ଏବଂ ଏ ଗ୍ଲାନ୍ସ 2014-15 ଓଡ଼ିଶା ସରକାରଙ୍କର ।

ରାଜ୍ୟର ସମୁଦାୟ ଖର୍ଚ୍ଚର 57 ପ୍ରତିଶତ ଏନ୍.ପି.ଆର.ଇ 2013-14 ବର୍ଷରେ ଥିଲା । ରାଜସ୍ୱ ବ୍ୟୟ ସହ ଏହାର ଅନୁପାତ 2009-10 ରେ 78 ପ୍ରତିଶତରୁ ଚଳିତ ବର୍ଷ 67 ପ୍ରତିଶତକୁ ଖସି ଆସିଥିଲା ଯାହାକି ପୂର୍ବ ବର୍ଷ ତୁଳନାରେଏକ ସ୍ୱାଗତଯୋଗ୍ୟ ଉନ୍ନତି ।

### *1.7.5 ପୁଞ୍ଜିଗତ ବ୍ୟୟ*

ରାଜ୍ୟର ପୁଞ୍ଜିଗତ ବ୍ୟୟ (ସି.ଇ) ସମୁଦାୟ ବ୍ୟୟ ତୁଳନାରେ 2009-10 ରେ 12 ପ୍ରତିଶତ(3648 କୋଟି ଟଙ୍କା)ରୁ 2013-14 ବର୍ଷରେ 14 ପ୍ରତିଶତକୁ (7756 କୋଟି ଟଙ୍କା) ବୃଦ୍ଧି ପାଇଥିଲା । ଯାହାହେଉ 2013-14 ରେ ସି.ଇ( 7756 କୋଟି ଟଙ୍କା) ପୂର୍ବ ବର୍ଷ ତୁଳନାରେ (5622 କୋଟି ଟଙ୍କା) 38 ପ୍ରତିଶତ ଅଧିକ ଥିଲା କାରଣ ପରିବହନ (658 କୋଟି ଟଙ୍କା), ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ (206 କୋଟି ଟଙ୍କା), ଜଳ ଯୋଗାଣ, ପରିମଳ ଏବଂ ଗୃହ ଓ ନଗର ଉନ୍ନୟନ (389 କୋଟି ଟଙ୍କା) ଏବଂ ଶକ୍ତି (487 କୋଟି ଟଙ୍କା) ଅଧିକ ବ୍ୟୟ ହୋଇଥିଲା । 2013-14 ରେ ଆୟ ବ୍ୟୟ ଆକଳନରେ ସରକାରଙ୍କର ପରିକଳ୍ପନା 2.72 ପ୍ରତିଶତ ଥିବାବେଳେ ଏହା ଜି.ଏସ.ଡି.ପିର 2.69 ପ୍ରତିଶତ ଥିଲା । ଚଳିତ ବର୍ଷର ଆୟ ବ୍ୟୟ ଆକଳନରେ (7840 କୋଟି ଟଙ୍କା)ଠାରୁ ସି.ଇ (7756 କୋଟି ଟଙ୍କା) 84 ପ୍ରତିଶତ କମ୍ ହୋଇଥିଲା ।

## 1.7.6 ପ୍ରତିଶୃତିବଦ୍ଧ ଖର୍ଚ୍ଚ

ରାଜ୍ୟ ସରକାରଙ୍କର ପ୍ରତିଶୃତିବଦ୍ଧ ଖର୍ଚ୍ଚ ମୁଖ୍ୟତଃ ସୁଧ ପ୍ରଦାନ ବେତନ ଏବଂ ମଜୁରୀ ଖର୍ଚ୍ଚ ପେନସନ୍ ଓ ସବସିଡ୍ ଖର୍ଚ୍ଚ ଇତ୍ୟାଦିକୁ ନେଇ ଗଠିତ । 2009-14 ମଧ୍ୟରେ ଏହି ଖର୍ଚ୍ଚ ଗୁଡ଼ିକର ଉପାଦାନର ଧାରା ସାରଣୀ 1.16 ଏବଂ ଚାର୍ଟ 1.10 ରେ ଦର୍ଶାଯାଛି ।

**ସାରଣୀ 1.16 : ପ୍ରତିଶୃତି ବଦ୍ଧ ଖର୍ଚ୍ଚର ଉପାଦାନ**

(କୋଟି ଟଙ୍କାରେ)

| | 2009-10 | 2010-11 | 2011-12 | 2012-13 | 2013-14 | |
|---|---|---|---|---|---|---|
| | | | | | ବଜେଟ୍ ଆକଳନ | ପ୍ରକୃତ ଖର୍ଚ୍ଚ |
| ବେତନ* ଏବଂ ମଜୁରୀ ବାବଦ ଖର୍ଚ୍ଚ | 7945 (27) | 8969 (26) | 8868 (22) | 9615 (22) | 13684 | 10713 (22) |
| ଅଣଯୋଜନା କାର୍ଯ୍ୟ | 7484 | 8448 | 8385 | 9118 | 12443 | 10210 |
| ଯୋଜନା କାର୍ଯ୍ୟ ** | 461 | 521 | 483 | 497 | 1241 | 503 |
| ସୁଧ ପରିଶୋଧ | 3044 (10) | 3061 (9) | 2576 (6) | 2807 (6) | 5008 | 2888 (6) |
| ପେନ୍ସନ୍ ଖର୍ଚ୍ଚ | 3283 (11) | 4011 (12) | 4741 (12) | 5379 (12) | 6728 | 5935 (12) |
| ସବ୍ସିଡି | 1008 (4) | 1310 (4) | 1744 (4) | 1951 (4) | 1552 | 2031 (4) |
| ମୋଟ | **15280** | **17351** | **17929** | **19752** | **26972** | **21459** |

*ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ରାଜସ୍ୱ ପ୍ରାପ୍ତିର ପ୍ରତିଶତକୁ ଦର୍ଶାଏ । ବି. ଇ– ବଜେଟ୍ ଏଷ୍ଟିମେଟ୍ ।*

* *ଅନୁଦାନରୁ ଦିଆଯାଇଥିବା ବେତନ ଅନ୍ତର୍ଭୁକ୍ତ*

** *କେନ୍ଦ୍ରୀୟ ପ୍ରଯୋଜିତ ପରିକଳ୍ପନାରୁ ଦିଆଯାଇଥିବା ବେତନ ଏବଂ ମଜୁରୀ ଅନ୍ତର୍ଭୁକ୍ତ*

ଉତ୍ସ – ବିତ୍ତୀୟ ହିସାବ 2013-14 ଏବଂ ଓଡ଼ିଶା ବଜେଟ୍ ଏବଂ ପ୍ଲାନ୍ 2014-15.

**ଚାର୍ଟ1.10: 2011-14 ସମୟ ଅବଧି ମଧରେ ଅଣ ଯୋଜନା ରାଜସ୍ୱ ପ୍ରତିଶ୍ରୁତି ବଦ୍ଧ ବ୍ୟୟର ଅଂଶ (ଶତକଡାରେ)**




**ଉତ୍ସ : ଓଡିଶା ସରକାରଙ୍କର ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ**

### *1.7.6.1 ବେତନ*

2009-10 ରେ ବେତନ ବାବଦରେ ହୋଇଥିବା ଖର୍ଚ୍ଚ 7945 କୋଟି ଟଙ୍କା ହୋଇଥିବାବେଳେ 2013-14 ରେ ଏହା 10713 କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା ଯାହାକି ଚଳିତ ଯାହାକି ଚଳିତ ବର୍ଷ ରାଜ୍ୟ ସରକାରଙ୍କର ରାଜସ୍ୱ ପ୍ରାପ୍ତି 22 ପ୍ରତିଶତ ଏବଂ ଅଣ ଯୋଜନା ରାଜସ୍ୱ ବ୍ୟୟର 35 ପ୍ରତିଶତ ଅଟେ । ଯାହା ହେଉ 2013-14 ରେ ବେତନ ବାବଦରେ ଖର୍ଚ୍ଚ (10713 କୋଟି ଟଙ୍କା) ତ୍ରୟୋଦଶ ଅର୍ଥ କମିଶନଙ୍କ ଆକଳନ 7749 କୋଟି ଟଙ୍କା ଆକଳନ ଠାରୁ 2964 କୋଟି ଟଙ୍କା ଅଧିକ ହୋଇଥଲା । ବେତନ ବାବଦ ଖର୍ଚ୍ଚ 2012-13 ରେ ମୋଟ ରାଜସ୍ୱ ବ୍ୟୟର 25 ପ୍ରତିଶତ ଥିଲା । ଯଦିଓ 2013-14 ରେ ଏହା 23 ପ୍ରତିଶତ ଥିଲା ।

### *1.7.6.2 ସୁଧ ପରିଶୋଧ*

ଚଳିତ ବର୍ଷ 2013-14 ପାଇଁ ସୁଧ ପରିଶୋଧ (2888 କୋଟି ଟଙ୍କା ) ଯାହା ପୂର୍ବ ବର୍ଷ (2807 କୋଟି ଟଙ୍କା ) ଅପେକ୍ଷା 81 କୋଟି ଟଙ୍କାର ଧାରୀୟ ବୃଦ୍ଧି ହୋଇଥିଲା ଏବଂ ଏମ୍. ଟି. ଏଫ୍.ପି ରେ ହୋଇଥିବା ନିର୍ଦ୍ଧାରଣ(5008 କୋଟି ଟଙ୍କା) ଏବଂ ତ୍ରୟୋଦଶ ଅର୍ଥ ଆୟୋଗର ନିର୍ଦ୍ଧାରଣ (5051 କୋଟି ଟଙ୍କା) ଏବଂ ବଜେଟ୍ ଆକଳନ (5008 କୋଟି ଟଙ୍କା) ଠାରୁ କମ୍ ହୋଇଥିଲା । 2013-14 ରେ ସୁଧ ପରିଶୋଧ ମୋଟ ରାଜସ୍ୱ ପ୍ରାପ୍ତିର ଛଅ ପ୍ରତିଶତ ଥିଲା ଯାହାକି ଏମ୍.ଟି.ଏଫ୍.ପି ର ନିର୍ଦ୍ଧାରଣ 9.76 ପ୍ରତିଶତ ଠାରୁ କମ୍ ଥିଲା ।

### *1.7.6.3 ପେନସନ୍*

ପେନସ୍‌ନ ବ୍ୟୟ ଭାର (5935 କୋଟି ଟଙ୍କା ) 2009-10 ରେ 3283 କୋଟି ଟଙ୍କାରୁ 2013-14 ରେ 5935 କୋଟି ଟଙ୍କାକୁ 81 ପ୍ରତିଶତ ମାତ୍ରାଧିକ ବୃଦ୍ଧି ଘଟିଥିଲା ଯାହାକି ରାଜ୍ୟର ସମୁଦାୟ ରାଜସ୍ୱ ପ୍ରାପ୍ତିର 12 ପ୍ରତିଶତ ଥିଲା । ଏହି ବ୍ୟୟ ଭାର 2012-13 ରେ 5379 କୋଟି ଟଙ୍କାରୁ 556 କୋଟି ଟଙ୍କା ବୃଦ୍ଧିପାଇ 2013-14 ରେ 5935 କୋଟି ଟଙ୍କାରେ ପହଞ୍ଚିଥିଲା ଯାହାକି ସରକାରୀ କର୍ମଚାରୀଙ୍କୁ ପେନ୍‌ସନ ଓ ଅନ୍ୟାନ୍ୟ ଅବସର କାଳୀନ ଭତ୍ତା ଦେୟ ଯୋଗୁ ହୋଇଥିଲା । ଏଫ୍.ଆର.ବି.ଏମ୍ ଆକ୍ଟ 2005 ଅନୁସାରେ ସରକାର ଠିକ୍‌ଭାବରେ ଆଗାମୀ ଦଶ ବର୍ଷ ପାଇଁ ବାର୍ଷିକ ପେନ୍‌ସନ୍ ଆକଳନ କରିନଥିଲେ । ଚଳିତ ବର୍ଷରେ ପେନ୍‌ସନ୍ ପ୍ରଦାନ ସେହି ବର୍ଷ ପାଇଁ ତ୍ରୟୋଦଶ ଅର୍ଥ ଆୟଗର ନିର୍ଦ୍ଧାରଣ (3506 କୋଟି ଟଙ୍କା) ଠାରୁ ଅଧିକ ଥିଲା ।

ପେନ୍‌ସନ୍ ଭାର ପରିଚାଳନା କରିବା ପାଇଁ ରାଜ୍ୟ ସରକାର ଜାନୁଆରୀ 2005 ଠାରୁ ନିଯୁକ୍ତି ପାଇଥିବା ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପରିଭାଷିତ ଅଂଶଦାନ ପେନ୍‌ସନ୍ ଯୋଜନା ପ୍ରବର୍ତ୍ତନ କରିଛନ୍ତି । ରାଜ୍ୟ ସରକାର ମୁମ୍ବାଇ ରେ ଏନ୍.ଏସ୍.ଡି.ଏଲ୍ ଏବଂ ନୂଆଦିଲ୍ଲୀର ଏନ୍.ପି.ଏସ୍ ପରି କ୍ରେନ୍ଦ୍ରୀୟ ରେକର୍ଡ ରକ୍ଷକ ସଂସ୍ଥା ସହିତ କାର୍ଯ୍ୟନିର୍ବାହ ଚୁକ୍ତି କରିଛନ୍ତି । କର୍ମଚାରୀଙ୍କ ଅଂଶଦାନ ଓ ନିୟୋଜକ ଅଂଶଦାନ ବାବଦରେ 29.62 କୋଟି ଟଙ୍କା ସରକାରୀ ହିସାବ (8342-ଅନ୍ୟ ଜମା) ରେ ଜାତୀୟ ପେନ୍‌ସନ୍ ଟ୍ରଷ୍ଟକୁ ହସ୍ତାନ୍ତର କରିବାକୁ ରଖାଯାଇଛ । ଏହି ପରି ରାଜ୍ୟ ସରକାରଙ୍କର ଦେୟ 31 ମାର୍ଚ୍ଚ 2014 ସୁଦ୍ଧା 29.62 କୋଟି ଟଙ୍କା ଥିଲା । ଏହି ଜମା ଜାତୀୟ ପେନ୍‌ସନ୍ ଟ୍ରଷ୍ଟ କୁ ହସ୍ତାନ୍ତର କରାଯାଇନାହିଁ ଓ ଏଥିପାଇଁ ପରିଭାଷିତ ଅଂଶଦାନ ପେନ୍‌ସନ୍ ଯୋଜନା ଭବିଷ୍ୟତ ପେନ୍‌ସନ୍ ଦେୟର ମୂଳ ଉଦ୍ଦେଶ୍ୟକୁ ପ୍ରତିହତ କରିଥିଲା ।

ତ୍ରୟୋଦଶ ଅର୍ଥ ଆୟୋଗ (ସେପ୍ଟେମ୍ବର 2010) ରେ 10 କୋଟିର ଅନୁଦାନ ରାଜ୍ୟକୁ କର୍ମଚାରୀ ଏବଂ ପେନ୍‌ସନ୍ ଭୋଗୀ ର ତଥ୍ୟାବଳୀକୁ ଇଲେକ୍‌ଟ୍ରୋନିକ୍ ପେରୋଲ୍ ଓ ପେନ୍‌ସନ୍ ଦେୟ ସଙ୍ଗେ ସମନ୍ୱିତ କରି ନିର୍ଭୁଲ୍ ଦେୟ ପାଇଁ ସହୋଯଗ କରିଥିଲେ । ଏହା ମଧ୍ୟରୁ ଓଡ଼ିଶା ସରକାର 2.50 କୋଟି ଟଙ୍କା 2010-11 ର ଉଠାଇଥିଲେ । ବାକିଥିବା 7.50 କୋଟି ଟଙ୍କା ତଥ୍ୟାବଳୀର ସୃଷ୍ଟି ପରେ ତ୍ରୟୋଦଶ ଅର୍ଥ ଆୟୋଗ ଦ୍ୱାରା ଦେବାରଥିଲା । ତ୍ରୟୋଦଶ ଅର୍ଥ ଆୟୋଗ ଏହି ତଥ୍ୟବଳୀ ତିନିବର୍ଷ ତାହା ହେଉଛି 2012-13 ବର୍ଷ ସୁଦ୍ଧା ସାରିବାକୁ ଅନୁମୋଦନ କରିଥିଲେ । କିନ୍ତୁ ସରକାର ଏପର୍ଯ୍ୟନ୍ତ ତଥ୍ୟବଳୀ ପ୍ରସ୍ତୁତ କରିପାରିନାହାନ୍ତି ।

ସରକାର ଦର୍ଶାଇଲେ (ଅକ୍ଟୋବର 2014)ଯେ, କର୍ମଚାରୀ ଅଂଶ ସହିତ ନିୟୋଜକଙ୍କ ଅଂଶକୁ ମାସିକ ଭିତ୍ତିରେ ଏନ୍.ଏସ୍.ପି.ଏଲ ମାଧ୍ୟମରେ ସଂପୃକ୍ତ ନିଧି ପରିଚାଳନା ସଂସ୍ଥାକୁ ପ୍ରେରଣ କରିବାର ବ୍ୟବସ୍ଥା କରାଯାଇଛି । ଓଡିଶା କୋଷାଗାର ଓ ନିରୀକ୍ଷକ ନିର୍ଦ୍ଦେଶକ(ଡିଟିଆଇଓ) ଦ୍ୱାରା ପ୍ରଧାନ ମହାଲେଖାକାରଙ୍କର(ହିସାବ ଓ ହକ୍‌ଦାରୀ)ଙ୍କର ପରାମର୍ଶରେ ଏହାର ପ୍ରକାର ଭିତି ପ୍ରସ୍ତୁତ ହୋଇଛି ।

ରାଜ୍ୟ ପେନ୍‌ସନ ଭୋଗୀଙ୍କର ତଥ୍ୟାବଳୀ ପ୍ରତିଷ୍ଠା ସମ୍ବନ୍ଧରେ ସରକାର ଦର୍ଶାଇଥିଲେ ଯେ ଓଡିଶା କୋଷାଗାର ପରିଚାଳନା ପଦ୍ଧତି(ଆର.ଓ.ଟି.ଏମ.ଏମ) ରେ ସରକାର ଏହି ତଥ୍ୟାବଳୀ ପ୍ରସ୍ତୁତ କରିଛନ୍ତି । ସମସ୍ତ କର୍ମଚାରୀଙ୍କର ତଥ୍ୟାବଳୀକୁ ଗ୍ରହଣ କରିବା ପାଇଁ ଗୋଟିଏ ମାନବ ସମ୍ବଳ ପରିଚାଳନା ପଦ୍ଧତି ପ୍ରସ୍ତୁତ ହୋଇସାରିଛି । ଯାହାହେଉ, ଏପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କ ତଥ୍ୟାବଳୀକୁ ଗ୍ରହଣ ନ କରିବା ଫଳରେ ରାଜ୍ୟ 7.5 କୋଟି ଅନୁଦାନ ପାଇବାରୁ ବଞ୍ଚିତ ହୋଇଛି ।

### *1.7.6.4 ସବସିଡି*

ଜନ ସମୁଦାୟଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସମାଜରେ ଅସୁବିଧାରେ ଥିବା ଲୋକଙ୍କୁ ରାଜ୍ୟ ସବସିଡି ସୁଧ ପ୍ରଦାନ କରିଥାଏ । ସବସିଡି କେବଳ ବାହ୍ୟ ଭାବରେ ନୁହେଁ । ସବସିଡି ଯୁକ୍ତ ଜନସେବା ଅର୍ନ୍ତନିହିତ ଭାବରେ ମଧ୍ୟ ଯୋଗାଇ ଦିଆଯାଇଥାଏ । ସରକାରଙ୍କ ନିର୍ବିବାଦ ସବସିଡି ଭାଗରେ ଅର୍ଥନୈତିକ ଅନୁଷ୍ଠାନକୁ ଆକଳନରେ ସାହାଯ୍ୟ, ଅଫେରସ୍ତ ପୁଞ୍ଜି ଏବଂ ସାମାଜିକ ଓ ଅର୍ଥନୈତିକ ସେବାରୁ ଅନାଦେୟ ବ୍ୟବହାରିକ ଅର୍ଥ ବ୍ୟବସ୍ଥା ଅଛି ।

ରାଜ୍ୟ ସରକାର ଏହାର 2007-08 ବର୍ଷର ଏମ.ଟି.ଏଫ.ପି ରେ ସାଧାରଣ ସବସିଡିକୁ ତର୍କ ସଂଗତ କରିବା ଏବଂ ପର୍ଯ୍ୟାୟ କ୍ରମେ 2005-06 ବର୍ଷରୁ ବାର୍ଷିକ 10 ପ୍ରତିଶତ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖିଥିଲେ । ଯାହାହେଉ ସବସିଡି ବାବଦକୁ ଦେୟ 2009-10 ରେ 1008 କୋଟିରୁ ବୃଦ୍ଧି ପାଇ 2013-14 ରେ 2061 କୋଟି (104 ପ୍ରତିଶତର ଉର୍ଦ୍ଧ୍ୱ) ହୋଇଥିଲା । ସେଥିରେ ଖାଦ୍ୟ ସବସିଡିର ପରିମାଣ 1283 କୋଟି ଟଙ୍କା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ କିଲୋ ଏକ ଟଙ୍କାରେ ଚାଉଳ ବିତରଣ କରିବାର ପରିକଳ୍ପନା, ପ୍ରାକୃତିକ ଦୁର୍ବିପାକରେ କ୍ଷତିଗ୍ରସ୍ତ ହୋଇଥିବା କୃଷକମାନଙ୍କୁ କୃଷି ଉପକରଣ କିଣିବା ପାଇଁ 341 କୋଟି ଟଙ୍କା ସାହାଯ୍ୟ, ଓଡ଼ିଶା ଉଠାଜଳସେଚନ ନିଗମକୁ 157 କୋଟି ଟଙ୍କା ସବ୍‌ସିଡି ଏବଂ ସମବାୟ ବ୍ୟାଙ୍କ ଗୁଡିକରେ ପାଞ୍ଚ ପ୍ରତିଶତ ବାର୍ଷିକ ସୁଧ ହିସାବରେ କୃଷକମାନଙ୍କୁ ଶସ୍ୟ ଋଣ ଦେବା ପାଇଁ 136 କୋଟି ଟଙ୍କାର ସୁଧ ସବସିଡି ପ୍ରଦାନ ଯୋଗୁ ହୋଇଥିଲା ।

### *1.7.6.5 ଭବିଷ୍ୟତ ପ୍ରତିଶ୍ରୁତିବଦ୍ଧ ଦେୟ*

ବିତ୍ତୀୟ ହିସାବ 2013-14 ରେ ***ପରିଶିଷ୍ଟ XIV*** ରେ ରାଜ୍ୟର ଭବିଷ୍ୟତର ପ୍ରତିଶ୍ରୁତିବଦ୍ଧ ଦେୟ ବିଶଦ ଭାବେ ସାରଣୀ 1.17ରେ ଚିତ୍ରଣ କରାଯାଇଛି ।

**ସାରଣୀ 1.17: ରାଜ୍ୟର ପ୍ରତିଶ୍ରୁତି ବଦ୍ଧ ଭବିଷ୍ୟତ ଦେୟ**

(କୋଟି ଟଙ୍କାରେ)

| କ୍ର.ସଂ. | ଦେୟର ପ୍ରକୃତି | ଯୋଜନା | ଅଣ ଯୋଜନା | ସମ୍ଭାବ୍ୟ ବର୍ଷ ଦେୟର | ବଳକା ରାଶି |
|---|---|---|---|---|---|
| 1. | ପେନ୍‌ସନ୍ | 0 | 66667.02 | 2014-20 | 66667.02 |
| 2. | ସୁଧ ପରିଶୋଧ | 0 | 36488.51 | 2014-20 | 36488.51 |
| 3. | ଋଣ ପରିଶୋଧ | 0 | 12211.44 | 2014-20 | 12211.44 |
| | ମୋଟ | 0 | 115366.97 | | 115366.97 |

**ଉତ୍ସ:** ଓଡ଼ିଶା ସରକାରଙ୍କ (ବିତ୍ତୀୟ ହିସାବ 2013-14 )

ସମୁଦାୟ ପ୍ରତିଶ୍ରୁତିବଦ୍ଧ ଦେୟ ବର୍ଷର ଶେଷ ସୁଦ୍ଧା 115367 କୋଟି ଟଙ୍କା ଥିଲା । ସମୁଦାୟ ଦେୟ ମଧ୍ୟରୁ ପେନସନ ଦେୟ 58 ପ୍ରତିଶତ, ସୁଧ ପରିଶୋଧ 32 ପ୍ରତିଶତ ଏବଂ ଋଣ ପରିଶୋଧ 10 *ପ୍ରତିଶତ* ଥିଲା ।

### *1.7.7 ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାନୀୟ ସଂସ୍ଥା ଏବଂ ଅନ୍ୟାନ୍ୟ ଅନୁଷ୍ଠାନକୁ ବିତ୍ତୀୟ ସହାୟତା*

ବିଗତ ବର୍ଷମାନଙ୍କ ତୁଳନାରେ ସ୍ଥାନୀୟ ସଂସ୍ଥା ଏବଂ ଅନ୍ୟମାନଙ୍କୁ ଚଳିତ ବର୍ଷ ଦିଆଯାଇଥିବା ଅନୁଦାନ ସହାୟତା **ସାରଣୀ 1.18** ରେ ଦର୍ଶାଯାଇଛି ।

**ସାରଣୀ 1.18: ସ୍ଥାନୀୟ ସଂସ୍ଥାମାନଙ୍କୁ ବିତ୍ତୀୟ ସହାୟତା ଇତ୍ୟାଦି**

(*କୋଟି ଟଙ୍କାରେ*)

| | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| ଶିକ୍ଷା ଅନୁଷ୍ଠାନ( ସହାୟତା ପ୍ରାପ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଇତ୍ୟାଦି) | 697 | 1722 | 1859 | 668 | 1090 |
| ମହାନଗର ନିଗମ ଏବଂ ନଗର ପାଳିକା | 645 | 1168 | 591 | 804 | 1359 |
| ଜିଲ୍ଲା ପରିଷଦ ଏବଂ ଅନ୍ୟାନ୍ୟ ପଞ୍ଚାୟତିରାଜ ସଂସ୍ଥା | 3062 | 3556 | 1149 | 1227 | 1246 |
| ଉନ୍ନୟନ ସଂସ୍ଥା | 88 | 582 | 908 | 692 | 510 |
| ଅନ୍ୟାନ୍ୟ ସଂସ୍ଥା ( ସ୍ୱାୟତ୍ତ ସଂସ୍ଥା) | 2230 | 2058 | 4558 | 3632 | 5290 |
| ମୋଟ | **6722** | **9086** | **9065** | **7023** | **9495** |
| ଆର୍.ଇ.ଇ. ର ପ୍ରତିଶତ ହିସାବରେ ସହାୟତା | 28 | 31 | 26 | 18 | 21 |

**ଉତ୍ସ:** ବିତ୍ତୀୟ ହିସାବ ଓଡ଼ିଶା ସରକାର

ସ୍ଥାନୀୟ ନିକାୟ ଓ ଅନ୍ୟାନ୍ୟ ସଂସ୍ଥାଗୁଡିକୁ ଦିଆଯାଇଥିବା ସହାୟତା 2012-13 ରେ 7023 କୋଟି ଟଙ୍କାରୁ 2472 କୋଟି ଟଙ୍କା (35 ପ୍ରତିଶତ) ଆଶାଶୀତ ବୃଦ୍ଧି ପାଇ 2013-14 ରେ 9495 କୋଟି ଟଙ୍କାର ପହଞ୍ଚିଛି । ବିଗତ ବର୍ଷ ତୁଳନାରେ ଏହି ବୃଦ୍ଧି ମହାନଗର ନିଗମ ଏବଂ ନଗରପାଳିକା (555 କୋଟି), ଶିକ୍ଷାନୁଷ୍ଠାନ(422 କୋଟି ) ଏବଂ ଅନ୍ୟାନ୍ୟ ସଂସ୍ଥା (1658 କୋଟି ଟଙ୍କା) ଏବଂ ଜିଲ୍ଲା ପରିଷଦ ଏବଂ ଅନ୍ୟାନ୍ୟ ପଞ୍ଚାୟତିରାଜ ଅନୁଷ୍ଠାନ (19 କୋଟି ଟଙ୍କା)କୁ ସହାୟତା ବୃଦ୍ଧି ଏବଂ ଉନ୍ନୟନ ସଂସ୍ଥା(182 କୋଟି ଟଙ୍କା) କୁ ସହାୟତା ହ୍ରାସ ଫଳରେ ମୋଟ ରାଜସ୍ୱ ବ୍ୟୟର ଏହି ଅନୁଦାନ ଓ ଋଣ 2012-13 ରେ 18 ପ୍ରତିଶତରୁ 21 ପ୍ରତିଶତକୁ ବୃଦ୍ଧି ପାଇଥିଲା ।

## 1.8 ଖର୍ଚ୍ଚର ଗୁଣବତ୍ତା

ସାଧାରଣତଃ ରାଜ୍ୟର ସାମାଜିକ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତମାନର ଭିତ୍ତି ସଂରଚନାର ଉପଲବ୍ଧତା ଉପରେ ବ୍ୟୟର ଗୁଣବତ୍ତା ପ୍ରକଟିତ ହୁଏ । ବ୍ୟୟ ଗୁଣବତ୍ତାର ଉନ୍ନତି ମୁଖ୍ୟତଃ ତିନୋଟି ଦିଗ ଉପରେ ନିର୍ଭର କରେ ଯଥା- ବ୍ୟୟର ପର୍ଯ୍ୟାପ୍ତତା (ଜନ ସେବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା), ବ୍ୟୟର ଦକ୍ଷତା(ସମୟାନୁଯାୟୀ ନିବେଶ ଉତ୍ପାଦନ ସଂପର୍କ ନିର୍ଦ୍ଧାରଣ) ଏବଂ ବ୍ୟୟ ଫଳପ୍ରସୂତା(ଚୟନ ହୋଇଥିବା ସେବାର ବ୍ୟୟ ପରିଣାମ ସଂପର୍କ ନିର୍ଦ୍ଧାରଣ) ।

### *1.8.1 ସାଧାରଣତଃ ବ୍ୟୟର ପର୍ଯ୍ୟାପ୍ତତା*

ରାଜ୍ୟ ବିଷୟଗୁଡିକରେ ସାମାଜିକ କ୍ଷେତ୍ର ଏବଂ ଅର୍ଥନୈତିକ ଭିତ୍ତି ସଂରଚନା ବ୍ୟୟର ଦାୟିତ୍ୱ ବିଶେଷ ଭାବରେ ରାଜ୍ୟ ସରକାରଙ୍କୁ ନ୍ୟସ୍ତ କରାଯାଇଛି । ରାଜ୍ୟ ତାର ବ୍ୟୟର ହାର ମାନବ ବିକାଶ ପାଇଁ ସାମାଜିକ ସେବା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଉପରେ ବଢାଇବା ଦରକାର କରୁଛି । ରାଜ୍ୟର ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯଦି ସେହି କ୍ଷେତ୍ରରେ ଏବଂ ମୋଟ ବ୍ୟୟ ମଧ୍ୟରେ ଅନୁପାତ ଜାତୀୟ ହାରାହାରି ମୂଲ୍ୟଠାରୁ କମ୍ ଥିବ ତାର ନିମ୍ନ ଆର୍ଥିକ ଅଗ୍ରାଧିକାର(ନିର୍ଦ୍ଦିଷ୍ଟ ବର୍ଗର ବ୍ୟୟ ଓ ହାରାହାରି ବ୍ୟୟର ଅନୁପାତ) ବ୍ୟୟର ପ୍ରକାର ବୋଲି ବିବେଚନା କରାଯିବ । ***ସାରଣୀ 1.19*** ରେ 2013-14

ବର୍ଷ ମଧ୍ୟରେ ଉନ୍ନୟନମୂଳକ ବ୍ୟୟ, ସାମାଜିକ ସମ୍ବନ୍ଧୀୟ ବ୍ୟୟ ଏବଂ ପୁଞ୍ଜିଗତ ବ୍ୟୟ ଅନୁସାରେ ରାଜ୍ୟ ସରକାରଙ୍କ ଆର୍ଥିକ ଅଗ୍ରାଧିକାର ଏବଂ ଆର୍ଥିକ କ୍ଷମତା ବିଶ୍ଳେଷଣ କରାଯାଇଛି ।

**ସାରଣୀ 1.19: 2010-11 ଏବଂ 2013-14 ମଧ୍ୟରେ ରାଜ୍ୟ ସରକାରଙ୍କ ବିତ୍ତୀୟ ଅଗ୍ରାଧିକାର ଓ ବିତ୍ତୀୟ କ୍ଷମତା**

*(ପ୍ରତିଶତରେ)*

| ରାଜ୍ୟ ଦ୍ୱାରା ହୋଇଥିବା ବିତ୍ତୀୟ ଅଗ୍ରାଧିକାର | ଏ.ଇ / ଜି.ଏସ୍.ଡି.ପି | ଡି.ଇ #/ ଏ.ଇ | ଏସ୍.ଏସ୍. ଇ / ଏ.ଇ | ସି.ଇ / ଏ.ଇ | ଶିକ୍ଷା / ଏ.ଇ | ସ୍ୱାସ୍ଥ୍ୟ / ଏ.ଇ |
|---|---|---|---|---|---|---|
| **ସାଧାରଣ ବର୍ଗର ରାଜ୍ୟ ହାରାହାରି (ଅନୁପାତ)** 2010-11 | 15.78 | 65.09 | 36.88 | 13.49 | 17.48 | 4.37 |
| ଓଡ଼ିଶା ରାଜ୍ୟର ହାରାହାରି ( ଅନୁପାତ) 2010-11 | 17.47 | 68.62 | 37.41 | 12.61 | 19.47 | 3.75 |
| **ସାଧାରଣ ବର୍ଗ ରାଜ୍ୟ*ର ହାରାହାରି (ଅନୁପାତ)**2013-14 | 15.92 | 66.45 | 37.56 | 13.62 | 17.20 | 4.51 |
| ଓଡ଼ିଶା ରାଜ୍ୟର ହାରାହାରି ( ଅନୁପାତ) 2013-14 | 18.67 | 71.86 | 37.98 | 14.41 | 15.67 | 3.63 |

ଜି.ଏସ୍.ଡି.ପି.ର ପ୍ରତିଶତ ଅନୁଯାୟୀ

*(ଏ.ଇ) -ହାରାହାରି ଖର୍ଚ୍ଚ (ଡି.ଇ) -ଉନ୍ନୟନ ଖର୍ଚ୍ଚ, (ଏସ.ଏସ.ଇ)-ସାମାଜିକ କ୍ଷେତ୍ରର ଖର୍ଚ୍ଚ (ସି.ଇ)-ପୁଞ୍ଜିଗତ ଖର୍ଚ୍ଚ
# ରାଜସ୍ୱ ଉନ୍ନୟନ ଖର୍ଚ୍ଚ, ଉନ୍ନୟନ ପୁଞ୍ଜି ଖର୍ଚ୍ଚ ବିତରିତ ହୋଇଥିବା ଋଣ ଏବଂ ଅଗ୍ରୀମ ଉନ୍ନୟନ ଖର୍ଚ୍ଚ ମଧ୍ୟରେ ସାମିଲ ଅଟେ ।

**ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ**

- ଏ.ଇ.ଏବଂ ଜି.ଏସ.ଡି.ପିର ଅନୁପାତ 2010-11 ରେ ଏବଂ 2013-14 ରେ (17.47 *ପ୍ରତିଶତ* ଏବଂ 18.67 *ପ୍ରତିଶତ*) ଓଡ଼ିଶାରେ ଅନ୍ୟ ସାଧାରଣ ବର୍ଗର ରାଜ୍ୟ (15.78 *ପ୍ରତିଶତ* ଓ 15.92 *ପ୍ରତିଶତ*) ତୁଳନାରେ ଅଧିକ ଥିଲା ।
- ସାଧାରଣ ବର୍ଗ ରାଜ୍ୟମାନଙ୍କ ତୁଳନାରେ 2010-11 ଏବଂ 2013-14 ରେ ଓଡିଶାର ଉନ୍ନୟନ ଖର୍ଚ୍ଚ, ହାରାହାରି ଖର୍ଚ୍ଚ ଅନୁପାତରେ ବହୁତ ଅଧିକ ହୋଇଥିଲା । ଉନ୍ନୟନ ଖର୍ଚ୍ଚ ଉଭୟ ଅର୍ଥନୈତିକ ସେବା ଖର୍ଚ୍ଚ ଓ ସାମାଜିକ କ୍ଷେତ୍ର ଖର୍ଚ୍ଚର ସମନ୍ୱୟ ଅଟେ ।
- ସାଧାରଣ ବର୍ଗର ରାଜ୍ୟମାନଙ୍କ ତୁଳନାରେ 2010-11 ରେ ଓଡ଼ିଶାର ପୁଞ୍ଜିଗତ ଖର୍ଚ୍ଚ, ହାରାହାରି ଖର୍ଚ୍ଚ ଅନୁପାତରେ କମ୍ ହୋଇଥିଲା । ଯାହାହେଉ, 2013-14 ରେ ଓଡ଼ିଶା ଅନ୍ୟ ସାଧାରଣ ବର୍ଗ ରାଜ୍ୟମାନଙ୍କ ତୁଳନାରେ ଏହି ବାବଦରେ ଅଧିକ ସମାନୁପାତରେ ଖର୍ଚ୍ଚ କରିଛି । ବସ୍ତୁଗତ ପୁଞ୍ଜି ଆହାରଣର ପ୍ରାଧାନ୍ୟ ବୃଦ୍ଧି କରାଗଲେ ସ୍ଥାୟୀ ସମ୍ପତ୍ତି ବୃଦ୍ଧି ଦ୍ୱାରା ରାଜ୍ୟର ବିକାଶ ସମ୍ଭବ ।
- ଓଡ଼ିଶାରେ ଶିକ୍ଷାକୁ ବିତ୍ତୀୟ ଅଗ୍ରାଧିକାର ଅନ୍ୟ ସାଧାରଣ ବର୍ଗ ରାଜ୍ୟ ତୁଳନାରେ 2010-11 ରେ ଅଧିକ ଥିଲା । କିନ୍ତୁ 2013-14 ରେ ଏହି କ୍ଷେତ୍ରକୁ ରାଜ୍ୟ ଅନ୍ୟ ସାଧାରଣ ବର୍ଗ ରାଜ୍ୟ ତୁଳନାରେ କମ୍ ବିତ୍ତୀୟ ଅଗ୍ରାଧିକାର ଦେଇଥିଲା ।
- 2010-11 ଓ ଚଳିତ ବର୍ଷ ଓଡ଼ିଶାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିତ୍ତୀୟ ଅଗ୍ରାଧିକାର ହାରାହାରି ଖର୍ଚ୍ଚର ଅନୁପାତରେ ଅନ୍ୟ ସାଧାରଣ ବର୍ଗର ରାଜ୍ୟମାନଙ୍କ ତୁଳନାରେ କମ୍ ରହିଥିଲା । ଅଧିକ ବିତ୍ତୀୟ ଅଗ୍ରାଧିକାର ଏହି କ୍ଷେତ୍ରରେ ଆବଶ୍ୟକ ଅଛି ।

### *1.8.2 ଖର୍ଚ୍ଚ ବ୍ୟବହାର ଦକ୍ଷତା*

ଉନ୍ନତ ମାନର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ସରକାରଙ୍କୁ ଯୋଗ୍ୟ ଓ ମୌଳିକ ସାମଗ୍ରୀ[4] ଯୋଗାଇବା ପାଇଁ ତର୍କ ସଙ୍ଗତ ଉପାୟ ଅବଲମ୍ବନ କରିବାକୁ ପଡିବ । ଉନ୍ନୟନମୂଳକ ଖର୍ଚ୍ଚ[5] ଆବଣ୍ଟନରେ ଉନ୍ନତି ବ୍ୟତିରେକ ସାମ୍ପ୍ରତିକ

[4] ମୌଳିକ ସାମଗ୍ରୀ କହିଲେ ଯାହା ଜଣେ ବ୍ୟକ୍ତି ଉପଭୋଗ କଲେ ଅନ୍ୟ ଜଣଙ୍କ ଉପଭୋଗରେ ବାଧା ସୃଷ୍ଟି ହୁଏ ନାହିଁ । ଯଥା- ଆଇନ୍ ଶୃଙ୍ଖଳାର ପ୍ରବର୍ତ୍ତନ, ଅନ୍ୟମାନଙ୍କର ଅଧିକାରର ସୁରକ୍ଷା, ପ୍ରଦୁଷଣ ମୁକ୍ତ ବାୟୁ, ଅନ୍ୟ ପରିବେଶଗତ ବସ୍ତୁ ଏବଂ ରାସ୍ତାଘାଟ ସମ୍ବନ୍ଧୀୟ

ବର୍ଷ ମାନଙ୍କରେ ଋଣ ପରିଶୋଧରେ ହ୍ରାସ ଏବଂ 2005-06 ଠାରୁ ରାଜସ୍ୱ ବଳକା ହେବାରୁ ବିତ୍ତୀୟ ସ୍ଥାନ ସୃଷ୍ଟିର ଆବଶ୍ୟକତା ରହିଛି । ଖର୍ଚ୍ଚ ବ୍ୟବହାର ଦକ୍ଷତା ପୁଞ୍ଜିଗତ ଖର୍ଚ୍ଚ ଓ ସମୁଦାୟ ଖର୍ଚ୍ଚ (ଏବଂ / କିମ୍ବା ଜି.ଏସ.ଡି.ପି)ର ଅନୁପାତ ଏବଂ ବିଦ୍ୟମାନ ଥିବା ସାମାଜିକ ଏବଂ ଅର୍ଥନୈତିକ ସେବାର କର୍ମ ସଂପାଦନ ଓ ରକ୍ଷଣାବେକ୍ଷଣରେ ହୋଇଥିବା ରାଜସ୍ୱ ଖର୍ଚ୍ଚକୁ ପ୍ରତିଫଳିତ କରିଥାଏ । ସମୁଦାୟ ଖର୍ଚ୍ଚରେ ଏହି ଉପାଦାନର ଅନୁପାତ ଯେତେ ଅଧିକ ହେବ ଖର୍ଚ୍ଚର ଗୁଣବତ୍ତା ସେତେ ଭଲ ହେବ । ***ସାରଣୀ 1.20*** ରେ ଚଳିତ ବର୍ଷ ଓ ବିଗତ ବର୍ଷମାନଙ୍କରେ ରାଜ୍ୟର ଉନ୍ନୟନମୂଳକ ଖର୍ଚ୍ଚ ଓ ହାରାହାରି ଖର୍ଚ୍ଚ ସମ୍ବନ୍ଧରେ ଦର୍ଶାଯାଇଛି । ***ସାରଣୀ 1.21*** ରେ ପ୍ରମୁଖ ସାମାଜିକ ଓ ଅର୍ଥନୈତିକ ସେବାର ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହୋଇଥିବା ପୁଞ୍ଜିଗତ ବ୍ୟୟ ଓ ରାଜସ୍ୱ ଖର୍ଚ୍ଚର ବିଶଦ ଭାବରେ ଦର୍ଶାଯାଇଛି ।

**ସାରଣୀ 1.20: ବିକାଶ ବ୍ୟୟ**

(କୋଟି ଟଙ୍କାରେ)

| ଉନ୍ନୟନମୂଳକ ଖର୍ଚ୍ଚର ଉପାଦାନ[$] | 2009-10 | 2010-11 | 2011-12 | 2012-13 | 2013-14 | |
|---|---|---|---|---|---|---|
| | | | | | (ବିଇ) | (ପ୍ରକୃତ) |
| **ଉନ୍ନୟନମୂଳକ ଖର୍ଚ୍ଚର (କ ରୁ ଗ)** | | | | | | |
| (କ) ଉନ୍ନୟନମୂଳକ ରାଜସ୍ୱ ଖର୍ଚ୍ଚ (ଡିଆରଇ) | 15600 (54) | 18999 (56) | 23070 (58) | 25173 (57) | 30395 | 31036 (58) |
| (ଖ) ଉନ୍ନୟନମୂଳକ ରାଜସ୍ୱ ଖର୍ଚ୍ଚ (ଡିସିଇ) | 3470 (12) | 4051 (12) | 4238 (11) | 5271 (12) | 7508 | 7286 (14) |
| (ଗ) ଉନ୍ନୟନ ପାଇଁ ଋଣ ଏବଂ ଅଗ୍ରୀମ | 89 (0.3) | 258 (0.8) | 401 (1) | 142 (0.3) | 112 | 364 (0.7) |
| **ମୋଟ** | **19159 (66)** | **23308 (69)** | **27709 (70)** | **30586 (69)** | **38015** | **38687 (72)** |

ବନ୍ଧନୀ ମଧ୍ୟରେ ଥିବା ସଂଖ୍ୟା ମୋଟ ଖର୍ଚ୍ଚର ପ୍ରତିଶତକୁ ବୁଝାଏ ।

* ଉତ୍ସ: ଓଡ଼ିଶା ବଜେଟ୍ ଏଟ୍ ଗ୍ଲାନ୍ସ 2014-15 ଏବଂ ବିତ୍ତୀୟ ହିସାବ 2013-14. ବିସ୍ତୃତ ବିବରଣୀ ***ପରିଶିଷ୍ଟ 1.3*** ରେ

[$] ସାମାଜିକ ଏବଂ ଅର୍ଥନୈତିକ ସେବାରେ ହେଉଥିବା ଖର୍ଚ୍ଚକୁ ନେଇ ଉନ୍ନୟନ ଖର୍ଚ୍ଚ ରୂପେ ଧରାଯାଏ ।

ଉନ୍ନୟନମୂଳକ ଖର୍ଚ୍ଚ ଯାହାକି ସାମାଜିକ ଓ ଅର୍ଥନୈତିକ ସେବାରେ ହୋଇଥିବା ରାଜସ୍ୱ, ପୁଞ୍ଜିଗତ ଏବଂ ଋଣ ଓ ଅଗ୍ରୀମ ଖର୍ଚ୍ଚକୁ ନେଇ ଗଠିତ 2009-10 ରେ 19159 କୋଟି ଟଙ୍କାରୁ ବୃଦ୍ଧି ପାଇ 2013-14 ରେ 38687 କୋଟି ଟଙ୍କା ହୋଇଥିଲା । ପ୍ରତିଶତ ହିସାବରେ ଏହା 2009-10 ରେ 66 ପ୍ରତିଶତରୁ 2013-14 ରେ 72 ପ୍ରତିଶତକୁ ବୃଦ୍ଧି ପାଇଥିଲା ।

ଉପରୋକ୍ତ ସାରଣୀରୁ ଏହା ଦେଖାଯାଏ ଯେ ରାଜସ୍ୱ ଉନ୍ନୟନ ଖର୍ଚ୍ଚ 2009-10 ରେ 15600 କୋଟି ଟଙ୍କାରୁ ବୃଦ୍ଧି ପାଇଁ 2013-14 ରେ 31036 କୋଟି ଟଙ୍କା ହୋଇଥିଲା । ଏହି ବୃଦ୍ଧି ପାଖାପାଖି 99 ପ୍ରତିଶତ ଥିଲା ।

2013-14 ରେ ଉନ୍ନୟନ ରାଜସ୍ୱ ଖର୍ଚ୍ଚ 5863 କୋଟି ଟଙ୍କା (23 *ପ୍ରତିଶତ*) ଏବଂ ଉନ୍ନୟନ ପୁଞ୍ଜିଗତ ଖର୍ଚ୍ଚ 2015 କୋଟି ଟଙ୍କା (38 *ପ୍ରତିଶତ*) ପୂର୍ବ ବର୍ଷ ତୁଳନାରେ ବୃଦ୍ଧି ପାଇଥିଲା ।

ପୂର୍ବ ବର୍ଷ ତୁଳନାରେ 2013-14 ରେ ଏହି ଉନ୍ନୟନ ରାଜସ୍ୱ ଖର୍ଚ୍ଚରେ ବୃଦ୍ଧି ଶିକ୍ଷା (1019 କୋଟି ଟଙ୍କା), ଗ୍ରାମୀଣ ବିକାଶ (805 କୋଟି ଟଙ୍କା), କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ (597 କୋଟି ଟଙ୍କା), ଜଳ ଯୋଗାଣ, ପରିମଳ ଓ

---

ଭିତ୍ତିଭୂମି, ଯୋଗ୍ୟ ସାମଗ୍ରୀ କହଲେ ଯାହା ସରକାର ମାଗଣା ବା ରିହାତି ଦରରେ ଯୋଗାଇଥାନ୍ତି ଯଥା- ଗରିବ ଲୋକଙ୍କ ପାଇଁ ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ଇତ୍ୟାଦି ।

5 ଖର୍ଚ୍ଚର ବିଶ୍ଳେଷଣ ଦୁଇ ଭାଗରେ ଯଥା- ଉନ୍ନୟନମୂଳକ ବା ଅଣ ଉନ୍ନୟନମୂଳକ । ରାଜସ୍ୱ, ପୁଞ୍ଜିଗତ ଓ ଋଣ ଏବଂ ଅଗ୍ରୀମ ବାବଦରେ ତିନି ବର୍ଗରେ ଯଥା ସାମାଜିକ, ଅର୍ଥନୈତିକ ଓ ସାଧାରଣ ସେବାରେ ବିଭକ୍ତ । ସାମାଜିକ ଓ ଅର୍ଥନୈତିକ ସେବା ଉନ୍ନୟନମୂଳକ ଓ ସାଧାରଣ ସେବା ଅଣ ଉନ୍ନୟନମୂଳକ ଭାବେ ଗଣନା କରାଯାଇଥାଏ ।

ଗୃହ ଓ ନଗର ଉନ୍ନୟନ (477 କୋଟି ଟଙ୍କା), ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ (354 କୋଟି ଟଙ୍କା) ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ (131 କୋଟି ଟଙ୍କା) ଯୋଗୁଁ ହୋଇଥିଲା । ପୁଞ୍ଜିଗତ ବ୍ୟୟରେ ବିଗତ ବର୍ଷ ତୁଳନାରେ 2013-14 ରେ ବୃଦ୍ଧି ମୁଖ୍ୟତଃ ପରିବହନ(658 କୋଟି ଟଙ୍କା), ଶକ୍ତି କ୍ଷେତ୍ର (487 କୋଟି ଟଙ୍କା), ଜଳ ଯୋଗାଣ, ପରିମଳ ଓ ଗୃହ ଓ ନଗର ଉନ୍ନୟନ (389 କୋଟି ଟଙ୍କା) ଓ ଜଳସେଚନ ଏବଂ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ (206 କୋଟି ଟଙ୍କା) ଯୋଗୁଁ ହୋଇଥିଲା ।

**ସାରଣୀ 1.21: ଚୟନ ହୋଇଥିବା ସାମାଜିକ ଓ ଅର୍ଥନୈତିକ ସେବାରେ ବ୍ୟୟ ଦକ୍ଷତା**

(ପ୍ରତିଶତରେ)

| କ୍ଷେତ୍ର | 2012-13 | | | 2013-14 | | |
|---|---|---|---|---|---|---|
| | ମୋଟ ବ୍ୟୟ ପ୍ରତି ପୁଞ୍ଜିଗତ ବ୍ୟୟର ଅନୁପାତ | ରାଜସ୍ୱ ଖର୍ଚ୍ଚରେ ଅଂଶ | | ମୋଟ ବ୍ୟୟ ପ୍ରତି ପୁଞ୍ଜିଗତ ବ୍ୟୟର ଅନୁପାତ | ରାଜସ୍ୱ ଖର୍ଚ୍ଚରେ ଅଂଶ | |
| | | ଏସ୍ ଆଣ୍ଡ ଡବ୍ଲ୍ୟୁ | ଓ ଆଣ୍ଡ ଏମ୍ | | | ଏସ୍ ଆଣ୍ଡ ଡବ୍ଲ୍ୟୁ |
| **ସାମାଜିକ ସେବା (ଏସ୍.ଏସ୍)** | | | | | | |
| ସର୍ବଶିକ୍ଷା | 0.54 | 53.80 | NA | 1.85 | 53.19 | NA |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 4.75 | 61.81 | NA | 7.38 | 61.44 | NA |
| ଜଳଯୋଗାଣ, ପରିମଳ ଓ ଗୃହ ଏବଂ ଗ୍ରାମ୍ୟ ଉନ୍ନୟନ | 25.84 | 6.73 | 29.40 | 32.83 | 5.11 | 24.26 |
| **ମୋଟ (ଏସ୍. ଏସ୍)** | **7.45** | **36.32** | **2.18** | **8.44** | **32.36** | **2.05** |
| **ଅର୍ଥନୈତିକ ସେବା (ଇ.ଏସ୍)** | | | | | | |
| କୃଷି ଓ ତଦ୍‌ସମ୍ପର୍କ କାର୍ଯ୍ୟକ୍ରମ | 1.16 | 19.67 | NA | 3.32 | 18.41 | NA |
| ଜଳଯୋଗାଣ ଓ ବନ୍ୟା ନିୟନ୍ତ୍ରଣ | 65.80 | 16.01 | 40.90 | 61.30 | 13.45 | 28.34 |
| ବିଦ୍ୟୁତ୍ ଓ ଶକ୍ତି | 65.54 | 23.64 | 43.95 | 67.02 | 17.45 | 14.32 |
| ଗମନା ଗମନ | 49.73 | 0.38 | 30.37 | 56.38 | 0.37 | 41.98 |
| **ମୋଟ (ଇ.ଏସ୍)** | **28.23** | **13.87** | **10.96** | **30.49** | **12.40** | **9.05** |
| **ମୋଟ (ଏସ୍.ଏସ୍ + ଇ.ଏସ୍)** | **17.23** | **27.23** | **5.74** | **18.83** | **24.44** | **4.83** |

ଟୋଟାଲ ଏକ୍ସପେଣ୍ଡିଚର (ଟି ଇ) , (ସି.ଇ)- କ୍ୟାପିଟାଲ୍ ଏକ୍ସପେଣ୍ଡିଚର, (ଆର.ଇ)-ରେଭେନ୍ୟୁ ଏକ୍ସପେଣ୍ଡିଚର, (ଏସ୍.ଏଣ୍ଡ ଡବ୍ଲ୍ୟୁ)- ସାଲେରୀ ଏବଂ ୱେଜେସ୍, ( ଓ ଏମ୍)-ଅପରେସନ୍ ଆଣ୍ଡ ମେଣ୍ଟେନାନ୍‌ସ

ସାଧାରଣ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥା, କୃଷି ଏବଂ ତତ୍ ସଂଲଗ୍ନ କାର୍ଯ୍ୟ , ଶକ୍ତି ଏବଂ ପରିବହନ ବିଭାଗରେ କାର୍ଯ୍ୟକାରୀତା ଓ ପରିଚାଳନା ଖର୍ଚ୍ଚର ପରିମାଣ ମିଳି ନାହିଁ ।

**ଉସ:** ଓଡ଼ିଶା ସରକାରଙ୍କର ବିତ୍ତୀୟ ହିସାବ

ମୌଳିକ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପାନୀୟ ଜଳ ଏବଂ ପରିମଳ ସୁବିଧା ଆଦିକୁ କାର୍ଯ୍ୟକାରୀ କରିବା ସାମାଜିକ ଓ ଅର୍ଥ ନୈତିକ ପ୍ରଗତିର ଦୃଢ ସଙ୍କେତ ଅଟେ । ଅଧିକନ୍ତୁ ଆର୍ଥିକ ସେବା ଜନିତ ବାଟରେ ଯେଉଁ ସମସ୍ତ କ୍ଷତି ନିହିତ, ତାହା ରାଜ୍ୟର ଜନ ସମ୍ପଦର ଗୁଣବତ୍ତା ବୃଦ୍ଧି କରି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ରାଜ୍ୟ ମଧ୍ୟରେ ଉତ୍ପାଦନ କ୍ଷମତା ବୃଦ୍ଧି କରେ । ସେଥିପାଇଁ ରାଜ୍ୟରେ ଏହି ସେବାର ବୃଦ୍ଧି ଏବଂ ଉପଯୁକ୍ତ ବ୍ୟବସ୍ଥାର ନିର୍ଦ୍ଧାରଣ କରିବା ନିଶ୍ଚିତ ହେବା ଉଚିତ୍ । ***ସାରଣୀ 1.21*** ରେ 2012-13 ଓ 2013-14 ବର୍ଷରେ ସରକାରଙ୍କ ଦ୍ୱାରା ଆର୍ଥିକ ଓ ସାମାଜିକ ସେବାର ବୃଦ୍ଧି ପାଇଁ ବିଭିନ୍ନ କ୍ଷେତ୍ରରେ ହୋଇଥିବା ଖର୍ଚ୍ଚର ଅନୁପାତର ସାରାଂଶ ଦିଆଯାଇଛି ।

ପୂର୍ବବର୍ଷ ତୁଳନାରେ 2013-14 ରେ ପୁଞ୍ଜିଗତ ବ୍ୟୟର ପରିମାଣ ମୋଟ ବ୍ୟୟ ଅନୁପାତରେ ଜଳଯୋଗାଣ ଓ ପରିମଳ, ଗୃହ ଓ ନଗର ଉନ୍ନୟନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ(ସାମାଜିକ ସେବାରେ) ଏବଂ ବିଦ୍ୟୁତ୍ ଓ ଶକ୍ତି ଏବଂ

କୃଷି ଓ ଅନ୍ୟାନ୍ୟ ସେବା କ୍ଷେତ୍ରରେ (ଅର୍ଥନୈତିକ ସେବା) ବୃଦ୍ଧି ଘଟିଛି । କିନ୍ତୁ କାର୍ଯ୍ୟକାରୀତା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ପରିବହନ କ୍ଷେତ୍ରରେ ପ୍ରଚୁର ବୃଦ୍ଧି ଘଟିଛି ଯାହାକି ଶକ୍ତି କ୍ଷେତ୍ରରେ ମାତ୍ରାଧିକ ହ୍ରାସ ଯୋଗୁଁ ପ୍ରତିବଦଳ ହୋଇଛି ।

***ପରିଶିଷ୍ଟ 1.3*** ରୁ ଦେଖାଯାଏ ଯେ 2013-14 ରେ ମୋଟ ବ୍ୟୟର (53837 କୋଟି ଟଙ୍କା) 38 ପ୍ରତିଶତ ସାମାଜିକ ସେବା ବ୍ୟୟ(20447 କୋଟି ଟଙ୍କା) ପୂର୍ବବର୍ଷ ବ୍ୟୟ (16182 କୋଟି ଟଙ୍କା) ଠାରୁ 26 ପ୍ରତିଶତ ବୃଦ୍ଧି ବେଳେ ମୋଟ ବ୍ୟୟର 72 ପ୍ରତିଶତ ଉନ୍ନୟନ ବ୍ୟୟ (38687 କୋଟି ଟଙ୍କା) ପୂର୍ବବର୍ଷ ବ୍ୟୟ (30586 କୋଟି ଟଙ୍କା) ଠାରୁ ମଧ୍ୟ 26 ପ୍ରତିଶତ ବୃଦ୍ଧି ହୋଇଥିଲା । ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟୟରେ 0.91 ପ୍ରତିଶତ ହ୍ରାସ ଦର୍ଶାଉଛି ଯେ ବେତନରେ ହୋଇଥିବା ରାଜସ୍ୱ ବ୍ୟୟ ସାମାଜିକ ସେବାର ରାଜସ୍ୱ ବ୍ୟୟ (32 ପ୍ରତିଶତ) ର ମୁଖ୍ୟ ଅଂଶ ଅଟେ । ମୋଟ ବ୍ୟୟ ପ୍ରତି ସାମାଜିକ ସେବାର ପୁଞ୍ଜିଗତ ବ୍ୟୟ ଅନୁପାତ, ପୂର୍ବବର୍ଷ ଠାରୁ ନାମମାତ୍ର ବୃଦ୍ଧି (0.99 ପ୍ରତିଶତ) କୁ ଦର୍ଶାଏ ।

ଗତବର୍ଷ ତୁଳନାରେ ଚଳିତ ବର୍ଷରେ ସାମାଜିକ ସେବା (3.96 ପ୍ରତିଶତ) ଓ ଆର୍ଥିକ ସେବା (1.47 ପ୍ରତିଶତ) କ୍ଷେତ୍ରରେ ବେତନ ଉପାଦାନରେ ହ୍ରାସ ପରିଲକ୍ଷିତ ହେଲା ।

ଯେଉଁ ସମସ୍ତ ବ୍ୟୟ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପେ ରାଜ୍ୟର ଅର୍ଥନୈତିକ ସୀମା ମଧ୍ୟରେ ରାଜ୍ୟର ଉତ୍ପାଦନ କ୍ଷମତାକୁ ବୃଦ୍ଧି କରେ ତାହା ସବୁ ଅର୍ଥନୈତିକ ସେବା ବ୍ୟୟର ଅନ୍ତର୍ଭୁକ୍ତ ଅଟେ । 2013-14 ବର୍ଷରେ ଅର୍ଥନୈତିକ ସେବାର ସମୁଦାୟ ବ୍ୟୟ (18239 କୋଟି ଟଙ୍କା) ପୂର୍ବ ବର୍ଷର ବ୍ୟୟ ଠାରୁ 27 ପ୍ରତିଶତ ବୃଦ୍ଧି ଘଟିଛି । ଅର୍ଥନୈତିକ ସେବାରେ ସମୁଦାୟ ବ୍ୟୟ (18239 କୋଟି ଟଙ୍କା) ମୋଟ ବ୍ୟୟର 34 ପ୍ରତିଶତ ଏବଂ ଉନ୍ନୟନ ବ୍ୟୟର 47 ପ୍ରତିଶତ ଅଟେ ।

### *1.8.3 ବଜେଟ ପରିଣାମ(ଖର୍ଚ୍ଚର ଫଳପ୍ରସୂତା)*

ଫଳପ୍ରଦ ସରକାର ପରିଚାଳନା ଓ ଦାୟିତ୍ୱବୋଧତା ପାଇଁ ବଜେଟ୍ ପରିଣାମର ଧାରଣା ଏକ ପ୍ରମୁଖ ସାଧନ । ଏହା ଏକ ମୂଲ୍ୟ ସଂପାଦନ ସାଧନ ଯାହାକି ଉନ୍ନତ ସେବା ପ୍ରଦାନ, ନିଷ୍ପତ୍ତି ଗ୍ରହଣ, କାର୍ଯ୍ୟକ୍ରମଗୁଡିକର ଫଳପ୍ରସୂତାର ଉନ୍ନତି ପାଇଁ ସାହାଯ୍ୟ କରିଥାଏ । ଏହି ଅଭ୍ୟାସ ମୂଳତଃ ହୋଇଥିବା ଖର୍ଚ୍ଚର ପର୍ଯ୍ୟାଲୋଚନା ଓ ପରିମେୟତାକୁ ରୂପାନ୍ତରିତ କରିବା ଉଦ୍ଦେଶ୍ୟରେ ହୋଇଅଛି । ଏହି ଉପାୟ ଯୋଜନା କାର୍ଯ୍ୟାନ୍ୱୟନ ସଂସ୍ଥାଗୁଡିକୁ ଖର୍ଚ୍ଚକୁ ପରିଣାମରେ ପରିବର୍ତ୍ତନ କରି ଅଧିକ ଫଳପ୍ରସୁ କରାଇଥାଏ ।

ତିନୋଟି ବିଭାଗ ଯଥା- ଏସ୍.ଟି ଏବଂ ଏସ.ସି ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ ଏବଂ ମତ୍ସ୍ୟ ଓ ପଶୁ ସମ୍ପଳ ଉନ୍ନୟନ ବିଭାଗକୁ 2013-14 ରେ ସମୀକ୍ଷା କରାଯାଇ ଦେଖାଗଲା ଯେ ଆର୍ଥିକ ଓ ଭୌତିକ ଲକ୍ଷ୍ୟ ପୂର୍ଣ୍ଣ ଭାବରେ ପୂରଣ ହୋଇପାରିନାହିଁ ***(ପରିଶିଷ୍ଟ-1.6)*** ।

ପଞ୍ଚାୟତିରାଜ ବିଭାଗର ମୁଖ୍ୟ ପରିଯୋଜନା ଗୁଡିକରେ ଯଥା ନିଯୁକ୍ତି ସୃଷ୍ଟି ପାଇଁ ଜି.ଜି.ୱାଇ (ଗୋପବନ୍ଧୁ ଗ୍ରାମୀଣ ଯୋଜନା, ବି.ଆର.ଜି.ଏଫ (ବ୍ୟାକ୍‌ୱାର୍ଡ, ରିଜିଅନ୍ ଗ୍ରାଣ୍ଟ ଫଣ୍ଡ) ଆଇ.ଏ. ୱାଇ (ଇନ୍ଦିରା ଆବାସ ଯୋଜନା) ଏବଂ ମୋ କୁଡିଆ ଯୋଜନା ଯାହାକି ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ଗୃହ ନିର୍ମାଣ ପାଇଁ ଉଦ୍ଦିଷ୍ଟ ତାର ଆର୍ଥିକ ଲକ୍ଷ ପୂରଣ କରିବାର ବିଫଳ ତାହା ନିମ୍ନରେ ଦିଆଗଲା ।

- ନିୟୋଜନର ସୃଷ୍ଟି ପାଇଁ ଜି.ଜି.ୱାଇ ପରିଯୋଜନାର ସମସ୍ତ ପାଣ୍ଠି (225 କୋଟି ଟଙ୍କା) ବିନିଯୋଗ ହୋଇଥିଲେ ମଧ୍ୟ 13313 ପ୍ରକଳ୍ପ ମଧ୍ୟରୁ 12278 ଟି ପ୍ରକଳ୍ପ ଯାହାକି 92 ପ୍ରତିଶତର ରୋଜଗାର ଯୋଗାଇ ଦିଆଯାଇଥିଲା ।

- ବି.ଆର.ଜି.ଏଫ ପରିଯୋଜନାରେ ଆବଣ୍ଟିତ ହୋଇଥିବା (453 କୋଟି ଟଙ୍କା) ମଧ୍ୟରୁ 66 ପ୍ରତିଶତ (300 କୋଟି ଟଙ୍କା)ବ୍ୟବହୃତ ହୋଇଥିଲା । ଲକ୍ଷିତ (12247) ଟି ପ୍ରକଳ୍ପ ମଧ୍ୟରୁ (8193)ଟି 67 ପ୍ରତିଶତ ସମ୍ପୂର୍ଣ୍ଣ ହୋଇପାରିଥିଲା ।

- ଇନ୍ଦିରା ଆବାସ ଯୋଜନାରେ ଆବଣ୍ଟିତ (406 କୋଟି ଟଙ୍କା )ମଧ୍ୟରୁ (224 କୋଟି ଟଙ୍କା ) 55 ପ୍ରତିଶତ ବ୍ୟବହୃତ ହୋଇଥିଲା । ଲକ୍ଷିତ (387404) ଟି ଗୃହ ମଧ୍ୟରୁ (158657) 41 ପ୍ରତିଶତ ସମ୍ପୂର୍ଣ୍ଣ ହୋଇପାରିଥିଲା ।

- ମୋ କୁଡିଆ ଯୋଜନାରେ ସମ୍ପୂର୍ଣ୍ଣ ପାଣ୍ଠି(218 କୋଟି ଟଙ୍କା ) ବିନିଯୋଗ ହୋଇଥିଲେ ସୁଦ୍ଧା 38998 ଟି ଘର ମଧ୍ଯରୁ 18668 ଟି ଘର ଯାହାକି 48 ପ୍ରତିଶତ ପୂରଣ ହୋଇପାରିଥିଲା ।

- ରାଜିବା ଗାନ୍ଧୀ ପଞ୍ଚାୟତ ସଶକ୍ତିକରଣ ଅଭିଯାନ ଯୋଜନାରେ ସମସ୍ତ ନିଧି (38 କୋଟି ଟଙ୍କା) ବିନିଯୋଗ ହୋଇଥିଲେ ମଧ ଘର ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା 235 ଟିରୁ ଗୋଟିଏ ହେଲେ ଘର ତିଆରି ସମ୍ପୁର୍ଣ୍ଣ ହୋଇ ପାରି ନଥିଲା ।

ମାର୍ଚ୍ଚ 2014 ସୁଦ୍ଧା ଏସ୍.ଟି ଏବଂ ଏସ୍.ସି ଉନ୍ନୟନ ବିଭାଗରେ ନିମ୍ନଲିଖିତ କର୍ମଗୁଡିକ ଭୌତିକ ଓ ଆର୍ଥିକ ଲକ୍ଷ୍ୟ ହାସଲରେ ବିଫଳତା ପରିଲକ୍ଷିତ ହୋଇଥିଲା ।

- ଏସ.ଟି ବାଳିକା ହଷ୍ଟେଲ ନିର୍ମାଣ ପରିଯୋଜନାର ସମୁଦାୟ ନିଧି ଆବଣ୍ଟନ (230 କୋଟି ଟଙ୍କା) ମଧ୍ୟରୁ କେବଳ 98 ପ୍ରତିଶତ (224 କୋଟି ଟଙ୍କା ) ବ୍ୟବହୃତ ହୋଇଥିଲା । କିନ୍ତୁ ଲକ୍ଷିତ(1000) ଟି ହଷ୍ଟେଲ ମଧ୍ୟରୁ କେବଳ ଏକ ପ୍ରତିଶତ (11)ଟି ହଷ୍ଟେଲର ସଂପୂର୍ଣ୍ଣ ହୋଇପାରିଥିଲା । ହିତାଧିକାରୀମାନଙ୍କୁ ଆବାସିକ ଗୃହ ଯୋଗାଇବା ପାଇଁ ନିଧି ଉପଲବ୍ଧ ଥିଲେ ମଧ୍ୟ ଲକ୍ଷିତ ଭୌତିକ ପରିମାଣ ଲାଭ କରାଯାଇପାରି ନ ଥିଲା ।

- ଦୁଇଟି ପରିଯୋଜନା ଯଥା ଆଦିମ ଜନଜାତି ପାଇଁ ସୂକ୍ଷ୍ମ ପ୍ରକଳ୍ପ ଏବଂ ରାଜ୍ୟ ଆଦିବାସୀ ଉନ୍ନୟନ ସମବାୟ ନିଗମକୁ କ୍ଷୁଦ୍ର ବନ ଉତ୍ପାଦ ପାଇଁ (ଏସ.ଟି.ଡି.ସି–ଏମ.ଏଫ.ଟି ପାଇଁ)ଅନୁଦାନ ଗୁଡିକରେ ଭୌତିକ ଲକ୍ଷ ପୂରଣ 65 ପ୍ରତିଶତରୁ କମ ରହିଥିଲା , ଫଳରେ ଭୌତିକ ଲକ୍ଷ୍ୟ ମଧ୍ୟ କମ୍ ପୂରଣ ହୋଇଥିଲା ।

ଉପରୋକ୍ତ ତଥ୍ୟ ପ୍ରକଳ୍ପ ମାନଙ୍କରେ ଅବାସ୍ତବ ବଜେଟ୍ ଆକଳନକୁ ସୁଚାଇଥାଏ ।

ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗରେ-

- ନଅଟି ଯୋଜନାରେ ସାରଣୀ 1.6 ସମସ୍ତ ପାଣ୍ଠି ବିନିଯୋଗ ହୋଇଥିଲେ ମଧ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଭୌତିକ ପରିଣାମକୁ ହାସଲ କରାଯାଇପାରି ନଥିଲା ।
- ଏହା ବଜେଟ ପରିଣାମରୁ ଦେଖାଯାଇଥିଲା ଯେ ଆର୍ଥିକ ବର୍ଷର ଶେଷ ପର୍ଯ୍ୟାୟରେ ପାଣ୍ଠି ଗ୍ରହଣ ଯୋଗୁଁ ପଞ୍ଚମ ରାଜ୍ୟ ପ୍ଲାନ୍ ଓ ପଞ୍ଚମ କେନ୍ଦ୍ରୀୟ ଅନୁବନ୍ଧିତ ପ୍ଲାନକୁ ହାସଲ କରାଯାଇପାରି ନଥିଲା । ଏହାଛଡା ଏଗାରଟି ପରିଯୋଜନା କାର୍ଯ୍ୟାନ୍ୱୟନ ହୋଇପାରି ନଥିଲା କାରଣ ନିଧି ମଞ୍ଜୁର କରାଯାଇ ନଥିଲା କିମ୍ବା କେନ୍ଦ୍ରୀୟ ସହାୟତା ମିଳିପାରି ନଥିଲା ।

ଭୌତିକ ପରିଣାମ କେବଳ ଲକ୍ଷଠାରୁ କମ୍ ନଥିଲା, ଯେଉଁ ନିଧି କାର୍ଯ୍ୟକାରୀ ସଂସ୍ଥାକୁ ଦିଆଯାଇଥିଲା ତାହା ଠିକ୍ ଭାବେ ପରିଚାଳିତ ହୋଇପାରି ନଥିଲା ।

## 1.9 ସରକାରୀ ବ୍ୟୟ ଏବଂ ବିନିଧାନର ଆର୍ଥିକ ବିଶ୍ଳେଷଣ

ପୋଷ୍ଟ ଏଫ୍.ଆର୍.ବି.ଏମ୍ ଢାଞ୍ଚାରେ ରାଜ୍ୟ ନିଜର ରାଜକୋଷୀୟ ଦାୟିତ୍ୱ କେବଳ ନିମ୍ନସ୍ତରରେ ନ ରଖି ଅଧିକନ୍ତୁ ପୁଞ୍ଜି ନିବେଶ (ଋଣ ଏବଂ ଅଗ୍ରୀମ ସମେତ) ର ଆବଶ୍ୟକତାକୁ ମେଣ୍ଟାଇବା ଉଚିତ୍ । ଏହା ସହିତ ସରକାର ଦେଣନେଣ ସ୍ୱରୂପ ବଜାର ଭିତ୍ତିକ ସମ୍ବଳ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ହୋଇ ଏମିତି କିଛି ପଦକ୍ଷେପ ନେବା ଆବଶ୍ୟକ ଯାହା ଦ୍ୱାରା ପୁଞ୍ଜିନିବେଶରୁ ମିଳିବାକୁ ଥିବା ପ୍ରାପ୍ତି ଏବଂ ଉଧାର ପାଣ୍ଠିର ଅସୁଲ ଉପରେ ଜୋର ଦେବା ଉଚିତ୍ । ଏହି ଧାରା ଅନୁସାରେ ସରକାରଙ୍କ ଦ୍ୱାରା ଚ଼ଳିତ ବର୍ଷରେ ଗୃହୀତ ବିନିଧାନ ଏବଂ ଅନ୍ୟ ପୁଞ୍ଜି ନିବେଶ ବନାମ ବିଗତ ବର୍ଷର ବ୍ୟାପକ ଆର୍ଥିକ ବିଶ୍ଳେଷଣ କରାଯାଇଛି ।

### *1.9.1 ସେଚ଼ ପ୍ରକଳ୍ପଗୁଡ଼ିକର ଆର୍ଥିକ ଫଳାଫଳ*

ମାର୍ଚ୍ଚ 2014 ସୁଦ୍ଧା 62 ଟି ସେଚ଼ ପ୍ରକଳ୍ପ (13-ବୃହତ ଏବଂ 49-ମଧ୍ୟମ ପ୍ରକଳ୍ପ)ସହ 4139.25 କୋଟି ଟଙ୍କାର ପୁଞ୍ଜି ବ୍ୟୟର ଆର୍ଥିକ ଫଳାଫଳରୁ ଜଣାଯାଏ ଯେ 2013-14 ବର୍ଷ ମଧ୍ୟରେ ଶିଳ୍ପଗୁଡିକୁ ଜଳବିକ୍ରି ବାବଦରେ ଏହି ପ୍ରକଳ୍ପଗୁଡିକରୁ 237.75 କୋଟି ଟଙ୍କା ଆଦାୟ ହୋଇଥିଲା । 238.10 କୋଟି ଟଙ୍କା ଓ 279.71 କୋଟି ଟଙ୍କାର କାର୍ଯ୍ୟରତ ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ଭରଣା କରିବା ପରେ ଏହି ଯୋଜନା 280.06 କୋଟି ଟଙ୍କାର କ୍ଷତି ସହିଥିଲା ।

### *1.9.2 ଅସମ୍ପୂର୍ଣ୍ଣ ପ୍ରକଳ୍ପ*

ଖର୍ଚ୍ଚର ଗୁଣବତ୍ତା ଉପରେ ଅସଂପୂର୍ଣ୍ଣ ପ୍ରକଳ୍ପରେ ନିଧିର ଅବରୋଧ ନକାରାତ୍ମକ ପ୍ରଭାବ ପକାଇଥାଏ । ସମ୍ପୃକ୍ତ ବିଭାଗରୁ ଅଡିଟ୍‌କୁ ମିଳିଥିବା ସୂଚନା ଅନୁଯାୟୀ 31 ମାର୍ଚ୍ଚ 2014 ରେ 2014-15 ବଜେଟ୍ ଏଟ୍ ଏ ଗ୍ଲାନ୍ସ ଅନୁଯାୟୀ ଓ ବିଭାଗୱାରୀ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ସୂଚନା ***ସାରଣୀ 1.22*** ରେ ପ୍ରଦତ୍ତ ହୋଇଛି ।

**ସାରଣୀ 1.22: ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ବିଭାଗୱାରୀ ପାର୍ଶ୍ୱଚିତ୍ର**

(କୋଟି ଟଙ୍କାରେ)

| ବିଭାଗ | ଅଂସପୂର୍ଣ୍ଣ ପ୍ରକଳ୍ପ ସଂଖ୍ୟା | ବଜେଟର ମୂଳ ବ୍ୟୟ ବରାଦ | ପ୍ରକଳ୍ପ ସଂଶୋଧିତ ବ୍ୟୟ ବିଭାଗ | ଖର୍ଚ୍ଚ ସୀମା ଅପେକ୍ଷା ବ୍ୟୟ |
|---|---|---|---|---|
| ଜଳ ସମ୍ପଦ | 56 | 152.09 | 189.84 | 119.45 |
| ପୂର୍ତ୍ତ | 16 | 535.78 | 614.44 | 495.27 |
| ପର୍ଯ୍ୟଟନ | 1 | 1.75 | 1.78 | 1.29 |
| ଗୃହ ଏବଂ ନଗର ଉନ୍ନୟନ | 3 | 8.66 | 11.46 | 2.12 |
| ଗ୍ରାମ୍ୟ ଉନ୍ନୟନ | 114 | 355.16 | 364.51 | 256.33 |
| ମୋଟ | **190** | **1053.44** | **1182.03** | **874.46** |

ଉତ୍ସ: ସଂପୃକ୍ତ ବିଭାଗରୁ ପ୍ରଦତ୍ତ ବିଶେଷ ବିବରଣ

ଏହି ସମସ୍ତ 190 ଟି ପ୍ରକଳ୍ପ ଅସଂପୂର୍ଣ୍ଣ ରହିଥିବାର କାରଣ ଗୁଡିକ ହେଲା ଜମି ଅଧିଗ୍ରହଣ ପାଇଁ ଦୀର୍ଘକାଳୀନ ପଦ୍ଧତି, କୋର୍ଟରେ ପଡି ରହିଥିବା କେସ୍‌ଗୁଡିକ, ଡିଜାଇନର ସଂଶୋଧନ, ନିଧିର ସ୍ୱଳ୍ପତା ଏବଂ କାମର ମନ୍ଥର ଅଗ୍ରଗତି । ଏହି ପ୍ରକଳ୍ପଗୁଡିକ ସଂପୂର୍ଣ୍ଣ ନ ହେବା ଯୋଗୁଁ କେବଳ ହିତାଧିକାରୀମାନେ ପାଇବାରେ ଥିବା ସୁବିଧାରୁ ବଞ୍ଚିତ ହେଉ ନଥିଲେ, ରାଜକୋଷରୁ ମଧ୍ୟ ଅଧିକ ବ୍ୟୟ ବରାଦ କରାଯାଇଛି ।

ଯେହେତୁ ଅସଂପୂର୍ଣ୍ଣ ପ୍ରକଳ୍ପଗୁଡିକରେ 874.46 କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି ଏବଂ ଏହାର ସଂପୂର୍ଣ୍ଣ ଉପଯୋଗ ହୋଇପାରିନାହିଁ । ଏଥିରୁ ଜଣାପଡୁଛି ଯେ ଏହି ପ୍ରକଳ୍ପଗୁଡିକୁ ସଂପୂର୍ଣ୍ଣ କରିବା ପାଇଁ ସଂପୃକ୍ତ ବିଭାଗ ଦ୍ୱାରା ପର୍ଯ୍ୟାପ୍ତ ଚେଷ୍ଟା କରାଯାଇ ନଥିଲା ।

### 1.9.3 ବିନିଯୋଗ ଏବଂ ପ୍ରତ୍ୟାଗମ ଆୟ

ମାର୍ଚ୍ଚ 2014 ସୁଦ୍ଧା ସରକାର ବୈଧାନିକ ନିଗମ, ଗ୍ରାମ୍ୟ ବ୍ୟାଙ୍କ, ଯୌଥ କାରବାର କମ୍ପାନୀ ଏବଂ ସମବାୟ ସଂସ୍ଥାମାନଙ୍କରେ 3308.79 କୋଟି ଟଙ୍କା ବିନିଯୋଗ କରିଥିଲେ । ଏହି ବିନିଯୋଗ ଉପରେ ଗତ ପାଞ୍ଚ ବର୍ଷର ହାରାହାରି ପ୍ରତ୍ୟାଗମ 11.82 ପ୍ରତିଶତ ଥିବାବେଳେ 2013-14 ରେ 13.67 ପ୍ରତିଶତ ଥିଲା । ସରକାର 2009-10 ରୁ 2013-14 ବର୍ଷ ମଧ୍ୟରେ ଋଣ କରିଥିବା ବାବଦରେ ହାରାହାରି 6.09 ପ୍ରତିଶତରୁ 7.63 ପ୍ରତିଶତ ସୁଧ ପ୍ରଦାନ କରିଥିଲେ( ***ସାରଣୀ 1.23***) ।

**ସାରଣୀ 1.23: ପୁଞ୍ଜି ଲଗାଣରୁ ଲବ୍ଧ ପ୍ରତ୍ୟାଗମ**

**(କୋଟି ଟଙ୍କାରେ)**

| ବର୍ଷ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| ବର୍ଷ ଶେଷ ବେଳକୁ ପୁଞ୍ଜି ଲଗାଣ | 2106.95 | 2190.37 | 2908.07 | 2964.28 | 3308.79 |
| ପ୍ରତ୍ୟାଗମ | 250.78 | 101.58 | 286.23 | 564.53 | 452.40 |
| ପ୍ରତ୍ୟାଗମ ପ୍ରତିଶତ | 11.90 | 4.64 | 9.84 | 19.04 | 13.67 |
| ସରକାରୀ ଋଣ ଉପରେ ହାରାହାରି ସୁଧ ହାର | 7.63 | 7.39 | 6.09 | 6.54 | 6.56 |
| ସୁଧହାର ଓ ପ୍ରତ୍ୟାଗମ ମଧ୍ୟରେ ଥିବା ପାର୍ଥକ୍ୟ | (-)4.27 | (+)2.75 | (-)3.75 | (-)12.50 | (-)7.11 |

**ଉତ୍ସ : ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର**

2013-14 ବର୍ଷ ଶେଷରେ ରାଜ୍ୟ ସରକାରଙ୍କର 83 ଟି ସରକାରୀ କମ୍ପାନୀରେ (2389.98 କୋଟି ଟଙ୍କା) ଏବଂ ତିନୋଟି ବୈଧାନିକ ନିଗମରେ (490.99 କୋଟି ଟଙ୍କା) ଏହିପରି ମୋଟ 86ଟି ସରକାରୀ ଉଦ୍ୟୋଗରେ ମୋଟ 2880.97 କୋଟି ଟଙ୍କାର ବିନିଯୋଗ ରାଶି ଥିଲା । 2013-14 ବର୍ଷରେ 452.40 କୋଟି ଟଙ୍କାର ଲାଭାଂଶ, ଗୋଟିଏ ସମବାୟ ସଂସ୍ଥା[6], ଛଅଟି ସରକାରୀ କମ୍ପାନୀ[7] ଏବଂ ଗୋଟିଏ ଗ୍ରାମ୍ୟ ବ୍ୟାଙ୍କ୍[8]ଠାରୁ ଗ୍ରହଣ କରିଥିଲେ ଯେଉଁଥିରେ ଓଡିଶା ଅର୍ଥ ନିଗମ ହେଉଛି ମୁଖ୍ୟ ଅଂଶୀଦାର (400 କୋଟି) ।

ଓଡ଼ିଶା ବଜେଟ୍ ଏଟ୍ ଏ ଗ୍ଲାନ୍ସ 2014-15 ରେ ପ୍ରଦତ୍ତ ସୂଚନା ଅନୁଯାୟୀ 2012-13 ବର୍ଷରେ ଏକତ୍ରୀକୃତ କ୍ଷତି ଓଡ଼ିଶା ଗ୍ରୀଡ୍ ନିଗମରେ 1704.06 କୋଟି ଟଙ୍କା, ଓଡ଼ିଶା ରାଜ୍ୟ ପରିବହନ ନିଗମରେ 192.98 କୋଟି ଟଙ୍କା, ଓଡ଼ିଶା ରାଜ୍ୟ ଅର୍ଥ ନିଗମରେ 399.91 କୋଟି ଟଙ୍କା, ଓଡ଼ିଶା ବନ ଉନ୍ନୟନ ନିଗମରେ 145.05 କୋଟି ଟଙ୍କା ଏବଂ ଓଡ଼ିଶା ଶକ୍ତି ହୋଇଥିଲା । ଏଗୁଡିକ ଓଡ଼ିଶାରେ ପ୍ରମୁଖ କ୍ଷତି କରୁଥିବା କମ୍ପାନୀ ଥିଲା । 2013-14 ରେ ସରକାର ତିନୋଟି କ୍ଷତି ସହୁଥିବା ସଂସ୍ଥା ଯିଏକି ଓଡ଼ିଶା ଶକ୍ତି ସଂରଚନା ନିଗମ (ଓ.ପି.ଟି.ସି ଏଲ-50 କୋଟି ଟଙ୍କା) ଓଡ଼ିଶା ରାଜ୍ୟ ପରିବହନ ନିଗମରେ (ଆଠ କୋଟି ଟଙ୍କା) ଓ ଓଡିଶା ଗ୍ରୀଡ ନିଗମ(143.73 କୋଟି ଟଙ୍କା)।

### 1.9.4 ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଏବଂ ଅଗ୍ରୀମ

ସମବାୟ ସଂସ୍ଥା ନିଗମ ଓ କମ୍ପାନୀମାନଙ୍କର ପୁଞ୍ଜି ନିବେଶ କରିବା ସହିତ ସରକାର ତନ୍ମଧ୍ୟରୁ ଅନେକ ଅନୁଷ୍ଠାନ / ସଂଗଠନକୁ ଋଣ ଓ ଅଗ୍ରୀମ ମଧ୍ୟ ପ୍ରଦାନ କରୁଛନ୍ତି । 2012-13ରେ ରାଜ୍ୟ ସରକାରଙ୍କ ଋଣ ଓ ଅଗ୍ରୀମ 3977 କୋଟି

---

[6] ଜମା ସମବାୟ 0.64 କୋଟି ଟଙ୍କା ।

[7] ଓଡିଶା ଖଣି ନିଗମ: 400 କୋଟି ଟଙ୍କା, ଓଡିଶା ବନ ଉନ୍ନୟନ ନିଗମ ଲିମିଟେଡ୍ 21.25 କୋଟି , ଓଡିଶା କାଜୁ ଉନ୍ନୟନ ନିଗମ: 0.34 କୋଟି ଟଙ୍କା ଓ କୃଷି ପ୍ରଗତି ଓ ବିନିଯୋଗ ଲିମିଟେଡ୍ 14.65 କୋଟି ଟଙ୍କା ।

[8] ଓଡିଶା ରାଜ୍ୟ ସମବାୟ ଲିଃ ବ୍ୟାଙ୍କ୍ 0.03 କୋଟି ଟଙ୍କା ।

ଟଙ୍କା ଥିବା ବେଳେ ଏହା 2013-14 ରେ 206 କୋଟି ଟଙ୍କାକୁ ବୃଦ୍ଧି ହୋଇ 4183 କୋଟି ଟଙ୍କା ହୋଇଥିଲା । ସେହି ବର୍ଷ ମଧ୍ୟରେ 463 କୋଟି ଟଙ୍କାର ସରକାରୀ ଅଗ୍ରୀମ ଋଣ ଦେଇଥିଲେ ଏବଂ 257 କୋଟି ଟଙ୍କା ଋଣଗ୍ରାହୀ ସଂସ୍ଥାମାନଙ୍କ ଦ୍ୱାରା ଋଣ ପରିଶୋଧ କରାଯାଇଥିଲା । 2013-14 ବର୍ଷରେ ପ୍ରଦତ୍ତ ଋଣର ମୁଖ୍ୟ ଭାଗ ଓଡ଼ିଶା ଗ୍ରୀଡ୍ ନିଗମ (359 କୋଟି ଟଙ୍କା) ସରକାରୀ କର୍ମଚାରୀ (99 କୋଟି ଟଙ୍କା) ମାନଙ୍କୁ ପ୍ରଦାନ କରାଯାଇଥିଲା । 31 ମାର୍ଚ୍ଚ 2014 ସୁଦ୍ଧା ବାକିଆ ଋଣ ଓ ଅଗ୍ରୀମ ଏବଂ ପ୍ରାପ୍ତ ସୁଧ ତଥା ପ୍ରଦତ୍ତ ସୁଧ ପ୍ରଦାନର ବିବରଣୀ ***ସାରଣୀ 1.24*** ରେ ପ୍ରଦତ୍ତ ହୋଇଛି ।

**ସାରଣୀ 1.24: ସରକାରୀ ଋଣ ଉପରେ ଉପଲବ୍ଧ ହାରାହାରି ସୁଧ**

(କୋଟି ଟଙ୍କାରେ)

| ଋଣ / ସୁଧ ପ୍ରାପ୍ତି / ଧାର ଗ୍ରହଣର ପରିବ୍ୟୟର ପରିମାଣ | 2011-12 | 2012-13 | 2013-14 |
|---|---|---|---|
| ପ୍ରାରମ୍ଭିକ ଅବଶେଷ | **3414** | **3903** | **3977** |
| ବର୍ଷ ମଧ୍ୟରେ ପ୍ରଦତ୍ତ ଅଗ୍ରୀମ | 621 | 216 | 463 |
| ବର୍ଷ ମଧ୍ୟରେ ପରିଶୋଧିତ ରାଶି | 132 | 142 | 257 |
| ଅନ୍ତିମ ଅବଶେଷ | **3903** | **3977** | **4183** |
| ଅନ୍ତିମ ଅବଶେଷ ଯାହାର ବକେୟା ଅବଶେଷ ସ୍ଥିରୀକୃତ ହୋଇଛି | | | |
| ନିଟ୍ ଯୋଗ | (+)489 | (+)74 | (+)206 |
| ପ୍ରାପ୍ତ ସୁଧ | 16 | 16 | 610 |
| ବକେୟା ଋଣ ଏବଂ ଅଗ୍ରୀମ ପ୍ରତିଶତ ହିସାବରେ ପ୍ରାପ୍ତ ସୁଧ | 0.41 | 0.40 | 14.58 |
| ରାଜ୍ୟ ସରକାରଙ୍କ ବକେୟା ଋଣ ଭାର ଉପରେ ପ୍ରଦତ୍ତ ହାରାହାରି ସୁଧର ହାର | 6.07 | 6.48 | 6.46 |
| ପୈଠ ସୁଧ ଏବଂ ପ୍ରାପ୍ତ ସୁଧ ମଧ୍ୟରେ ପାର୍ଥକ୍ୟ (ପ୍ରତିଶତ) | (-)5.66 | (-)6.08 | (+)8.12 |

**ଉତ୍ସ : ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର**

31 ମାର୍ଚ୍ଚ 2014 ସୁଦ୍ଧା ସମୁଦାୟ ବକେୟା ଋଣ 4183 କୋଟି ଟଙ୍କା ହେଲା । । ସମୁଦାୟ ବକେୟା ଋଣ 4183 କୋଟି ଟଙ୍କା ମଧ୍ୟରୁ 1279.82 କୋଟି ଟଙ୍କାର ଋଣର ସର୍ତ୍ତ ଓ ମିଆଦ ଏପର୍ଯ୍ୟନ୍ତ ଚୂଡାନ୍ତ ହୋଇପାରି ନାହିଁ । ଏହି ସମୟରେ ସର୍ତ୍ତ ଓ ମିଆଦକୁ ନ ତୁଟାଇ 1.46 କୋଟି ଟଙ୍କା ମଞ୍ଜୁର ହୋଇଥିଲା ଏପରିକି ବିଗତ 18 ବର୍ଷରେ ଓଏଚପିସିକୁ ଅଗ୍ରୀମ ଆକାରରେ ଋଣ ବାବଦକୁ ନିଆଯାଇଥିବା 1278.36 କୋଟି ଟଙ୍କା ସର୍ତ୍ତ ଆଧାରରେ ଫଏସଲା ହୋଇ ନଥିଲା (ବିତ୍ତୀୟ ହିସାବ 2013-14 ବର୍ଷର ବିବରଣ 16) ।

ସମୁଦାୟ ବକେୟା ଋଣର ସମ୍ୟକ ପରୀକ୍ଷାରୁ ଜଣାପଡିଲା ଯେ 2009-10 ରୁ 2013-14 ମଧ୍ୟରେ 11 ଟି ବିଭାଗର ଏହା 2741 କୋଟି ଟଙ୍କାରୁ 3823 କୋଟି ଟଙ୍କାରେ ରହିଥିଲା ଓ ଏହି ପାଞ୍ଚ ବର୍ଷରେ ଅପରିବର୍ତ୍ତନ / ନଗଣ୍ୟ ପରିଶୋଧ କରାଯାଇଥିଲା । ***ସାରଣୀ 1.25*** ରେ ପରିଶୋଧରେ ଏହି ନିରାନନ୍ଦ ଧାରା ପ୍ରଦର୍ଶିତ ହୋଇଛି ଯେହେତୁ ବହୁ କ୍ଷେତ୍ରରେ ଅନ୍ତିମ ଅବଶେଷ ଅପରିବର୍ତ୍ତିତ ରହିଥିଲା ।

**ସାରଣୀ 1.25: ଋଣ ଓ ଅଗ୍ରୀମ ବହୁଦିନ ଧରି ପଡିରହିବା**

(କୋଟି ଟଙ୍କାରେ)

| କ୍ର.ସଂ. | ବିଭାଗର ନାମ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|---|
| 1 | ଶିକ୍ଷା | 6.29 | 6.43 | 6.05 | 6.11 | 6.34 |
| 2 | ଗୃହ ଓ ନଗର ଉନ୍ନୟନ | 424.44 | 475.44 | 639.68 | 637.25 | 625.25 |
| 3 | ସୂଚନା ଓ ଲୋକ ସଂପର୍କ | 0.54 | 0.54 | 0.54 | 0.54 | 0.54 |
| 4 | ଏସ.ସି, ଏସ.ଟି ଓ ଅନ୍ୟାନ୍ୟ ପଛୁଆ | 13.56 | 13.56 | 13.56 | 13.56 | 13.56 |

| କ୍ର.ସଂ. | ବିଭାଗର ନାମ | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|---|
| | ବର୍ଗ ମଙ୍ଗଳ | | | | | |
| 5 | କୃଷି | 49.61 | 49.56 | 49.54 | 49.46 | 49.46 |
| 6 | ମତ୍ସ୍ୟ ଓ ପଶୁ ସମ୍ବଳ ବିକାଶ | 19.21 | 19.21 | 19.21 | 19.21 | 19.21 |
| 7 | ସମବାୟ | 68.04 | 67.90 | 83.67 | 81.22 | 78.45 |
| 8 | ଜଳ ସଂପଦ | 5.92 | 6.17 | 6.09 | 6.01 | 5.93 |
| 9 | ଶକ୍ତି | 1943.09 | 2148.09 | 2218.86 | 2296.20 | 2849.13 |
| 10 | ଏମ୍.ଏସ.ଏମ୍.ଇ(ଶିକ୍ଷା) | 203.32 | 203.54 | 206.04 | 209.25 | 168.12 |
| 11 | ଅର୍ଥ | 7.34 | 7.34 | 7.34 | 7.34 | 7.34 |
| | ମୋଟ | **2741.36** | **2997.78** | **3250.58** | **3326.15** | **3823.33** |

**ଉତ୍ସ : ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର .**

ଉପରୋକ୍ତ ସାରଣୀରୁ ଜଣାପଡିଲା ଯେ ଚାରୋଟି କ୍ଷେତ୍ରରେ (ମତ୍ସ୍ୟ ଓ ପଶୁପାଳନ, ସୂଚନା ଓ ଲୋକ ସଂପର୍କ, ଏସସି/ଏସଟି ଓ ଅନ୍ୟାନ୍ୟ ପଛୁଆ ବର୍ଗ ଓ ଅର୍ଥ ବିଭାଗ) ଋଣ ଓ ଅଗ୍ରୀମର ପରିସ୍ଥିତି ପାଞ୍ଚ ବର୍ଷ ଧରି ସ୍ଥିର ଥିଲା । ଦୁଇଟି କ୍ଷେତ୍ରରେ (ଜଳ ସଂପଦ ଓ କୃଷି ବିଭାଗର) ଋଣ ଓ ଅଗ୍ରୀମ ଅପେକ୍ଷାକୃତ ହ୍ରାସ ଘଟିଥିଲା । ପୁନଶ୍ଚ, ଅନ୍ୟ ଦୁଇଟି ସ୍ଥଳେ(ଶିକ୍ଷା ଓ ଶକ୍ତି) ଋଣ ଓ ଅଗ୍ରୀମ ଅବସ୍ଥା ପାଞ୍ଚ ବର୍ଷ ଧରି ବୃଦ୍ଧି ହୋଇଥିବା ବେଳେ ଅବଶିଷ୍ଟ ତିନୋଟି କ୍ଷେତ୍ରରେ (ଗୃହ ଓ ନଗର ଉନ୍ନୟନ, ସମବାୟ, ଏମଏସଏମଇ) ଋଣ ପରିଶୋଧ ଅତି ନଗଣ୍ୟ ଥିଲା ।

ଏହା ବ୍ୟତୀତ, ସମୀକ୍ଷାରୁ ଅନୁମେୟ ହେଲା ଯେ ସାରଣୀ **1.26** ରେ ପ୍ରଦତ୍ତ 19ଟି କରଜକାରୀ ସଂସ୍ଥାର 2191.95 କୋଟି ଟଙ୍କାର ଋଣ ବକେୟା ହିସାବ ବହୁ ବର୍ଷ ଧରି ପଡି ରହିଥିଲା ।

## ସାରଣୀ 1.26: ବକେୟା ଋଣ ନେଇଥିବା ସଂସ୍ଥାମାନଙ୍କ ଠାରୁ

(କୋଟି ଟଙ୍କାରେ)

| କ୍ର.ସଂ. | ଋଣ ଗ୍ରହୀତାଙ୍କ ନାମ | ଚଳିତ ବର୍ଷ 2013-14 ମଧ୍ୟରେ କରଜ ବିତରଣ | ମାର୍ଚ୍ଚ 2014 ସୁଦ୍ଧା ଥିବା ବକେୟା ରାଶି | ବକେୟା ସଂପର୍କିତ ଶୀଘ୍ରାତିଶୀଘ୍ର ଅବଧି |
|---|---|---|---|---|
| 1 | ଗ୍ରୀଡକୋ ଲିମିଟେଡ୍ | 358.56 | 1988.95 | 1998-1999 |
| 2 | ଓଡିଶା ଜନଜାତି ବିକାଶ ସମବାୟ ନିଗମ ଲିମିଟେଡ୍ | ... | 48.63 | 1982-2000 |
| 3 | ଓଡିଶା ରାଜ୍ୟ ଗୃହ ବୋର୍ଡ | ... | 37.02 | 1968-1998 |
| 4 | ଓଡିଶା ରାଜ୍ୟ ବୟନ ନିଗମ | ... | 36.86 | ପ୍ରାପ୍ତ ହୋଇନାହିଁ |
| 5 | ଗାଙ୍ଗପୁର ବୁଣାକାର ସମବାୟ ସୂତାକଳ, ସୁନ୍ଦରଗଡ | ... | 20.08 | ପ୍ରାପ୍ତ ହୋଇନାହିଁ |
| 6 | ପ୍ରାଥମିକ ବୁଣାକାର ସମବାୟ ସମିତି | ... | 11.58 | ପ୍ରାପ୍ତ ହୋଇନାହିଁ |
| 7 | ମେସର୍ସ କୋଣାର୍କ ଟେଲିଭିଜନ ଲିମିଟେଡ | ... | 6.90 | 2003-2009 |
| 8 | ଉତ୍କଳ ସୂତାକଳ, ଖୋର୍ଦ୍ଧା | ... | 6.74 | ପ୍ରାପ୍ତ ହୋଇନାହିଁ |
| 9 | କୋଣାର୍କ ସୂତାକଳ, କେସିଙ୍ଗା | ... | 6.06 | ପ୍ରାପ୍ତ ହୋଇନାହିଁ |
| 10 | ସ୍ପିନ୍ ଫେଡ୍ | ... | 5.14 | ପ୍ରାପ୍ତ ହୋଇନାହିଁ |
| 11 | କଳିଙ୍ଗ ବୁଣାକାର ସମବାୟ ସୂତାକଳ, ଢେଙ୍କାନାଳ | ... | 4.47 | ପ୍ରାପ୍ତ ହୋଇନାହିଁ |
| 12 | ଗୋପିନାଥ ସୂତାକଳ, ବାଲିଆପାଳ | ... | 4.40 | ପ୍ରାପ୍ତ ହୋଇନାହିଁ |

| କ୍ର.ସଂ. | ଋଣ ଗ୍ରହୀତାଙ୍କ ନାମ | ଚଳିତ ବର୍ଷ 2013-14 ମଧ୍ୟରେ କରଜ ବିତରଣ | ମାର୍ଚ୍ଚ 2014 ସୁଦ୍ଧା ଥିବା ବକେୟା ରାଶି | ବକେୟା ସଂପର୍କିତ ଶୀଘ୍ରାତିଶୀଘ୍ର ଅବଧି |
|---|---|---|---|---|
| 13 | ଜାତୀୟ ସାମାଜିକ କର୍ମ ଓ ସାମାଜିକ ବିଜ୍ଞାନ ଅନୁଷ୍ଠାନ | ... | 3.12 | 1997-98 |
| 14 | ଶ୍ରୀ ଜଗନ୍ନାଥ ବୁଣାକାର ସମବାୟ ସୂତାକଳ, ନୂଆପାଟଣା | ... | 3.04 | ପ୍ରାପ୍ତ ହୋଇନାହିଁ |
| 15 | ଓରଳା ସୂତାକଳ, ତିର୍ତ୍ତୋଲ | ... | 2.73 | ପ୍ରାପ୍ତ ହୋଇନାହିଁ |
| 16 | ଓଡିଶା ରାଜ୍ୟ ସମବାୟ ହସ୍ତତନ୍ତ ନିଗମ | ... | 2.25 | 2004-05 |
| 17 | ଓସିଟିପି, ଜଗତପୁର | ... | 1.74 | ପ୍ରାପ୍ତ ହୋଇନାହିଁ |
| 18 | ଶକ୍ତିଚାଳିତ ତନ୍ତ, ବୁଣାକାର ସମବାୟ ସମିତି | ... | 1.19 | ପ୍ରାପ୍ତ ହୋଇନାହିଁ |
| 19 | ଓଡିଶା ସୂତାକଳ, ଟୋରା, ବରଗଡ | ... | 1.05 | ପ୍ରାପ୍ତ ହୋଇନାହିଁ |
| | | **358.56** | **2191.95** | |

**ଉତ୍ସ : ବିତ୍ତୀୟ ହିସାବ 2013-14**

ଏଥିରୁ ପୁଣି ଜଣାପଡିଲା ଯେ 2013-14 ରେ ଓଡିଶା ଗ୍ରୀଡ ନିଗମକୁ 358.56 କୋଟି ଟଙ୍କାର ଋଣ ଅଗ୍ରୀମ ଆକାରରେ ଦିଆଯାଇଥିଲା ଓ ସେହି ନିଗମ ଉପରେ ଋଣ ପରିଶୋଧ କରିବା ପାଇଁ 1988.95 କୋଟି ଟଙ୍କାର ବାକି ପଡିଥିଲା । ଏପରିକି ଚଳିତ ବର୍ଷରେ ଉପରୋକ୍ତ ବିତରଣର କାରଣ ଦର୍ଶାଯାଇ ନଥିଲା । ଏହାଛଡା 2014 ମାର୍ଚ୍ଚ ଶେଷ ସୁଦ୍ଧା 18 ଟି୍ କରଜକାରୀ ସଂସ୍ଥା ଉପରେ ଯେଉଁ 203 କୋଟି ଟଙ୍କାର ବକେୟା ପଡିରହିଥିଲା ସେଥିରୁ 6.90 କୋଟି ଟଙ୍କା ବିଲୁପ୍ତ ହୋଇଥିବା କୋଣାର୍କ ଟେଲିଭିଜନ କମ୍ପାନୀ ଉପରେ ବକେୟା ହିସାବରେ ଥିଲା ।

ଋଣଗ୍ରାହୀ ସଂସ୍ଥାମାନଙ୍କର ଋଣ ପରିଶୋଧ ଦକ୍ଷତାକୁ ବିଚାରକୁ ନ ନେଇ ଏବଂ ଠିକ୍‌ରେ ମନିଟର ନ କରି ଋଣ ମଞ୍ଜୁର ଯୋଗୁଁ ବର୍ଷ ବର୍ଷ ଧରି ଋଣ ଅନାଦେୟ ହୋଇ ପଡିରହିଛି ।

ସୁଧ ପ୍ରାପ୍ତି 2011-12 ରେ 16 କୋଟି ଟଙ୍କାରୁ ଚଳିତ ବର୍ଷ ତୀଖଭାବେ ବୃଦ୍ଧି ପାଇ 610 କୋଟି ଟଙ୍କା ହୋଇଛି । ସେହିପରି ସମୁଦାୟ ବକେୟା ଋଣ ଓ ଅଗ୍ରୀମ ବାବଦରେ ସୁଧ ପ୍ରାପ୍ତି 2011-12 ରେ 0.41 ପ୍ରତିଶତରୁ ବୃଦ୍ଧି ହୋଇ 2013-14 ରେ 14.58 ପ୍ରତିଶତରେ ରହିଛି । ସୁଧ ପରିଶୋଧ 2013-14 ରେ ବକେୟା ବିତ୍ତୀୟ ଦେୟରେ 6.46 ପ୍ରତିଶତ ଥିବାବେଳେ 14.58 ପ୍ରତିଶତ ସୁଧ ବକେୟା ଋଣ ଉପରେ ମିଳିଥିଲା । ଫଳତଃ 2010-13 ରେ ବିଯୁକ୍ତାତ୍ମକ ଥିବା ଫଳତଃ ଚ଼ଳିତ ବର୍ଷ ସରକାରୀ ଧାର ଗ୍ରହଣ ଉପରେ ସୁଧ ଏକ ଯୁକ୍ତାତ୍ମକ କ୍ଷେତ୍ରକୁ ଆସିଥିଲା । ଯାହାର ଅର୍ଥ ସରକାରୀ ଧାର ଗ୍ରହଣତାର ଋଣ ଅଗ୍ରୀମ ଠାରୁ କମ୍ ବ୍ୟୟ ବହୁଳ ଥିଲା ।

ସରକାର (ଅକ୍ଟୋବର 2014) ରେ କହିଲେ ଯେ ଓ.ଏଚ୍.ପି.ସି ଉପରେ ଥିବା 1278.36 କୋଟି ଟଙ୍କା ଅଧିକ ମୁଲ୍ୟାୟନ ହୋଇଥିବାରୁ ଏହାକୁ ସେବାମୁକ୍ତ କରାଯାଇଛି ଓ 2012-13 ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ଓ 2014-15 ପର୍ଯ୍ୟନ୍ତ ଚ଼ଳିପାରେ । ଅର୍ଥ ବିଭାଗର ଗ୍ରୀଡ୍‌କୋ ସହ ଏ ବିଷୟରେ ଯୋଗାଯୋଗ ଚ଼ଳିଛି । ଯାହାହେଉ, ସରକାର କରଜ ଆଦାୟ ନହେବା ବିଷୟରେ କିଛି ଉତ୍ତର ଦେଇନାହାନ୍ତି ।

### *1.9.5 ରୋକଡ଼ ଅବଶେଷ ଏବଂ ତାହାର ବିନିଧାନ*

**ସାରଣୀ** 1.27 ରେ 2013-14 ବର୍ଷରେ ରାଜ୍ୟ ସରକାରଙ୍କ ଦ୍ୱାରା ରୋକଡ଼ ଅବଶେଷ ଏବଂ ତାହାର ବିନିଧାନର ଚିତ୍ରଣ ହୋଇଛି । 2013-14 ବର୍ଷରେ ରୋକଡ଼ ଅବଶେଷରୁ ବିନିଧାନର ପରିମାଣ 3927.02 କୋଟି ଟଙ୍କା ଥିଲା, ଯାହାର ମୁଖ୍ୟ ଅଂଶ ଭାରତ ସରକାରଙ୍କ ଟ୍ରେଜେରୀ ବିଲ୍ (3874.94କୋଟି ଟଙ୍କା) ମାଧ୍ୟମରେ ବିନିଯୋଗ ହୋଇଥିଲା । ଚଳିତ ବର୍ଷ ଏହି ବିନିଯୋଗ ମାଧ୍ୟମରେ ସରକାର ସୁଧ ବାବଦକୁ 624.49 କୋଟି ଟଙ୍କା ପାଇଥିଲେ ।

ମୁଖ୍ୟତଃ ପୁଞ୍ଜି ଲଗାଣରେ ବୃଦ୍ଧି ଏବଂ ଏହି ପରିମାଣ ରୋକଡ ଅବଶେଷ ହିସାବରେ ପ୍ରତିଫଳିତ ହେବାରୁ ଚଳିତ ବର୍ଷ ଶେଷ ସୁଦ୍ଧା ରୋକଡ ଅବଶେଷ ପୂର୍ବବର୍ଷର 12864.68 କୋଟି ଟଙ୍କା ତୁଳନାରେ 9498.77 କୋଟି ଟଙ୍କାକୁ ହ୍ରାସ ଘଟିଲା ।

### ସାରଣୀ - 1.27 ରୋକଡ଼ ଅବଶେଷ ଏବଂ ତାହାର ବିନିଧାନ

| | 1.4.2013 ରେ ରୋକଡ଼ ଅବଶେଷ | 31.3.2014 ରେ ରୋକଡ଼ ଅବଶେଷ |
|---|---|---|
| **(କ) ସାର୍ବଜନିକ ରୋକଡ଼ ଅବଶେଷ** | | |
| ଟ୍ରେଜେରୀରେ ରହିଥିବା ରାଶି | --- | --- |
| ରିଜର୍ଭ ବ୍ୟାଙ୍କରେ ଜମା ରାଶି | (-)23.92 | 26.87 |
| ଅନ୍ୟାନ୍ୟ ବ୍ୟାଙ୍କରେ ଜମା ରାଶି | --- | --- |
| ଟଙ୍କା ପ୍ରେରଣ - ସ୍ଥାନୀୟ | --- | --- |
| ରୋକଡ଼ ଅବଶେଷ ବିନିଧାନ ହିସାବରେ ବିନିଯୋଗର ପରିମାଣ | 7341.81 | 3927.02 |
| **ସମୁଦାୟ (କ)** | **7317.89** | **3953.89** |
| **(ଖ) ଅନ୍ୟାନ୍ୟ ରୋକଡ଼ ଅବଶେଷ ଓ ବିନିଧାନ** | | |
| ସରକାରୀ ଅଧିକାରୀ ଯଥା: ନିର୍ମାଣ ବିଭାଗ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଜିଲ୍ଲାପାଳମାନଙ୍କ ପାଖରେ ରହିଥିବା ରୋକଡ଼ | 23.47 | 21.55 |
| ବିଭାଗୀୟ ଅଫିସରଙ୍କ ପାଖରେ କଣ୍ଟିଜେଣ୍ଟ ଖର୍ଚ୍ଚ ପାଇଁ ରହିଥିବା ସ୍ଥାୟୀ ଅଗ୍ରୀମ ରାଶି | 0.32 | 0.33 |
| ଚିହ୍ନିତ ପାଣ୍ଠିର ବିନିଯୋଗ | 5523.00 | 5523.00 |
| **ସମୁଦାୟ (ଖ)** | **5546.79** | **5544.88** |
| **ସମୁଦାୟ (କ+ଖ)** | **12864.68** | **9498.77** |

**ଉତ୍ସ : ରାଜ୍ୟ ସରକାରଙ୍କ ବିତ୍ତୀୟ ହିସାବ 2013-14**

31 ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟ ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କରେ ସର୍ବନିମ୍ନ ରୋକଡ଼ ଅବଶେଷ (1.28 କୋଟି ଟଙ୍କା) ରଖିବାକୁ ବାଧ୍ୟତାମୂଳକ । ଯେଉଁଥିରେ ଭାରତ ସରକାରଙ୍କ ଟ୍ରେଜେରୀ ବିଲ୍ ବିନିଯୋଗକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରିବ । ସ୍ୱଳ୍ପ ସୁଧହାର ଥିବା (ପାଞ୍ଚ ପ୍ରତିଶତ) ରିଜର୍ଭ ବ୍ୟାଙ୍କର ଟ୍ରେଜେରୀ ବିଲ୍‌ରେ ପୁଞ୍ଜି ବିନିଯୋଗ କରିବା ପରିବର୍ତ୍ତେ ଅନ୍ୟ ଉପାୟ ଭାବରେ ବିଜ୍ଞ ଆର୍ଥିକ ପରିଚାଳନା ପାଇଁ ଅନୁକୂଳତମ ପୁଞ୍ଜି ଅବଶେଷରେ ବଳକା ପୁଞ୍ଜିକୁ ଅଧିକ ସୁଧହାର ଦେବାକୁ ପଡୁଥିବା ବଣ୍ଡ ଗୁଡ଼ିକ ପରିଶୋଧ କରିବାରେ ବ୍ୟବହାର ହେବା ଉଚିତ । ରାଜ୍ୟ ସରକାର 2013-14 ବର୍ଷରେ ଅଧିକ ସୁଧଯୁକ୍ତ ଋଣକୁ ସୁଝିକରି ବନ୍ଦ କରିବାକୁ ପଦକ୍ଷେପ ନେଇଛନ୍ତି; ସେଗୁଡ଼ିକ ମଧ୍ୟରେ ଓଡ଼ିଶା ଗଭର୍ଣ୍ଣମେଣ୍ଟ ଲୋନ୍(ଓଜିଏଲ୍) 2015 (506କୋଟି ଟଙ୍କା) ସୁଧହାର 7.77 ପ୍ରତିଶତ, ଓଜିଏଲ୍ 2017 (191କୋଟି ଟଙ୍କା) ସୁଧହାର 7.17 ପ୍ରତିଶତ, ଓଜିଏଲ୍ 2014(169କୋଟି ଟଙ୍କା) ସୁଧହାର 7.36 ପ୍ରତିଶତ, ଓଜିଏଲ୍ 2014 (218କୋଟି ଟଙ୍କା) ସୁଧହାର 7.32ପ୍ରତିଶତ ଏବଂ ଭାରତ ସରକାର ଏନ୍‌ଏସ୍‌ଏସ୍‌ଏଫ୍‌କୁ (8985କୋଟି ଟଙ୍କା) ସୁଧହାର ନଅ ପ୍ରତିଶତ ସ୍ୱତନ୍ତ୍ର ନିରାପତ୍ତା ବାବଦରେ ପରିଶୋଧ କରିଛନ୍ତି । ତ୍ରୟୋଦଶ ଅର୍ଥ କମିଶନ (**ଅନୁଚ୍ଛେଦ 7.127**)ରେ ସୁପାରିଶ କରିଥିଲେ ଯେ ଯେଉଁ ରାଜ୍ୟମାନଙ୍କ ପାଖରେ ରୋକଡ଼ ଅବଶେଷ ଅଧିକ ଅଛି, ସଦ୍ୟ ଋଣ କରିବା ପରିବର୍ତ୍ତେ ବଳକା ରାଶିକୁ ଉପଯୋଗ କରିବା ଉଚିତ ।

### ରୋକଡ଼ ଅବଶେଷର ବିଶ୍ଳେଷଣ

ରାଜସ୍ୱ ସମ୍ବନ୍ଧୀୟ ନିଅଣ୍ଟ ଅପେକ୍ଷା ରୋକଡ ଅବଶେଷର ଏକତ୍ରୀକରଣର ମୂଳକାରଣ ହେଲା ଧାର ଗ୍ରହଣ ଏନଏସଏସଏଫ୍ ଠାରୁ ଅତ୍ୟଧିକ ହୋଇଥାଏ । ଅନ୍ୟ କରଣ ରାଜ୍ୟର ରୋକଡ ଅବଶେଷ ଯୋଗୁଁ ହୋଇଥାଏ । ସେଥି ମଧ୍ୟରୁ କେନ୍ଦ୍ରୀୟ ସହାୟତାର ମୁକ୍ତ ହେବାର ସଂକ୍ରିୟ ଗୋଟିଏ ଯାହାକି ସମୟାନୁସାରେ ବ୍ୟବହୃତ ହେଉଥିବା ଅସ୍ଥାୟୀ ରୋକଡ ଅବଶେଷର ଗଚ୍ଛିତ ଯୋଗୁଁ ରାଜ୍ୟକୁ ଦିଆଯାଉଥିବା ଅନୁଦାନ ଅନ୍ୟତମ । ଆର୍ଥିକ ବର୍ଷର ଶେଷ ସୁଦ୍ଧା ସରକାରୀ ଆଗରେ ଜମା ଖାତାକୁ ଅବ୍ୟୟିତ ପାଣ୍ଠିର ସ୍ଥାନାନ୍ତରଣ ଯୋଗୁଁ ରୋକଡ ଅବଶେଷର ଗଚ୍ଛିତ ସମ୍ଭବ ହୁଏ । କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାରେ ବର୍ଷ ଶେଷରେ ରାଜ୍ୟ ଦ୍ୱାରା ଆୟବ୍ୟୟ ଅଟକଳ ହୋଇ ନଥିବା ପ୍ରବାହ ଗୁଡିକ କେନ୍ଦ୍ରଠାରୁ ହୋଇଥିବା ଯୋଗୁଁ ରୋକଡ ଅବଶେଷରେ ବୃଦ୍ଧି ଘଟିଥାଏ ।

ତ୍ରୟୋଦଶ ଅର୍ଥ କମିଶନ ପ୍ରସ୍ତାବ ଦେଇଥିଲେ ଯେ ନୂତନ ଋଣ ଗ୍ରହଣ ପୂର୍ବରୁ ରାଜ୍ୟଗୁଡ଼ିକ ସେମାନଙ୍କର ରହିଯାଇଥିବା ରୋକଡ଼ ଅବଶେଷର ବିନିଯୋଗ ପାଇଁ ଉଦ୍ୟମ କରିବା ଉଚିତ । ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ଯ ଘଟଣାକ୍ରମକୁ ଦୋହରାଇଥିଲା ଏବଂ ଉପଦେଶ ଦେଲା ଯେ ରାଜ୍ୟ ତା'ର ରୋକଡ଼ ଅବଶେଷକୁ ଅଧିକ ଦକ୍ଷତାର ସହିତ ପରିଚ୍ଚଳନା କରନ୍ତୁ । 2013-14 ବର୍ଷ ପାଇଁ ଏହା ଏକ ପ୍ରଶଂସନୀୟ ଟୀପ୍ପଣୀ ଯେ ରାଜ୍ୟ ତ୍ରୟୋଦଶ ଅର୍ଥ କମିଶନର ସୁପାରିଶକୁ ଗ୍ରହଣ କରିବା ସହିତ ଖୋଲା ବଜାରରୁ ଋଣ ଗ୍ରହଣକୁ ପରିହାର କରିବା ସହିତ ଓଡ଼ିଶା ରାଜ୍ୟ ଉନ୍ନତି ଋଣ (ଓଏସ୍ଡିଏ) ୪85 କୋଟି ଟଙ୍କାର ଋଣ ସୁଧ ଯୁକ୍ତ ଋଣକୁ ସୁଝିଥିଲା ।

## 1.10 ଆସ୍ତି ଏବଂ ଦେୟତା

### *1.10.1 ଆସ୍ତି ଓ ଦେୟତାର ଉପାଦାନ ଓ ବୃଦ୍ଧି*

ପ୍ରଚଳିତ ସରକାରୀ ହିସାବ ପଦ୍ଧତିରେ, ସ୍ଥାୟୀ ପରିସମ୍ପତ୍ତି ଯଥା- ସରକାରଙ୍କର ସ୍ୱକୀୟ ଜମିଜମା ଓ କୋଠାବାଡ଼ିର ହିସାବ ବ୍ୟାପକ ଭାବେ କରାଯାଇ ନାହିଁ । ତଥାପି ସରକାରୀ ହିସାବରେ ସରକାରଙ୍କର ଆର୍ଥିକ ଦେୟର ଦାୟିତ୍ୱ ଏବଂ ବ୍ୟୟିତ ଅର୍ଥରୁ ସୃଷ୍ଟ ସରକାରୀ ପରିସମ୍ପତ୍ତି ପ୍ରତିଫଳିତ ହୋଇଥାଏ । ***ପରିଶିଷ୍ଟ 1.7*** ରେ 31 ମାର୍ଚ୍ଚ 2014 ସୁଦ୍ଧା ଦେୟତା ଓ ପରିସମ୍ପତ୍ତି ସହିତ 31 ମାର୍ଚ୍ଚ 2013ରେ ଥିବା ଦେୟତା ଓ ପରିସମ୍ପତ୍ତିର ଏକ ତୁଳନାତ୍ମକ ସ୍ଥିତିର ସାରାଂଶ ପ୍ରଦାନ କରାଯାଇଛି । ଦେୟର ଦାୟିତ୍ୱ ମୁଖ୍ୟତଃ ଆଭ୍ୟନ୍ତରୀଣ ଋଣ, ଭାରତ ସରକାରଙ୍କଠାରୁ ମିଳିଥିବା ଅଗ୍ରୀମ ଓ ଋଣ ଏବଂ ଆରକ୍ଷଣ ପାଣ୍ଠି ଓ ସରକାରୀ ହିସାବ ପାଣ୍ଠିରୁ ପ୍ରାପ୍ତ ଅର୍ଥ ପାଇଁ ହୋଇଥାଏ । ସେହିପରି ପରିସମ୍ପତ୍ତି ମୁଖ୍ୟତଃ ପୁଞ୍ଜିଗତ ଖର୍ଚ୍ଚରୁ ସୃଷ୍ଟ ସମ୍ପତ୍ତି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଅଗ୍ରୀମ ଓ ଋଣ ଏବଂ ବଳକା ଅର୍ଥକୁ ବିନିଯୋଗ କରାଯାଉଥିବା ବ୍ୟବସ୍ଥା ଦ୍ୱାରା ଗଠିତ ହୋଇଥାଏ । 2006-07 ପରେ ସରକାର ଏକ ବୃହତ୍ ରାଶି ଏକାଠି କରିଛନ୍ତି ଏବଂ ଭାରତ ସରକାରଙ୍କଠାରୁ କରିଥିବା ପୁରାତନ ଋଣକୁ ପରିଶୋଧ କରିଛନ୍ତି, ଏହାଛଡ଼ା ନିଜସ୍ୱ ଆଦାୟ ଓ କେନ୍ଦ୍ରୀୟ ପ୍ରାପ୍ତିର ପରିମାଣ ବୃଦ୍ଧି ପାଇବାରୁ ଆର୍ଥିକ ଅବଶେଷ ରାଶିର ଉଲ୍ଲେଖନୀୟ ଭାବେ ଅଗ୍ରଗତି ଘଟିଛି, ଯାହାଫଳରେ ଏହି ବର୍ଷଗୁଡ଼ିକରେ ରାଜ୍ୟ ସରକାର ପରିସମ୍ପତ୍ତି ଦେୟତା ମଧ୍ୟରେ ଥିବା ଅନୁପାତର ଉନ୍ନତି ଘଟିଛି । ବିଗତ ପାଞ୍ଚ ବର୍ଷ ମଧ୍ୟରେ ପରିସମ୍ପତ୍ତିର ବିଶେଷ ଅଭିବୃଦ୍ଧି ଘଟିଛି ।

### *1.10.2 ବିତ୍ତୀୟ ଦେୟତା*

***ପରିଶିଷ୍ଟ 1.3*** ରେ ରାଜ୍ୟର ବକେୟା ଆର୍ଥିକ ଦେୟ ରାଶିର ତଥ୍ୟ ଉପସ୍ଥାପନ କରାଯାଇଛି । ବିଗତ ବର୍ଷ ତୁଳନାରେ ଚଳିତ ବର୍ଷର ଆର୍ଥିକ ଦେୟଗୁଡ଼ିକର ତୁଳନାତ୍ମକ ଉପସ୍ଥାପନ **ଋର୍ଟ 1.11 ଓ 1.12** ମାଧ୍ୟମରେ କରାଯାଇଅଛି ।

**ଚାର୍ଟ 1.11: 01 ଏପ୍ରିଲ 2013 ରେ ସରକାରଙ୍କ ବକେୟା ଦେୟତାର ସଂରଚନା(କୋଟି ଟଙ୍କାରେ)**




**ଚାର୍ଟ 1.12: 31 ମାର୍ଚ୍ଚ 2014 ରେ ସରକାରଙ୍କ ବିତ୍ତୀୟ ବକେୟା ଦେୟତାର ସଂରଚନା(କୋଟି ଟଙ୍କାରେ)**




**ଉତ୍ସ : ବିତ୍ତୀୟ ହିସାବ**

ଏକ ଅପ୍ରେଲ 2013 ସୁଦ୍ଧା ଆର୍ଥିକ ଦେୟତା 43344 କୋଟି ଟଙ୍କା ମଧ୍ୟରୁ ଆଭ୍ୟନ୍ତରୀଣ ଋଣର ପରିମାଣ 16108 କୋଟି ଟଙ୍କା (37ପ୍ରତିଶତ), ସରକାରୀ ହିସାବ ଦେୟତା 20027 କୋଟି ଟଙ୍କା (46 ପ୍ରତିଶତ) ଏବଂ ଭାରତ ସରକାରଙ୍କଠାରୁ ମିଳିଥିବା ଅଗ୍ରୀମ ଓ ଋଣ 7209 କୋଟି ଟଙ୍କା (17 ପ୍ରତିଶତ) । ଯାହାହେଉ 31 ମାର୍ଚ୍ଚ 2014 ସୁଦ୍ଧା ଏହା 1370 କୋଟି ଟଙ୍କା ବୃଦ୍ଧି ପାଇ 44714 କୋଟି ଟଙ୍କାରେ ପହଞ୍ଚିଥିଲା । 2013-14 ବର୍ଷ ଶେଷ ସୁଦ୍ଧା ଏହି ଆର୍ଥିକ ଦେୟତା ମଧ୍ୟରେ ଆଭ୍ୟନ୍ତରୀଣ ଋଣ 16073 କୋଟି ଟଙ୍କା(36ପ୍ରତିଶତ), ସରକାରୀ ହିସାବ ଦେୟ 21399 କୋଟି ଟଙ୍କା (48ପ୍ରତିଶତ) ଏବଂ ଭାରତ ସରକାରଙ୍କଠାରୁ ମିଳିଥିବା ଅଗ୍ରୀମ ଓ ଋଣ 7242 କୋଟି ଟଙ୍କା (16ପ୍ରତିଶତ) ଅଟେ । ଆଭ୍ୟନ୍ତରୀଣ ଋଣର ପରିମାଣ 16073 କୋଟି ଟଙ୍କା ଯାହାକି ମୁଖ୍ୟତଃ ସୁଧଯୁକ୍ତ ବଜାର ଋଣ (2921 କୋଟି ଟଙ୍କା), ନାବାର୍ଡର ଋଣ (3904 କୋଟି ଟଙ୍କା) ଏବଂ ଜାତୀୟ ସ୍ୱଳ୍ପ ସଞ୍ଚୟ ନିଧିକୁ ଦିଆଯାଇଥିବା ପ୍ରତ୍ୟାଭୂତି (8985 କୋଟି) ଟଙ୍କାକୁ ନେଇ ଗଠିତ । ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ 2014-15ବର୍ଷ ସୁଦ୍ଧା ଆର୍ଥିକ ଦେୟ ଜି.ଏସ୍.ଡି.ପିରୁ 25 ପ୍ରତିଶତ ନିମ୍ନରେ ରହିବା ଉଚିତ । ରାଜ୍ୟ ସରକାର ଏହି ଲକ୍ଷ୍ୟକୁ ମଧ୍ୟ ଏହି ଆର୍ଥିକ ବର୍ଷରେ ହାସଲ କରିଛନ୍ତି । ଆର୍ଥିକ ଦେୟତା 2013-14 ଶେଷ ସୁଦ୍ଧା ଜି.ଏସ୍.ଡି.ପି.ର 15ପ୍ରତିଶତ ଅଟେ, ଯାହାକି ପୂର୍ବବର୍ଷ ତୁଳନାରେ ଦୁଇ ପ୍ରତିଶତ କମ୍ ଅଟେ । ଏହା ରାଜ୍ୟ ଆର୍ଥିକ ସ୍ଥିତିର ଏକ ଶୁଭ ସଙ୍କେତ ଅଟେ ।

### *1.10.3 ପ୍ରତ୍ୟାଭୂତିର ସ୍ଥିତି - ଆକସ୍ମିକ ଦେୟତା*

ଯଦି ଋଣ ଗ୍ରହୀତା ଋଣ ପରିଶୋଧରେ ଖିଲାପ କରେ ଏବଂ ଯାହା ପାଇଁ ରାଜ୍ୟ ସରକାର ଗାରେଣ୍ଟି ଦେଇଥାନ୍ତି, ସେହି ଗାରେଣ୍ଟି ଋଣକୁ ରାଜ୍ୟର ଆକସ୍ମିକ ଦେୟତା ରୂପେ ବିବେଚନା କରାଯାଏ ।

ଆର୍ଥିକ ହିସାବ ବହିର ବିବରଣୀ 9 ରେ ରାଜ୍ୟ ସରକାର ସଂସ୍ଥାମାନଙ୍କୁ ଦେଇଥିବା ଅଧିକତମ ଗାରେଣ୍ଟି ଅର୍ଥ ଏବଂ ଗତ ତିନିବର୍ଷରେ ଥିବା ବକେୟା ପ୍ରତ୍ୟାଭୂତି ହିସାବ ସାରଣୀ 1.28 ରେ ପ୍ରଦତ୍ତ ହୋଇଛି ।

**ସାରଣୀ 1.28 ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପ୍ରତ୍ୟାଭୂତି**

(କୋଟି ଟଙ୍କାରେ)

| ପ୍ରତ୍ୟାଭୂତି | 2011-12 | 2012-13 | 2013-14 |
|---|---|---|---|
| ପ୍ରତ୍ୟାଭୂତି ରାଶିର ପରିମାଣ | 10578.61 | 10578.61 | 10624.61 |
| ବକେୟା ପ୍ରତ୍ୟାଭୂତି ରାଶି | 2510.43 | 2251.23 | 1705.26 |

| ପ୍ରତ୍ୟାଭୂତି | 2011-12 | 2012-13 | 2013-14 |
|---|---|---|---|
| ଚଳିତ ବର୍ଷର ସମୁଦାୟ ପ୍ରତ୍ୟାଭୂ ରାଶି ଓ ମୋଟ ରାଜସ୍ୱ ଆଦାୟର ଶତକଡ଼ା | 26.27 | 24.08 | 21.71 |
| ଏମ୍.ଟି.ଏଫ୍.ପି ବ୍ୟବସ୍ଥା ଅନୁଯାୟୀ ଦ୍ୱିତୀୟ ପୂର୍ବ ବର୍ଷର ମୋଟ ରାଜସ୍ୱ ପ୍ରାପ୍ତି ବିଯୁକ୍ତ ସହାୟକ ଅନୁଦାନ ସହିତ ବକେୟା ପ୍ରତିଭୂତିର ଶତକଡ଼ା । | 12.12 | 8.50 | 5.31 |
| ମାନଦଣ୍ଡ ଅନୁସାରେ ସବୁଠାରୁ ଅଧିକ ପ୍ରତ୍ୟାଭୂତି - ଅର୍ଥ ବିଭାଗର ଇସ୍ତାହାର ନଂ 52214 / ଏଫ୍, 12 ନଭେମ୍ବର 2002 ଅନୁଯାୟୀ ବକେୟା ପ୍ରତ୍ୟାଭୂତି ରାଶି ଦ୍ୱିତୀୟ ପୂର୍ବ ବର୍ଷର ମୋଟ ରାଜସ୍ୱ ପ୍ରାପ୍ତି ବିଯୁକ୍ତ ସହାୟକ ଅନୁଦାନର ଶତ ପ୍ରତିଶତଠାରୁ ଅଧିକ ହେବା ଉଚିତ ନୁହେଁ । | 20713 | 26470 | 32115 |

**ଉତ୍ସ : ଓଡ଼ିଶା ସରକାରଙ୍କ ସଂପୃକ୍ତ ବର୍ଷ ନିମିତ୍ତ ଆର୍ଥିକ ହିସାବରେ**

ବକେୟା ପ୍ରତ୍ୟାଭୂତି 2012-13 ଆର୍ଥିକ ବର୍ଷରେ 2251 କୋଟି ଟଙ୍କାରୁ 24 ପ୍ରତିଶତ ହ୍ରାସ ପାଇ 2013-14 ଆର୍ଥିକ ବର୍ଷର 1705 କୋଟି ଟଙ୍କା ହୋଇଥିଲା । ଚାରିଟି ଶକ୍ତି କ୍ଷେତ୍ର, 42ଟି ସମବାୟ ସଂସ୍ଥା, ଗୃହ ଓ ସହର ଉନ୍ନୟନର 86ଟି ସଂସ୍ଥା, ଗୋଟିଏ ସେଚ ସଂସ୍ଥା, ଦୁଇଟି ସଡ଼କ ପରିବହନ ସଂସ୍ଥା, 7ଟି ରାଜ୍ୟ ଅର୍ଥ ନିଗମ ସଂସ୍ଥା ଏବଂ ଅନ୍ୟାନ୍ୟ 19ଟି  ଭିତ୍ତି ସଂରଚନା କ୍ଷେତ୍ରକୁ ପ୍ରତ୍ୟାଭୂତି ପ୍ରଦାନ କରାଯାଇଥିଲା । 19 ମାର୍ଚ୍ଚ 2004ରେ ରାଜ୍ୟ ସରକାର ଏକ ଇସ୍ତାହାର ଜାରିକରି ଋଣ ନେଇଥିବା କିମ୍ବା ସରକାରୀ ଗ୍ୟାରେଣ୍ଟିକୁ ବ୍ୟବହାର କରି ଋଣ ନେବାକୁ ଚାହୁଁଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ / ସ୍ୱାୟତ୍ତ ନିକାୟ / ସମବାୟ ସମିତିମାନଙ୍କୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏସ୍କ୍ରୋ ଆକାଉଣ୍ଟ ଖୋଲିବା ପାଇଁ ଅନୁଦେଶ ଦେଇଥିଲେ, ଯାହାଫଳରେ ଗ୍ୟାରେଣ୍ଟି ଋଣ ଠିକ୍ ସମୟରେ ପରିଶୋଧ ହୋଇପାରିବ । 31 ମାର୍ଚ୍ଚ 2014 ସୁଦ୍ଧା 161ଟି ସଂସ୍ଥା ମଧ୍ୟରୁ 14ଟି ସଂସ୍ଥା ଏସ୍କ୍ରୋ ଏକାଉଣ୍ଟ୍ ଖୋଲିଛନ୍ତି ।

ଯଦିଓ ସମ୍ବିଧାନ ଅନୁଚ୍ଛେଦ 293ରେ ଗ୍ୟାରେଣ୍ଟି ରାଶିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରାଯାଇନାହିଁ କିନ୍ତୁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଇସ୍ତାହାର ନଂ-52214/ଏଫ୍, 12 ନଭେମ୍ବର 2002ରେ ଏକ ପ୍ରଶାସନିକ ସୀମା ନିର୍ଦ୍ଧାରଣ କରିଥିଲେ । ତଦନୁସାରେ ପ୍ରତିବର୍ଷ ଏକ ଅପ୍ରେଲ୍ ସୁଦ୍ଧା ବକେୟା ପ୍ରତ୍ୟାଭୂତିର ପରିମାଣ ମହାଲେଖାକାର (ଲେଖା ଓ ହକ୍‌ଦାରୀ)ଙ୍କ ହିସାବ ଅନୁଯାୟୀ ଦ୍ୱିତୀୟ ପୂର୍ବବର୍ଷରେ ରାଜ୍ୟରେ ନିରୂପିତ ରାଜସ୍ୱ ଆୟଠାରୁ ଶତ ପ୍ରତିଶତରୁ ଅଧିକ ହୋଇପାରିବ ନାହିଁ । ଉପରୋକ୍ତ ଅନୁସାରେ ପ୍ରତ୍ୟାଭୂତିର ସ୍ଥିତି ମାନାଦର୍ଶର ପରିଧି ଭିତରେ, ଯେପରି ଇସ୍ତାହାରରେ **ସାରଣୀ 1.28** ସୂଚୀତ ହୋଇଛି ।

ରାଜ୍ୟ ସରକାରଙ୍କୁ ପ୍ରତ୍ୟାଭୂତି ପରି ନୈତିକ ଦାୟିତ୍ୱକୁ ଲାଘବ କରିବା ପାଇଁ ଦ୍ୱାଦଶ ଅର୍ଥ କମିଶନ ସୁପାରିଶ କଲା ଯେ ରାଜ୍ୟ ସରକାର ଚିହ୍ନିତ ପ୍ରତ୍ୟାଭୂତି ରାଶି ମାଧ୍ୟମରେ ପ୍ରତ୍ୟାଭୂତି ମୋଚନ ପାଣ୍ଠି ଗଠନ କରାଯିବା ଉଚିତ । ମୋଟ ବକେୟା ଦେୟତା ମଧ୍ୟରେ ଥିବା ଆକସ୍ମିକ ଦେୟତାକୁ ପରିଚାଳନା କରିବା ପାଇଁ ସରକାର 2002-03ରେ ପ୍ରତ୍ୟାଭୂତି ମୋଚନ ପାଣ୍ଠିର ସ୍ଥାପନ କରିଥିଲେ । ଯାହାହେଉ ଏହି ପାଣ୍ଠିରୁ ଅର୍ଥ ଦେଣନେଣ 2008-09 ବର୍ଷଠାରୁ ହୋଇନାହିଁ, ଯଦିଓ ଗ୍ୟାରେଣ୍ଟି କମିଶନ କିଛି ରାଶି ଗ୍ରହଣ କରିଥିଲେ ଏବଂ କିଛି ଗ୍ୟାରେଣ୍ଟି ରାଶିକୁ ନୈତିକ ଦାୟିତ୍ୱ ଭାବେ ପ୍ରଦାନ କରିଥିଲେ । 31 ମାର୍ଚ୍ଚ 2014 ସୁଦ୍ଧା ଉକ୍ତ ପାଣ୍ଠିରେ 480କୋଟି ଟଙ୍କାର ପୁଞ୍ଜି ଲଗାଣ ହୋଇ ପଡ଼ି ରହିଛି ।

ପୁନଶ୍ଚ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଗ୍ୟାରେଣ୍ଟି ଆଧାରରେ ଅନୁଷ୍ଠାନଗୁଡ଼ିକ କେତେକ କ୍ଷେତ୍ରରେ 0.01 ଠାରୁ ଏକ ପ୍ରତିଶତ ହାରରେ ପ୍ରତ୍ୟାଭୂତି କମିଶନ ପ୍ରଦାନ କରିବା ଆବଶ୍ୟକ ଥିଲା । ଅଡିଟ୍‌କୁ ଦିଆଯାଇଥିବା ସୂଚନାନୁଯାୟୀ ପ୍ରତ୍ୟାଭୂତି କମିଶନ କିମ୍ବା ଦେୟ ବାବଦରେ 287.65 କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ଉପରେ ବକେୟା ଥିଲା, ଯାହା ***ସାରଣୀ 1.29*** ରେ ଦର୍ଶାଗଲା ।

ସାରଣୀ **1.29** ସରକାରଙ୍କ ଦ୍ୱାରା ପ୍ରାପ୍ତ ହୋଇଥିବା / ପାଇବାକୁ ଥିବା ପ୍ରତ୍ୟାଭୂତି କମିଶନ

(କୋଟି ଟଙ୍କାରେ)

| ସଂସ୍ଥାମାନଙ୍କର ନାମ | ପ୍ରାପ୍ତ ହୋଇଥିବା କମିଶନ ରାଶି | ପାଇବାକୁ ଥିବା କମିଶନ ରାଶି |
|---|---|---|
| ଶକ୍ତି | 124.73 | 217.68 |
| ସମବାୟ | 1.60 | 3.91 |
| ଜଳସେଚ | 0.00 | 0.00 |
| ରାଜ୍ୟ ଅର୍ଥ ନିଗମ | 2.85 | 8.48 |
| ଗୃହ ଓ ସହର ଉନ୍ନୟନ | 26.81 | 40.94 |
| ସଡ଼କ ଓ ପରିବହନ | 1.84 | 1.84 |
| ଅନ୍ୟାନ୍ୟ ସଂରଚନା କ୍ଷେତ୍ର | 4.41 | 13.54 |
| ଅନ୍ୟାନ୍ୟ କ୍ଷେତ୍ର | 0 | 1.26 |
| ମୋଟ | **162.24** | **287.65** |

**ଉତ୍ସ :** 2013-14 ର ବିତ୍ତୀୟ ହିସାବ ପୁସ୍ତକରୁ ।

ଅର୍ଥ ସମ୍ବନ୍ଧୀୟ ବଜାରରେ ରାଜ୍ୟ ଆର୍ଥିକ ସ୍ଥିତିର ବିଶ୍ୱସନୀୟତା ବଢ଼ାଇବା ପାଇଁ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେଇଛନ୍ତି । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ସରକାରଙ୍କ ଗ୍ୟାରେଣ୍ଟିଗୁଡ଼ିକ ଏକକାଳୀନ ବନ୍ଦୋବସ୍ତ (ଓ.ଟି.ଏସ୍) ଅନ୍ୟତମ ଅଟେ । ଏପର୍ଯ୍ୟନ୍ତ ରାଜ୍ୟ ସରକାର ଓ.ଟି.ଏସ୍ ବ୍ୟବସ୍ଥା ମାଧ୍ୟମରେ ବିଭିନ୍ନ ସରକାରୀ ଉଦ୍ୟୋଗ ଓ ସମବାୟ ସଂସ୍ଥାଗୁଡ଼ିକୁ 744.99 କୋଟି ଟଙ୍କା ପ୍ରଦାନ କରିଛନ୍ତି । ଅଧିକନ୍ତୁ ସରକାର 2013-14 ଆର୍ଥିକ ବର୍ଷରେ କୌଣସି ପ୍ରତ୍ୟାଭୂତିକୁ ପ୍ରଶ୍ରୟ ଦେଇନାହାଁନ୍ତି କିମ୍ବା ସାନ୍ତ୍ୱନାମୂଳକ ପତ୍ର ପ୍ରଦାନ କରିନଥିଲେ ।

### *1.10.4 ଆରକ୍ଷଣ ପାଣ୍ଠିର ଦେଣନେଣ*

**i) ଏକତ୍ରିକୃତ ଋଣ ସଂଶୋଧନ ପାଣ୍ଠି(ସିଏସଏଫ୍):** ଦ୍ୱାଦଶ ଅର୍ଥ କମିଶନ ସୁପାରିଶ କରିଛନ୍ତି ଯେ ରାଜ୍ୟ ସରକାର ବଜାରରୁ ଉଠାଇଥିବା ଋଣ ଯଥା ବ୍ୟାଙ୍କ ଋଣ, ଜାତୀୟ ସ୍ୱଳ୍ପ ଜମା ପାଣ୍ଠିରୁ ଗ୍ରହଣ କରିଥିବା ଋଣକୁ ପରିଶୋଧ କରିବା ପାଇଁ ଋଣଶୋଧନ ପାଣ୍ଠି ପ୍ରତିଷ୍ଠା କରିବା ଉଚିତ, ଯେଉଁଥିରୁ କେବଳ ଋଣ ଶୁଝାଯିବା ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ ନାହିଁ । ଗ୍ୟାରେଣ୍ଟି ଋଣ ପାଣ୍ଠି କେବଳ ଗ୍ୟାରେଣ୍ଟି ଉତ୍ତର ଦାୟିତ୍ୱକୁ କମାଇବା ପାଇଁ ଉଦ୍ଦିଷ୍ଟ । ରାଜ୍ୟ ସରକାର ସମୁଦାୟ ଅଶୁଝା ଦେୟର ନ୍ୟୁନତମ 0.5 ପ୍ରତିଶତ ବର୍ଷ ଆରମ୍ଭରେ ପାଣ୍ଠିକୁ ଅଂଶଦାନ କରିବା ଦରକାର । ସେ ଯାହାହେଉ, ଏକତ୍ରୀକୃତ ଋଣ ସଂଶୋଧନ ପାଣ୍ଠିର ପରିଚାଳନା ଓ ଗଠନ ପାଇଁ ରାଜ୍ୟ ସରକାର ପୁନଃ ନୀରିକ୍ଷିତ ଯୋଜନାର ଅଧିସୂଚନା ଜାରି କରିଥିଲେ । ଏହି ଯୋଜନା ଅନୁଯାୟୀ, 2003-04 ବର୍ଷ ମଧ୍ୟରେ ଖୋଲା ବଜାରର ଧାରଗୁଡ଼ିକର ମୋଚନ ପାଇଁ ସରକାର ଏକ ସିଏସଏଫ ଗଠନ କରିଥିଲେ । ଏହି ପୁନଃ ନିରୀକ୍ଷୀତ ଯୋଜନାର ପଥଦର୍ଶୀ ନିତୀ ବଦଳରେ ରାଜ୍ୟ ସରକାର ପୂର୍ବ ବର୍ଷ ଶେଷ ସୁଦ୍ଧା ଅଶୁଝା ବଜାର ଋଣର ନ୍ୟୁନତମ ଏକ ପ୍ରତିଶତ ଅଂଶଦାନ କରିବା ଦରକାର । ରାଜ୍ୟ ସରକାର 43344.47 କୋଟି ଟଙ୍କା ଋଣ ବୃଦ୍ଧି କରିଛନ୍ତି । ଯେଉଁଥିରେ 3806.06 କୋଟି ଟଙ୍କା ବଜାର ଋଣ ଅଛି । ସେହି ଅନୁସାରେ ଦ୍ୱାଦଶ ଅର୍ଥ କମିଶନ ସୁପାରିଶ ବଳରେ ପାଣ୍ଠିକୁ ଅଂଶଦାନ କରିବା ପରିମାଣ ହେଲା 216.72 କୋଟି(ବର୍ଷ ଆରମ୍ଭରେ ସମୁଦାୟ ଦାୟିତ୍ୱର 0.5 ପ୍ରତିଶତ) ଏବଂ ରାଜ୍ୟ ସରକାରଙ୍କ ପୁନଃ ନୀରିକ୍ଷିତ ଯୋଜନା ବଳରେ 3.81 କୋଟି ଟଙ୍କା ଅଟେ । ସେ ଯାହାହେଉ, ରାଜ୍ୟ ସରକାର ସେହି ବର୍ଷ ମଧ୍ୟରେ ପାଣ୍ଠିକୁ କିଛି ଅଂଶ ଦାନ କରି ନଥିଲେ । ପରବର୍ତ୍ତୀ ସମୟରେ ରାଜସ୍ୱ ବଳକାକୁ 3.81 କୋଟି ଟଙ୍କା ଓ 216.72 କୋଟି ଟଙ୍କା ମଧ୍ୟରେ ସେହି ବର୍ଷରେ ଅଧିକ ମୂଲ୍ୟାୟନ କରାଯାଇଥିଲା ।

**ii) ପ୍ରତ୍ୟାଭୂତି ଋଣ ମୋଚନ ପାଣ୍ଠି :** ଦ୍ୱାଦଶ ଅର୍ଥ କମିଶନର ସୁପାରିଶ ଅନୁଯାୟୀ 20କୋଟି କାୟା ପାଣ୍ଠି (କର୍ପୋସ ପାଣ୍ଠି) 2002-03 ବର୍ଷରେ ପ୍ରତ୍ୟାଭୂତି ଋଣ ମୋଚନ ପାଣ୍ଠି ଗଠିତ ହୋଇଥିଲା । ପାଣ୍ଠିର ଅବଶେଷ 31 ମାର୍ଚ୍ଚ 2014 ସୁଦ୍ଧା ଥିଲା 480 କୋଟି ଟଙ୍କା । 2013-14 ବର୍ଷ ଶେଷରେ ମୋଟନ ପାଣ୍ଠିରୁ କିଛି ପରିଶୋଧ ନ କରି ବିଭିନ୍ନ କାର୍ଯ୍ୟାତ୍ମକ ମୁଖ୍ୟ ଶୀର୍ଷରୁ ଭରଣା କରି ରାଜ୍ୟ ସରକାର 744.99 କୋଟି ଟଙ୍କାର ଦାୟିତ୍ୱକୁ ଶୁଝି ଥିଲେ । ଯେତେବେଳେ ସତ୍ତା ବିରୁଦ୍ଧରେ ଧାର ଅସୁଲ ଅଯୋଗ୍ୟ ହୋଇଯାଏ ଏହି ପରିମାଣ ପ୍ରତ୍ୟାଭୂତି ଋଣ ମୋଚନ ପାଣ୍ଠିରୁ ଭରଣା କରାଯାଇଥାଏ । କୌଣସି ଗ୍ୟାରେଣ୍ଟି ଆବାହନ କରାଯାଏ ନାହିଁ ଏବଂ ସରକାର କୌଣସି ପାଣ୍ଠି 2013-14 ରେ ଦିଆନ୍ତି ନାହିଁ । ଏହି ପାଣ୍ଠିରେ ବିନିଯୋଗ ନକରିବା ଦ୍ୱାରା ଏହା ରାଜ୍ୟ ସରକାରଙ୍କୁ ବିତ୍ତୀୟ ନିଅଣ୍ଟକୁ ଭରଣାକରିବାରେ ସହାୟକ ହୁଏ ।

**iii) ରାଜ୍ୟ ବିପର୍ଯ୍ୟୟ ଜବାବି ପାଣ୍ଠି:** ତ୍ରୟୋଦଶ ଅର୍ଥ କମିଶନର ସୁପାରିଶ ଅନୁଯାୟୀ ରାଜ୍ୟ ବିପର୍ଯ୍ୟୟ ଜବାବି ପାଣ୍ଠି 2010-11 ବର୍ଷରେ ଗଠିତ ହୋଇଥିଲା । ପଥଦର୍ଶୀ ନୀତି ବଳରେ ରାଜ୍ୟ ଓ କେନ୍ଦ୍ର ସରକାର 75:25 ଅନୁପାତରେ ଅଂଶଦାନ କରିବାର ଥିଲା । ତଦନୁଯାୟୀ କେନ୍ଦ୍ର 2013-14 ରେ ପାଣ୍ଠିକୁ 419.99 କୋଟି ଟଙ୍କା ଅଂଶଦାନ କରିଥିଲେ ଓ ରାଜ୍ୟ ସରକାର 139.98 କୋଟି ଟଙ୍କା ଏହି ପାଣ୍ଠିକୁ ଅଂଶଦାନ କରିଥିଲେ । ସେହି ବର୍ଷରେ 31 ମାର୍ଚ୍ଚ 2014 ସୁଦ୍ଧା ଏହି ପାଣ୍ଠିରେ 1449.47 କୋଟି ଟଙ୍କା ଖର୍ଚ୍ଚ କରି ଅବଶେଷ 54.99 କୋଟି ଟଙ୍କା ଥିଲା ।

## *1.10.5 ଅପ୍ରବର୍ତ୍ତନୀୟ ଆରକ୍ଷଣ ପାଣ୍ଠି*

ଆରକ୍ଷଣ ପାଣ୍ଠି ଏକ ସ୍ୱତନ୍ତ୍ର ଓ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇଛି ଯାହା ରାଜ୍ୟ ସରକାରଙ୍କ ବିତ୍ତୀୟ ହିସାବ ବହିର ଜେ ସେକ୍ଟରରେ ଦର୍ଶାଯାଇଛି । ଏହି ପାଣ୍ଠିର ଉତ୍ସ ଦେଶ କିମ୍ବା ରାଜ୍ୟ ସରକାରଙ୍କ ଏକତ୍ରିକରଣ ପାଣ୍ଠିର ଅନୁଦାନ ଅଟେ । ବିଧାନମଣ୍ଡଳର ମତଦାନ ହାସଲ ପରେ ଏହି ଖର୍ଚ୍ଚ ଏକତ୍ରୀକରଣ ପାଣ୍ଠିର ପ୍ରାରମ୍ଭିକ ହିସାବରୁ ହାସଲ କରାଯାଏ । ବର୍ଷ ଶେଷର ହିସାବ ସମାପ୍ତି ପରେ ହେଉଥିବା ଖର୍ଚ୍ଚକୁ ସରକାରୀ ହିସାବ ପାଣ୍ଠିକୁ ବିୟୋଗାତ୍ମକ ହିସାବ ସମ୍ପାଦନା ପରେ ସ୍ଥାନାନ୍ତରିତ କରାଯାଏ । ଏହି ପାଣ୍ଠିକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ଯଥା ସୁଧ ଯୁକ୍ତ ପାଣ୍ଠି ଏବଂ ମୁକ୍ତ ପାଣ୍ଠି । ଏହି ସମସ୍ତ ପାଣ୍ଠି (ଯାହା ସୁଧଯୁକ୍ତ ପାଣ୍ଠି ବା ସୁଧ ମୁକ୍ତ ପାଣ୍ଠି) ଯେଉଁଥି ପାଇଁ ଏହି ପାଣ୍ଠିର ସୃଷ୍ଟି, ସେହି ଉଦ୍ଦେଶ୍ୟରେ ବ୍ୟବହୃତ ହେବା ଉଚିତ ।

ରାଜ୍ୟ ସରକାରଙ୍କ ହିସାବରେ 27ଟି ଆରକ୍ଷଣ ପାଣ୍ଠି ସୃଷ୍ଟି ହୋଇ ପରିଚାଳିତ ହେଉଅଛି । ଏଥିରୁ 21ଟି ବହୁଦିନରୁ ଅକାମୀ ଓ ନିଷ୍କ୍ରିୟ ରହିଛି । 21ଟି ଅକାମୀ ପାଣ୍ଠିର ସବିଶେଷ ବିବରଣୀ **ସାରଣୀ 1.30** ରେ ଦିଆଯାଇଛି ।

**ସାରଣୀ 1.30 : ଅପ୍ରବର୍ତ୍ତନୀୟ ଆରକ୍ଷଣ ପାଣ୍ଠି**

(କୋଟି ଟଙ୍କାରେ)

| କ୍ର.ସଂ. | ନାମ ତାଲିକା ସହ ମୁଖ୍ୟ ଓ ଗୌଣ ଶୀର୍ଷକ | 31 ମାର୍ଚ୍ଚ 2014 ସୁଦ୍ଧା ଅବଶେଷ | | ଶେଷ ଦେଣନେଣ ବର୍ଷ |
|---|---|---|---|---|
| 1. | 8011- ଜୀବନ ବୀମା ଓ ପେନ୍‌ସନ୍ ନିଧି<br>105 - ରାଜ୍ୟ ସରକାରଙ୍କ ଜୀବନବୀମା ନିଧି | Cr. | 0.07 | 2003-04 |
| 2. | 8012- ସ୍ୱତନ୍ତ୍ର ଜମା ଓ ହିସାବ<br>123 - କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଭବିଷ୍ୟନିଧି ପାଣ୍ଠି | Cr. | 1.63 | 2002-03 |
| 3. | 8013 - ଅନ୍ୟାନ୍ୟ ଜମା ଓ ହିସାବ<br>01 - ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ଜମା ଯୋଜନା<br>101-ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ଜମା ଯୋଜନା, 1989 | Cr. | 38.81 | 1997-98 |
| 4. | 8115-ଅବକ୍ଷୟ/ଆରକ୍ଷଣ ପାଣ୍ଠିର ପୁନରୁଦ୍ଧାର | | | |

| କ୍ର.ସଂ. | ନାମ ତାଲିକା ସହ ମୁଖ୍ୟ ଓ ଗୌଣ ଶୀର୍ଷକ | 31 ମାର୍ଚ୍ଚ 2014 ସୁଦ୍ଧା ଅବଶେଷ | | ଶେଷ ଦେଣନେଣ ବର୍ଷ |
|---|---|---|---|---|
| | 103-ଆରକ୍ଷଣ ପାଣ୍ଠିର ଅବକ୍ଷୟତା - ରାଜ୍ୟ ସ୍ୱୀକୃତିପ୍ରାପ୍ତ ବାଣିଜ୍ୟ ବିଭାଗ । | | | |
| | ହୀରାକୁଦ ବନ୍ଧ ଯୋଜନା (ସ୍ତର - I & II) | Cr. | 3,20.08 | 1987-88 |
| | ଡୁଡୁମା ଟ୍ରାନ୍ସମିଶନ ସ୍କିମ୍ | Cr. | 20.93 | 1987-88 |
| | ହୀରାକୁଦ ଶକ୍ତି ବ୍ୟବହାରିକ ଯୋଜନା | Cr. | 16.04 | 1987-88 |
| | କଟକ ତାପଜ ବିଦ୍ୟୁତ୍‌ଯୋଗାଣ | Cr. | 19.41 | 1987-88 |
| | ବାରିପଦା ବିଦ୍ୟୁତ ଯୋଗାଣ ଯୋଜନା | Cr. | 4.00 | 1987-88 |
| | ସହରୀ ବିଦ୍ୟୁତ୍‌କରଣ ଯୋଜନା(ଗ୍ରୁପ-I) | Cr. | 1.70 | 1987-88 |
| | ସହରୀ ବିଦ୍ୟୁତ୍‌କରଣ ଯୋଜନା(ଗ୍ରୁପ-II) | Cr. | 3.34 | 1987-88 |
| | କ୍ଷୁଦ୍ର ସହର ଓ ଗ୍ରାମାଞ୍ଚଳ ବିଦ୍ୟୁତ୍‌କରଣ ଯୋଜନା (ଗ୍ରୁପ-3) | Cr. | 6.47 | 1987-88 |
| | ଶକ୍ତି ସୁବିଧାସୁଯୋଗର ପ୍ରାସାରଣ | Cr. | 5.59 | 1987-88 |
| | ତାଳଚେର ତାପଜ ବିଦ୍ୟୁତ ଯୋଜନା | Cr. | 84.52 | 1987-88 |
| 5. | 8121-ସାଧାରଣ ଓ ଅନ୍ୟାନ୍ୟ ଆରକ୍ଷଣ ପାଣ୍ଠି<br>101-ସାଧାରଣ ଓ ଅନ୍ୟାନ୍ୟ ଆରକ୍ଷଣ ପାଣ୍ଠି<br>ରାଜ୍ୟ ସ୍ୱୀକୃତପ୍ରାପ୍ତ ଓ ବାଣିଜ୍ୟ ବିଭାଗ | Cr. | 1.88 | 1996-97 |
| 6. | 8229-ଜନକଲ୍ୟାଣ ଓ ଉନ୍ନୟନ ପାଣ୍ଠି<br>103-କୃଷିଭିତ୍ତିକ ଉନ୍ନୟନ ପାଣ୍ଠି<br>109-ସମବାୟ ଉନ୍ନୟନ ପାଣ୍ଠି, ରାଜ୍ୟ ସମବାୟ ଉନ୍ନୟନ ପାଣ୍ଠି<br>123-ଉପଭୋକ୍ତା ଜନକଲ୍ୟାଣ ପାଣ୍ଠି | Cr.<br>Cr.<br>Cr. | 11.24<br>2.00<br>26.42 | 1967-68<br>1959-60<br>2004-05 |
| 7. | 8235-ସାଧାରଣଓ ଓ ଅନ୍ୟାନ୍ୟ ଆରକ୍ଷଣ ପାଣ୍ଠି<br>102-ଜମିଦାରୀ ଉଚ୍ଛେଦ ପାଣ୍ଠି<br>103-ଦାତବ୍ୟ ଓ ଧର୍ମୀୟ ପ୍ରଦତ୍ତ ସମ୍ପତ୍ତି<br>200-ଅନ୍ୟାନ୍ୟ ପାଣ୍ଠି :-<br>ପ୍ରତ୍ୟାଭୂତି ଆରକ୍ଷଣ ପାଣ୍ଠି<br>ଯାତ୍ରୀ ଆରାମଦାୟକ ଆରକ୍ଷଣ ପାଣ୍ଠି | Cr.<br>Cr.<br>Cr.<br>Cr. | 59.19<br>1.51<br>2,50.28<br>6.00 | 1994-95<br>1983-84<br>1997-98<br>1982-83 |
| | **ମୋଟ** | | **881.11** | |

ଉତ୍ସ : 2013-14 ର ଓଡ଼ିଶା ସରକାରଙ୍କ ବିତ୍ତୀୟ ହିସାବ (ଖଣ୍ଡ-I)

ଯଦି ଆରକ୍ଷଣ ପାଣ୍ଠି ସୁଧଯୁକ୍ତ ହୋଇଥାଏ ସେହି ପାଣ୍ଠିରେ ଥିବା ଜମା ଅବଶେଷ ରାଶିକୁ ସରକାରଙ୍କ ଦେୟ ଦାୟିତ୍ୱ ରୂପେ ବିବେଚନା କରାଯାଏ, କାରଣ ସେଥିପାଇଁ ରାଜ୍ୟ ସରକାରଙ୍କୁ ସୁଧ ପୈଠ କରିବାକୁ ପଡିଥାଏ । କ୍ରମିକ ନମ୍ବର 4 ଓ 5 ରେ ଦର୍ଶାଯାଇଥିବା ପାଣ୍ଠି ସୁଧଯୁକ୍ତ ଅଟେ । ଉପରୋକ୍ତ ଆରକ୍ଷଣ ପାଣ୍ଠିଗୁଡ଼ିକ 9 ରୁ 54 ବର୍ଷ ସମୟ ସୀମା ପର୍ଯ୍ୟନ୍ତ ଅକାମୀ ହୋଇ ରହିଛି । ଯେହେତୁ ପାଣ୍ଠିଗୁଡ଼ିକ ବର୍ଷ ବର୍ଷ ଧରି ହିସାବ ଖାତାରେ ଗଡ଼ି ଆସୁଛି, ରାଜ୍ୟ ସରକାର ଏହି ପାଣ୍ଠିର ଅବଶେଷ ପରିମାଣକୁ ସମୀକ୍ଷା କରି ଏକତ୍ରୀକରଣ ପାଣ୍ଠିରେ ମିଶାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଉଚିତ ।

ରାଜ୍ୟ ସରକାର (ଅକ୍ଟୋବର 2014) ଦର୍ଶାଇଲେ ଯେ ଆରକ୍ଷୀତ ପାଣ୍ଠି ଗୁଡିକ ଚିହ୍ନଟ କରାଯାଇଥିଲା ଓ ବନ୍ଦ କରିବା ପାଇଁ ସୁପାରିଶ କରାଯାଇଥିଲା ।

## 1.11 ଋଣ ପୋଷଣୀୟତା

ରାଜ୍ୟ ସରକାରଙ୍କ ଋଣ ପରିଚାଳନା ଅର୍ଥ ବିଭାଗରେ ଥିବା ଏକ ବିଶେଷ ଶାଖା ଅଧିନରେ ପରିଚାଳନା କରାଯାଏ । ଏହି ଋଣ ପରିଚାଳନା ପାଇଁ ସରକାରଙ୍କର ବିଶେଷ ନୀତି/କୌଶଳ କୌଣସି ନଥିପତ୍ରରେ ଦେଖିବାକୁ ମିଳେନାହିଁ ।

ରାଜ୍ୟ ସରକାରଙ୍କ ଋଣ ଭାରର ବିଶାଳତା ବ୍ୟତୀତ ବିଭିନ୍ନ ନିର୍ଣ୍ଣାୟକଗୁଡ଼ିକ ଯାହା ରାଜ୍ୟର ଋଣ ପୋଷଣୀୟତା[9] ନିର୍ଦ୍ଦିଷ୍ଟ କରେ ତାହାର ବାଖ୍ୟା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଅନୁଭାଗଟି ରାଜ୍ୟ ସରକାରଙ୍କର ନିୟମ ଅନୁସାରେ ଋଣ ପୋଷଣୀୟତା ନିର୍ଦ୍ଧାରଣ, ଋଣସ୍ଥିରୀକରଣ[10], ଯଥେଷ୍ଟ ଅଣଋଣପ୍ରାପ୍ତି[11], ଧାର ପାଇଁ ପାଣ୍ଠିର ଲଭ୍ୟତା[12], ସୁଧ ପ୍ରଦାନର ଭାର (ସୁଧ ପ୍ରଦାନ ଓ ରାଜସ୍ୱ ପ୍ରାପ୍ତି ଅନୁସାରେ ନିର୍ଦ୍ଧାରଣ କରାଯାଏ) ଏବଂ ସରକାରୀ ପ୍ରତିଭୂତି ଅବଧି ଶେଷର ପାର୍ଶ୍ୱଚିତ୍ର ପ୍ରଦାନ କରେ । ସାରଣୀ 1.31 ରେ 2011-14 ବର୍ଷଠାରୁ ଆରମ୍ଭ କରି ତିନିବର୍ଷ ଅବଧି ପାଇଁ ମାନଦଣ୍ଡ ଅନୁଯାୟୀ ରାଜ୍ୟ ସରକାରଙ୍କ ଋଣ ପୋଷଣୀୟତାର ବିଶ୍ଳେଷଣ କରାଯାଇଛି ।

**ସାରଣୀ 1.31 ଋଣ ପୋଷଣୀୟତା : ମାନଦଣ୍ଡ ଓ ତାହାର ଧାରା**

*(କୋଟି ଟଙ୍କାରେ)*

| ଋଣ ପୋଷଣୀୟତାର ମାନଦଣ୍ଡ | 2011-12 | 2012-13 | 2013-14 |
|---|---|---|---|
| ଋଣର ସ୍ଥିରତା (କ୍ୱାଣ୍ଟମ୍ ପରିବୃଦ୍ଧି + ମୌଳିକ ନିଅଣ୍ଟ) | 9657 | 8458 | 1003 |
| ଅଣ ଋଣ ପ୍ରାପ୍ତିର ପର୍ଯ୍ୟାପ୍ତତା (ଉତ୍ସର ତଫାତ) | 1280 | (-)619 | (-)4636 |
| ଧାର୍ ପାଇଁ ପାଣ୍ଠିର ଲଭ୍ୟତା | (-)3124 | (-)3417 | (-)2351 |
| ସୁଧ ପ୍ରଦାନର ଭାର (ଆଇପି/ଆର୍ ଆର୍ ଅନୁପାତରେ) | 0.06 | 0.06 | 0.05 |
| ରାଜ୍ୟ ଋଣର ଅବଧି ଶେଷର ପାର୍ଶ୍ୱ ଚିତ୍ର (ବର୍ଷ ହିସାବରେ) | | | |
| 0 – 1 | 2678 | 2299 | 2434 |
| 1 – 3 | 5375 | 5552 | 5071 |
| 3 – 5 | 4622 | 3822 | 3383 |
| 5 – 7 | 2585 | 2670 | 2848 |
| 7 ବର୍ଷରୁ ଊର୍ଦ୍ଧ୍ୱ | 9353 | 8970 | 9008 |

ଉତ୍ସ : ରାଜ୍ୟ ସରକାରଙ୍କ ବିତ୍ତୀୟ ହିସାବ ପୁସ୍ତକ

2011-14 ଏହି ତିନିବର୍ଷର ଅବଧି ମଧ୍ୟରେ କ୍ୱାଣ୍ଟମ୍ ପରିବୃଦ୍ଧି ଓ ମୌଳିକ ନିଅଣ୍ଟ ମିଶିକରି ଏକ ସକାରାତ୍ମକ ସ୍ଥିତିରେ ରହିଅଛି । ଫଳରେ 2012-13 ବର୍ଷରେ ଋଣ ଓ ଜିଏସ୍‌ଡିପିର ଅନୁପାତ 17 ପ୍ରତିଶତରୁ କ୍ରମାଗତ ଭାବେ ହ୍ରାସ ପାଇ

9 ଋଣ ପୋଷଣୀୟତା ରାଜ୍ୟ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଋଣ ଜି.ଡି.ପିର ଅନୁପାତ ଧାରାକୁ ବଜାୟ ରଖିବାର ଦକ୍ଷତାକୁ ନିର୍ଦ୍ଦେଶ କରେ । ତେଣୁ ଋଣ ପୋଷଣୀୟତା ଚଳନ୍ତି ଋଣର ଉତ୍ତର ଦାୟିତ୍ୱ ଭରଣା କରିବାକୁ ଚଳନ୍ତି ସମ୍ପତ୍ତି ପର୍ଯ୍ୟାପ୍ତ ହେବା ଏବଂ ଅତିରିକ୍ତ ଋଣର ପରିମାଣ ସହିତ ସେହି ଉଦ୍ଧାରରୁ ମିଳୁଥିବା ଫେରସ୍ତ ରାଶିର ସନ୍ତୁଳନ ବଜାଇ ରଖିବାର ଦକ୍ଷତାକୁ ସୂଚାଏ । ଏହାର ମାନେ ହେଉଛି ଯେ ବିତ୍ତୀୟ ନିଅଣ୍ଟର ବୃଦ୍ଧି, ଋଣ ସୁଝିବାର ଦକ୍ଷତା ବୃଦ୍ଧି ସହିତ ମେଳ ଖାଇବା ଉଚିତ୍ ।

10 ସ୍ଥିରତା ପାଇଁ ଏକ ଆବଶ୍ୟକୀୟ ସର୍ତ୍ତ ହେଉଛି ଯେ ଯଦି ସୁଧର ହାର କିମ୍ବା ସରକାରୀ ଋଣ ଠାରୁ ଆର୍ଥିକ ବୃଦ୍ଧିର ହାର ଟପିଯାଏ, ତା'ହେଲେ ଋଣ ଓ.ଜି.ଡି.ପି ର ଅନୁପାତ ସମ୍ଭବତଃ ସ୍ଥିର ରହିବ । ଯଦି ପ୍ରାଥମିକ ଅବଶେଷ ଶୂନ୍ୟ ହୁଏ କିମ୍ବା ସକାରାତ୍ମକ ହୁଏ କିମ୍ବା ପରିକ୍ଷିତ ଋଣାତ୍ମକ ରହିବ । ଦିଆଯାଇଥିବା ବିସ୍ତାରିତ ହାର(ଜି.ଏସ.ଡି.ପି ବୃଦ୍ଧିର ହାର ସହିତ ସୁଧର ହାର) ଏବଂ କ୍ୱାଣ୍ଟମର ପରିବୃଦ୍ଧି(ଋଣର ବିସ୍ତାରିତ ହାର), ଋଣ ପୋଷଣୀୟତାର ସର୍ତ୍ତ ସୂଚାଇ ଦିଏ ଯେ, ଯଦି କ୍ୱାଣ୍ଟମ ପରିବୃଦ୍ଧି ମୌଳିକ ନିଅଣ୍ଟ ସହିତ ଶୂନ୍ୟ ହୁଏ, ଋଣ ଓ ଜି.ଏସ.ଡି.ପି ର ଅନୁପାତ ମଧ୍ୟ ସ୍ଥିର ରହିବ କିମ୍ବା ଋଣର ସ୍ଥିରତା ପରିଣାମତଃ ଆସିବ । ଅନ୍ୟ ପକ୍ଷରେ କହିଲେ, ଯଦି ପ୍ରାଥମିକ ନିଅଣ୍ଟ, କ୍ୱାଣ୍ଟମ ପରିବୃଦ୍ଧି ସହିତ ମିଶିକରି ନକାରାତ୍ମକ ହୁଏ, ଋଣ ଓ.ଜି.ଡି.ପି ର ଅନୁପାତ ବୃଦ୍ଧି ଘଟେ ଏବଂ ଯଦି ଏହା ସକାରାତ୍ମକ ହୁଏ, ଋଣ ଓ ଜି.ଏସ.ଡି.ପି ର ଅନୁପାତର ହାର ପରିଣାମତଃ କମିଯିବ ।

11 ଋଣ ପୋଷଣୀୟତା ତାତ୍ପର୍ଯ୍ୟ ପୂର୍ଣ୍ଣ ହୋଇପାରିବ ଯଦି ବର୍ଦ୍ଧିତ ଅଣ-ଋଣ ପ୍ରାପ୍ତିର ପରିମାଣ, ବର୍ଦ୍ଧିତ ସୁଧ ବୋଝ ଏବଂ ବର୍ଦ୍ଧିତ ପ୍ରାଥମିକ ଖର୍ଚ୍ଚକୁ ଭରଣା କରିବା ପାଇଁ ପର୍ଯ୍ୟାପ୍ତ ହେବ ।

12 ଋଣ ମୋଚନ(ମୂଳ +ସୁଧ ପ୍ରଦାନ) ସହିତ ସମୁଦାୟ ଋଣ ପ୍ରାପ୍ତିର ଅନୁପାତକୁ ବାଖ୍ୟା କରେ ଏବଂ ଋଣ ପ୍ରାପ୍ତି ରାଶି କେତେ ମାତ୍ରାରେ ଋଣ ମୋଚନ ପାଇଁ ବ୍ୟବହୃତ ହୁଏ ତାହାକୁ ଦର୍ଶାଇବା ସହିତ କରଜ ପାଣ୍ଠିର ନିଟ୍ ଉପଲବ୍ଧତାକୁ ମଧ୍ୟ ଦର୍ଶାଏ ।

2013-14 ବର୍ଷରେ 15 ପ୍ରତିଶତ ପହଞ୍ଚିଥିଲା । ଏହା ଏକ ସକାରାତ୍ମକ ଲକ୍ଷଣ ଅଟେ, ଅର୍ଥାତ୍ ଋଣ ସ୍ଥିତିଶୀଳ ହେବାକୁ ଯାଉଛି ।

ଋଣ ସ୍ଥିତିଶୀଳତା ଏବଂ ପୋଷଣୀୟତାର ଅନ୍ୟ ଏକ ସଙ୍କେତ ହେଲା ରାଜ୍ୟର କ୍ରମ ବର୍ଦ୍ଧମାନ ଅଣ ଋଣ ପ୍ରାପ୍ତିର ପର୍ଯ୍ୟାପ୍ତତା ପାଇଁ କ୍ରମ ବର୍ଦ୍ଧମାନ ସୁଧ ବୋଝ ଦେୟ ଏବଂ ମୌଳିକ ଖର୍ଚ୍ଚର ଭରଣା ହୋଇପାରୁଛି । ଯଦି ଅଣଋଣ ପ୍ରାପ୍ତିର ପର୍ଯ୍ୟାପ୍ତତା ସୁଧ ବୋଝକୁ ଓ ବଢନ୍ତା ପ୍ରାଥମିକ ଖର୍ଚ୍ଚକୁ ଭରଣା ପାଇଁ ଯଥେଷ୍ଟ ହେଉଥିବା ଋଣ ପୋଷଣୀୟତା ଠିକ୍ ଅଛି ବୋଲି  ଧରାଯିବ । ଋଣାତ୍ମକ ସମ୍ବଳର ପାର୍ଥକ୍ୟ ଋଣର ପୋଷଣୀୟତାକୁ ଦର୍ଶାଏ । ***ସାରଣୀ 1.31*** ରେ ଦିଆଯାଇଥିବା ଢାଞ୍ଚା ଦର୍ଶାଏ ଯେ 2011-12 ବର୍ଷରେ ସରକାର, ସମ୍ବଳର ପାର୍ଥକ୍ୟ ଧନାତ୍ମକ ରୂପେ ହାସଲ କରିଥିଲେ । କିନ୍ତୁ 2012-13 ଏବଂ 2013-14 ବର୍ଷରେ ସମ୍ବଳର ପାର୍ଥକ୍ୟ ଯଥାକ୍ରମେ 619 କୋଟି ଟଙ୍କା ଓ 4636 କୋଟି ଟଙ୍କାର ଋଣାତ୍ମକ ରାଶିକୁ ପରିବର୍ତ୍ତନ ହୋଇଥିଲା, ଯାହାକି ଋଣ ପୋଷଣୀୟତାର ଅସ୍ଥିରତାକୁ ଦର୍ଶାଏ, ଯାହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ।

ରାଜ୍ୟର ଋଣ ପୋଷଣୀୟତା ଯେଉଁ ମାନକ ଉପରେ ନିର୍ଭର କରେ ତାହା ହେଲା(i) ଋଣ ପ୍ରଦାନ ମୋଚନ (ମୂଳ ସହିତ ସୁଧ ଦେୟ) ଓ ସମୁଦାୟ ଗ୍ରହଣ କରିଥିବା ଋଣର ଅନୁପାତ ଏବଂ (ii) ଲଭ୍ୟ କରଜ ପାଣ୍ଠିର ଉପଯୋଗ । ଋଣ ମୋଚନ ଓ ସମୁଦାୟ ଗ୍ରହଣ କରିଥିବା ଋଣର ଅନୁପାତ ଦର୍ଶାଇ ଦିଏ ଯେ କେଉଁ ପର୍ଯ୍ୟନ୍ତ ଋଣ ଭରଣା ପାଇଁ ଋଣ ଗ୍ରହଣ ରାଶି ବ୍ୟବହୃତ ହେଉଅଛି ଯାହାକି କରଜ ପାଣ୍ଠିର ଲଭ୍ୟତାକୁ ଦର୍ଶାଏ । କରଜ ପାଣ୍ଠିର ଯଥାର୍ଥ ଉପଯୋଗରେ ଋଣ ପରିସ୍ଥିତିର ସମାଧାନ ନିହିତ ଅଛି, ତାହାହେଲେ (କ) ରାଜସ୍ୱ ଖର୍ଚ୍ଚ ପାଇଁ ବ୍ୟବହାର  ନ କରିବା ଏବଂ (ଖ) ପୁଞ୍ଜି ବ୍ୟୟକୁ ଦକ୍ଷତାର ସହିତ ଉତ୍ପାଦକ ଭିତ୍ତିରେ ବ୍ୟବହାର କରିବା, ଯାହାକି ହୁଏତ ସିଧାସଳଖ ଲାଭ ଦେବ ନତୁବା ସାମଗ୍ରିକ ଭାବେ ଅର୍ଥ ନୀତିରେ ଉତ୍ପାଦକକୁ ବଢାଇଥାଏ ।

ଚଳିତ ବର୍ଷରେ ସରକାର ସୁଧ ମୂଳ ମିଶାଇ ଆଭ୍ୟନ୍ତରୀଣ ଋଣ ବାବଦରେ 3052 କୋଟି ଟଙ୍କା, ଭାରତ ସରକାରଙ୍କ ଠାରୁ କରିଥିବା ଋଣ ବାବଦରେ 1629 କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଋଣ ବାବଦରେ 3842 କୋଟି ଟଙ୍କା ସୁଝିଲେ, ଫଳରେ ଏହି ବର୍ଷ ପାଉଣାଠାରୁ ଦେୟ ଅଧିକ ହେଲା । 2011-14 ସମୟାବଧିରେ ସଦ୍ୟ ଋଣ ପରିମାଣରୁ ଋଣଶୁଝା ପରିମାଣ ଅଧିକ ଥିଲା, ଯାହାଫଳରେ ଲଭ୍ୟ ପାଣ୍ଠି ଋଣାତ୍ମକ ସ୍ଥିତିରେ ପହଞ୍ଚିଲା ।

## 1.12 ବିତ୍ତୀୟ ଅସନ୍ତୁଳନ

ତିନୋଟି ମୁଖ୍ୟ ବିତ୍ତୀୟ ମାନଦଣ୍ଡ ଯଥା-ରାଜସ୍ୱ, ବିତ୍ତୀୟ ଓ ପ୍ରାଥମିକ ନିଅଣ୍ଟ-ରାଜ୍ୟ ସରକାରଙ୍କ ଆର୍ଥିକ ବ୍ୟବସ୍ଥା ସର୍ବୋପରି ଅସନ୍ତୁଳନର ମାତ୍ରାକୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦର୍ଶାଇଥାଏ । ସରକାର ହିସାବ ବିବରଣରେ ନିଅଣ୍ଟର ପରିମାଣ ଏହାର ପ୍ରାପ୍ତି ଓ ବ୍ୟୟ ମଧ୍ୟରେ ଥିବା ବ୍ୟବଧାନକୁ ଦର୍ଶାଏ । ନିଅଣ୍ଟ ପ୍ରକାରଭେଦରୁ ସରକାରଙ୍କ ଆର୍ଥିକ ପରିଚାଳନାର ସୂଚନା ମିଳେ । ପୁନଶ୍ଚ ଯେଉଁ ଉପାୟରେ ନିଅଣ୍ଟ ଭରଣା କରାଯାଏ ଏବଂ ସମ୍ବଳ ସଂଗ୍ରହ ଓ ବ୍ୟବହୃତ କରାଯାଏ ତାହା ସୁସ୍ଥ ଆର୍ଥିକ ସ୍ଥିତିର ଗୁରୁତ୍ୱପୂର୍ଣ୍ଣ ସୂଚନା ଅଟେ । ଏହି ଅନୁଭାଗ 2013-14 ଆର୍ଥିକ ବର୍ଷ ପାଇଁ ନିଅଣ୍ଟର ଧାରା, ପ୍ରକୃତି, ପରିମାଣ ଏବଂ ଅର୍ଥ ଯୋଗାଣର ପ୍ରକାର ଏବଂ ରାଜସ୍ୱ ଓ ବିତ୍ତୀୟ ନିଅଣ୍ଟର ସ୍ତର ନିର୍ଦ୍ଧାରଣ ସହିତ ଧାର୍ଯ୍ୟ ଲକ୍ଷ୍ୟର ଉପସ୍ଥାପନା କରୁଛି ।

## *1.12.1 ନିଅଣ୍ଟ / ବଳକା ଅର୍ଥର ଧାରା*

ସାରଣୀ **1.34**, ଚାର୍ଟ **1.13** ଏବଂ **1.14** ଅବଧି ମଧ୍ୟରେ ନିଅଣ୍ଟ/ବଳକା ଅର୍ଥର ଧାରାକୁ ଉପସ୍ଥାପନା କରୁଛି ।

**ସାରଣୀ 1.34: ନିଅଣ୍ଟ/ବଳକା ଅର୍ଥ**

| | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| ରାଜସ୍ୱ ନିଅଣ୍ଟ(-) /ବଳକା(+) (କୋଟି ଟଙ୍କାରେ) | (+)1138 | (+)3908 | (+)5607 | (+)5699 | (+)3329 |
| ବିତ୍ତୀୟ ନିଅଣ୍ଟ(-) /ବଳକା(+) (କୋଟି ଟଙ୍କାରେ) | (-)2266 | (-)658 | (+)622 | (+)3 | (-)4633 |
| ପ୍ରାଥମିକ ନିଅଣ୍ଟ(-) /ବଳକା(+) (କୋଟି ଟଙ୍କାରେ) | (+)778 | (+)2403 | (+)3198 | (+)2810 | (-)1745 |
| ଆର୍.ଡି./ ଜି.ଏସ୍.ଡି.ପି.(ପ୍ରତିଶତ) | (+)0.70 | (+)1.98 | (+)2.61 | (+)2.23 | 1.15 |
| ଏଫ୍.ଡି./ ଜି.ଏସ୍.ଡି.ପି.(ପ୍ରତିଶତ) | (-)1.39 | (-)0.33 | (+)0.29 | (+)0.00 | (-)1.60 |
| ପି.ଡି./ ଜି.ଏସ୍.ଡି.ପି.(ପ୍ରତିଶତ) | (+)0.48 | (+)1.22 | (+)1.49 | (+)1.10 | (-)0.60 |

ଉତ୍ସ : ରାଜ୍ୟ ସରକାରଙ୍କ ପାଞ୍ଚ ବର୍ଷର ଆର୍ଥିକ ହିସାବ

ଚାର୍ଟ 1.13- ନିଅଣ୍ଟ ସୂଚକ ଧାରା (କୋଟି ଟଙ୍କାରେ)




ଚାର୍ଟ 1.14- ଜି.ଏସ୍.ଡି.ପି ସମ୍ବନ୍ଧିତ ନିଅଣ୍ଟ ସୂଚକ(ଶତକଡାରେ)




**ଉତ୍ସ : ସେହି ବର୍ଷମାନଙ୍କର ବିତ୍ତୀୟ ହିସାବ, ଓଡିଶା ସରକାର**

### ରାଜସ୍ୱ ବଳକା/ ନିଅଣ୍ଟ

ରାଜସ୍ୱ ଆୟ ଓ ରାଜସ୍ୱ ବ୍ୟୟ ମଧ୍ୟରେ ବ୍ୟବଧାନକୁ ରାଜସ୍ୱ ବଳକା ବୁଝାଯାଏ । ରାଜସ୍ୱ ବଳକା ଋଣ ହ୍ରାସ କରିବାରେ ସାହାଯ୍ୟ କରିଥାଏ । 22 ବର୍ଷର ବ୍ୟବଧାନରେ 2005-06 ବର୍ଷରେ ରାଜ୍ୟ 481 କୋଟି ଟଙ୍କାର ରାଜସ୍ୱ ବଳକା କରିବାକୁ ସମର୍ଥ ହୋଇଥିଲା । 2013-14 ଆର୍ଥିକ ବର୍ଷରେ ରାଜସ୍ୱ ଖର୍ଚ୍ଚର 19 ପ୍ରତିଶତ ବୃଦ୍ଧି ହାର ତୁଳନାରେ ରାଜସ୍ୱ ପ୍ରାପ୍ତି 11 ପ୍ରତିଶତ ବୃଦ୍ଧି ଘଟିଥିବାରୁ ପୂର୍ବ ବର୍ଷ ତୁଳନାରେ ରାଜସ୍ୱ ବଳକା 2370 କୋଟି ଟଙ୍କାକୁ ଖସି ଆସିଥିଲା । ସେ ଯାହାହେଉ 2011-12 ପରଠାରୁ ରାଜସ୍ୱ ନିଅଣ୍ଟ ପରିମାଣ ଶୂନ୍ୟ ହେବା ସଫଳତା ଏଫ୍.ଆର୍.ବି.ଏମ୍. (ସଂଶୋଧିତ) ଅଧିନିୟମ 2011 ଅନୁଯାୟୀ ଅଟେ ।

### ବିତ୍ତୀୟ ବଳକା / ନିଅଣ୍ଟ

ରାଜ୍ୟ ଦ୍ୱାରା ପୁଞ୍ଜି ଖର୍ଚ୍ଚରେ ତୀଖ ବୃଦ୍ଧି ଓ ଋଣ ଏବଂ ଅଗ୍ରୀମ ବିତରଣ ଯୋଗୁଁ 2012-13 ରେ ତିନି କୋଟି ଟଙ୍କାର ବିତ୍ତିୟ ବଳକା 2013-14 ରେ 4633 କୋଟିର ବିତ୍ତୀୟ ନିଅଣ୍ଟକୁ ପରିବର୍ତ୍ତିତ ହୋଇଥିଲା । ଯାହାହେଉ ବିତ୍ତୀୟ ନିଅଣ୍ଟ ଜିଏସଡିପି ତିନି ପ୍ରତିଶତରୁ ଅଧିକ ନ ହୋଇ ଥିବାରୁ 2154 ଏଫଆରବିଏମ(ସଂଶୋଧିତ) ଅଧିନିୟମ 2011 ର ସୀମା ଭିତରେ ଥିଲା ।

### ପ୍ରାଥମିକ ବଳକା/ ନିଅଣ୍ଟ

2012-13 ବର୍ଷରେ 2810 କୋଟି ଟଙ୍କାର ପ୍ରାଥମିକ ବଳକା ଚଳିତ ବର୍ଷରେ 1745 କୋଟି ଟଙ୍କାର ପ୍ରାଥମିକ ନିଅଣ୍ଟରେ ପରିବର୍ତ୍ତନ ହୋଇଥିଲା । ଯେତେବେଳେ ସାଧାରଣତଃ ଅତିରିକ୍ତ ସମ୍ବଳ ପାଇଁ ଅଭାବକୁ ବିତ୍ତୀୟ ନିଅଣ୍ଟ ବୋଲି ବିବେଚନା କରାଯାଏ । ସେହି ସମ୍ବଳର ଆଂଶିକ ଭାଗକୁ ସୁଧ ପରିଶୋଧ ପାଇଁ ଲୋଡାଯାଏ । ଅତୀତ ଦାୟିତ୍ୱର ଖର୍ଚ୍ଚକୁ ସୁଧ ଦେୟ ଭାବେ ବିବେଚନା କରାଯାଏ ଓ ଏହା ବଞ୍ଚିତ ହୋଇଥିବା ପ୍ରାଧାନ୍ୟଠାରୁ ଅଲଗା । 2013-14 ରେ ବିତ୍ତୀୟ ନିଅଣ୍ଟ ଥିଲା ପ୍ରାୟ ସୁଧ ଦେୟର ଦୁଇଗୁଣା । ଏଣୁ ସୁଧ ଦେୟ ବ୍ୟତୀତ ରାଜସ୍ୱ ଖର୍ଚ୍ଚ ଯୋଗୁଁ ପାଖାପାଖି 50 ପ୍ରଚଳିତ ବିତ୍ତୀୟ ନିଅଣ୍ଟ ହୁଏ ବୋଲି ବିବେଚନା କରାଯାଏ । ଏଣୁ ରାଜସ୍ୱ ଖର୍ଚ୍ଚର ଉଚିତ୍ ହ୍ରାସ ରାଜ୍ୟ ସରକାରଙ୍କୁ ପ୍ରାଥମିକ ବଳକା କରିବା ପାଇଁ ସମର୍ଥ କରିପାରିଥିଲା ।

### *1.12.2 ବିତ୍ତୀୟ ନିଅଣ୍ଟ /ବଳକା ରାଶିର ଉପାଦନ ସମୂହ ଏବଂ ଏହାର ଅର୍ଥ ଯୋଗାଣ / ବିନିଯୋଗ ପଦ୍ଧତି*

ଆର୍ଥିକ ବ୍ୟବସ୍ଥା  ବିତ୍ତୀୟ ନିଅଣ୍ଟ / ବଳକା ଅର୍ଥର ବିନିଯୋଗ ପଦ୍ଧତିର ଗାଠନିକ ପରିବର୍ତ୍ତନର ଧାରା **ସାରଣୀ 1.33** ରେ ପ୍ରଦର୍ଶିତ କରାଯାଇଛି ।

**ସାରଣୀ -1.33 ବିତ୍ତୀୟ ନିଅଣ୍ଟ / ବଳକା ରାଶିର ଉପାଦାନ ସମୂହ ଏବଂ ଏହାର ଅର୍ଥ ଯୋଗାଣ /ବିନିଯୋଗ ପଦ୍ଧତି**

(ଟଙ୍କା କୋଟିରେ)

| ନିର୍ଦ୍ଦିଷ୍ଟ ବିବରଣୀ | | 2009-10 | 2009-10 | 2010-11 | 2012-13 | 2013-14 |
|---|---|---|---|---|---|---|
| ବିତ୍ତୀୟ ନିଅଣ୍ଟର ଉତ୍ପାଦକ ସମୂହ | | (-)2266 | (-)658 | 622 | 3 | -4633 |
| 1 | ରାଜସ୍ୱ ବଳକା | 1138 | 3908 | 5607 | 5699 | 3329 |
| 2 | ପୁଞ୍ଜି ଖର୍ଚ୍ଚ | (-)3648 | (-)4285 | (-)4496 | (-)5622 | (-)7756 |
| 3 | ମୂଳ ଋଣ ଏବଂ ଅଗ୍ରୀମ | 244 | (-)281 | (-)489 | (-)74 | (-)206 |
| ଅର୍ଥ ଲଗାଣର ପ୍ରକାର ଏବଂ ବିତ୍ତୀୟ ନିଅଣ୍ଟ*/ବଳକା | | | | | | |
| 1 | ବଜାର ଉଧାର | (-)571 | (-)623 | (-)1046 | (-)1308 | (-)885 |
| 2 | ଭାରତ ସରକାରଙ୍କ ଠାରୁ ଋଣ | (-)247 | (-)636 | (-)314 | (-)70 | 33 |
| 3 | ଜାତୀୟ ସାମାଜିକ ନିରାପତ୍ତା ପାଣ୍ଠିକୁ ଅନୁଦାନ | 610 | 1023 | 26 | 115 | 388 |
| 4 | ଆର୍ଥିକ ଅନୁଷ୍ଠାନର ଋଣ | 369 | 420 | 360 | (-)37 | 461 |
| 5 | ସ୍ୱଳ୍ପ ସଞ୍ଚୟ/ଭବିଷ୍ୟନିଧି ଇତ୍ୟାଦି | 1138 | 1223 | 426 | 691 | 689 |
| 6 | ଆରକ୍ଷିତ ପାଣ୍ଠି | 1 | 17 | 269 | -107 | (-)130 |
| 7 | ଜମା ଓ ଅଗ୍ରୀମ | 145 | 154 | 554 | 1594 | 813 |
| 8 | ନିଲମ୍ବନ ଓ ବହୁବିଧ | 1595 | (-)809 | (-)1290 | (-)460 | 3437 |
| 9 | ଟଙ୍କା ପ୍ରେରଣ | 41 | (-)4 | 9 | 4 | 29 |
| 10 | ଅନ୍ୟାନ୍ୟ | | | | | |

| | ନିର୍ଦ୍ଦିଷ୍ଟ ବିବରଣୀ | 2009-10 | 2009-10 | 2010-11 | 2012-13 | 2013-14 |
|---|---|---|---|---|---|---|
| 11 | ରୋକଡ଼ର ଅବଶେଷାଂଶ ବୃଦ୍ଧି ଏବଂ ହ୍ରାସ | (-)629 | 69 | 12 | (-)441 | (-)51 |
| 12 | ଆକସ୍ମିକ ପାଣ୍ଠିର ନିଟ୍ | (-)188 | (-)176 | 372 | 16 | (-)150 |

* ବନ୍ଧନୀ ମଧ୍ୟରେ ଥିବା ଅଙ୍କ ଜି.ଏସ୍.ଡି.ପି.ର ପ୍ରତିଶତ ଭାବେ ସଙ୍କେତ କରୁଛନ୍ତି । ଏହି ଅଙ୍କଗୁଡିକ ବର୍ଷ ମଧ୍ୟରେ ଥିବା ନିଟ୍ ବିତରଣ/ବାହ୍ୟ ପ୍ରବାହ

**ଉତ୍ସ: ସେହି ବର୍ଷମାନଙ୍କର** ବିତ୍ତୀୟ ହିସାବ, ଓଡିଶା ସରକାର

2012-13 ବର୍ଷର ବିତ୍ତୀୟ ବଳକା ଚଳିତ ବର୍ଷରେ ବିତ୍ତୀୟ ନିଅଣ୍ଟରେ ପରିବର୍ତ୍ତନ ହୋଇ 4633 କୋଟି ଟଙ୍କାରେ ପହଞ୍ଚିଥିଲା । ଏହି ବିତ୍ତୀୟ ବଳକାର ନୀତିରେ ନିଅଣ୍ଟର ପରିବର୍ତ୍ତନର କାରଣ ଗୁଡିକ ହେଲା 2012-13 ବର୍ଷରେ ପୁଞ୍ଜି ଖର୍ଚ୍ଚରେ 5622 କୋଟି ଟଙ୍କାରୁ ବୃଦ୍ଧି ହୋଇ 2013-14 ରେ 7756 କୋଟି ଟଙ୍କାରେ ପହଞ୍ଚିବା, 2012-13 ରେ ଋଣ ଓ ଅଗ୍ରୀମରେ ବିତରଣରେ 216 କୋଟି ଟଙ୍କାରୁ ବୃଦ୍ଧି ହୋଇ 2013-14 ରେ 463 କୋଟି ଟଙ୍କାକୁ ପହଞ୍ଚିବା ଓ ରାଜସ୍ୱ ବଳକା 5699 ଟଙ୍କାରୁ 3329 କୋଟି ଟଙ୍କାକୁ ହ୍ରାସ ପାଇବା । ମୋଟାମୋଟି ଭାବେ ବିତ୍ତୀୟ ନିଅଣ୍ଟଟି କ୍ଷୁଦ୍ର ସଂଚୟ, ଭବିଷ୍ୟନିଧି, ଜମା ଓ ଅଗ୍ରୀମ ଓ ଆର୍ଥିକ ଅନୁଷ୍ଠାନରୁ ଏନ୍ଏସ୍ଏସ୍ଏଫ୍ ଓ ଋଣକୁ ପ୍ରଦତ୍ତ ସ୍ୱତନ୍ତ୍ର ପ୍ରତିଭୂତି ଦ୍ୱାରା ପରିଚାଳିତ ହୋଇଥିଲା ।

### *1.12.3 ନିଅଣ୍ଟ / ବଳକା ରାଶିର ଗୁଣବତ୍ତା*

ରାଜସ୍ୱ ନିଅଣ୍ଟ ଓ ବିତ୍ତୀୟ ନିଅଣ୍ଟର ଅନୁପାତ ଏବଂ ପ୍ରାଥମିକ ନିଅଣ୍ଟକୁ ପ୍ରାଥମିକ ରାଜସ୍ୱ ନିଅଣ୍ଟ ଏବଂ ପୁଞ୍ଜି ବ୍ୟୟ(ଋଣ ଓ ଅଗ୍ରୀମ ସମେତ)ର ବିଘଟନରୁ ନିଅଣ୍ଟର ଗୁଣବତ୍ତା ସୂଚିତ ହୁଏ । ରାଜସ୍ୱ ନିଅଣ୍ଟ ଓ ବିତ୍ତୀୟ ନିଅଣ୍ଟର ଅନୁପାତରୁ କରଜ ପାଣ୍ଠି କେତେ ମାତ୍ରାରେ ସାମ୍ପ୍ରତିକ ବ୍ୟୟରେ ଲାଗିଛି, ତାର ସୂଚନା ମିଳେ । ଆହୁରି ମଧ୍ୟ, ରାଜସ୍ୱ ନିଅଣ୍ଟ ଓ ବିତ୍ତୀୟ ନିଅଣ୍ଟ ନିରବିଚ୍ଛିନ୍ନ ଭାବେ ଉଚ୍ଚ ଅନୁପାତରେ ରୁହେ ଏବଂ ଏହା ସୂଚାଇଥାଏ ଯେ ରାଜ୍ୟର ସମ୍ପଦ ଆଧାର ଦିନକୁ ଦିନ କ୍ଷୟ ହେଉଛି ଏବଂ କରଜର ଗୋଟିଏ ଅଂଶ ( ବିତ୍ତୀୟ ଦେୟତା) ର କୌଣସି ସମ୍ପଦ ଅନୁଯୋଗ ନାହିଁ । ଓଡ଼ିଶା କ୍ଷେତ୍ରରେ 2005-06 ରୁ ଏଯାବତ୍ ରାଜସ୍ୱ ବଳକା ପ୍ରଦର୍ଶିତ ହେଉଛି । ପ୍ରାଥମିକ ବଳକାର ଦ୍ୱିଭାଜନ(**ସାରଣୀ 1.34**) ଦର୍ଶାଏ ଯେ  କେତେମାତ୍ରାରେ ନିଅଣ୍ଟ ପୁଞ୍ଜିବ୍ୟୟ ବୃଦ୍ଧି ଯୋଗୁଁ ହୋଇଛି ଯାହାକି ରାଜ୍ୟ ଅର୍ଥନୀତିର ଉତ୍ପାଦ କ୍ଷମତାରେ ଉନ୍ନତି ଆଣିବା ପାଇଁ ସ୍ପୃହଣୀୟ ହୋଇପାରେ ।.

**ସାରଣୀ 1.34: ପ୍ରାଥମିକ ନିଅଣ୍ଟ / ବଳକା -ତଥ୍ୟର ଦ୍ୱିଭାଜନ**

(ଟଙ୍କା କୋଟିରେ)

| ବର୍ଷ | ଅଣ-ଋଣ ପ୍ରାପ୍ତି | ପ୍ରାଥମିକ ରାଜସ୍ୱ ବ୍ୟୟ | ପୁଞ୍ଜି ବ୍ୟୟ | ଋଣ ଓ ଅଗ୍ରୀମ | ପ୍ରାଥମିକ ବ୍ୟୟ | ପ୍ରାଥମିକ ରାଜସ୍ୱ ନିଅଣ୍ଟ(-)/ ବଳକା(+) | ପ୍ରାଥମିକ ନିଅଣ୍ଟ(-)/ ବଳକା(+) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 (3+4+5) | 7 (2-3) | 8 (2-6) |
| 2009-10 | 26786 | 22248 | 3648 | 112 | 26008 | 4538 | 778 |
| 2010-11 | 33310 | 26307 | 4285 | 315 | 30907 | 7003 | 2403 |
| 2011-12 | 40399 | 32084 | 4496 | 621 | 37201 | 8315 | 3198 |
| 2012-13 | 44079 | 35431 | 5622 | 216 | 41269 | 8648 | 2810 |
| 2013-14 | 49204 | 42730 | 7756 | 463 | 50949 | 6474 | (-)1745 |

**ଉତ୍ସ:** ଓଡ଼ିଶା ସରକାରଙ୍କ ସମ୍ପୃକ୍ତ ବର୍ଷ ନିମିତ୍ତ ବିତ୍ତୀୟ ହିସାବ

2013-14 ବର୍ଷ ମଧ୍ୟରେ ପ୍ରାରମ୍ଭିକ ରାଜସ୍ୱ ବ୍ୟୟରେ 21 ପ୍ରତିଶତ ବୃଦ୍ଧି ତୁଳନାରେ ଅଣଋଣ ପ୍ରାପ୍ତିର ବ୍ୟୟ 44079 କୋଟି ଟଙ୍କାରୁ 49204 କୋଟି ଟଙ୍କାକୁ (12 ପ୍ରତିଶତ) ବୃଦ୍ଧି ଘଟିଥିଲା ।

2008-13 ବର୍ଷ ମଧ୍ୟରେ ରାଜ୍ୟର ପ୍ରାଥମିକ ବଳକା କରାଇଥିବା କାରଣ ଗୁଡିକର ବିଶ୍ଳେଷଣ ଦର୍ଶାଉଛି ଯେ ରାଜ୍ୟ ଏହି ବର୍ଷଗୁଡିକରେ ପ୍ରାଥମିକ ବଳକା ଅନୁଭବ କଲା । ଯାହାହେଉ, 2013-14 ବର୍ଷରେ ରାଜ୍ୟରେ 1745 କୋଟି

ଟଙ୍କାର ପ୍ରାଥମିକ ନିଅଣ୍ଟ ଅଛି । ଅନ୍ୟ ଅର୍ଥରେ ଅବଶିଷ୍ଟ ବର୍ଷ ପାଇଁ ରାଜ୍ୟର ରାଜସ୍ୱ ହିସାବରେ ଅଣରଣ ପ୍ରାପ୍ତି ଥିବା ପ୍ରାଥମିକ ଖର୍ଚ୍ଚର[13] ଆବଶ୍ୟକତା ତୁଲାଇବା ପାଇଁ ଯଥେଷ୍ଟ ଥିଲା । ଆଦର୍ଶଭାବେ ଅଣରଣ ପ୍ରାପ୍ତିର ବୃଦ୍ଧି କେବଳ ପ୍ରାଥମିକ ଖର୍ଚ୍ଚକୁ ଆବରଣ କରୁନାହିଁ ଏହା ମଧ୍ୟ ଋଣ ଭାର ବୃଦ୍ଧିକୁ ଢାଙ୍କୁଣି କରି ରଖିବା ଉଚିତ୍ ।

## 1.13 ସରକାରୀ ଓ ବେସରକାରୀ ଭାଗିଦାରୀ(ପିପିପି)

ସାଧାରଣ ଭାବେ ପ୍ରକଳ୍ପଗୁଡିକରେ ଅର୍ଥ ବିନିଯୋଗ ପାଇଁ ପିପିପି ମାଧ୍ୟମକୁ ବ୍ୟବହାର ପାଇଁ ଉତ୍ସାହିତ କରାଯିବା ଉଚିତ୍ କାରଣ ଏହା ସର୍ବସାଧାରଣଙ୍କୁ ସୁବିଧାସୁଯୋଗ ଦେବା ସହିତ ଅବାଧ ମୂଲ୍ୟବାନ ଆର୍ଥିକ କ୍ଷେତ୍ର ସୃଷ୍ଟିକରେ ଯେଉଁ କ୍ଷେତ୍ରରେ ଆଗାମୀ ଦିନରେ ଅର୍ଥ ବିନିଯୋଗର କୌଣସି ସମ୍ଭାବନା ନଥିଲା ଯାହାକି ତ୍ରୟୋଦଶ ଅର୍ଥ କମିଶନ ଚିନ୍ତା କରିଥିଲେ । ଓଡ଼ିଶା ସରକାର 19 ଟି ଭିତ୍ତିଭୂମି ଯଥା-ରାସ୍ତା, ବନ୍ଦର, ବିମାନବନ୍ଦର, ଶିଳ୍ପ ଉଦ୍ୟାନ, ଇନଲାଣ୍ଡକଣ୍ଟେନର ଡିପୋ ଓ ଲଜିଷ୍ଟିକ୍ ହବ୍, ଜଳ ଯୋଗାଣ, ଶକ୍ତି ଉତ୍ପାଦନ, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ରେଲୱେ ସମ୍ବନ୍ଧିତ ପ୍ରକଳ୍ପ ଏବଂ କୃଷି ଉତ୍ପାଦନ ଏବଂ ଏହାର ବିପଣନ ଇତ୍ୟାଦି କ୍ଷେତ୍ରରେ ପିପିପି ପ୍ରକଳ୍ପ ଭୂଭାଗ କରିବାର ଦୃଷ୍ଟିସୀମା ରଖିଥିଲେ । ସରକାର ପାଞ୍ଚଟି କ୍ଷେତ୍ରରେ ଯଥା- ବିମାନ ବନ୍ଦର ଓ ହେଲିକପ୍ଟର ବନ୍ଦର, କଣ୍ଟେନର ଡିପୋଟ, ମଳ ଓ ନାଳ ବ୍ୟବସ୍ଥା, ଭୂଭାଗ ଜଳ ପରିବହନ ଓ କୃଷି ଉତ୍ପାଦନ ବଜାର ଇତ୍ୟାଦିରେ । ଏପର୍ଯ୍ୟନ୍ତ ପଶି ପାରିନାହାନ୍ତି । ବେସରକାରୀ ବିନିଯୋଗକାରୀଙ୍କର ଦକ୍ଷତା ଏବଂ ଅଭିନବୀକରଣକୁ ବ୍ୟବହାର, ବିଶେଷତଃ ଦୁର୍ବଳ ଭିତ୍ତିଭୂମି କ୍ଷେତ୍ରରେ ବେସରକାରୀ ବିନିଧାନକୁ ସହଯୋଗ ବ୍ୟତିରେକ ସେମାନଙ୍କର ପୁଞ୍ଜିକୁ ଖଟାଇବା ପାଇଁ ସରକାର ଅଗଷ୍ଟ 2007 ରେ ପିପିପି ନୀତି ପ୍ରଣୟନ କରିଥିଲେ । ପ୍ରାୟ ସମସ୍ତ ମୁଖ୍ୟ ଚୁକ୍ତିଗୁଡିକ ନିର୍ମାଣ, କାର୍ଯ୍ୟକ୍ଷମ ଓ ହସ୍ତାନ୍ତର (ବିଓଟି), ନିର୍ମାଣ ମାଲିକାନା କାର୍ଯ୍ୟକ୍ଷମ ଓ ହସ୍ତାନ୍ତର(ବାର୍ଷିକ ଦେୟ ପ୍ରତିରୂପ କିମ୍ବା ପଥକର) କିମ୍ବା ଏହାର ନିକଟତର ଭିନ୍ନରୂପ ଥିଲା ।

31 ମାର୍ଚ୍ଚ 2014 ସୁଦ୍ଧା ଓଡ଼ିଶାରେ ଥିବା ପିପିପି ପ୍ରକଳ୍ପ ଗୁଡିକର ସ୍ଥିତି **ସାରଣୀ 1.35** ରେ ନିମ୍ନରେ ଦର୍ଶାଗଲା ।

**ସାରଣୀ 1.35: 31 ମାର୍ଚ୍ଚ 2014 ସୁଦ୍ଧା ଓଡ଼ିଶାରେ ପିପିପି ପ୍ରକଳ୍ପର ସ୍ଥିତି**

| କ୍ଷେତ୍ର | କାର୍ଯ୍ୟକ୍ଷମ | | କାର୍ଯ୍ୟାନ୍ୱୟନ ଅବସ୍ଥାରେ | | ବିଚାରାଧିନ | | ସମୁଦାୟ | |
|---|---|---|---|---|---|---|---|---|
| | ସଂଖ୍ୟା | ମୂଲ୍ୟ | ସଂଖ୍ୟା | ମୂଲ୍ୟ | ସଂଖ୍ୟା | ମୂଲ୍ୟ | ସଂଖ୍ୟା | ମୂଲ୍ୟ |
| ସହର ଉନ୍ନୟନ | 4 | 156 | 6 | 500 | 13 | 1359 | 23 | 2015 |
| ସ୍ୱାସ୍ଥ୍ୟ | 11 | 200 | 0 | 0 | 2 | 848 | 13 | 1048 |
| ଆର୍ଥିକ ରାଜସ୍ୱ | 1 | 72 | 0 | 0 | 1 | 128 | 2 | 200 |
| ପରିବହନ | 3 | 4861 | 6 | 12550 | 1 | 500 | 10 | 17911 |
| ଶିଳ୍ପ ଭିତ୍ତିଭୂମି | 2 | 165 | 3 | 720 | 0 | 0 | 5 | 885 |
| ରାସ୍ତା | 1 | 48 | 1 | 1293 | 10 | 2135 | 12 | 3476 |
| ପର୍ଯ୍ୟଟନ | 5 | 52 | 10 | 25 | 2 | 162 | 17 | 239 |
| ଶିକ୍ଷା | 14 | 35 | 0 | 0 | 3 | 47 | 17 | 82 |
| ଶକ୍ତି ସଂଚାରଣ | 0 | 0 | 1 | 108 | 2 | 1526 | 3 | 1634 |
| ମୋଟ | **41** | **5589** | **27** | **15196** | **34** | **6705** | **102** | **27490** |

***ପରିଶିଷ୍ଟ 1.8*** ରେ ବିଭିନ୍ନ କ୍ଷେତ୍ରରେ ସମୁଦାୟ 102 ଟି ପ୍ରକଳ୍ପର ତାଲିକା ଦିଆଯାଇଛି । 41ଟି ପ୍ରକଳ୍ପ ସରିଛି 27ଟି ପ୍ରକଳ୍ପର କାମ ଚାଲିଛି ବା ବାକି ଅଛି ଏବଂ ଅବଶିଷ୍ଟ 34ଟି ପ୍ରକଳ୍ପ ଏପର୍ଯ୍ୟନ୍ତ ବିଚାରାଧିନ ରହିଛି, ସେଥିରୁ ନଅଟି

13 ପ୍ରାଥମିକ ବ୍ୟୟ କହିଲେ ଚଳିତ ବର୍ଷରେ ପଇଠ ହୋଇଥିବା ନିଟ୍ ସୁଧ ପରିମାଣକୁ ସୂଚାଏ ।

ହେଉଛି 2010-11 ବର୍ଷର । 2013-14 ବର୍ଷରେ ସହରୀ ବସ ସେବା ଭଳି ଏକ ପ୍ରକଳ୍ପ ପ୍ରବର୍ତ୍ତନ ହୋଇଥିଲା ଯାହାର ପ୍ରଗତି ମନ୍ଥର ଥିଲା ।

## 1.14 ଉପସଂହାର

- ଭାରତ ସରକାର ରାଜ୍ୟରେ ବିଭିନ୍ନ ଖସଡାର କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ କାର୍ଯ୍ୟାନ୍ୱୟୀ ନିର୍ବାହୀମାନଙ୍କୁ ବେଶ୍ କିଛି ପରିମାଣର ସହାୟକ ଅନୁଦାନ ସିଧାସଳଖ ସ୍ଥାନାନ୍ତରଣ କରିଥିଲେ । ଏହିପରି ପାଣ୍ଠି କିପରି ବ୍ୟବହାର କରାଯାଇଛି ତାହାକୁ ପର୍ଯ୍ୟାଲୋଚନା କରିବା ପାଇଁ କୌଣସି ଏଜେନ୍ସିକୁ ଦାୟିତ୍ୱ ଦିଆଯାଇ ନାହିଁ ଏବଂ ମୁଖ୍ୟ ସୂଚୀକୃତ କାର୍ଯ୍ୟକ୍ରମରେ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ନିର୍ଦ୍ଦିଷ୍ଟ ବର୍ଷର ଖର୍ଚ୍ଚ ପରିମାଣର ତଥ୍ୟ ତତ୍‌କ୍ଷଣାତ୍ ମିଳେ ନାହିଁ । ଏପରି ଅଣଦେଖାରେ ବିପଦ ସହିତ ପ୍ରବଞ୍ଚନାତ୍ମକ ଅଟେ ***(ଅନୁଚ୍ଛେଦ 1.3.2)*** ।
- ରାଜସ୍ୱ ପ୍ରାପ୍ତିର ବାର୍ଷିକ ଅଭିବୃଦ୍ଧି ହାର 2012-13 ବର୍ଷରେ 9 ପ୍ରତିଶତରୁ 2013-14 ବର୍ଷରେ 11 ପ୍ରତିଶତକୁ ବୃଦ୍ଧି ପାଇଥିଲା । ***(ଅନୁଚ୍ଛେଦ 1.4)***
- ରାଜସ୍ୱ ବ୍ୟୟର ଏକ ଅନୁପାତ ସ୍ୱରପ ଅଣ ଯୋଜନା ରାଜସ୍ୱ ବ୍ୟୟ(ଏନ୍.ପି.ଆର୍.ଇ) 2009-10 ବର୍ଷରେ 19677 କୋଟି ଟଙ୍କାରୁ (78 ପ୍ରତିଶତ) 2013-14 ବର୍ଷରେ 30610 କୋଟି ଟଙ୍କାକୁ (67 ପ୍ରତିଶତ) ବୃଦ୍ଧି ପାଇଥିଲା । ଗତବର୍ଷ ତୁଳନାରେ ଏବର୍ଷ ମଧ୍ୟରେ ରାଜସ୍ୱ ବ୍ୟୟରେ ମୋଟ ବୃଦ୍ଧିର ପରିମାଣ 7380 କୋଟି ଟଙ୍କାରୁ ଅଣ ଯୋଜନା ରାଜସ୍ୱ ବ୍ୟୟର ଅଂଶ 54 ପ୍ରତିଶତ(3965 କୋଟି ଟଙ୍କା) ଏବଂ ଅବଶିଷ୍ଟ ଅଂଶ 46 ପ୍ରତିଶତ(3415 କୋଟି ଟଙ୍କା) ଯୋଜନା ରାଜସ୍ୱ ବ୍ୟୟ ଥିଲା । ***(ଅନୁଚ୍ଛେଦ 1.7.4)***
- ରାଜ୍ୟରେ ପୁଞ୍ଜିଗତ ବ୍ୟୟ 2009-10 ରେ ସର୍ବମୋଟ ବ୍ୟୟର 12 ପ୍ରତିଶତ ଥିବାବେଳେ 2013-14 ବର୍ଷରେ 14 ପ୍ରତିଶତକୁ ବୃଦ୍ଧି ପାଇଥିଲା । 2013-14 ବର୍ଷରେ ପୁଞ୍ଜିଗତ ବ୍ୟୟ ଜି.ଏସ୍.ଡି.ପିର 2.69 ପ୍ରତିଶତ ଥିଲାବେଳେ ବଜେଟ୍ ଆକଳନରେ 2.72 ପ୍ରତିଶତ ନିର୍ଦ୍ଧାରିତ ହୋଇଥିଲା । ***(ଅନୁଚ୍ଛେଦ 1.7.5)***
- 874.46 କୋଟି ଟଙ୍କା ଖର୍ଚ୍ଚ ହୋଇଥିବା 190 ଟି ପ୍ରକଳ୍ପ ଜମି ଅଧିକୃତ ଜନିତ ବିଳମ୍ବିତ ଉପାୟ ଯାହାକି ବିଚାରାଧୀନ, ନକସାରେ ଚୂଡାନ୍ତ ଓ ପୁନଃନୀରିକ୍ଷଣ, ପାଣ୍ଠିର ଅଭାବ ଓ କାମ ପ୍ରଗତିରେ ବିଳମ୍ବ ଯୋଗୁଁ ଅସମ୍ପୂର୍ଣ୍ଣ ହୋଇ ରହିଛି । ***(ଅନୁଚ୍ଛେଦ 1.9.2)*** ।
- **27** ଟି ଆରକ୍ଷିତ ପାଣ୍ଠିରୁ 21 ଟି କିଛି ଉଲ୍ଲେଖନୀୟ ବର୍ଷ ପାଇଁ ଅକାମୀ କିମ୍ବା ସ୍ଥାଣୁ ହୋଇଯାଇଛି ***(ଅନୁଚ୍ଛେଦ 1.10.5)***
- 102 ଟି ପିପିପି ପ୍ରକଳ୍ପରୁ 41ଟି ସଂପୂର୍ଣ୍ଣ 27ଟି ନିର୍ମାଣ/ କାର୍ଯ୍ୟୋନ୍ନତି ଅବସ୍ଥାର ଅଛି ଓ ଅବଶିଷ୍ଟ 34 ଟି କାମ ସମ୍ପୂର୍ଣ୍ଣ ହେବାକୁ ବାକି ଅଛି ***(ଅନୁଚ୍ଛେଦ 1.13)*** ।

### ସୁପାରିଶ

- ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସହ ପର୍ଯ୍ୟାଲୋଚନା କୌଶଳ ପାଇଁ କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ ସ୍ଥାନାନ୍ତରିତ ପାଣ୍ଠିଗୁଡିକର ସଠିକ୍ ହିସାବକୁ ନିଶ୍ଚିତ କରିବା ପାଇଁ ସମୁଚିତ କୌଶଳ ଅବଲମ୍ବନ କରିବାକୁ ରାଜ୍ୟ ସରକାର ବିଚାର କରିପାରନ୍ତି ।
- ଯେତେଶୀଘ୍ର ସମ୍ଭବ ଏକ ସମୟ ସୀମା ମଧ୍ୟରେ ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ଶେଷ କରିବା ପାଇଁ ପଦକ୍ଷେପ ନେବାକୁ ସରକାର ବିଚାର କରିପାରନ୍ତି, ଯାହାକି ଅଭିଳଷିତ ଫାଇଦାକୁ ହୃଦୟଙ୍ଗମ କରାଯାଇ ଥାଏ ।

# ଅଧ୍ୟାୟ -II

# ଆର୍ଥିକ ପରିଚାଳନା ଓ ବଜେଟ୍ ନିୟନ୍ତ୍ରଣ

# ଅଧ୍ୟାୟ II | ଆର୍ଥିକ ପରିଚାଳନା ଓ ବଜେଟ୍ ନିୟନ୍ତ୍ରଣ

## 2.1 ଉପକ୍ରମ

***2.1.1*** ବାର୍ଷିକ ପ୍ରସ୍ତୁତ ହୋଇଥିବା ବିନିଯୋଗ ଲେଖାରେ, ବିଭିନ୍ନ ଉଦ୍ଦେଶ୍ୟରେ ହୋଇଥିବା ଅନୁମୋଦିତ ଓ ଭାରିତ ଖର୍ଚ୍ଚ ଏବଂ ବିନିଯୋଗ ଅଧିନିୟମ ଅନ୍ତର୍ଗତ ଅନୁସୂଚୀରେ ସୂଚିତ ହୋଇଥିବା ଅନୁମୋଦିତ ଅନୁଦାନ ଓ ଭାରିତ ବିନିଯୋଗ ବ୍ୟୟର ଏକ ତୁଳନାତ୍ମକ ବିବରଣୀ ଦର୍ଶାଯାଇଥାଏ । ଏହି ହିସାବରେ ମୌଳିକ ବଜେଟ୍ ପ୍ରାକଳନ, ଅନୁପୂରକ ଅନୁଦାନ, ପ୍ରତ୍ୟାର୍ପଣ ଏବଂ ପୁନର୍ବିନିଯୋଗ ପରିଷ୍କାରଭାବେ ତାଲିକାଭୁକ୍ତ ହୋଇଥାଏ ଏବଂ ନିର୍ଦ୍ଦିଷ୍ଟ ସେବାକ୍ଷେତ୍ରରେ ହୋଇଥିବା ବିଭିନ୍ନ ପୁଞ୍ଜିଗତ ବ୍ୟୟ, ରାଜସ୍ୱ ବ୍ୟୟ ଓ ବଜେଟ୍‌ରେ ପ୍ରାଧିକୃତି ହୋଇଥିବା ଭାରିତ ଓ ଅନୁମୋଦିତ ବ୍ୟୟର ହିସାବ ସୂଚିତ ହୋଇଥାଏ । ଏହିପରି ଭାବରେ ବିନିଯୋଗ ହିସାବ, ଆର୍ଥିକ ପରିଚାଳନା ଓ ବଜେଟ୍ ବ୍ୟବସ୍ଥାର ନିୟନ୍ତ୍ରଣ କରୁଥିବାରୁ ଏହାକୁ ଅର୍ଥନୈତିକ ହିସାବର ପରିପୂରକ ହିସାବ ବୋଲି କୁହାଯାଏ ।

***2.1.2*** ବିଭିନ୍ନ ଅନୁଦାନ କ୍ଷେତ୍ରରେ ହୋଇଥିବା ବ୍ୟୟ ପ୍ରକୃତରେ ବିନିଯୋଗ ଅଧିନିୟମ ଅନୁଯାୟୀ ପ୍ରାଧିକୃତ ହୋଇଛି କି ନାହିଁ ତଥା ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଭାରିତ ହୋଇଛି କି ନାହିଁ, ତାହା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ ବିନିଯୋଗ ଲେଖା ପରୀକ୍ଷା ମାଧ୍ୟମରେ ନିଶ୍ଚିତ କରିଥାଆନ୍ତି । ସେ ଏହା ମଧ ନିଶ୍ଚିତ କରନ୍ତି ଯେ ଏହି ଭଳି ବ୍ୟୟ ଆଇନ୍, ନିୟମ ଓ ଅଧିନିୟମ ଓ ନିର୍ଦ୍ଦେଶନାମା ଅନୁଯାୟୀ ହୋଇଛି କି ନାହିଁ । ସରକାର / ନିର୍ବାହକ କେଉଁ ସୀମା ପର୍ଯ୍ୟନ୍ତ ସାମାଜିକ, ଆର୍ଥିକ, ସାଧାରଣ କ୍ଷେତ୍ର ଓ ବିଭାଗର ଥିବା ବିଭିନ୍ନ ଚାହିଦା ମଧ୍ୟରେ ଏହାର ସମ୍ବଳର ଯୋଜନା ବଦ୍ଧ ଓ ଅଭିଳଷିତ ଆବଣ୍ଟନ କରିବାକୁ ସକ୍ଷମ ହେବ ତାହାର ନିର୍ଦ୍ଧାରଣ କରାଯାଏ ।.

***2.1.3*** ଓଡିଶା ବଜେଟ୍ ନିୟମ ବହି ଅନୁସାରେ, ବିଭିନ୍ନ ବିଭାଗର ଅଟକଳ ଆଣି ବାର୍ଷିକ ବଜେଟ୍ ପ୍ରସ୍ତୁତ କରିବାର ଦାୟିତ୍ୱ ଅର୍ଥ ବିଭାଗର ଅଟେ । ବିଭାଗର ଆୟ ଓ ବ୍ୟୟର ଅଟକଳ ବିଭାଗୀୟ ମୁଖ୍ୟଙ୍କର ଉପଦେଶ ଅନୁଯାୟୀ ନିୟନ୍ତ୍ରଣ ଅଧିକାରୀଙ୍କ ଦ୍ୱାରା ତିଆରି ହୋଇଥାଏ ଏବଂ ନିର୍ଦ୍ଦିଷ୍ଟ ତାରିଖରେ ଅର୍ଥ ବିଭାଗକୁ ପୈଠ କରାଯାଇଥାଏ । ଅର୍ଥ ବିଭାଗ ଏହି ଅଟକଳଗୁଡିକୁ ଏକତ୍ର କରିଥାଏ ଏବଂ ବିଶଦ ଅଟକଳ ଅନୁଦାନ ଦାବୀ(ଡିମାଣ୍ଡ ଫର୍ ଗ୍ରାଣ୍ଟ) ତିଆରି କରିଥାଏ । ବଜେଟ୍ ପ୍ରସ୍ତୁତି ବେଳେ, ବାସ୍ତବ ଆସନ୍ନ ଫଳକୁ ହାସଲ କରିବାର ଲକ୍ଷ୍ୟ ରଖାଯାଇଥାଏ । ଏହା ଉଭୟ ପ୍ରାକ୍‌କଳିତ ପ୍ରାପ୍ତି ଏବଂ ପ୍ରତ୍ୟାଶା ବ୍ୟୟକୁ ଦେଖିବାର ପ୍ରୟୋଗକୁ ଦାବି କରିଥାଏ । ବଜେଟ୍‌ର ପ୍ରକ୍ରିୟା ଏହା ମନନ କରିଥାଏ ଯେ, ଗୋଟିଏ ବର୍ଷରେ ଗୋଟିଏ ଦଫାରେ ବ୍ୟବସ୍ଥା କରାଯାଇଥିବା ପରିମାଣ ବ୍ୟୟ ଅଟକଳର ପରିମାଣ ସହିତ ସମାନ ହେବା କଥା, ତାହାଠାରୁ କମ୍ କି ବେଶୀ ନୁହେଁ । ଆକଳନରେ ସଞ୍ଚୟ ଯେତିକି ଆର୍ଥିକ ଅନିୟମିତତା କରିଥାଏ ଅଧିକ ମଧ ସେତିକି କରିଥାଏ । ପ୍ରାପ୍ତିର ବଜେଟ ଆକଳନ କର, ଶୁଳ୍କ, ଫିସର ପ୍ରଚଳିତ ହାର ଉପରେ ଆଧାରିତ ହେବା ଉଚିତ୍ ।

ପରବର୍ତ୍ତୀ ପାରାରେ ହିସାବ ତନଖିରେ ବଜେଟ୍ ଏବଂ ବ୍ୟୟର ପରିଚାଳନାରେ ତ୍ରୁଟି ଏବଂ ଓଡିଶା ବଜେଟ୍ ମାନୁଆଲର ଉଲ୍ଲଙ୍ଘନ ଇତ୍ୟାଦିକୁ ଆଲୋଚନା କରାଯାଇଅଛି ।

## 2.2 ବିନିଯୋଗ ହିସାବର ସାରାଂଶ

2013-14 ବର୍ଷର 40 ଟି ଅନୁଦାନ ଏବଂ ଚାରୋଟି ବିନିଯୋଗର ପ୍ରକୃତ ଖର୍ଚ୍ଚର ସାରାଂଶ 2.1 ସାରଣୀରେ ଦିଆଯାଇଛି ।

**ସାରଣୀ 2.1: ପ୍ରକୃତ ଖର୍ଚ୍ଚ ଏବଂ ତଦନୁଯାୟୀ ମୌଳିକ / ଅନୁପୂରକ ବ୍ୟବସ୍ଥାର ସାରାଂଶ ସ୍ଥିତ**

(କୋଟି ଟଙ୍କାରେ)

| | ବ୍ୟୟର ପ୍ରକାର | ମୌଳିକ ଅନୁଦାନ ବିନିଯୋଗ | ଅନୁପୂରକ ଅନୁଦାନ/ ବିନିଯୋଗ | ମୋଟ | ବାସ୍ତବ ବ୍ୟୟ | ସଞ୍ଚୟ(-) / ଅଧିକ(+) |
|---|---|---|---|---|---|---|
| *ଅନୁମୋଦିତ* | I ରାଜସ୍ୱ | 44638.89 | 8124.37 | 52763.26 | 44263.19 | (-)8500.07 |
| | II ପୁଞ୍ଜି | 7817.17 | 1059.68 | 8876.85 | 7816.99 | (-)1059.86 |
| | III ଋଣ ଓ ଅଗ୍ରୀମ | 251.40 | 233.56 | 484.96 | 463.55 | (-)21.41 |
| ମୋଟ ଅନୁମୋଦିତ | | **52707.46** | **9417.61** | **62125.07** | **52543.73** | **(-)9581.34** |
| *ଭାରିତ* | IV ରାଜସ୍ୱ | 5587.05 | 2.65 | 5589.70 | 2945.12 | (-)2644.58 |
| | V ପୁଞ୍ଜି | 22.96 | 0.99 | 23.95 | 19.38 | (-)4.57 |
| | VI ସରକାରୀ ଋଣ ପରିଶୋଧ | 2818.69 | - | 2818.69 | 2293.22 | (-)525.47 |
| ମୋଟ ଭାରିତ | | **8428.70** | **3.64** | **8432.34** | **5257.72** | **(-)3174.62** |
| ସର୍ବମୋଟ | | **61136.16** | **9421.25** | **70557.41** | **57801.45** | **(-)12755.96** |

ଉତ୍ସ: ଓଡ଼ିଶା ବିନିଯୋଗ ଅଧିନିୟମ 2013, ଅର୍ଥନୈତିକ ଓ ବିନିଯୋଗ ହିସାବ 2013-14

ଉପରୋକ୍ତ ମୋଟାମୋଟି ବ୍ୟୟରାଶିରେ ରାଜସ୍ୱ ବ୍ୟୟ ଅସୁଲ (1590.56 କୋଟି ଟଙ୍କା) ଏବଂ ପୁଞ୍ଜି ବ୍ୟୟ ଅସୁଲି (79.98 କୋଟି ଟଙ୍କା) ଯାହା ଖର୍ଚ୍ଚ ହିସାବରେ ଦର୍ଶାଯାଇଛି ତାହା ସାମିଲ ହୋଇନାହିଁ । ମୋଟାମୋଟି ସଂଚୟ ଯାହାକି 12755.96 କୋଟି ଟଙ୍କା ଦର୍ଶାଯାଇଛି ତାହା ପୁଞ୍ଜି ହିସାବ ଅନ୍ତର୍ଗତ 40 ଟି ଅନୁଦାନ ଓ ଦୁଇଟି ବିନିଯୋଗ ଏବଂ ପୁଞ୍ଜି ହିସାବ ଅନ୍ତର୍ଗତ 28 ଟି ଅନୁଦାନ ଓ ଦୁଇଟି ବିନିଯୋଗର ଫଳସ୍ୱରୂପ ପରିଣତ ହୋଇଛି ଯାହାକି ପୁଞ୍ଜି ହିସାବ ଅନ୍ତର୍ଗତ ବାକି ତିନୋଟି ଅନୁଦାନରେ 18.56 କୋଟି ଟଙ୍କା ନିର୍ଦ୍ଧାରିତ ସୀମାର ବାହାରେ ଖର୍ଚ୍ଚ ହୋଇଛି ।

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ, 61136.16 କୋଟି ଟଙ୍କାର ମୂଳ ବ୍ୟବସ୍ଥା ବିରୋଧରେ 57801.45 କୋଟି ଟଙ୍କା ଖର୍ଚ୍ଚ କରାଗଲା, ତଦ୍ୱାରା ଅନୁପୂରକ ବ୍ୟବସ୍ଥାରୁ ଆବଶ୍ୟକତା ହେଲା ନାହିଁ ଯେହେତୁ ମୂଳ ବ୍ୟବସ୍ଥାରେ 3334.71 କୋଟି ଟଙ୍କାର ସଂଚୟ ହୋଇଥିଲା ଯାହାକି ପାଣ୍ଠିର ଅପରିଶୁଦ୍ଧ ଅଟକଳ ଓ ନିୟନ୍ତ୍ରଣ ସଂକ୍ରିୟାର ଅଭାବକୁ ସ୍ପଷ୍ଟ ଦର୍ଶାଉଛି ।

## 2.3 ଆର୍ଥିକ ଉତ୍ତରଦାୟିତ୍ୱ ଓ ବଜେଟ୍ ପରିଚାଳନା

### *2.3.1 ବିନିଯୋଗ ତଥା ଆବଣ୍ଟିତ ପ୍ରାଥମିକତା*

ବିନିଯୋଗ ଲେଖା ପରୀକ୍ଷାରୁ ଜଣାଗଲା ଯେ, 11ଟି ଅନୁଦାନ ଓ ତିନୋଟି ବିନିଯୋଗ ସମ୍ବନ୍ଧୀୟ 15ଟି କ୍ଷେତ୍ରରେ ପ୍ରତ୍ୟେକରେ ସଂଚୟ 10 କୋଟି ଟଙ୍କାରୁ ଅଧିକ, ସମୁଦାୟ ବ୍ୟବସ୍ଥାର 20 ପ୍ରତିଶତରୁ ଅଧିକ ଏବଂ ସମୁଦାୟ 8993.78 କୋଟି ଟଙ୍କା ହୋଇଥିଲା ***(ପରିଶିଷ୍ଟ 2.1)*** । ସେଥିମଧ୍ୟରୁ ସମୁଦାୟ ସଂଚୟ 8810.11 କୋଟି ଟଙ୍କା

(୨୫ ପ୍ରତିଶତ)[1] ଚାରୋଟି ଅନୁଦାନ ଓ ତିନୋଟି ବିନିଯୋଗ ସମ୍ବନ୍ଧୀୟ ସାତଟି କ୍ଷେତ୍ରରେ ହୋଇଥିଲା ଯାହାକି **ସାରଣୀ 2.2** ରେ ସୂଚିତ ହୋଇଛି ।

**ସାରଣୀ 2.2: 100 କୋଟି ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ଟଙ୍କାର ସଂଚୟ ଥିବା ଅନୁଦାନର ବିବରଣୀ ।**

(କୋଟି ଟଙ୍କାରେ)

| କ୍ର.ସଂ. | ସଂଖ୍ୟା ଓ ଅନୁଦାନର ନାମ | ମୂଳ ଅନୁଦାନ | ଅନୁପୂରକ ଅନୁଦାନ | ମୋଟ ଅନୁଦାନ | ପ୍ରକୃତ ବ୍ୟୟ | ସଂଚୟ |
|---|---|---|---|---|---|---|
| ରାଜସ୍ୱ (ଭାରିତ) | | | | | | |
| 1 | 2048- ଋଣ କମ୍ କିମ୍ବା ପରିହାର ପାଇଁ ବିନିଯୋଗ | 500.07 | - | 500.07 | - | 500.07 |
| 2 | 2049- ସୁଧ ପ୍ରଦାନ | 5007.86 | - | 5007.86 | 2888.22 | 2119.64 |
| ରାଜସ୍ୱ (ଅନୁମୋଦିତ) | | | | | | |
| 3 | 3- ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା | 1960.32 | 4181.34 | 6141.66 | 3508.13 | 2633.53 |
| 4 | 5- ଅର୍ଥ | 8321.20 | 1096.25 | 9417.45 | 6662.73 | 2754.72 |
| 5 | 22—ଜଙ୍ଗଲ ଓ ପରିବେଶ | 664.79 | 102.08 | 766.87 | 600.10 | 166.77 |
| ପୁଞ୍ଜି (ଭାରିତ) | | | | | | |
| 6 | 6003- ଆଭ୍ୟନ୍ତରୀଣ ଋଣ | 2275.41 | - | 2275.41 | 1775.32 | 500.09 |
| ପୁଞ୍ଜି (ଅନୁମୋଦିତ) | | | | | | |
| 7 | 39-ନିଯୁକ୍ତି ଓ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ | 247.87 | 30.29 | 278.16 | 142.87 | 135.29 |
| ମୋଟ | | **18977.52** | **5409.96** | **24387.48** | **15577.37** | **8810.11** |

ଉତ୍ସ : ବିନିଯୋଗ ହିସାବ 2013-14 ବର୍ଷର, ଓଡିଶା ସରକାର

ବିନିଯୋଗ ହିସାବରେ ଦର୍ଶାଯାଇଥିବା କେତେ ଗୁଡ଼ିଏ ମୁଖ୍ୟ ଶୀର୍ଷ ଅନ୍ତର୍ଗତ ଖର୍ଚ୍ଚ ନ ହୋଇ ପାରିଥିବା ବ୍ୟବସ୍ଥାର କାରଣ ଯାହା ବିଭାଗ ଦ୍ୱାରା ପ୍ରମୁଖ ମହାଲେଖାକାର(ଲେଖା ଓ ହକ୍‌ଦାରୀ)ଙ୍କୁ ଉପଲବ୍ଧ କରାଯାଇଥିଲା ତାହା ନିମ୍ନରେ ପ୍ରଦତ୍ତ କରାଗଲା ।

### *03-ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା(ରାଜସ୍ୱ ଅନୁମୋଦିତ)*

- ଶୂନ୍ୟ ପଦବୀ ଗୁଡିକୁ ନ କରିବା(ii) ଅଣସ୍ୱୀକୃତି ପ୍ରାପ୍ତ ଟିଏ, ଏଲଟିସି, ଆରଆରଟି ଏବଂ (iii) ଡିଇଓର ଇସ୍ତଫା ହେତୁ ମୁଖ୍ୟ ଶୀର୍ଷ 2029-ଭୂମି ରାଜସ୍ୱ-ଏନ.ପି-102 ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ କର୍ମ-1167 ଅଧିକାର ଅଭିଲେଖ ଏବଂ ବନ୍ଦୋବସ୍ତ କର୍ମ ଅନ୍ତର୍ଗତ ପ୍ରତ୍ୟାଶାତ୍ମକ ସଞ୍ଚୟ 3.67 କୋଟିଟଙ୍କା ହୋଇଥିଲା ।
- କ୍ଷେତ୍ର କାର୍ଯ୍ୟାଳୟରେ ଶୂନ୍ୟ ପଦବୀ ଏବଂ (ii) ଯଥା ସମୟରେ ଦାବୀଗୁଡିକର ଉପସ୍ଥାପନ ନ କରିବା ହେତୁ ମୁଖ୍ୟ ଶୀର୍ଷ 2030-ଷ୍ଟାମ୍ପ୍ ଏବଂ ରେଜଷ୍ଟ୍ରିକରିବା ଏନ.ପି-03-ରେଜଷ୍ଟ୍ରିକରଣ-001-ପ୍ରଶାସନ ଏବଂ ନିର୍ଦ୍ଦେଶ-0308-ଜିଲ୍ଲା ପ୍ରତିଷ୍ଠାନ ଅନ୍ତର୍ଗତ ପ୍ରତ୍ୟାଶାତ୍ମକ ସଂଚୟ 7.11 କୋଟି ଟଙ୍କା ହୋଇଥିଲା ।

### *05-ଅର୍ଥ(ରାଜସ୍ୱ-ଅନୁମୋଦିତ)*

- (i)ଶୂନ୍ୟ ପଦବୀଗୁଡ଼ିକୁ ପୂରଣ ନ କରିବା ଏବଂ (ii) ପାଣ୍ଠିର କମ୍ ଆବଶ୍ୟକତା କାରଣରୁ ମୁଖ୍ୟଶୀର୍ଷ "2052-ସଚିବାଳୟ-ସାଧାରଣ ସେବା-ଏନପି-090-ସଚିବାଳୟ-0488-ଅର୍ଥ ବିଭାଗ"ର ଅନ୍ତର୍ଗତ ପ୍ରତ୍ୟାଶାତ୍ମକ ସଂଚୟ 1337.16 କୋଟି ଟଙ୍କା ହୋଇଥିଲା ।

[1] ପ୍ରତ୍ୟେକ କ୍ଷେତ୍ରରେ 100 କୋଟି ଟଙ୍କାରୁ ଅଧିକ ।

- ମୁଖ୍ୟ ଶୀର୍ଷ "2054-କୋଷାଗାର ଏବଂ ହିସାବ ପ୍ରଶାସନ-ଏନପି-800( ଅନ୍ୟାନ୍ୟ ବ୍ୟୟ)-2555-ତ୍ରୟୋଦଶ ଅର୍ଥ ଆୟୋଗର ଅନୁଦାନ ଯାହାକି ସରକାରୀ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ପାଇଁ ଏକ ତଥ୍ୟାବଳୀର ବନ୍ଦୋବସ୍ତ ନିମନ୍ତେ" ଉଦ୍ଦିଷ୍ଟ ଥିଲା, ପରିଯୋଜନାଟି ତ୍ରୟୋଦଶ ଅର୍ଥ ଆୟୋଗର ମଞ୍ଜୁରୀ ପ୍ରତ୍ୟାଶାତ୍ମକ ସଂଚୟ 7.50 କୋଟି ଟଙ୍କା ହୋଇଥିଲା ।
- ମୁଖ୍ୟଶୀର୍ଷ "2071-ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ସାହାଯ୍ୟ-ଏନ.ପି.-01-ସିଭିଲ୍ -104 ଗ୍ରାଚ୍ୟୁଟି-0600-ଗ୍ରାଚ୍ୟୁଟି 113.96 କୋଟି ଟଙ୍କା(ii) ମୁଖ୍ୟ ଶୀର୍ଷ 2071-ପେନସନ ଓ ଅନ୍ୟାନ୍ୟ ଅବସର କାଳୀନ ସାହାଯ୍ୟ-ଏନ୍.ଡି-01-ସିଭିଲ୍-105-ପାରିବାରିକ ପେନସନ୍ 1038-ପେନସନ୍ ଓ ଅବସରକାଳୀନ ସାହାଯ୍ୟ 103.68 କୋଟି ଟଙ୍କା(iii) ମୁଖ୍ୟ ଶୀର୍ଷ 2071- ପେନସନ ଓ ଅନ୍ୟାନ୍ୟ ଅବସର କାଳୀନ ସାହାଯ୍ୟ-ଏନ୍.ଡି-01-ସିଭିଲ୍-109-ପେନସନ ଓ ଅନ୍ୟାନ୍ୟ ଅବସର ସହାୟତା ପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡିକର କର୍ମଚାରୀମାନଙ୍କର ପେନସନ୍–1036-ମାଧ୍ୟମିକ ବିଦ୍ୟାଳୟ ମହାବିଦ୍ୟାଳୟ ଗୁଡିକର ଅଣସରକାରୀ ଶିକ୍ଷକମାନଙ୍କର ପେନ୍ସନ୍ ଓ ଗ୍ରାଚ୍ୟୁଟି ନିମ୍ନରେ 923.54 କୋଟି ଟଙ୍କାର ପ୍ରତ୍ୟାଶାତ୍ମକ ସଂଚୟକୁ ପାଣ୍ଠିର କମ୍ ଆବଶ୍ୟକତା ବୋଲି ଦର୍ଶାଇଥିଲେ ।

### *05-ଅର୍ଥ(ପୁଞ୍ଜି ଅନୁମୋଦିତ)*

- (i)ଯଥା ସମୟରେ କାର୍ଯ୍ୟର ଚୂଡ଼ାନ୍ତ ନ ହେବା (ii) ପାଣ୍ଠିର କମ୍ ଆବଶ୍ୟକତା ପାଇଁ ମୁଖ୍ୟଶୀର୍ଷ "4059-ପୁଞ୍ଜି ବିନିଯୋଗ ନିର୍ମାଣ ବିଭାଗ-ଏନ.ପି.01-କାର୍ଯ୍ୟାଳୟ-051-ନିର୍ମାଣ-0182-ଗୃହ ନିର୍ମାଣ ଅନ୍ତର୍ଗତ ପ୍ରତ୍ୟାଶାତ୍ମକ ସଂଚୟ 4.83 କୋଟି ଟଙ୍କା ହୋଇଥିଲା ।

### *22-ଜଙ୍ଗଲ ଓ ପରିବେଶ (ରାଜସ୍ୱ ଅନୁମୋଦିତ)*

- ଟେଣ୍ଡରର କାର୍ଯ୍ୟ ନିର୍ବାହ ନ କରିବା ଏବଂ ସଞ୍ଚାର କାଳ ମଧ୍ୟରେ ଉଠାଣ ଟଙ୍କା ଚୋରି ହେବା ନିମନ୍ତେ ମୁଖ୍ୟ ଶୀର୍ଷ 2406-ଜଙ୍ଗଲ ଏବଂ ବନ୍ୟପ୍ରାଣୀ-ଏନ୍.ପି-02-ଜଙ୍ଗଲ ପରିବେଶ ଏବଂ ବନ୍ୟ ପ୍ରାଣୀ-110-ବନ୍ୟ ପ୍ରାଣୀ ସଂରକ୍ଷଣ-2557-13ତମ ଅର୍ଥ ଆୟୋଗ ଅନୁଦାନ ବନ୍ୟ ସମ୍ପଦ ସଂରକ୍ଷଣ ଅନ୍ତର୍ଗତ ପ୍ରତ୍ୟାଶାତ୍ମକ ସଂଚୟ 3.15 କୋଟି ଟଙ୍କା ହୋଇଥିଲା ।
- ରାଜ୍ୟ ଯୋଜନା ପ୍ରକଳ୍ପରୁ ଅଣ ଯୋଜନା ପ୍ରକଳ୍ପକୁ ତ୍ରୟୋଦଶ ଅର୍ଥ ଆୟୋଗ ଅନୁସାରେ ସ୍ଥାନାନ୍ତର ନିମନ୍ତେ ମୁଖ୍ୟ ଶୀର୍ଷ 2406-ଜଙ୍ଗଲ ଏବଂ ବନ୍ୟପ୍ରାଣୀ-ଏସ.ପି-ଏସ.ଏସ.-01-ଜଙ୍ଗଲ-2556-13 ତମ ଅର୍ଥ ଆୟୋଗ ବନ୍ୟ ସଂପଦ ଉନ୍ନୟନ ତଥା ରକ୍ଷଣାବେକ୍ଷଣ ଅନ୍ତର୍ଗତ ପ୍ରତ୍ୟାଶାତ୍ମକ ସଂଚୟ 72.34 କୋଟି ଟଙ୍କା ଫେରସ୍ତ ହୋଇଥିଲା ।

### *39-ନିଯୁକ୍ତି ଏବଂ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ(ପୁଞ୍ଜି ଅନୁମୋଦିତ)*

- ଭାରତ ସରକାରଙ୍କ ଦ୍ୱାରା ପାଣ୍ଠି ମଞ୍ଜୁରୀ ନ ହେବା ଯୋଗୁଁ ମୁଖ୍ୟଶୀର୍ଷ "4202-ଶିକ୍ଷା, କ୍ରୀଡା, କଳା ଓ ସଂସ୍କୃତି ପାଇଁ ପୁଞ୍ଜି ଖର୍ଚ୍ଚ ସି.ପି-ଏସଏସ-02-ବୈଷୟିକ ଶିକ୍ଷା-104-ବହୁବୃତ୍ତି(i) 2463-ନୂତନ ବହୁବୃତ୍ତି ମହାବିଦ୍ୟାଳୟଗୁଡିକର ପ୍ରତିଷ୍ଠା(ii) 2649-ଆତିଥ୍ୟ ସେକ୍ଟର ପାଠ୍ୟକ୍ରମର ବ୍ରହ୍ମପୁର ମହିଳା ବହୁବୃତ୍ତି ମହାବିଦ୍ୟାଳୟ(iii) 2691-ହଷ୍ଟେଲ ନିର୍ମାଣ(iv) 2692-ବହୁବୃତ୍ତି ମହାବିଦ୍ୟାଳୟଗୁଡିକର ଉନ୍ନତିକରଣ ଏବଂ(v) 2702-ବହୁବୃତ୍ତିର ଜାତୀୟ ଉନ୍ନୟନ ବହୁବୃତ୍ତି ଅନ୍ତର୍ଗତ ପ୍ରତ୍ୟାଶାତ୍ମକ ସଂଚୟ 119.36 କୋଟି ଟଙ୍କା ଫେରସ୍ତ ହୋଇଥିଲା ।

### *2048-ଋଣ କାଟ୍ କିମ୍ବା ପରିହାର ପାଇଁ ବିନିଯୋଗ(ରାଜସ୍ୱ ଭାରିତ)*

- ରାଜ୍ୟର ସାଧନୋପାୟ ଅବ୍ୟବସ୍ଥାକୁ ବିଚାର କରି ସରକାରଙ୍କ ନିଷ୍ପତ୍ତି ଯୋଗୁଁ କୌଣସି ଟଙ୍କା ଏକକୀକୃତ ଋଣ ଶୋଧନ ପାଣ୍ଠିକୁ ସ୍ଥାନାନ୍ତରିତ ନ କରି 500.07 କୋଟି ଟଙ୍କା ଫେରସ୍ତ ହୋଇଥିଲା ।

### *6003- ରାଜ୍ୟ ସରକାର ଆଭ୍ୟନ୍ତରୀଣ ଋଣ(ପୁଞ୍ଜି ଭାରିତ)*

- ଭାରତ ସରକାରଙ୍କ ଏନ୍ଏସଏସଏଫ୍ ଋଣର ଅଗ୍ରୀମ ପ୍ରଦାନ ପାଇଁ ଉତ୍ତର ନ ପାଇବାରୁ ମୁଖ୍ୟ ଶୀର୍ଷ 6003-ରାଜ୍ୟ ସରକାରଙ୍କ ଆଭ୍ୟନ୍ତରୀଣ ଋଣ ଏନ୍.ପି-111-କେନ୍ଦ୍ରସରକାରଙ୍କ ଏନଏସଏସଏଫ୍ କୁ ପ୍ରଦତ୍ତ ସ୍ୱତନ୍ତ୍ର ସୁରକ୍ଷା-1195-ଋଣ ଅନ୍ତର୍ଗତ ପ୍ରତ୍ୟାଶାତ୍ମକ ସଂଚୟ 500.00 କୋଟି ଟଙ୍କା ଫେରସ୍ତ ହୋଇଥିଲା ।

ଉପରୋକ୍ତ ବିଷୟଗୁଡିକରୁ ଏହା ସୂଚିତ ହେଉଛି ଯେ ଓଡିଶା ବଜେଟ୍ ନିୟମ ବହି(ଓ.ବି.ଏମ)ର ଅଧ୍ୟାୟ iv ଏବଂ vi ର ଆବଶ୍ୟକତା ଅନୁଯାୟୀ ସେହି ଅନୁଦାନର ମୁଖ୍ୟ ନିୟନ୍ତ୍ରଣ ଅଧିକାରୀମାନଙ୍କ ଦ୍ୱାରା ଖର୍ଚ୍ଚର ପ୍ରବାହକୁ ପର୍ଯ୍ୟାଲୋଚନା କରାଯିବାର ସଂପୂର୍ଣ୍ଣ ଅଭାବ ରହୁଛି ।

ସରକାର ଦର୍ଶାଇଥିଲେ(ଅକ୍ଟୋବର 2014) ଯେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱଗୁଡିକ ଯେପରି କି ଋଣ ସେବା, ସୁଧ ପରିଶୋଧ ବ୍ୟବସ୍ଥାକୁ ସମ୍ଭାବ୍ୟ ଆବଶ୍ୟକତାକୁ ପୂରଣ ହେବା ନିମନ୍ତେ ଭାରତ ସରକାରଙ୍କ ଠାରୁ ବୃହତ୍ତର ସହାୟତା ପ୍ରାପ୍ତିକୁ ଦୃଷ୍ଟିରେ ରଖି ଏନଡିଆରଏଫ୍ ର ନିମ୍ନରେ ବ୍ୟବସ୍ଥା କରାଯାଇଥିଲା ଏବଂ ହୋଇଥିବା ସଞ୍ଚୟ ଗୁଡିକର ଫଳସ୍ୱରୂପ କେନ୍ଦ୍ରୀୟ ସହାୟତାର ଅଣମୁକ୍ତିକରଣ ମାମଲାଗୁଡିକ ମଧ୍ୟ ରହିଛି । ଯାହାହେତୁ ସଞ୍ଚୟଗୁଡିକ ଯଥାଶୀଘ୍ର ପ୍ରତ୍ୟାଶିତ ହେବା ମାତ୍ରକେ ଫେରସ୍ତ ହେବା ଉଚିତ୍, ଯାହାଦ୍ୱାରା କି ସେହି ରାଶି ଯେଉଁଠି ଆବଶ୍ୟକ ସେଠି ବ୍ୟବହାର ହୋଇପାରିବ ।

### *2.3.2 କ୍ରମାଗତ ସଞ୍ଚୟ*

ବିଗତ ବର୍ଷ 2009-14 ମଧ୍ୟରେ 16ଟି ଅନୁଦାନର 18 ଟି ମାମଲାରେ ଏବଂ ଗୋଟିଏ ବିନିଯୋଗରେ 10 କୋଟି ଟଙ୍କାରୁ ଉର୍ଦ୍ଧ୍ୱ କ୍ରମାଗତ ସଂଚୟ ହୋଇଛି ଯାହାକି ***ପରିଶିଷ୍ଟ 2.2*** ରେ ଦର୍ଶାଯାଇଛି । ଏହି ସଂଚୟର ପରିମାଣ 2013-14 ମଧ୍ୟରେ 32.85 କୋଟି ଟଙ୍କାରୁ 2754.72 କୋଟି ଟଙ୍କା ପର୍ଯ୍ୟନ୍ତ ବିସ୍ତାରିତ ହୋଇଥିଲା । ଅନୁଦାନ ଗୁଡିକରେ ପ୍ରଚୁର ମାତ୍ରାରେ କ୍ରମାଗତ ସଂଚୟ ଦର୍ଶାଉଛି ଯେ ଖର୍ଚ୍ଚ ଅନୁଦାନରେ ଆବଶ୍ୟକତା ଏବଂ ପରୀକ୍ଷା ନିରୀକ୍ଷା ବିନା ସରକାରଙ୍କ ଦ୍ୱାରା ବର୍ଷ ପରେ ବର୍ଷ ବିନିଯୋଗ ଅଧିନିୟମରେ ଆବଶ୍ୟକତାରୁ ଅଧିକ ପାଣ୍ଠି ନିର୍ଦ୍ଧାରଣ କରାଯାଇଥିଲା ।

ଏହା ବିଗତ ପ୍ରତିବେଦନ ଗୁଡିକରେ ବାରମ୍ବାର ଦର୍ଶାଯାଇଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ (ଅକ୍ଟୋବର 2014) ।

### *2.3.3 ରାଜ୍ୟ ବିଧାନ ସଭା ଦ୍ୱାରା ପୂର୍ବ ମାନକରେ ପାଣ୍ଠି ବ୍ୟବସ୍ଥାଠାରୁ ଅଧିକ ବ୍ୟୟର ନିୟମିତକରଣର ଆବଶ୍ୟକତା*

ଭାରତୀୟ ସମ୍ବିଧାନ ଅନୁଚ୍ଛେଦ 205 ଅନୁସାରେ ଅଧିକ ଅନୁଦାନ/ ବିନିଯୋଗ ରାଶିକୁ ସରକାର ରାଜ୍ୟ ବିଧାନ ମଣ୍ଡଳ ଦ୍ୱାର ନିୟମିତ କରିବା ବାଧ୍ୟତାମୂଳକ ଅଟେ । ବର୍ଷ 2010-11 ଏବଂ 2011-12 ରେ 580.28 କୋଟି ଟଙ୍କାର ଅଧିକ ଖର୍ଚ୍ଚ ନିୟମିତ କରିବାର ଆବଶ୍ୟକତା ରହିଛି ଯାହାକି ସାରଣୀ 2.3 ରେ ନିମ୍ନମତେ ଦର୍ଶାଯାଇଛି ।

ଯାହାହେଉ, 14ତମ ବିଧାନସଭାର (ଡିସେମ୍ବର 2013) ରିପୋର୍ଟରେ 580.28 କୋଟି ଟଙ୍କା ଅଟକଳଠାରୁ ଅଧିକ ଖର୍ଚ୍ଚକୁ ନିୟମିତ କରିବା ପାଇଁ ସରକାରୀ ହିସାବ କମିଟିର ସୁପାରିଶ ହୋଇଥିଲା, ଯାହାକି ଏ ପର୍ଯ୍ୟନ୍ତ କରାଯାଇ ନାହିଁ ।

**ସାରଣୀ 2.3 ପୂର୍ବ ବର୍ଷମାନଙ୍କରେ ପାଣ୍ଠି ବ୍ୟବସ୍ଥାଠାରୁ ଅଧିକ ବ୍ୟୟର ନିୟମିତିକରଣର ଆବଶ୍ୟକତା**

| ବର୍ଷ | ସଂଖ୍ୟା ଓ ଶୀର୍ଷକ(ଅନୁଦାନ/ବିନିଯୋଗ) | | ଅନୁଦାନର ନାମ/ବିନିଯୋଗ | ଅଧିକ ପରିମାଣ ( କୋଟି ଟଙ୍କାରେ) |
|---|---|---|---|---|
| | ଅନୁଦାନର ନାମ | ବିନିଯୋଗ | | |
| 2010-11 | 4 | 1 | 07-ପୂର୍ତ୍ତ , 22-ଜଙ୍ଗଲ ଓ ପରିବେଶ, 23-କୃଷି, 28-ଗ୍ରାମ୍ୟ ଉନ୍ନୟନ, 6004-କେନ୍ଦ୍ର ସରକାରଙ୍କଠାରୁ କରଜ ଓ ଅଗ୍ରୀମ | 428.51 |
| 2011-12 | 1 | 1 | 05-ଅର୍ଥ, 6004 - କେନ୍ଦ୍ର ସରକାରଙ୍କଠାରୁ କରଜ ଓ ଅଗ୍ରୀମ | 151.77 |
| ମୋଟ | 5 | 2 | | **580.28** |

**ଉତ୍ସ:** ବର୍ଷ 2013-14 ପାଇଁ ବିନିଯୋଗ ହିସାବ, ଓଡିଶା ସରକାର

## *2.3.4 ରାଜ୍ୟ ବିଧାନ ସଭା ଦ୍ୱାରା 2013-14 ରେ ରାଜ୍ୟର ଏକକୀକୃତ ପାଣ୍ଠି ଠାରୁ ଅଧିକ ବ୍ୟୟର ନିୟମିତିକରଣର ଆବଶ୍ୟକତା*

2013-14ରେ ବିଧାନସଭା ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଏକକୀକୃତ ପାଣ୍ଠି ଦ୍ୱାରା ଅନୁମୋଦିତ ହୋଇଥିବା ସମୁଦାୟ ଅଧିକ 18.56 କୋଟି ଟଙ୍କା ତିନୋଟି ଅନୂଦାନରେ ସଂକ୍ଷିପ୍ତ ସାର ସାରଣୀ 2.4 ରେ ବର୍ଣ୍ଣନା କରାଯାଇଛି । ଏପର୍ଯ୍ୟନ୍ତ କୌଣସି ଦାବୀ ରାଜ୍ୟ ବିଧାନସଭା ଦ୍ୱାରା ବୈଧିକରଣ ପାଇଁ ବିଚାରକୁ ନିଆଯାଇନାହିଁ । ତେଣୁ, ଏହି ଅଧିକ ଖର୍ଚ୍ଚଗୁଡିକ ଅନୁମୋଦିତ ନ ହୋଇ ରହିଛି ।

**ସାରଣୀ 2.4: 2013-14 ରେ ପାଣ୍ଠି ବ୍ୟବସ୍ଥା ଠାରୁ ଅଧିକ ବ୍ୟୟର ନିୟମିତିକରଣର ଆବଶ୍ୟକତା**

(ଲକ୍ଷ ଟଙ୍କାରେ)

| କ୍ର.ସଂ. | ସଂଖ୍ୟା ଏବଂ ଅନୁଦାନର ନାମ/ ବିନିଯୋଗ | ସମୁଦାୟ ଅନୁଦାନ/ ବିନିଯୋଗ | ପ୍ରକୃତ ବ୍ୟୟ | ଅଧିକ |
|---|---|---|---|---|
| ପୁଞ୍ଜି(ଅନୁମୋଦିତ) | | | | |
| 1 | 22- ଜଙ୍ଗଲ ଏବଂ ପରିବେଶ | 240.09 | 269.23 | 29.14 |
| 2 | 26- ଅବକାରୀ | 600.00 | 627.06 | 27.06 |
| 3 | 31- ବୟନ ଏବଂ ହସ୍ତତନ୍ତ | 10.03 | 1810.00 | 1799.97 |
| ମୋଟ | | **850.12** | **2706.29** | **1856.17 or 18.56 crore** |

**ଉତ୍ସ:** ବର୍ଷ 2013-14 ପାଇଁ ବିନିଯୋଗ ହିସାବ, ଓଡିଶା ସରକାର

ଅଧିକ ବ୍ୟୟ(i) 22-ଜଙ୍ଗଲ ଏବଂ ପରିବେଶର ରାଜସ୍ୱ ବ୍ୟୟ 29.23 ଲକ୍ଷ ଟଙ୍କା ପୁଞ୍ଜି ବିଭାଗ(ଅନୁମୋଦିତ) ର ଭୁଲ୍ ଶ୍ରେଣୀ ବିଭାଗ ହୋଇଛି ଯାହାର ପରିଣାମ ସ୍ୱରୂପ ଶେଷରେ 29.14 ଲକ୍ଷ ଟଙ୍କା(29,13,522 ଟଙ୍କା) ଅଧିକ ବ୍ୟୟ ହୋଇଛି । (ii)ଅନୁଦାନ 26-ଅବକାରୀ ଅଧିକ 27.06 ଲକ୍ଷ ଟଙ୍କା ମୁଖ୍ୟ ଶୀର୍ଷ 4059-ଏସ.ପି-ସଏସ--01-051-1938-ଅଫିସ୍ ଗୃହର ନିର୍ମାଣ/ ମରାମତି ଏବଂ (iii) ମୁଖ୍ୟ ଶୀର୍ଷ “4851-ଗ୍ରାମ୍ୟ ଓ କୁଟୀର ଶିଳ୍ପରେ ପୁଞ୍ଜି ନିବେଶ-ଏସ.ପି-ଡି.ଏସ୍-103-ହସ୍ତତନ୍ତ ଶିଳ୍ପ-1878-ସମ୍ବଲପୁରୀ ବସ୍ତ୍ରାଳୟର ପୁନର୍ଗଠନ ଯୋଜନା” ନିବେଶ

କରିବା ପାଇଁ 2009-10 ବର୍ଷରେ ମଞ୍ଜୁର ହୋଇଥିବା 1800.00 ଲକ୍ଷ ଟଙ୍କାର ରୂପାନ୍ତର ଯୋଗୁଁ ଅନୁଦାନ 31- ବୟନ ଏବଂ ହସ୍ତତନ୍ତରେ ଖର୍ଚ୍ଚ 1799.97 ଲକ୍ଷ ଟଙ୍କାରେ ଅଧିକ ଖର୍ଚ୍ଚ ମଞ୍ଜୁରୀ ହୋଇଛି ।

### *2.3.5 ଅନାବଶ୍ୟକ / ଅଧିକ ଅନୁପୂରକ ପାଣ୍ଠି ବ୍ୟବସ୍ଥା*

2013-14 ବର୍ଷ ମଧ୍ୟରେ 1929.58 କୋଟି ଟଙ୍କାର ଅନୁପୂରକ ପାଣ୍ଠି ବ୍ୟବସ୍ଥା 28 ଟି କ୍ଷେତ୍ରରେ, ପ୍ରତ୍ୟେକ କ୍ଷେତ୍ରରେ ଏକ କୋଟି କିମ୍ବା ତଦୁର୍ଦ୍ଧ (24 ଟି ଅନୁଦାନ) ଅନାବଶ୍ୟକ ପ୍ରମାଣିତ ହେଲା । କାରଣ 32319.96 କୋଟି ଟଙ୍କାର ମୂଳ ବ୍ୟବସ୍ଥା ବିରୁଦ୍ଧରେ ମାତ୍ର 28832.65 କୋଟି ଟଙ୍କା ବ୍ୟୟ ହେଲା ଯାହାକି ମୂଳ ବ୍ୟବସ୍ଥା ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରିଲା ନାହିଁ । ଏହା ***ପରିଶିଷ୍ଟ-2.3*** ରେ ବିଶଦ ଭାବରେ ଦର୍ଶାଯାଇଛି ।

ସେହିପରି ଅନୁପୂରକ ପାଣ୍ଠି ବ୍ୟବସ୍ଥା, ଯାହାକି ସର୍ବମୋଟ 7476.48 କୋଟି ଟଙ୍କା ଅଟେ, 3885.37 କୋଟି ଟଙ୍କା ରୂପରେ, ସଂପୂର୍ଣ୍ଣ ଆବଶ୍ୟକ ଅନୁପୂରକ ପାଣ୍ଠି ବ୍ୟବସ୍ଥାର 3591.11କୋଟି ଟଙ୍କା ଉପରେ ଅତ୍ୟଧିକ ଭାବରେ ପ୍ରମାଣିତ ହୋଇଛି, ଯେଉଁଗୁଡ଼ିକ 13 ଟି ଅନୁଦାନର 17 ଟି ମାମଲାରେ ସମ୍ପର୍କିତ ଅଟେ(ଏକ କୋଟି କିମ୍ବା ତଦୁର୍ଦ୍ଧ ପ୍ରତ୍ୟେକ କ୍ଷେତ୍ରରେ), ଯାହା ବିଶଦ ଭାବରେ ***ପରିଶିଷ୍ଟ-2.4*** ରେ ଦର୍ଶାଯାଇଛି ।

ଏଥିରୁ ସୂଚିତ ହେଉଛି ଯେ ମୁଖ୍ୟ ନିୟନ୍ତ୍ରଣ ଅଧିକାରୀମାନେ ଆର୍ଥିକ ବର୍ଷର ଅବଶିଷ୍ଟ ସମୟରେ ପ୍ରକୃତ ରାଶିର ଆବଶ୍ୟକତା ବିଷୟରେ ଅଜ୍ଞାତ ଏବଂ ଓଡ଼ିଶା ବଜେଟ୍ ମାନୁଆଲର ଅଧ୍ୟାୟ IV ଏବଂ VI ରେ ଉଲ୍ଲେଖ ହୋଇଥିବା ମାସିକ ବ୍ୟୟର ନିୟନ୍ତ୍ରଣ ପ୍ରକ୍ରିୟା ଅନୁସାରେ ମନିଟର କରିବାରେ ବ୍ୟର୍ଥ ଥିଲେ ।

ରାଜ୍ୟ ସରକାର ନିର୍ଦ୍ଦେଶାବଳୀ ଜାରି କରି ମଧ୍ୟ ତଥ୍ୟ ବର୍ଷ ପରେ ବର୍ଷ ତାହା ହିଁ ରହୁଛି ବୋଲି ସରକାର (ଅକ୍ଟୋବର 2014) ରେ ଦର୍ଶାଇଲେ ଯେ ଅର୍ଥ ବିଭାଗ ଦ୍ୱାରା ଅନୁଦାନ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶାବଳୀ ଜାରି କରାଯିବ ।

### *2.3.6 ଅଧିକ / ଅନାବଶ୍ୟକ ପାଣ୍ଠିର ପୁନଃବିନିଯୋଗ*

ଗୋଟିଏ ଅନୁଦାନ ମଧ୍ୟରେ କୌଣସି ବିନିଯୋଗ ଏକକରୁ ପ୍ରତ୍ୟାଶିତ ସଞ୍ଚୟ ରାଶିକୁ, ଯେଉଁ ବିନିଯୋଗ ଏକକରେ ଅତିରିକ୍ତ ପାଣ୍ଠି ଆବଶ୍ୟକ ସେହି ଏକକକୁ ସ୍ଥାନାନ୍ତରିତ କରିବାକୁ ପୁନଃବିନିଯୋଗ କୁହାଯାଏ । ପୁନଃବିନିଯୋଗ ଅତ୍ୟଧିକ କିମ୍ବା ଯଥେଷ୍ଟ ନ ଥିବାର ପ୍ରମାଣିତ ହୋଇଥିଲା ଏବଂ ଏହା ସଞ୍ଚୟ / ଅଧିକ ଭାବେ 142 ଉପଶୀର୍ଷ ମଧ୍ୟରେ 10 ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଅଧିକ ହୋଇଥିଲା । ଯେଉଁଗୁଡ଼ିକରୁ ଅଧିକ / ସଞ୍ଚୟ 51 ଉପଶୀର୍ଷ ଗୁଡ଼ିକରେ ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ (8 ଟି ଅନୁଦାନର 37 ଟି ଉପଶୀର୍ଷ ନିମ୍ନରେ 252.00 କୋଟି ଟଙ୍କାର ସଞ୍ଚୟ ଏବଂ 7 ଟି ଅନୁଦାନ ନିମ୍ନରେ 14ଟି ଉପ-ଶୀର୍ଷରେ 50.77 କୋଟି ଟଙ୍କା ଅଧିକ) ଯାହାକି ***ପରିଶିଷ୍ଟ-2.5*** ରେ ବିଶଦ ଭାବରେ ଦର୍ଶାଯାଇଛି ।

ସରକାର ଦର୍ଶାଇଥିଲେ(ଅକ୍ଟୋବର 2014) ଯେ, ଗୋଟିଏ ଏକକରେ ନିଧି ଖର୍ଚ୍ଚରେ ଅଧିକ ଆବଶ୍ୟକତାକୁ ମେଣ୍ଟାଇବାକୁ ପୁନଃବିନିଯୋଗ କରାଯିବା ଉଚିତ୍ ଏବଂ ପୁନଃବିନିଯୋଗ ଦ୍ୱାରା ଏହି ଅଧିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିନିଯୋଗ କରିବା ଉଚିତ୍ । କିନ୍ତୁ ବିଗତ ପ୍ରତିବେଦନ ଗୁଡ଼ିକରେ ଟିପ୍ପଣୀ ଦିଆଯିବା ସତ୍ତ୍ୱେ ଏହା ଚାଲୁରହିଛି ।

### *2.3.7 ଆର୍ଥିକ ବର୍ଷର ଶେଷ ଦିନରେ ପୁନଃବିନିଯୋଗ / ତ୍ରୁଟିପୂର୍ଣ୍ଣ ପୁନଃବିନିଯୋଗ*

ଓଡ଼ିଶା ବଜେଟ୍ ମାନୁଆଲ 139 ନିୟମ ଅନୁଯାୟୀ ପୁନଃବିନିଯୋଗ ବକ୍ତବ୍ୟରେ ଅଧିକ ଖର୍ଚ୍ଚ ଓ ସଞ୍ଚୟର କାରଣ ଦର୍ଶାଯିବା ଉଚିତ୍, ଯାହାକି ଅତିବେଶୀରେ 10 ମାର୍ଚ୍ଚ ସୁଦ୍ଧା ଅର୍ଥ ବିଭାଗକୁ ପହଞ୍ଚାଇବା ଦରକାର । ପ୍ରମୁଖ ମହାଲେଖାକାର(ଲେଖା ଏବଂ ହକ୍‌ଦାରୀ)ଙ୍କର ନଥି ଅନୁଯାୟୀ 2013-14 ବର୍ଷ ମଧ୍ୟରେ 826 ଟି ପୁନଃବିନିଯୋଗ

ଆଦେଶ ଯାହାର ପରିମାଣ 3316.36 କୋଟି ଟଙ୍କା, ଜାରି କରାଯାଇଥିଲା । ତନ୍ମଧ୍ୟରୁ 4.52 କୋଟି ଟଙ୍କାର ତିନୋଟି ତ୍ରୁଟିପୂର୍ଣ୍ଣ ପୁନଃବିନିଯୋଗ ଆଦେଶ ବର୍ଷକ ମଧ୍ୟରେ ଜାରି କରାଯାଇଥିଲା, ଯାହାକି ସାରଣୀ 2.5 ରେ ନିମ୍ନମତେ ଦର୍ଶାଯାଇଛି ।

**ସାରଣୀ 2.5: ଆର୍ଥିକ ବର୍ଷ ମଧ୍ୟରେ ତ୍ରୁଟିପୂର୍ଣ୍ଣ ପୁନଃବିନିଯୋଗ**

| କ୍ର.ସଂ. | ବିଭାଗର ନାମ | ଯେଉଁ ହିସାବ ଶୀର୍ଷରୁ ପୁନଃବିନିଯୋଗ କରାଯାଇଛି | ରାଶି (କୋଟି ଟଙ୍କାରେ) | ଆଦେଶ ସଂଖ୍ୟା / ତାରିଖ |
|---|---|---|---|---|
| 1 | 05- ଅର୍ଥ ବିଭାଗ | 2230 and 2052 (ଅଣ ଯୋଜନା) | 0.27 | 10843/ 13.03.2014 |
| 2 | 16- ଯୋଜନା ଏବଂ ସମନ୍ୱୟ ବିଭାଗ | 4059- ସିପି-ଏସଏସ<br>5475- ଏସପି-ଏସଏସ | 3.85 | 141/ 04.01.2014 |
| 3 | 33- ମତ୍ସ୍ୟ ଏବଂ ପଶୁ ସଂପଦ ବିକାଶ ବିଭାଗ | 2403- ଏସପି<br>2403- ସିଏସପି | 0.4 | 3767/ 30.03.2014 |
| ମୋଟ | | | **4.52** | |

ଉତ୍ସ: ମହାଲେଖାକାର(ଲେଖା ଓ ହକ୍‌ଦାରୀ)ଙ୍କ କାର୍ଯ୍ୟାଳୟ, ଓଡିଶା ଦ୍ୱାରା ପ୍ରଦତ୍ତ ସୂଚନା

ପୁନଶ୍ଚ 488.45 କୋଟି ଟଙ୍କାର ପୁନଃବିନିଯୋଗ ଆଦେଶ ଅର୍ଥ ବିଭାଗ ଦ୍ୱାରା 31 ମାର୍ଚ୍ଚ 2014 ବର୍ଷର ଅନ୍ତିମ ଦିନରେ ଜାରି କରାଯାଇଥିଲା, ଯେଉଁଠାରେ ଉକ୍ତ ବର୍ଷ ମଧ୍ୟରେ ଖର୍ଚ୍ଚ କରିବାର କୌଣସି ସୁଯୋଗ ନଥିଲା । ପୂର୍ବ ଅଡିଟ୍ ରିପୋର୍ଟରେ ଏପରି ଅନିୟମିତତାକୁ ଦର୍ଶାଯାଇଥିଲେ ସୁଦ୍ଧା ଏହିପରି ବିଳମ୍ବିତ ପୁନଃବିନିଯୋଗ ଆଦେଶଗୁଡିକୁ ଜାରିକରିବା ବର୍ଷ ସାରା ଚାଲୁ ରହିଥିଲା ବୋଲି ଲକ୍ଷ୍ୟ କରାଯାଇଛି ।

## *2.3.8 ପ୍ରଚୁର ଫେରସ୍ତ ରାଶି*

12ଟି ଅନୁଦାନ ଓ ଗୋଟିଏ ବିନିଯୋଗ ଅନ୍ତର୍ଭୁକ୍ତ ବିଭିନ୍ନ ପରିକଳ୍ପନା/ କାର୍ଯ୍ୟକ୍ରମ/ପ୍ରକଳ୍ପ/କାର୍ଯ୍ୟକଳାପଗୁଡିକୁ ପ୍ରତିନିଧିତ୍ୱ କରୁଥିବା 18ଟି ଉପଶୀର୍ଷର ନିମ୍ନରେ (10 କୋଟି ଟଙ୍କା କିମ୍ବା ତଦୂର୍ଦ୍ଧ ପ୍ରତ୍ୟେକ କ୍ଷେତ୍ରରେ) ଫେରସ୍ତ ରାଶି 1169.07 କୋଟି ଟଙ୍କା ସଂପୂର୍ଣ୍ଣ ବ୍ୟବସ୍ଥାର ଶତ ପ୍ରତିଶତ ହୋଇଥିଲା, ଯାହା ***ପରିଶିଷ୍ଟ-2.6*** ରେ ଦର୍ଶାଯାଇଛି । ପ୍ରତ୍ୟାର୍ପଣଗୁଡିକର କାରଣ ଭାବରେ କେନ୍ଦ୍ର ଅଂଶଧନର ଅଣମୁକ୍ତିକରଣ/ଅଣ ପ୍ରାପ୍ତ ଯୋଗୁଁ(ପାଞ୍ଚୋଟି କ୍ଷେତ୍ର) ବକେୟା ବିନିଯୋଗ ପ୍ରମାଣପତ୍ରଗୁଡିକର ଦାଖଲ ନ ହେବା ଦ୍ୱାରା ଅନୁଦାନର ଅଣମୁକ୍ତିକରଣ ଯୋଗୁଁ(ଗୋଟିଏ କ୍ଷେତ୍ର), ପ୍ରସ୍ତାବ, ଚୁକ୍ତି ଓ ଟେଣ୍ଡର ପ୍ରକ୍ରିୟାର ଅଣଚୁକ୍ତିକରଣ (ତିନୋଟି କ୍ଷେତ୍ରରେ), ତ୍ରୟୋଦଶ ଅର୍ଥ ଆୟୋଗର ନିର୍ଦ୍ଧାରିତ ମାନଦଣ୍ଡର ଅଣପରିପୂର୍ଣ୍ଣତା ଓ ରାଜ୍ୟ ଯୋଜନା ପ୍ରକଳ୍ପରୁ ଅଣ ଯୋଜନା ପ୍ରକଳ୍ପକୁ ତ୍ରୟୋଦଶ ଅର୍ଥ କମିଶନର ଅନୁସାରେ ସ୍ଥାନାନ୍ତର(ଚାରିଟି କ୍ଷେତ୍ରରେ) ଏବଂ ଗୋଟିଏ ବିନିଯୋଗ 2048 ଋଣର ହ୍ରାସ କିମ୍ବା ପରିହାର କରିବାରେ ବିନିଯୋଗରେ ଏକକୀକୃତ ଋଣଶୋଧନ ପାଣ୍ଠିକୁ କୌଣସି ରାଶି ସ୍ଥାନାନ୍ତର ନ କରିବା ପାଇଁ ସରକାରୀ ନିଷ୍ପତ୍ତି ଗ୍ରହଣ କରାଯାଇଅଛି ।

## *2.3.9 ସଞ୍ଚୟ ଅପେକ୍ଷା ଅଧିକ ପ୍ରତ୍ୟାର୍ପଣ*

ଛଅଟି ଅନୁଦାନରେ (25 ଲକ୍ଷ ଟଙ୍କାରୁ ଅଧିକ ପ୍ରତ୍ୟେକ କ୍ଷେତ୍ରରେ) 1128.70 କୋଟି ଟଙ୍କା ସଞ୍ଚୟ ବେଳେ 1151.19 କୋଟି ଟଙ୍କା ପ୍ରତ୍ୟାର୍ପଣ କରାଯାଇଥିଲା, ଯାହାଫଳରେ 22.49 କୋଟି ଟଙ୍କାର ଅଧିକ ପ୍ରତ୍ୟାର୍ପଣ ହୋଇଥିଲା, ଯାହାକି ***ପରିଶିଷ୍ଟ-2.7*** ରେ ବିଶଦ ଭାବରେ ଦର୍ଶାଯାଇଛି । ଏହି ପ୍ରତ୍ୟାର୍ପଣରୁ ସୂଚିତ ହୁଏ ଯେ

ବିଭାଗଗୁଡିକ ମାସିକ ଖର୍ଚ୍ଚ ବିବରଣୀ ଏବଂ ଅଦ୍ୟାବଧି ଖର୍ଚ୍ଚର ସ୍ଥିତି ଅନୁସାରେ ବ୍ୟୟର ପ୍ରବାହକୁ ବିଚାର ନ କରି ପ୍ରତ୍ୟାର୍ପଣ ନିର୍ଦ୍ଦେଶ ପ୍ରଦାନ କରୁଥିବାରୁ ବଜେଟ୍ ନିୟନ୍ତ୍ରଣରେ ବ୍ୟର୍ଥ ହୋଇଥିଲେ ।

ସରକାର ଅଧିକ ଫେରସ୍ତ ପାଇଁ କୌଣସି ସଠିକ୍ କାରଣ ଉପଲବ୍ଧ କରାଇ ନାହାନ୍ତି (ଅକ୍ଟୋବର 2014) ଏବଂ ଦର୍ଶାଇଛନ୍ତି ଯେ ଏହା ହୁଏତ ନିୟନ୍ତ୍ରଣ ଅଧିକାରୀଙ୍କ ଦ୍ୱାରା ସମୟୋପଯୋଗୀ ଖର୍ଚ୍ଚର ଭାରସାମ୍ୟକରଣ ନ କରିବା ଦ୍ୱାରା ହୋଇଥାଇପାରେ । କିନ୍ତୁ ସମୟାନୁସାରେ ଭାରସାମ୍ୟକରଣ କରିବା ନିୟନ୍ତ୍ରଣ ଅଧିକାରୀଙ୍କର କର୍ତ୍ତବ୍ୟ ଅଟେ ।

### *2.3.10 ଫେରସ୍ତ ନ ହୋଇଥିବା ପ୍ରତ୍ୟାଶିତ ସଞ୍ଚୟ*

ଓଡିଶା ବଜେଟ୍ ମାନୁଆଲ୍ ନିୟମ 146 ଅନୁଯାୟୀ ଖର୍ଚ୍ଚ କରୁଥିବା ବିଭାଗଗୁଡିକ ସମ୍ଭାବିତ ସଞ୍ଚୟ କ୍ଷେତ୍ରମାନଙ୍କରେ ଅନୁଦାନ ବିନିଯୋଗ ରାଶି କିମ୍ବା ତାର ଅଂଶ ବିଶେଷକୁ ଅର୍ଥ ବିଭାଗକୁ ଫେରସ୍ତ କରିବା ଉଚିତ୍ । 2013-14 ବର୍ଷ ଶେଷରେ ଅନୁଦାନଗୁଡିକର ସଞ୍ଚୟ ଓ ସଂପୃକ୍ତ ବିଭାଗଗୁଡିକ ଦ୍ୱାରା ସେଗୁଡିକର ପ୍ରତ୍ୟାର୍ପଣ ନିମ୍ନଲିଖିତ ତଥ୍ୟଗୁଡିକୁ ଦର୍ଶାଉଛି ।

- ଏକ କୋଟି ଟଙ୍କାରୁ ଅଧିକ ପ୍ରତ୍ୟାର୍ପିତ ହେବାକୁ ଥିବା ସଞ୍ଚୟ ରାଶିର ସର୍ବେକ୍ଷଣରୁ ଏହା ଜଣାପଡିଲା ଯେ 25ଟି ଏପରି ମାମଲା ରହିଛି(19 ଟି ବିଭାଗରେ) ଏବଂ ବିଭାଗଗୁଡିକ ଆଂଶିକ ଭାବରେ ସଞ୍ଚୟକୁ ଫେରସ୍ତ କରିଛନ୍ତି ଯାହାର ପରିମାଣ ସ୍ୱରୁପ 3690.26 କୋଟି ଟଙ୍କାର ରାଶି ଅଟକ ରହିଯାଇଛି ( ସଂପୂର୍ଣ୍ଣ ସଞ୍ଚୟ 9944.20 କୋଟି ଟଙ୍କାର 37 ପ୍ରତିଶତ) ଯାହା ବିଶଦ ଭାବରେ ***ପରିଶିଷ୍ଟ-2.8*** ରେ ଦର୍ଶାଯାଇଛି ।
- ଏହାଛଡା, ପ୍ରମୁଖ ମହାଲେଖାକାର(ଲେଖା ଓ ହକ୍‌ଦାରୀ)ଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ ବିଭିନ୍ନ ମୂଖ୍ୟଶୀର୍ଷଗୁଡିକର ନିମ୍ନରେ ଆର୍ଥିକ ବର୍ଷର ଅନ୍ତିମ କାର୍ଯ୍ୟ ଦିବସ ଯଥା- 31 ମାର୍ଚ୍ଚ 2014 ରେ 10 କୋଟି ଟଙ୍କାର ଅଧିକ ପାଣ୍ଠି ଫେରସ୍ତ ହୋଇଛି, ଯାହାକି 65 ଟି କ୍ଷେତ୍ରରେ ସର୍ବମୋଟ 7091.38 କୋଟି ଟଙ୍କା ହୋଇଛି , ଯାହା ସମଗ୍ର ବଜେଟ୍‌ର 10 ପ୍ରତିଶତ ଅଟେ(***ପରିଶିଷ୍ଟ-2.9***) ।

ଏହିପରି ଭାବରେ ମୂଖ୍ୟ ନିୟନ୍ତ୍ରଣ ଅଧିକାରୀମାନେ ଓ ବିଭାଗୀୟ ମୁଖ୍ୟମାନେ ଓ.ବି.ଏମରେ ବ୍ୟବସ୍ଥା କରାଯାଇଥିବା ବଜେଟ୍ ନିୟନ୍ତ୍ରଣ ବ୍ୟବସ୍ଥାକୁ ନଜର ଅନ୍ଦାଜ କରିଛନ୍ତି ।

ସରକାର ଦର୍ଶାଇଲେ (ଅକ୍ଟୋବର 2014) ଯେ ପ୍ରତ୍ୟାଶାତ୍ମକ ସଞ୍ଚୟର ଫେରସ୍ତ ଠିକ୍ ସମୟାନୁସାରେ ହେବ ବୋଲି ସବୁ ସ୍ତରରେ ସୁନିଶ୍ଚିତ ହେବା ଉଚିତ୍ ।

### *2.3.11 ଆର୍ଥିକ ବର୍ଷ ଶେଷ ଭାଗରେ ଅତ୍ୟଧିକ ବ୍ୟୟ*

ଓଡିଶା ବଜେଟ୍ ମାନୁଆଲର ନିୟମ 147 ଅନୁଯାୟୀ ଆର୍ଥିକ ବର୍ଷର ଶେଷ ମାସରେ ପ୍ରଚୁର ଖର୍ଚ୍ଚକୁ ଆର୍ଥିକ ଶୃଙ୍ଖଳା ଭଙ୍ଗ ବୋଲି ଅଭିହିତ କରାଯାଏ, ଯାହାକି ନ ହେବା ଆବଶ୍ୟକ ଅଟେ । ଏହାସତ୍ତ୍ୱେ ମାର୍ଚ୍ଚ 2014 ରେ 77 ଟି ପରିକଳ୍ପନାରେ ***ପରିଶିଷ୍ଟ-2.10*** ରେ ସୂଚୀତ ହୋଇଥିବା, ରାଜସ୍ୱ / ପୁଞ୍ଜି ଖର୍ଚ୍ଚ 10 କୋଟିରୁ ଅଧିକ ଓ (ପ୍ରତ୍ୟେକ ମାସରେ) ସମୁଦାୟ ଖର୍ଚ୍ଚର 50 ପ୍ରତିଶତ ଅଧିକ ଖର୍ଚ୍ଚ ହୋଇଥିଲା । 11 ଟି ଉପଶୀର୍ଷରେ ଶତ ପ୍ରତିଶତ ଖର୍ଚ୍ଚ ବର୍ଷର ଅନ୍ତିମ ମାସରେ କରାଯାଇଛି, ଯାହା **ସାରଣୀ 2.6** ରେ ଦର୍ଶାଯାଇଛି । ଯେଉଁ ଖର୍ଚ୍ଚ ବର୍ଷ ସାରା ହେବା କଥା ତାହା ବର୍ଷର ଶେଷ ମାସରେ କେବଳ କରାଯାଇଥିଲା ।

**ସାରଣୀ 2.6: 2013-14 ଆର୍ଥିକ ବର୍ଷର ଶେଷ ଭାଗରେ ହୋଇଥିବା ପ୍ରଚୁର ଖର୍ଚ୍ଚର ବିବରଣୀ**

| କ୍ର.ସଂ. | ଅନୁଦାନ ସଂଖ୍ୟା | ମୁଖ୍ୟ ଶୀର୍ଷ | ବର୍ଷ ମଧ୍ୟରେ ମୋଟ ଖର୍ଚ୍ଚ(କୋଟି ଟଙ୍କାରେ) | ମାର୍ଚ୍ଚ *2014* ରେ ହୋଇଥିବା ଖର୍ଚ୍ଚ | |
|---|---|---|---|---|---|
| | | | | ରାଶି(କୋଟି ଟଙ୍କାରେ) | ମୋଟ ଖର୍ଚ୍ଚର ପ୍ରତିଶତ |
| 1 | 11 | 2225- ଏସ୍‌ପି-ଏସ୍‌ଏସ୍-01-277-2888- ଡିଏଫଆଇଡି ସାହାଯ୍ୟପ୍ରାପ୍ତ | 10.49 | 10.49 | 100 |
| 2 | 11 | 2225- ସିପି-ଡିଏସ୍-03-277-2418 - ଓବିସି ଛାତ୍ରମାନଙ୍କ ପାଇଁ ମାଟ୍ରିକ୍ ଉପରାନ୍ତ ଛାତ୍ରବୃତ୍ତି ଓ ଷ୍ଟାଇପେଣ୍ଡ | 24.47 | 24.47 | 100 |
| 3 | 20 | 2702- ଏନ୍ ପି -03-102-2896- ରିହାତି | 156.72 | 156.72 | 100 |
| 4 | 20 | 4702- ଏସ୍‌ପି-ଡିଏସ୍ -00-796-2624- ରାଜ୍ୟ ଯୋଜନାର ବୃହତ୍ ଉଠା ଜଳ ସେଚନ ପ୍ରକଳ୍ପ | 42.32 | 42.32 | 100 |
| 5 | 23 | 2401- ଏସ୍‌ପି-ଏସ୍‌ଏସ୍ -789-2866- ବିଜୁ କୃଷକ କଲ୍ୟାଣ ଯୋଜନା | 13.00 | 13.00 | 100 |
| 6 | 23 | 2401- ଏସ୍‌ପି-ଏସ୍‌ଏସ୍ -796-2866- ବିଜୁ କୃଷକ କଲ୍ୟାଣ ଯୋଜନା | 17.59 | 17.59 | 100 |
| 7 | 28 | 5054- ଏସ୍‌ପି-ଡିଏସ୍ -04-789-1230- ଗ୍ରାମ୍ୟ ସଡକ | 11.33 | 11.33 | 100 |
| 8 | 28 | 5054- ଏସ୍‌ପି-ଡିଏସ୍ -04-796-1230- ଗ୍ରାମ୍ୟ ସଡକ | 13.97 | 13.97 | 100 |
| 9 | 30 | 4801- ଏନ୍ ପି -80-190-1276- ପୁଞ୍ଜି ଅଂଶଧନ ନିବେଶ | 143.73 | 143.73 | 100 |
| 10 | 30 | 6801- ଏସ୍‌ପି-ଏସ୍‌ଏସ୍ -202-2886- ଇଉଏମପିପି ପାଇଁ ଓଡିଶାର ଅଂଶଧନ | 233.56 | 233.56 | 100 |
| 11 | 38 | 2202- ଏସ୍‌ପି-ଏସ୍‌ଏସ୍ -03-800-2887- ମେଧାବୀ ଛାତ୍ରଙ୍କୁ ଲ୍ୟାପ୍‌ଟପ୍ ବିତରଣ | 30.00 | 30.00 | 100 |
| | | | **697.18** | **697.18** | **100** |

ଉତ୍ସ **:** ମାର୍ଚ୍ଚ 2014 ର ମାସିକ ବିନିଯୋଗ ରିପୋର୍ଟ

ସରକାରୀ ଅର୍ଥର ସୁପରିଚାଳନା ପାଇଁ ଖର୍ଚ୍ଚର ଏକରୂପତା ଆବଶ୍ୟକ ଯାହା ଏକ ନିର୍ଦ୍ଦିଷ୍ଟ ମାସରେ ଅପ୍ରତ୍ୟାଶିତ ଖର୍ଚ୍ଚର ଭିଡ ଯୋଗୁଁ ଉପୁଜିଥିବା ରାଜସ୍ୱ ଖର୍ଚ୍ଚ ଯୋଗୁଁ ଅସ୍ଥାୟୀ ରାଶି ସଙ୍କଟ ଏବଂ ଆର୍ଥିକ ବୈଷମ୍ୟତାକୁ ବାରଣ କରେ ।

ସରକାର ଦର୍ଶାଇଥିଲେ(ଅକ୍ଟୋବର 2014) ଯେ ରୋକଡ ପରିଚାଳନା ପଦ୍ଧତିର ପ୍ରବର୍ତ୍ତନ ପରେ ସମୁଦାୟ ଖର୍ଚ୍ଚର ମାର୍ଚ୍ଚ ମାସର ଖର୍ଚ୍ଚର ପ୍ରତିଶତ 2009-10 ବର୍ଷରେ 27 ପ୍ରତିଶତରୁ 2013-14 ବର୍ଷରେ 24 ପ୍ରତିଶତକୁ ହ୍ରାସ ପାଇଛି । ଯାହାହେଉ, ଏହା ଅର୍ଥ ବିଭାଗ ଦ୍ୱାରା ସ୍ଥିର କରାଯାଇଥିବା ମାନଦଣ୍ଡ ଯାହା (15 ପ୍ରତିଶତରୁ ଅଧିକ ନୁହେଁ) ଅଧିକ ହୋଇଛି ।

## 2.4 ଆକସ୍ମିକ ପାଣ୍ଠିରୁ ଅଗ୍ରୀମ

ଓଡିଶା ରାଜ୍ୟ ଆକସ୍ମିକ ପାଣ୍ଠି ଅଧିନିୟମ 1967 ଏବଂ ଭାରତର ସମ୍ବିଧାନର ଅନୁଚ୍ଛେଦ 267(2) ଓ 283(2) ଅନୁସାରେ ରାଜ୍ୟ ଆକସ୍ମିକ ପାଣ୍ଠିର ସ୍ଥାପନା ହୋଇଛି । ଯେଉଁସବୁ ଅପ୍ରତ୍ୟାଶିତ ତଥା ଜରୁରୀ ଖର୍ଚ୍ଚ ବଜେଟରେ ବ୍ୟବସ୍ଥିତ ହୋଇ ନଥାଏ ଓ ଯାହାକୁ ବିଧାନ ସଭାର ଅନୁମୋଦନ ନ ଥିବା କାରଣରୁ ସ୍ଥଗିତ ରଖାଯାଇ ପାରେନା, ସେହିସବୁ ଖର୍ଚ୍ଚ ଏହି ପାଣ୍ଠିରୁ କରାଯାଏ । ଏହି ପାଣ୍ଠି ଏକ ବଇନା ସଦୃଶ ଏବଂ ଅଗ୍ରୀମ ସୁପାରିଶର ଠିକ୍ ପରେ ପରେ ବିଧାନ ସଭାର ପ୍ରଥମ ଅଧିବେଶନରେ ଅନୁପୂରକ ଅନୁଦାନ ରୂପେ ପୁନଃଭରଣ କରାଯିବା ଦରକାର । 2013-14 ବର୍ଷ ମଧ୍ୟରେ 150.00 କୋଟି ଟଙ୍କା ଏହି ପାଣ୍ଠିରୁ ଅଗ୍ରୀମ ଭାବେ ଉଠାଯାଇଥିଲେ ମଧ୍ୟ ତାହା ଭରଣା ହୋଇନାହିଁ ।

**ସାରଣୀ 2.7: ରାଜ୍ୟର ଆକସ୍ମିକ ପାଣ୍ଠିର ଅଣଭରଣା ରାଶି**

(ହଜାର ଟଙ୍କାରେ)

| କ୍ର.ସଂ. | ଅବଧି | ଅନୁଦାନ ସଂଖ୍ୟା | ମୁଖ୍ୟ ଶୀର୍ଷ | ରାଶି |
|---|---|---|---|---|
| 1 | 2013-14 | 09- ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ | 2408- ଖାଦ୍ୟ, ଭଣ୍ଡାର ଏବଂ ଉୟାର ହାଉସିଂ | 1500000 |
| 2 | 2013-14 | 30- ଶକ୍ତି | 4801- ଶକ୍ତି, ପ୍ରକଳ୍ପରେ ବିନିଯୋଗ | 1 |
| | | | | **1500001** |

ଉତ୍ସ : ପ୍ରଧାନ ମହାଲେଖାକାର (ଏ ଆଣ୍ଡ ଇ) ଏବଂ ଅର୍ଥ ହିସାବ 2013-14 ଦ୍ୱାରା ପ୍ରଦତ୍ତ ସୂଚନା

## 2.5 ବଜେଟ୍ ପ୍ରସ୍ତୁତିରେ ତ୍ରୁଟି

ଓଡ଼ିଶା ବଜେଟ୍ ମାନୁଏଲ (ନିୟମ 46) ପ୍ରତିପାଦିତ କରେ ଯେ, ନିୟନ୍ତ୍ରଣ ଅଧିକାରୀମାନେ ଏହା ଦେଖିବା ଉଚିତ୍ ଯେ, ଉପଯୁକ୍ତ ଅଟକଳଗୁଡ଼ିକ ପ୍ରସ୍ତୁତ ସମୟରେ ଏପରି ବ୍ୟୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ଯାହା ବର୍ଷ ମଧ୍ୟରେ ଖର୍ଚ୍ଚ ହେବାର ସମ୍ଭାବନା ଥିବ । ଯଥାସମ୍ଭବ ଅଟକଳଗୁଡିକ ନିର୍ଭୁଲ କରିବା ପାଇଁ ଲକ୍ଷ୍ୟ ରଖିବା ଦରକାର । ଏପରି ନୁହେଁ କି ଅଧିକ ମୂଲ୍ୟାଙ୍କନ ଦେଖାଇ ବର୍ଷ ଶେଷରେ ବିପୁଳ ସଞ୍ଚୟ ଦେଖାଇବା ।

ଅନୁମୋଦିତ ବଜେଟ୍ ଅନୁସାରେ ବଜେଟ୍‌ର କାର୍ଯ୍ୟାନ୍ୱୟନ ହୋଇନାହିଁ ଯାହାକି ରାଜସ୍ୱ(ଅନୁମୋଦିତ) ଏବଂ ପୁଞ୍ଜି (ଅନୁମୋଦିତ) ଭାଗଗୁଡ଼ିକର ଅନୁସାରେ ନିମ୍ନମତେ ଦିଆଗଲା ।:

- ରାଜସ୍ୱ (ଅନୁମୋଦିତ) ମଧ୍ୟରେ ଆସୁଥିବା ମୌଳିକ ଅନୁଦାନ ଏବଂ ଅନୁପୂରକ ଅନୁଦାନ ଗୁଡ଼ିକ ଯଥାକ୍ରମେ 44638.89 କୋଟି ଟଙ୍କା ଏବଂ 8124.37 କୋଟି ଟଙ୍କା ସର୍ବମୋଟ ଭାବରେ 52763.26 କୋଟି ଟଙ୍କା ଥିଲା ଯାହା ବିପକ୍ଷରେ ମାତ୍ର 44263.19 କୋଟି ଟଙ୍କା ବ୍ୟୟ ହେଲା । ଫଳରେ 8500.07 କୋଟି ଟଙ୍କାର ସଞ୍ଚୟ ହୋଇଥିଲା । ଏହା ଅନୁପୂରକ ବ୍ୟବସ୍ଥାର ପରିମାଣ ଠାରୁ ମଧ୍ୟ ଅଧିକ ଥିଲା ।

- ସେହିପରି ପୁଞ୍ଜି (ଅନୁମୋଦିତ)ରେ ମୌଳିକ ଓ ଅନୁପୂରକ ଅନୁଦାନଗୁଡ଼ିକ ଯଥାକ୍ରମେ 7817.17 କୋଟି ଟଙ୍କା ଏବଂ 1059.68 କୋଟି ଟଙ୍କା, ଯାହାକି ସର୍ବମୋଟ ଭାବରେ 8876.85 କୋଟି ଟଙ୍କା ହେଉଛି । ଯାହା ବିପକ୍ଷରେ ମାତ୍ର 7816.99 କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଫଳରେ 1059.86 କୋଟି ଟଙ୍କା ସଞ୍ଚୟରେ ପରିଣତ ହୋଇଛି । ଏହା ଅନୁପୂରକ ବ୍ୟବସ୍ଥାଠାରୁ ମଧ୍ୟ ଅଧିକ ଥିଲା ।

ଉପରୋକ୍ତ ଉଭୟ କ୍ଷେତ୍ରରେ ରାଜସ୍ୱ (ଅନୁମୋଦିତ)ରେ ଥିବା 8124.37 କୋଟି ଟଙ୍କା ଏବଂ ପୁଂଜି (ଅନୁମୋଦିତ) ରେ ଥିବା 1059.68 କୋଟି ଟଙ୍କାର ହୋଇଥିବା ଅନୁପୂରକ ବ୍ୟବସ୍ଥା ଯାହାକି ସେହିବର୍ଷ ମଧ୍ୟରେ ପ୍ରାପ୍ତ କରାଯାଇଥିଲା । ଏହା ଅନାବଶ୍ୟକ ଭାବରେ ପ୍ରମାଣିତ ହୋଇସାରିଛି । କାରଣ ବ୍ୟୟ **ସାରଣୀ 2.8** ରେ ଦର୍ଶାଯାଇଥିବା ମୌଳିକ ବ୍ୟବସ୍ଥାର ଆଶାନୁରୂପ ହୋଇପାରିନାହିଁ ।

**ସାରଣୀ 2.8: ବାସ୍ତବ ବ୍ୟୟ ମୌଳିକ ଅନୁଦାନ/ବିନିଯୋଗ/ମୌଳିକ ବ୍ୟବସ୍ଥାର**

(କୋଟି ଟଙ୍କାରେ)

| କ୍ର. ସଂ. | ବ୍ୟୟର ପ୍ରକାର | ମୌଳିକ ଅନୁଦାନ ବିନିଯୋଗ | ଅନୁପୂରକ ଅନୁଦାନ/ ବିନିଯୋଗ | ମୋଟ | ବାସ୍ତବ ବ୍ୟୟ | ସଞ୍ଚୟ(-)/ ଅଧିକ(+) |
|---|---|---|---|---|---|---|
| 1 | ରାଜସ୍ୱ (ଅନୁମୋଦିତ) | 44638.89 | 8124.37 | 52763.26 | 44263.19 | (-)8500.07 |
| 2 | ପୁଞ୍ଜି (ଅନୁମୋଦିତ) | 7817.17 | 1059.68 | 8876.85 | 7816.99 | (-)1059.86 |
| ମୋଟ | | **52456.06** | **9184.05** | **61640.11** | **52080.18** | **(-)9559.93** |

ଉତ୍ସ : ଓଡ଼ିଶା ବିନିଯୋଗ ଅଧିନିୟମ 2013, ଅର୍ଥ ଓ ବିନିଯୋଗ ବିବରଣୀ 2013-14 ।

ବଜେଟ୍, ପ୍ରସ୍ତୁତିକରଣରେ ଏହା ନିଶ୍ଚିତ ଲକ୍ଷ୍ୟରେ ରହିବା ଦରକାର ଯେ, ରାଜସ୍ୱ ଓ ବ୍ୟୟର ଆକଳନ ଯେପରି ଏହା ସଠିକ୍ ହୁଏ । ଏପରି ନ ହୁଏ ଯେ ଅଧିକ ଅଟକଳ (ମୂଲ୍ୟାଙ୍କନ) କରାଯାଇ, ବର୍ଷର ଶେଷରେ ବିପୁଳ ସଞ୍ଚୟକୁ ଦର୍ଶାଇବା, ତେବେ ସୁଦ୍ଧା ଏହା ଲକ୍ଷ୍ୟ କରାଯାଇଛି ଯେ ବାରମ୍ବାର ସମୀକ୍ଷା ମନ୍ତବ୍ୟଗୁଡିକ 2009-10 ରୁ 2012-13 ଲେଖା ପରୀକ୍ଷା ପ୍ରତିବେଦନରେ ରହିବା ସତ୍ତ୍ୱେ ଷୋହଳଟି ବିଭାଗ, ବିଗତ ପାଞ୍ଚବର୍ଷରେ 10 କୋଟିରୁ ଅଧିକ ସଞ୍ଚୟ କରିବା ଜାରି ରଖିଛନ୍ତି ଯାହାକି ***ପରିଶିଷ୍ଟ 2.2*** ବିଶଦ ଭାବରେ ଦର୍ଶାଯାଇଛି ।

### *2.5.1 ସମ୍ବଳଗୁଡ଼ିକର ଅବାସ୍ତବ ପୂର୍ବାନୁମାନ*

ଓଡ଼ିଶା ବଜେଟ୍ ମାନୁଏଲ (ଓ.ବି.ଏମ୍)ର ନିୟମ 46 ଏହା ନିର୍ଦ୍ଧାରଣ କରେ ଯେ ଏକ ରାଜ୍ୟର ବଜେଟ୍ ନିୟନ୍ତ୍ରଣ ଅଧିକାରୀମାନଙ୍କ ଦ୍ୱାରା ଦିଆଯାଇଥିବା ବିଭାଗୀୟ ଅଟକଳ (ମୂଲ୍ୟାଙ୍କନ) ଉପରେ ନିର୍ଭର କରି ତିଆରି ହୁଏ । ଉଭୟ ବିଭାଗୀୟ ଅଟକଳ (ମୂଲ୍ୟାଙ୍କନ) ଏବଂ ଜିଲ୍ଲାସ୍ତରୀୟ ଅଟକଳଗୁଡ଼ିକ ନିଶ୍ଚିତ ଭାବରେ ସର୍ବଦା ଯେପରି ଯେଉଁ ଅଧିକାରୀଗଣ ସେଗୁଡ଼ିକୁ ଦାଖଲ କରିବେ, ସେମାନଙ୍କର ସତର୍କତାମୂଳକ ବ୍ୟକ୍ତିଗତ ମନଯୋଗ ସହିତ ଯେପରି ପ୍ରସ୍ତୁତ ହୋଇଥିବ । ତେଣୁ ସେଗୁଡ଼ିକୁ ଯେପରି ଅତ୍ୟଧିକ ବୃଦ୍ଧି କିମ୍ବା ଅନୁଚିତ୍ ହ୍ରାସ ଭାବରେ ପରିଦର୍ଶିତ ନ ହୋଇ ଯଥା ସମ୍ଭବ ନିର୍ଭୂଲ ହେବା ଆବଶ୍ୟକ । ତଥାପି ଏହା ଲକ୍ଷ୍ୟ କରାଯାଇଛି ଯେ 2013-14 ବର୍ଷରେ ଅଣ-ଟିକସ ରାଜସ୍ୱ ପ୍ରକ୍ଷେପଣର ପୁନଃରୀକ୍ଷିତ ଅଟକଳ 7475 କୋଟି ଟଙ୍କା ଥିଲା, ଯେତେବେଳେ କି ବାସ୍ତବ କାର୍ଯ୍ୟସାଧନ 8379 କୋଟି ଟଙ୍କା ଥିଲା ଯାହାକି ପ୍ରକ୍ଷେପଣଠାରୁ ଅଧିକ ଥିଲା । ଏହାଦ୍ୱାରା ଏହା 904 କୋଟି ଟଙ୍କାର ସମ୍ବଳଗୁଡ଼ିକ କ୍ରମବର୍ଦ୍ଧିଷ୍ଣୁ ପାର୍ଥକ୍ୟ ଦେଖାଗଲା ଯାହାକି ମୂଳ ପୂର୍ବାନୁମାନଠାରୁ 12 ପ୍ରତିଶତ ଅଧିକ ଥିଲା ।
ଏହି ପରିପ୍ରେକ୍ଷୀରେ ବିଗତ ପାଞ୍ଚବର୍ଷର (2009-10 ଠାରୁ 2013-14) ରାଜସ୍ୱ ପ୍ରକ୍ଷେପଣର ଏହି ଧାରା ନିମ୍ନମତେ 2.9 ସାରଣୀରେ ଦର୍ଶାଗଲା ।

**ସାରଣୀ 2.9: 2009-10 ଠାରୁ 2013-14 ର ସମୟସୀମା ମଧ୍ୟରେ ରାଜସ୍ୱ ସମ୍ବଳଗୁଡ଼ିକର ପୁନଃରୀକ୍ଷିତ ଆକଳନ ଏବଂ ବାସ୍ତବ ଆକଳନ ମଧ୍ୟରେ ଥିବା ବ୍ୟବଧାନ ।**

(କୋଟି ଟଙ୍କାରେ)

| କ୍ର.ସଂ. | ବର୍ଷ | ବ୍ୟୟର ପ୍ରକାର | ପୁନଃରୀକ୍ଷିତ ଆକଳନ | ବାସ୍ତବ ଆକଳନ | ପାର୍ଥକ୍ୟ (ସ୍ତମ୍ଭ 5-4) |
|---|---|---|---|---|---|
| **1** | **2** | **3** | **4** | **5** | **6** |
| 1 | 2009-10 | ଟିକସ ରାଜସ୍ୱ | 8920 | 8982 | **62** |
| | | ଅଣଟିକସ ରାଜସ୍ୱ | 2912 | 3212 | **300** |
| 2 | 2010-11 | ଟିକସ ରାଜସ୍ୱ | 10608 | 11193 | **585** |
| | | ଅଣଟିକସ ରାଜସ୍ୱ | 3317 | 4780 | **1463** |
| 3 | 2011-12 | ଟିକସ ରାଜସ୍ୱ | 13399 | 13443 | **44** |
| | | ଅଣଟିକସ ରାଜସ୍ୱ | 5000 | 6443 | **1443** |
| 4 | 2012-13 | ଟିକସ ରାଜସ୍ୱ | 15310 | 15034 | **(-)276** |
| | | ଅଣଟିକସ ରାଜସ୍ୱ | 6500 | 8078 | **1578** |
| 5 | 2013-14 | ଟିକସ ରାଜସ୍ୱ | 17105 | 16892 | **(-)213** |
| | | ଅଣଟିକସ ରାଜସ୍ୱ | 7475 | 8379 | **904** |

**ଉତ୍ସ:** ବଜେଟରେ ଏକ ଦୃଷ୍ଟିପାତ ଏବଂ ସମ୍ବନ୍ଧିତ ବର୍ଷଗୁଡ଼ିକର ଆର୍ଥିକ ହିସାବ

ଉପରଲିଖିତ ସାରଣୀକୁ ଦେଖିଲେ ଯେ ବିଗତ ପାଞ୍ଚବର୍ଷରେ ଟିକସ ରାଜସ୍ୱର ଏବଂ ଅଣ-ଟିକସ ରାଜସ୍ୱର ପ୍ରକ୍ଷେପଣଗୁଡିକ ଏପରି ଅବାସ୍ତବ ଅଟେ ଯେ, ବାସ୍ତବ ଲକ୍ଷ୍ୟ ପ୍ରାପ୍ତିଗୁଡିକ ପ୍ରକ୍ଷେପଣଗୁଡିକଠାରୁ ଅଧିକ ହୋଇଛି ।

## 2.5.2 ରୋକଡ ପରିଚାଳନା ପଦ୍ଧତିର ବିଶ୍ଳେଷଣ

ଓଡିଶା ବିତ୍ତୀୟଦାୟିତ୍ୱ ଓ ବଜେଟ ପରିଚାଳନା ଅଧିନିୟମର ଧାରା-8 ର ଉପଧାରା 1(a) ଅନୁସାରେ ଓଡ଼ିଶା ସରକାର ଅର୍ଥବିଭାଗର ଏପ୍ରିଲ୍ 2013-14 ର ପରିପତ୍ର ଅନୁଯାୟୀ 18ଟି ବିଭାଗର ରୋକଡ଼ ପରିଚାଳନା ପଦ୍ଧତି କାର୍ଯ୍ୟାନ୍ୱିତ କଲେ । ଏହି ରୋକଡ ପରିଚାଳନାର ମୁଖ୍ୟ ଲକ୍ଷ୍ୟ ଥିଲା:-

(i) ବ୍ୟୟର ସମବଣ୍ଟନ ସେହି ଆର୍ଥିକ ବର୍ଷରେ ହେବା ଦରକାର ।

(ii) ବିତ୍ତୀୟ ବର୍ଷର ଶେଷ ତ୍ରୈମାସିକରେ ମୁଖ୍ୟତଃ ଶେଷ ମାସରେ ବହୁଳ ଭାବେ ବ୍ୟୟକୁ କମ୍ କରିବା ।

(iii) ବିତ୍ତୀୟ ବର୍ଷର ପ୍ରଥମ ତିନୋଟି ତ୍ରୈମାସରେ ଅଧିକ ଖର୍ଚ୍ଚ କଲେ ବର୍ଷର ମଝାମଝି ସମୟରେ ସଂଶୋଧନ ପଦକ୍ଷେପ ନେଇ ବିତ୍ତୀୟ ଲକ୍ଷ୍ୟ ହାସଲ କରିହେବ ।

(iv) ସରକାରୀ ହିସାବ ବାହାରେ ପୁଞ୍ଜି ରଖିବାର ଅଭିପ୍ରାୟ ଏଡାଇବା ଦରକାର ।

(v) ଖର୍ଚ୍ଚର ମାନ ବୃଦ୍ଧି ପାଇଁ ଖର୍ଚ୍ଚ ଓ ଢାଞ୍ଚାକୁ ଠିକ୍ ଭାବେ ପର୍ଯ୍ୟବେକ୍ଷଣ ଆବଶ୍ୟକ ।

(vi) ଖର୍ଚ୍ଚର ମାନ ବୃଦ୍ଧି ଏବଂ

(vii) ସୁସ୍ଥ ସାଧନୋପାୟ ପରିଚାଳନା ଦରକାର ।

ପରିପତ୍ର ସଂଖ୍ୟା 14520 ତା-12 ଏପ୍ରିଲ୍ 2013 ଅନୁଯାୟୀ ଖର୍ଚ୍ଚର ସ୍ତର ତୃତୀୟ ତ୍ରୟମାସିକ ସୁଦ୍ଧା ଅଟକଳ ବ୍ୟବସ୍ଥାର 60 ପ୍ରତିଶତରୁ କମ୍ ହେବା ଉଚିତ୍ ନୁହେଁ ଏବଂ ମାର୍ଚ୍ଚ ମାସରେ 15 ପ୍ରତିଶତରୁ ଅଧିକ ହେବା ଉଚିତ୍ ନୁହେଁ ।

ଯାହାହେଉ, ଏହା ପରିଲକ୍ଷିତ ହେଲା ଯେ 18 ବିଭାଗରୁ ସାତଟି ବିଭାଗ 60 ପ୍ରତିଶତ ନ୍ୟୁନତମ ଅର୍ଥ ଅଟକଳ ବ୍ୟବସ୍ଥାର ଶେଷ ତ୍ରୟ ମାସିକରେ ଖର୍ଚ୍ଚ କରିଛି ଏବଂ ଅବଶିଷ୍ଟ 11 ଟି ବିଭାଗ 2013-14 ରେ ଲକ୍ଷ୍ୟ ହାସଲ କରିବାରେ ଅକୃତକାର୍ଯ୍ୟ ହୋଇଅଛି । ସେହିପରି ଅଟକଳ ବ୍ୟବସ୍ଥାର 15 ପ୍ରତିଶତ 13 ଟି ବିଭାଗରେ ମାର୍ଚ୍ଚ 2014 ରେ ଅଧିକ ହୋଇଅଛି ଯାହା ନିମ୍ନରେ **ସାରଣୀ-2.10** ରେ ଦର୍ଶାଯାଇଅଛି ।

**ସାରଣୀ 2.10: ରୋକଡ ପରିଚାଳନା ବିଶ୍ଳେଷଣ**

(କୋଟି ଟଙ୍କାରେ)

| କ୍ର. ସଂ. | ବିଭାଗର ନାମ | ମୂଳ ଅଟକଳ | ଏପ୍ରିଲ 2013-ଡିସେମ୍ବର 2013 | | ମାର୍ଚ୍ଚ 2014 | |
|---|---|---|---|---|---|---|
| | | | ପ୍ରଥମ ତ୍ରୈମାସିକ ଖର୍ଚ୍ଚ | ଖର୍ଚ୍ଚର ଶତ ପ୍ରତିଶତେ | ମାସର ଖର୍ଚ୍ଚ | ଖର୍ଚ୍ଚର ଶତ ପ୍ରତିଶତ |
| 1 | 7-ପୂର୍ତ୍ତ | 2536.68 | 1550.01 | **61** | 653.76 | **26** |
| 2 | 10- ବିଦ୍ୟାଳୟ ଏବଂ ଗଣଶିକ୍ଷା | 7160.84 | 4725.88 | **66** | 1034.16 | **14** |
| 3 | 11-ଆଦିବାସୀ ଓ ହରିଜନ ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ଅନ୍ୟାନ୍ୟ ପଛୁଆ ବର୍ଗ | 1965.04 | 1071.69 | **55** | 530.97 | **27** |
| 4 | 12- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | 2207.18 | 1269.00 | **57** | 356.57 | **16** |
| 5 | 13- ଗୃହ ଏବଂ ନଗର ଉନ୍ନୟନ | 2390.46 | 1497.47 | **63** | 544.21 | **23** |
| 6 | 17-ପଞ୍ଚାୟତି ରାଜ | 3228.98 | 2395.45 | **74** | 616.27 | **19** |
| 7 | 19- ଶିଳ୍ପ | 28.73 | 8.15 | **28** | (-)0.84 | **--** |
| 8 | 20-ଜଳ ସମ୍ପଦ | 4048.25 | 1918.93 | **47** | 1252.20 | **31** |
| 9 | 22- ଜଙ୍ଗଲ ଏବଂ ପରିବେଶ | 667.39 | 392.70 | **59** | 94.90 | **14** |

| କ୍ର. ସଂ. | ବିଭାଗର ନାମ | ମୂଳ ଅଟକଳ | ଏପ୍ରିଲ 2013-ଡିସେମ୍ବର 2013 | | ମାର୍ଚ୍ଚ 2014 | |
|---|---|---|---|---|---|---|
| | | | ପ୍ରଥମ ତ୍ରୈମାସିକ ଖର୍ଚ୍ଚ | ଖର୍ଚ୍ଚର ଶତ ପ୍ରତିଶତେ | ମାସର ଖର୍ଚ୍ଚ | ଖର୍ଚ୍ଚର ଶତ ପ୍ରତିଶତ |
| 10 | 23- କୃଷି | 1830.77 | 1056.14 | **58** | 947.60 | **52** |
| 11 | 28- ଗ୍ରାମ୍ୟ ଉନ୍ନୟନ | 2033.77 | 868.57 | **43** | 765.02 | **38** |
| 12 | 30- ଶକ୍ତି | 743.68 | 285.20 | **38** | 390.41 | **52** |
| 13 | 31- ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ | 131.81 | 82.80 | **63** | 20.78 | **16** |
| 14 | 33- ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ | 449.61 | 246.99 | **55** | 72.99 | **16** |
| 15 | 36- ମହିଳା ଓ ଶିଶୁ ବିକାଶ | 3359.79 | 2306.92 | **69** | 1093.66 | **32** |
| 16 | 38- ଉଚ୍ଚ ଶିକ୍ଷା | 1452.99 | 968.91 | **67** | 288.68 | **20** |
| 17 | 39- ନିଯୁକ୍ତି ଓ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ | 457.05 | 211.76 | **46** | 53.33 | **12** |
| 18 | 40-ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | 71.00 | 33.35 | **47** | 8.56 | **12** |

**ଉତ୍ସ:** ମାସିକ ବିନିଯୋଗର ହିସାବ ଡିସେମ୍ବର 2013 ଏବଂ ମାର୍ଚ୍ଚ 2014

ସରକାର ଦର୍ଶାଇଲେ(ଅକ୍ଟୋବର 2014) ଯେ କେତେକ ବିଭାଗର ଖର୍ଚ୍ଚ ଚତୁର୍ଥ ତ୍ରୈମାସିକ / ମାର୍ଚ୍ଚ ମାସରେ ଜରୁରୀ ବୋଲି ସୀମା ଲଙ୍ଘନ ହୋଇଥିଲା । ଯାହାହେଉ 18ଟି ବିଭାଗ ମଧ୍ୟରୁ ରୋକଡ ପରିଚାଳନା ଅଧିନରେ ଥିବା 13 ଟି ବିଭାଗରେ ପ୍ରସ୍ତାବିତ ଖର୍ଚ୍ଚ ସୀମା ଲଙ୍ଘନ କରିଥିଲା । ଉପରୋକ୍ତ ବିଷୟ ସୂଚୀତ କରେ କି ରୋକଡ ପରିଚାଳନା ପଦ୍ଧତିର ଉଦ୍ଦେଶ୍ୟ କେବଳ ଆଂଶିକ ଭାବେ ପୂରଣ ହୋଇଛି ।

## 2.6 ବଛାଯାଇଥିବା ଅନୁଦାନ ଗୁଡିକର ସମୀକ୍ଷାର ପରିଣାମ

ବିନିଯୋଗ ହିସାବରେ ଦର୍ଶାଯାଇଥିବା ପଞ୍ଚାୟତିରାଜ ବିଭାଗ(ଅନୁଦାନ ସଂଖ୍ୟା-17) ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ(ଅନୁଦାନ ସଂଖ୍ୟା-28) ର ବଜେଟ ପ୍ରସ୍ତାବ, ବାସ୍ତବ ଖର୍ଚ୍ଚ ଏବଂ ନିଧି ପରିଚାଳନାର ସମୀକ୍ଷାରୁ ନିମ୍ନଲିଖିତ ଅନିୟମିତତା ଜଣାପଡିଛି ।

### *2.6.1 ସଞ୍ଚୟ ଠାରୁ କମ୍ ଫେରସ୍ତ / ବିଳମ୍ବିତ ଫେରସ୍ତ*

ଓଡିଶା ବଜେଟ ମାନୁଏଲର (ଓ.ବି.ଏମ୍) ନିୟମ 144 ଏବଂ 146 ଅନୁଯାୟୀ ସମସ୍ତ ଅନୁମିତ ସଞ୍ଚୟ ରାଶିକୁ ବର୍ଷର ଶେଷ ପର୍ଯ୍ୟନ୍ତ ଅପେକ୍ଷା ନକରି, ପୂର୍ବରୁ ଜାଣିବା ସଙ୍ଗେ ସଙ୍ଗେ ଆର୍ଥିକ ବର୍ଷର 10 ମାର୍ଚ୍ଚ ଶେଷ ସୁଦ୍ଧା ଫେରସ୍ତ କରିବା ଉଚିତ୍ ।

2013-14 ରେ ପଞ୍ଚାୟତି ରାଜ ବିଭାଗ (ଅନୁଦାନ ସଂଖ୍ୟା -17) ରେ 388.39 କୋଟି ଟଙ୍କା ସଂପୂର୍ଣ୍ଣର୍କ ସଂଚୟ 436.05 କୋଟି ଟଙ୍କା ରାଜସ୍ୱ(ଅନୁମୋଦିତ) ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ (ଅନୁଦାନ ସଂଖ୍ୟା-28) ସଂପୂର୍ଣ୍ଣ ସଂଚୟ 32.85 କୋଟି ଟଙ୍କା ସଞ୍ଚୟ ପୁଞ୍ଜି (ଅନୁମୋଦିତ) ବିପକ୍ଷରେ 29.56 କୋଟି ଟଙ୍କା ଫେରସ୍ତ କରିଥିଲେ, ଯାହାଫଳରେ ଯଥାକ୍ରମେ 47.66 କୋଟି ଟଙ୍କା ଏବଂ 3.29 କୋଟିଟଙ୍କା ଫେରସ୍ତ ହୋଇ ପାରି ନଥିଲା ।

ପୁନଶ୍ଚ, ଗ୍ରାମ୍ୟ ଉନ୍ନୟନ ବିଭାଗର ସଂପୂର୍ଣ୍ଣ ସଂଚୟ 68.87 କୋଟି ଟଙ୍କା ବିପକ୍ଷରେ 69.49 କୋଟି ଟଙ୍କା ଫେରସ୍ତ କରିଥିଲେ, ଯାହାଫଳରେ 0.62 କୋଟି ଟଙ୍କା ବ୍ୟବସ୍ଥା ଠାରୁ ଅଧିକ ଫେରସ୍ତ ହୋଇଥିଲା ।

ଏହା ବ୍ୟତିତ ଓଡିଶା ବଜେଟ ମାନୁଏଲର (ଓ.ବି.ଏମ) ଉପରୋକ୍ତ ନିୟମ ଲଂଘନ କରି ଏହି ରାଶି 31 ମାର୍ଚ୍ଚ 2014 ରେ ଫେରସ୍ତ ହୋଇଥିଲା । ଏଥିରୁ ସୂଚିତ ହେଉଛି ଯେ ଓଡିଶା ବଜେଟ ମାନୁଏଲର ବର୍ଣ୍ଣିତ ମାସିକ ଖର୍ଚ୍ଚ ପର୍ଯ୍ୟବେକ୍ଷଣ

କରିବାରେ ଅଭାବ ଯୋଗୁଁ ମୁଖ୍ୟ ନିୟନ୍ତ୍ରଣ ଅଧିକାରୀ ମାନେ ଫେରସ୍ତ ଆଦେଶ ପ୍ରଦାନ କରିବାରେ ଅବହେଳା ପ୍ରଦର୍ଶନ କରିଛନ୍ତି ।

### *2.6.2 ଅନାବଶ୍ୟକ ଅନୁପୂରକ ପାଣ୍ଠି ବ୍ୟବସ୍ଥା*

ଆର୍ଥିକ ବର୍ଷର ଅନୁଦାନ / ବିନିଯୋଗର ମଧ୍ୟବର୍ତ୍ତୀ କାଳୀନ ସମୀକ୍ଷାର ପୂର୍ବରୁ ଜଣା ପଡୁଥିବା ଅଧିକ ରାଶିକୁ ନିୟମିତ କରିବା ପାଇଁ ଅନୁପୂରକ ଅନୁଦାନ କରାଯାଏ । କିନ୍ତୁ ଏହା ଦେଖାଗଲା ଯେ ଅନୁଦାନ ସଂଖ୍ୟା 17 (ପଞ୍ଚାୟତିରାଜ ବିଭାଗ)ର ଡିସେମ୍ବର 2013 ରେ ଅଣାଯାଇଥିବା 542.08 କୋଟି ଟଙ୍କା ରାଜସ୍ୱ (ଅନୁମୋଦିତ) କ୍ଷେତ୍ରରେ ଓ 436.05 କୋଟି ଟଙ୍କା ପୁଞ୍ଜି (ଅନୁମୋଦିତ) କ୍ଷେତ୍ରରେ ଅନୁପୂରକ ଅନୁଦାନ ଅଧିକ ପ୍ରାକ୍‌କଳନ ବୋଲି ପ୍ରମାଣିତ ହୋଇଥିଲା ଯେହେତୁ ସେହି ବର୍ଷ ଯଥାକ୍ରମେ 3.55 କୋଟି ଟଙ୍କା ରାଜସ୍ୱ (ଅନୁମୋଦିତ) ସଂଞ୍ଚୟ ଏବଂ 55.78 କୋଟି ପୁଞ୍ଜି (ଅନୁମୋଦିତ) ଟଙ୍କାର ବିପୁଳ ରାଶି ମୂଳ ବଜେଟରୁ ସଂଚୟ ହୋଇଥିଲା । ଅନୁଦାନ ସଂଖ୍ୟା 28 ( ଗୃହ ଏବଂ ନଗର ଉନ୍ନୟନ ବିଭାଗ)ରେ ଡିସେମ୍ବର 2013 ରେ ଅଣାଯାଇଥିବା ରାଜସ୍ୱ (ଅନୁମୋଦିତ) କ୍ଷେତ୍ରରେ 68.87 କୋଟି ଟଙ୍କା ଏବଂ ପୁଞ୍ଜି (ଅନୁମୋଦିତ) କ୍ଷେତ୍ରରେ 32.85 କୋଟି ଟଙ୍କାର ଅନୁପୂରକ ଅନୁଦାନ ଅନାବଶ୍ୟକ ପ୍ରମାଣିତ ହୋଇଥିଲା ।  ଏହା ସୂଚିତ କରୁଛି ଯେ ଓଡିଶା ମାନୁଏଲ (ଓ.ବି.ଏମ୍) ରେ ବର୍ଣ୍ଣିତ ମାସିକ ବ୍ୟୟ ନିୟନ୍ତ୍ରଣ ବ୍ୟବସ୍ଥା ବିଫଳତା ଯୋଗୁଁ ମୁଖ୍ୟ ନିୟନ୍ତ୍ରଣ ଅଧିକାରୀ ମାନେ ଆର୍ଥିକ ବର୍ଷର ବାକି ସମୟର ରାଶିର ଆବଶ୍ୟକତା ସମ୍ବନ୍ଧରେ ଅବିଦିତ ଥିଲେ ।

### *2.6.3 ପୁନର୍ବିନିଯୋଗ ଏବଂ ଫେରସ୍ତ ମାଧ୍ୟମରେ ସଂପୂର୍ଣ୍ଣ ପାଣ୍ଠିଫେରସ୍ତ*

ପଞ୍ଚାୟତି ରାଜ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଦୁଇଟି 2013-14 ରେ ବିଭିନ୍ନ ଶୀର୍ଷ / ପରିକଳ୍ପନାରେ ଯଥାକ୍ରମେ 20.29 କୋଟି ଏବଂ 66.68 କୋଟି ଟଙ୍କାର ବ୍ୟବସ୍ଥା କରିଥିଲେ କିନ୍ତୁ ସମଗ୍ର ବ୍ୟବସ୍ଥା 2013-14 ଆର୍ଥିକ ବର୍ଷର ଶେଷ ଦିନରେ ପୁନର୍ବିନିଯୋଗ ମାଧ୍ୟମରେ ଫେରସ୍ତ ହୋଇଗଲା ଯାହା ***ପରିଶିଷ୍ଟ 2.11*** ରେ ସୂଚୀତ କରାଗଲା ।

ଏଥିରୁ ସୂଚିତ ହେଉଛି ଯେ ଓ.ବି.ଏମ୍ ରେ ବର୍ଣ୍ଣିତ ଯଥୋଚିତ ତତ୍ପରତା ଗ୍ରହଣ ନକରି ଏବଂ ଅମୂଳକ ଭାବରେ ମୁଖ୍ୟ ନିୟନ୍ତ୍ରଣ ଅଧିକାରୀ ମାନେ ବଜେଟ ପ୍ରସ୍ତୁତ କରିଥିଲେ ଏବଂ ବିଭିନ୍ନ ପରିକଳ୍ପନା / ପ୍ରକଳ୍ପ / ଉଦ୍ଦେଶ୍ୟରେ ଖର୍ଚ୍ଚର ବିନିଯୋଗ କରିଥିଲେ ।

### *2.6.4 ଅସଲଗ୍ନ ନଗଦ ରୋକଡ ପରିଚାଳନା ପ୍ରଣାଳୀ*

ଓଡିଶା ସରକାର (ଅର୍ଥ ବିଭାଗ)ଙ୍କର ପରିପତ୍ର (ଏପ୍ରିଲ 2013) ରେ ପଞ୍ଚାୟତି ରାଜ (ଅନୁଦାନ ସଂଖ୍ୟା 17) ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ(ଅନୁଦାନ ସଂଖ୍ୟା-28) ବିଭାଗ ଗୁଡିକ ସମେତ 18ଟି ବିଭାଗରେ ରୋକଡ ପରିଚାଳନା ପଦ୍ଧତିର କାର୍ଯ୍ୟାନ୍ୱୟନ କରିଥିଲେ ।

ରୋକଡ ପରିଚାଳନା ପଦ୍ଧତି ଅନୁସାରେ ଉପରୋକ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ 2013-14 ବର୍ଷ ପାଇଁ ଅର୍ଥ ବିଭାଗ ଦ୍ୱାରା ପ୍ରଣିତ ମାନାଦର୍ଶ, ତ୍ରୈମାସିକ ବ୍ୟୟ ବଣ୍ଟନ(କ୍ୟୁ.ଇ.ଏ) ବଜେଟ ଅଟକଳର ଏବଂ 2013-14 ବର୍ଷ ପାଇଁ 25 ପ୍ରତିଶତ, 15 ପ୍ରତିଶତ, 20 ପ୍ରତିଶତ ଏବଂ 40 ପ୍ରତିଶତ ପାଇଁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ତ୍ରୈମାସରେ ରୀତି ପ୍ରତି ଆନୁଗତ୍ୟ ପ୍ରକାଶ କରିବାର ଥିଲା । ବିଭାଗର ତ୍ରୈମାସିକ ବ୍ୟୟ ବଣ୍ଟନ(କ୍ୟୁ.ଇ.ଏ)ର ବିତରଣ ତଥା ତ୍ରୈମାସିକ ବ୍ୟୟ 2013-14 ରେ ***ସାରଣୀ 2.11*** ରେ ଦର୍ଶାଯାଇଛି ।

**ସାରଣୀ- 2.11: ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବଜେଟ୍ ଆକଳନ ଓ ତ୍ରୈମାସିକ ବ୍ୟୟ ଆବଣ୍ଟନ**

| କ୍ର.ସଂ. | ବଜେଟ ଆକଳନ | ପ୍ରଥମ ତ୍ରୈମାସିକ | | ଦ୍ୱିତୀୟ ତ୍ରୈମାସିକ | | ତୃତୀୟ ତ୍ରୈମାସିକ | | ଚତୁର୍ଥ ତ୍ରୈମାସିକ | |
|---|---|---|---|---|---|---|---|---|---|
| | | କ୍ୟୁଇଏ | ବ୍ୟୟ | କ୍ୟୁଇଏ | ବ୍ୟୟ | କ୍ୟୁଇଏ | ବ୍ୟୟ | କ୍ୟୁଇଏ | ବ୍ୟୟ |
| **28-ଗ୍ରାମ୍ୟ ଉନ୍ନୟନ ବିଭାଗ** | | | | | | | | | |
| 1 | 2033.77 | 508.44 (25%) | 270.01 (13%) | 305.07 (15%) | 287.71 (14%) | 406.75 (20%) | 310.85 (15%) | 813.51 (40%) | 1122.44 (55%) |

**ଉତ୍ସ**: ଓଡିଶା ସରକାରଙ୍କର ଅର୍ଥ ବିଭାଗର ନଥିପତ୍ର 2013-14.

ଉପରୋକ୍ତ ତଥ୍ୟରୁ ଏହା ବର୍ଣ୍ଣିତ ହେଉଛି ଯେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ଦ୍ଧାରିତ ବ୍ୟୟ ରୀତିରେ ଆନୁଗତ୍ୟ ପ୍ରଦର୍ଶନ କରିବାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ତ୍ରୈମାସିକରେ ଯଥାକ୍ରମେ 12 ପ୍ରତିଶତ, ଏକ ପ୍ରତିଶତ ଏବଂ ପାଞ୍ଚ ପ୍ରତିଶତ ବିଫଳ ହୋଇଛି । ସେହିପରି ତୃତୀୟ ତ୍ରୟମାସର ଶେଷରେ ବିଭାଗ ଟଙ୍କା 18 ପ୍ରତିଶତ (ବଜେଟ୍ ଅକଳନର 60 ପ୍ରତିଶତ) ରେ ଧାର୍ଯ୍ୟ ଲକ୍ଷ୍ୟ ବ୍ୟୟରେ ମାନାଦର୍ଶକୁ ହାସଲ କରିବାରେ ବିଫଳ ହୋଇଛି । ସେହିପରି ମାସିକ ବିନିଯୋଗ ହିସାବରୁ ଏହା ଦେଖାଯାଇଛି ଯେ ଚତୁର୍ଥ ତ୍ରୈମାସିକ ବ୍ୟୟ ମାସିକ ବ୍ୟୟ ରୀତି (15 ପ୍ରତିଶତ)ରୁ ଅଧିକ ହୋଇଥିଲା, ଯାହାକି ବଜେଟ ଆକଳନର 40 ପ୍ରତିଶତ ।

ପୁନଶ୍ଚ, ଏହା ମାସିକ ବିନିଯୋଗ ହିସାବରୁ ଜଣାଗଲା ଯେ ଗ୍ରାମ୍ୟ ଉନ୍ନୟନ ବିଭାଗରେ (ମାର୍ଚ୍ଚ 2014 ରେ ଖର୍ଚ୍ଚ 765.02 କୋଟି ଟଙ୍କା) ଯାହା ମାର୍ଚ୍ଚ 2014 ରେ ହୋଇଥିବା ମାସିକ ଖର୍ଚ୍ଚ ରୀତି (15 ପ୍ରତିଶତ) ଯାହାକି ବର୍ଷର ଶେଷ ମାସର ଖର୍ଚ୍ଚ, 22.62 ପ୍ରତିଶତକୁ (459.95 କୋଟି ଟଙ୍କା) କୁ ବୃଦ୍ଧି ହୋଇଥିଲା ।

ଉପରଲିଖିତ କେବଳ ରୋକଡ଼ ପରିଚାଳନା ପଦ୍ଧତିର ବିରୁଦ୍ଧାଚରଣ କରୁନାହିଁ; ଆହୁରି (i) ଅର୍ଥନୈତିକ ବର୍ଷ ମଧ୍ୟରେ ବ୍ୟୟର ସମ ସ୍ଥାପନା (ii) ଅର୍ଥନୈତିକ ବର୍ଷର ଅନ୍ତିମ ମାସରେ ବ୍ୟୟର ତୀବ୍ରତାକୁ ହ୍ରାସ କରିବା ଏବଂ (iii) ବ୍ୟୟ ଡାଞ୍ଚାର ଫଳପ୍ରଦ ପର୍ଯ୍ୟାଲୋଚନା ପରି ଲକ୍ଷ୍ୟଗୁଡିକୁ ହାସଲ କରିବାର ପଥ ଅବରୋଧ କରୁଛି ।

## 2.7 କୋଷାଗାର ଗୁଡିକର ନିରୀକ୍ଷଣର ପରିଣାମ

2013-14 ସମୟରେ 30ଟି ଜିଲ୍ଲା କୋଷାଗାର, 8ଟି ସ୍ୱତନ୍ତ୍ର କୋଷାଗାର ଏବଂ 62ଟି ଉପକୋଷାଗାର ମହାଲେଖାକାର(ଲେଖା ଓ ହକ୍‌ଦାରୀ), ଓଡିଶାର ସରକାରୀ କର୍ମଚାରୀଙ୍କ ଦ୍ୱାରା ନିରୀକ୍ଷଣ କରାଯାଇଥିଲା । ନିରୀକ୍ଷଣ ବିବୃତି ମାଧ୍ୟମରେ ଅନିୟମିତତା ଓ ବିଚ୍ୟୁତି ହୋଇଥିବା ବିଷୟ 2013-14 ରେ କୋଷାଗାର / ଉପକୋଷାଗାର ଅଧିକାରୀଙ୍କ ନଜରକୁ ଅଣାଯାଇଥିଲା । କେତେକ ମୁଖ୍ୟ ଅନିୟମିତତା ଓ ବିଚ୍ୟୁତିଗୁଡିକ ନିମ୍ନରେ ଦର୍ଶାଯାଇଅଛି ।:

### *2.7.1 ପେନସନ ଓ ଗ୍ରାଚୁଇଟି ରୂପେ ଅଧିକ ଅର୍ଥ ପ୍ରଦାନ*

ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଓଡିଶାଙ୍କ ଦ୍ୱାରା 31 ମାର୍ଚ୍ଚ 2014 ଶେଷରେ କୋଷାଗାର/ଉପକୋଷଗାର ଗୁଡିକର ନିରୀକ୍ଷଣ କରିବା ସମୟରେ ଏହା ଲକ୍ଷ୍ୟ କରାଯାଇଛି ଯେ 12.71 ଲକ୍ଷ ଟଙ୍କା ଅଧିକ ଭାବରେ ପେନ୍‌ସନ ଓ ଗ୍ରାଚୁଇଟି ଆକାରରେ ପ୍ରଦାନ କରାଯାଇଛି, ଯାହାକେି ନିମ୍ନମତେ ***ସାରଣୀ 2.12*** ରେ ଦର୍ଶାଯାଇଛି ।

**ସାରଣୀ 2.12: କୋଷାଗାର ଗୁଡିକର ନିରୀକ୍ଷଣର ପରିମାଣ**

| କ୍ର.ସଂ. | ବର୍ଗ | ପରିମାଣ (ଲକ୍ଷ ଟଙ୍କାରେ) |
|---|---|---|
| 1 | ଗାଣିତିକ ଅଶୁଦ୍ଧତା ଯୋଗୁ ଅଧିକ ପେନସନ ପ୍ରଦାନ | 0.85 |
| 2 | ପେନସନର ପ୍ରତିବିନିମୟ ମୂଲ୍ୟ ଉପରେ ହ୍ରାସ କରାଯାଇଥିବା ପେନସନର ବିଳମ୍ବିତ ପ୍ରାରମ୍ଭ | 4.37 |

| କ୍ର.ସଂ. | ବର୍ଗ | ପରିମାଣ (ଲକ୍ଷ ଟଙ୍କାରେ) |
|---|---|---|
| | କାରଣରୁ ଅଧିକ ପେନ୍‌ସନ୍ ପ୍ରଦାନ | |
| 3 | ନିର୍ଦ୍ଧାରିତ ତାରିଖ ଗଡିଯିବା ପରେ ବର୍ଦ୍ଧିତ ହାରରେ ପରିବାର ପେନସନ ଅଧିକ ପ୍ରଦାନ କରାଯିବା କାରଣରୁ | 0.78 |
| 4 | ଅଧିକ ପେନସନ ପ୍ରଦାନ ଅନ୍ୟାନ୍ୟ ବିବିଧ କାରଣରୁ | 6.71 |
| | ମୋଟ | **12.71** |

ଉତ୍ସ-ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଙ୍କ କାର୍ଯ୍ୟାଳୟର କୋଷାଗାର ସମୀକ୍ଷା ରିପୋର୍ଟ

ପେନ୍‌ସନ୍ ଓ ପେନ୍‌ସନ୍ ସମ୍ବନ୍ଧିତ ଦେୟ ପାଇଁ କୋଷାଗାର ଗୁଡ଼ିକର ନିୟନ୍ତ୍ରଣରେ ଉନ୍ନତି ଆଣିବାର ଆବଶ୍ୟକତା ରହିଛି ।

### *2.7.2 କେନ୍ଦ୍ରୀୟ ବେତନ ଓ ହିସାବ କାର୍ଯ୍ୟାଳୟ, ନୂଆଦିଲ୍ଲୀ/ପ୍ରତିରକ୍ଷା/ରେଳବାଇର ବକେୟା ପେନ୍‌ସନ ଦାବୀ*

ଏହା ଲକ୍ଷ୍ୟ କରାଯାଇଛି ଯେ ଓଡିଶାରେ ସଂଖ୍ୟାଧିକ କୋଷାଗାର ଗୁଡିକ କେନ୍ଦ୍ରୀୟ ବେସାମରିକ ପେନ୍‌ସନ / କେନ୍ଦ୍ରୀୟ ରାଜନୈତିକ ପେନ୍‌ସନ ସଂପ୍ରମାଣପତ୍ର ଗୁଡିକୁ ସଂପୃକ୍ତ ହିସାବ ମଣ୍ଡଳକୁ ପ୍ରତିପୂରଣ ପାଇଁ ଦେଉ ନାହାନ୍ତି, ଯେଉଁଥିପାଇଁ 31 ମାର୍ଚ୍ଚ 2014 ସୁଦ୍ଧା ହିସାବ କରାଯାଇଥିବା 9.99 କୋଟି ଟଙ୍କାର ରାଜ୍ୟ ସରକାରଙ୍କର ଦାବୀ ଗୁଡିକ ନିଲମ୍ବନ ହିସାବ " 8658- ନିଲମ୍ବନ ହିସାବ-101-ପିଏଓ ନିଲମ୍ବନ, ଶୀର୍ଷ ରହିଯାଇଛି । ଏହାର ବିଶଦ ବିବରଣୀ ସାରଣୀ 2.13 ରେ ଦର୍ଶାଯାଇଛି ।

**ସାରଣୀ 2.13: ବିଭିନ୍ନ ହିସାବ ମଣ୍ଡଳର ବକେୟା ପେନ୍‌ସନ ଦାବୀ**

| କ୍ର.ସଂ. | ହିସାବ ମଣ୍ଡଳର ନାମ | ବକେୟା ରାଶି (କୋଟି ଟଙ୍କାରେ) |
|---|---|---|
| 1 | କେନ୍ଦ୍ରୀୟ ବେତନ ଓ ହିସାବ କାର୍ଯ୍ୟାଳୟ ନୂଆଦିଲ୍ଲୀ | 7.18 |
| 2 | ପ୍ରତିରକ୍ଷା | 2.02 |
| 3 | ରେଳପଥ (ଦ.ପୂ ରେଳପଥ, ପୂର୍ବାଞ୍ଚଳ ରେଳପଥ) | 0.79 |
| | ମୋଟ | **9.99** |

ଉତ୍ସ - ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ) ଓଡିଶାଙ୍କ ଦ୍ୱାରା 2013-14 ରେ କୋଷାଗାର ଗୁଡିକର କାର୍ଯ୍ୟାବଳୀ ଉପରେ ପ୍ରସ୍ତୁତ ବାର୍ଷିକ ସମୀକ୍ଷା ପ୍ରତିବେଦନ ।

### *2.7.3 ବ୍ୟକ୍ତିଗତ ହିସାବ ଖାତାର ରକ୍ଷଣାବେକ୍ଷଣର ଅନିୟମିତତା*

2013-14 ରେ 99 କୋଷାଗାରର ପ୍ରଶାସନିକ ସ୍ତରରେ (275 ପ୍ରଶାସନିକ ହିସାବ ବ୍ୟକ୍ତିଗତ ଜମା ହିସାବର) ସମୀକ୍ଷା ହୋଇଥିଲା, ଯାହାକି କୋଷାଗାରଗୁଡିକର କାର୍ଯ୍ୟବେକ୍ଷଣ ବ୍ୟତୀତ ପ୍ରଧାନ ମହାଲେଖାକାର(ଲେଖା ଓ ହକ୍‌ଦାରୀ)ଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଅଭିଯାନରେ କରାଯାଇଥିଲା ।

99 ଟି କୋଷାଗାରଗୁଡିକର ଅଧିକାର ଅନ୍ତର୍ଗତ 1954 ଟି ପରିଯୋଜନା ଯାହାକି 196 ଟି ବ୍ୟକ୍ତିଗତ ଜମା ହିସାବ ଦ୍ୱାର ପରିଚାଳିତ ହୋଇଥିଲା । 36.03 କୋଟି ଟଙ୍କା ଖର୍ଚ୍ଚ ନ ହୋଇ ରହିଯାଇଛି ବୋଲି ଏକ ସମୀକ୍ଷାର ଫଳାଫଳରୁ ସୂଚିତ ହୋଇଛି । 11ଟି ବ୍ୟକ୍ତିଗତ ପ୍ରଶାଶକମାନଙ୍କ ଦ୍ୱାରା ପରିଚାଳିତ 25ଟି ପରିଯୋଜନାରେ 4.7 କୋଟି ଟଙ୍କା

ପାଣ୍ଠିର ଗତି ପରିବର୍ତ୍ତନ ହୋଇଛି । ପୁନଶ୍ଚ 63 ଟି ବ୍ୟକ୍ତିଗତ ଜମା ଖାତା ମାନଙ୍କ ଦ୍ୱାରା ବିଭିନ୍ନ ପରିଯୋଜନାର 28.84 କୋଟି ଟଙ୍କାର ଅଧିକ ଖର୍ଚ୍ଚ ହୋଇଛି, ଯାହାକି ବିଯୁକ୍ତ ଶେଷ ଜମାରେ ପରିଣତ ହୋଇଛି । ଏହି ଅଭ୍ୟାସ ଖର୍ଚ୍ଚ ଉପରେ ବୈଧାନିକ ନିୟନ୍ତ୍ରଣର ଅବକ୍ଷୟକୁ ଦର୍ଶାଉଛି ।

## 2.8 ଉପସଂହାର

- ପରିହାର୍ଯ୍ୟ ଅନୁପୂରକ ପାଣ୍ଠି ବ୍ୟବସ୍ଥାଗୁଡିକୁ କରିବା, ପାଣ୍ଠିର ପୁନଃ ବିନିଯୋଗର ତ୍ରୁଟିପୂର୍ଣ୍ଣ ଆଦେଶ ଓ ବର୍ଷର ଶେଷ ତାରିଖରେ ପୁନଃ ବିନିଯୋଗ ଆଦେଶଗୁଡିକୁ ଜାରି କରିବା, ପ୍ରଚୁର ଫେରସ୍ତ ରାଶି, ସଂଚୟ ଅପେକ୍ଷା ଅଧିକ ପ୍ରତ୍ୟାର୍ପଣ ଏବଂ ଫେରସ୍ତ ନ ହୋଇଥିବା ପ୍ରତ୍ୟାଶିତ ସଂଚୟ ତଥା ମୁଖ୍ୟ ନିୟନ୍ତ୍ରଣ ଅଧିକାରୀମାନଙ୍କର ଅବିବେକୀ ଆର୍ଥିକ ପରିଚାଳନାର ସୂଚକ ଅଟେ । (*ଅନୁଚ୍ଛେଦ* ***2.3.5*** *ରୁ* ***2.3.10)***
- ବର୍ଷ ତମାମ ଖର୍ଚ୍ଚ କରିବାର ବ୍ୟବସ୍ଥା ଥିବା ସତ୍ତ୍ୱେ କେତକ ପରିକଳ୍ପନା / ଉପ-ଶୀର୍ଷରେ 2014 ମାର୍ଚ୍ଚ ମାସରେ ରାଜ୍ୟସ୍ୱ ଓ ପୁଞ୍ଜି ବ୍ୟବସ୍ଥା ଗୁଡିକ ଶତ ପ୍ରତିଶତ ଖର୍ଚ୍ଚ କରାଯାଉଛି ଯାହାଦ୍ୱାରା କି ବର୍ଷର ଶେଷ ମାସରେ ଅତିଶୟ ଖର୍ଚ୍ଚ ହୋଇଛି । (*ଅନୁଚ୍ଛେଦ* ***2.3.11)***.
- ବିଭାଗଗୁଡିକ ରୋକଡ ପରିଚାଳନା ପଦ୍ଧତିର ନିର୍ଦ୍ଦେଶକୁ ପର୍ଯ୍ୟାୟଭାବେ ପାଳନ କରି ନଥିଲେ, ଫଳତଃ ରାଜ୍ୟ ସରକାରଙ୍କ ଦ୍ୱାରା ସମୟାନୁକ୍ରମିକ ଖର୍ଚ୍ଚର ସ୍ଥିରୀକୃତ ମାନାଦର୍ଶୀ ଲକ୍ଷ୍ୟ ପୂରଣ ହୋଇପାରି ନଥିଲା । *(ଅନୁଚ୍ଛେଦ* ***2.5.2)***

### ସୁପାରିଶ

- ରାଜ୍ୟର ଏକତ୍ରୀକୃତ ନିଧିର ଅନୁଦାନରେ ବ୍ୟବସ୍ଥା ଠାରୁ ଅଧିକ ଖର୍ଚ୍ଚର ନିୟମିତିକରଣ କରାଯିବା ଆବଶ୍ୟକ ।
- ବ୍ୟକ୍ତିଗତ ଜମାଖାତା ଗୁଡିକରେ ଥିବା ଅନିୟମିତତାକୁ ସମୀକ୍ଷା ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏଗୁଡିକର ଚୂଡାନ୍ତ କରାଯାଇପାରେ ।

# ଅଧ୍ୟାୟ –III

# ବିତ୍ତୀୟ ପ୍ରତିବେଦନ

অধ্যায় III

# ବିତ୍ତୀୟ ପ୍ରତିବେଦନ

ଏକ ସୁସଙ୍ଗତ ଏବଂ ବିଶ୍ୱସନୀୟ ସୂଚନା ସହ ଆଭ୍ୟନ୍ତରୀଣ ଆର୍ଥିକ ପ୍ରତିବେଦନ, ଶାସନ ରୀତିକୁ ଦକ୍ଷ ଏବଂ ପ୍ରଭାବଶାଳୀ କରିବାରେ ତାତ୍ପର୍ଯ୍ୟପୂର୍ଣ୍ଣ ଅବଦାନ ରଖେ । ଏହି ପ୍ରତିବେଦନରେ ଅନୁପାଳନ ଏବଂ ନିୟନ୍ତ୍ରଣ ତଥ୍ୟାବଳୀ ଯଦି ପର୍ଯ୍ୟାପ୍ତ, ନିର୍ଭୁଲ, ପ୍ରଭାବଶାଳୀ ହୋଇଥାଏ ଏହା ରାଜ୍ୟ ସରକାରଙ୍କୁ ମୂଳତଃ ତତ୍ତ୍ୱାବଧାନର ଦାୟିତ୍ୱ ତୁଲାଇବା ସହିତ କୌଶଳପୂର୍ଣ୍ଣ ଯୋଜନା କରିବା ଏବଂ ନିଷ୍ପତ୍ତି ନେବାରେ ସାହାଯ୍ୟ କରେ । ଏଣୁ ଏହା ରାଜ୍ୟ ସରକାର ଏବଂ ଏହାର ବିଭିନ୍ନ ସଂସ୍ଥା ଯଥା –ସ୍ଥାନୀୟ ନିକାୟ. ସ୍ୱାୟତ୍ତ ନିକାୟମାନଙ୍କର ବିତ୍ତୀୟ ଏବଂ ପରିଚାଳନାଗତ ସୁସ୍ଥତାକୁ ସ୍ୱଚ୍ଛ, ନିର୍ଭୁଲ ଏବଂ ଉଚିତ ଚିତ୍ରଣ କିରବାରେ ଅଂଶଦାନ ରଖେ ।

ଏହି ଅଧ୍ୟାୟରେ ରାଜ୍ୟ ସରକାର ଏବଂ ଏହାର ଅଧିନରେ ଥିବା ବିଭିନ୍ନ କାର୍ଯ୍ୟାଳୟମାନଙ୍କର ଚଳିତ ବର୍ଷର ବିଭିନ୍ନ ପ୍ରକାରର ଉଦାର ଗୁରୁତ୍ୱପୂର୍ଣ୍ଣ ବିତ୍ତୀୟ ନିୟମ, ପ୍ରକ୍ରିୟା ଏବଂ ନିର୍ଦ୍ଦେଶ ଅନୁପାଳନ କରିବାରେ ଅଧାବଲୋକନ ଓ ସ୍ଥିତି ଯେତେଦୂର ପ୍ରଯୁଜ୍ୟ ଦର୍ଶାଯାଇଛି ।

## 3.1 ବିନିଯୋଗ ପ୍ରମାଣ ପତ୍ର ଉପଲବ୍ଧ କରାଇବାରେ ବିଳମ୍ବ

ଓଡିଶା ସାଧାରଣ ବିତ୍ତୀୟ ନିୟମ[1] (ଓ.ଜି.ଏଫ.ଆର) ଅନୁଯାୟୀ ସର୍ତ୍ତମୂଳକ ଅନୁଦାନ ପାଇଁ ଅନୁଦାନଗ୍ରାହୀ ସଂସ୍ଥାମାନେ ପୂର୍ଣ୍ଣ ଅନୁଦାନ ବିନିଯୋଗ ପ୍ରମାଣ ପତ୍ର ଦୁଇକିତା ନକଲ (ଓ.ଜି.ଏଫ.ଆର୍ ଫର୍ଦ୍ଦ 7-A) ସହିତ ଉପଲବ୍ଧ କରାଇବେ ଯାହାକି ପରବର୍ତ୍ତୀ ବର୍ଷ ଜୁନ 1 ତାରିଖ ସୁଦ୍ଧା ପ୍ରଶାସନିକ ବିଭାଗରେ ପହଞ୍ଚିବା ଦରକାର । ପ୍ରଶାସନିକ ବିଭାଗ ଏକକିତା ନକଲ ନିଜ ପାଖରେ ରଖି ଅନ୍ୟଟିକୁ ପ୍ରଧାନ ମହାଲେଖାକାର(ଲେଖା ଓ ହକ୍‌ଦାରୀ), ଓଡିଶାଙ୍କ ପାଖକୁ ସେହିବର୍ଷ ଜୁନ୍ 30 ଶେଷ ସୁଦ୍ଧା ପଠାଇବା ଆବଶ୍ୟକ ।

ବିନିଯୋଗ ପ୍ରମାଣପତ୍ର ସାଧନ ସାହାଯ୍ୟରେ ଅନୁଦାତା, ଅନୁଦାନ ଗ୍ରହୀତାକୁ ଦିଆଯାଇଥିବା ପାଣ୍ଠିର ସଦୁପଯୋଗ ଏବଂ ଉଦ୍ଦେଶ୍ୟ ଅପରିବର୍ତ୍ତନର ଭରସା ପାଇଥାଏ । ଅନୁଦାନ ଗ୍ରହୀତାଙ୍କଠାରୁ ଆଶା କରାଯାଉଥିବା ସମସ୍ତ ଆସ୍ତିର ସୃଷ୍ଟି ଓ ସମ୍ପାଦିତ ହୋଇଥିବା କାମ ଯାହାର ପୁଙ୍ଖାନୁପୁଙ୍ଖ ବିବରଣ ଯାହା ତା ପାଖରେ ଉପଲବ୍ଧ ତାର ପ୍ରମାଣ ପତ୍ର ପାଇଥାଏ । ଅନୁଦାତାର ଏହି ବିବୃତ୍ତି ଦେବାରେ ବିଳମ୍ବ କିମ୍ବା ଭୁଲ ବିବୃତି ନିଶ୍ଚିତ ଭାବରେ ପରିକଳ୍ପନା କରାଯାଇଥିବା ଉଦ୍ଦେଶ୍ୟ ଅପରିବର୍ତ୍ତନ ଏବଂ ଯଥାର୍ଥ ଉପଯୋଗିତା ନ ହେବାର ନିୟନ୍ତ୍ରଣ ପ୍ରକ୍ରିୟାକୁ ସୂଚାଇ ଥାଏ । ଚୂଡାନ୍ତ ପ୍ରାଧୀକାରୀ/କର୍ମଚାରୀ/ଏଜେନ୍‌ସି/ଅନୁଦାନ ଗ୍ରହୀତାଠାରୁ ଆସିଥିବା ପ୍ରମାଣପତ୍ର ପରବର୍ତ୍ତୀ କାଳରେ ତାଙ୍କର ବିଭିନ୍ନ ଅବସ୍ଥା/ସ୍ତରରେ ଥିବା ବରିଷ୍ଠ କର୍ମଚାରୀମାନଙ୍କ ଦ୍ୱାରା ପ୍ରତିସ୍ୱାକ୍ଷରିତ ହୋଇଥାଏ ଓ ଶେଷରେ ମୁଖ୍ୟ ନିୟନ୍ତ୍ରଣ ଅଧିକାରୀ ଓ ବିଭାଗୀୟ ମୁଖ୍ୟଙ୍କ ପାଖରେ ପହଞ୍ଚିଥାଏ ଯିଏ ଏହାକୁ ପ୍ରତିସ୍ୱାକ୍ଷର କରି ସରକାରଙ୍କଠାରେ ଉପସ୍ଥାପନା କରନ୍ତି । ପ୍ରତିସ୍ୱାକ୍ଷର ପ୍ରାଧିକାରୀ ପ୍ରତିସ୍ୱାକ୍ଷରର ପ୍ରତ୍ୟେକ ସ୍ତରରେ ଆବଶ୍ୟକୀୟ ଉପଯୁକ୍ତ ଉପଯୋଗ କରିବା ଦରକାର ।

ମାର୍ଚ୍ଚ 2014 ସୁଦ୍ଧା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ଙ୍କ ବହିରେ ଓଡିଶା ସରକାରଙ୍କ ଠାରୁ ଅନୁଦାନ ଗ୍ରହଣ କରିଥିବା 34ଟି ଅନୁଷ୍ଠାନ 16829.84 କୋଟି ଟଙ୍କା ବ୍ୟୟର ବିନିଯୋଗ ପ୍ରମାଣ ପତ୍ର ଉପଲବ୍ଧ ନ

[1] ଓଜିଏଫଆର ର ନିୟମ ନମ୍ବର 173

କରାଇବାରୁ ଏହା ବକେୟା ରହିଥିଲା । ବାର୍ଷିକ କ୍ରମେ ବକେୟା ବିନିଯୋଗ ପ୍ରମାଣପତ୍ରର ବିବରଣୀ **ସାରଣୀ 3.1** ଓ ***ପରିଶିଷ୍ଟ 3.1*** ରେ ପ୍ରଦାନ କରାଗଲା ।

**ସାରଣୀ 3.1: ଅନୁଦାନ ସହାୟତା ସମ୍ବନ୍ଧୀୟ ବାର୍ଷିକ ଦ୍ୱାରୀ ବକେୟା ବିନିଯୋଗ ପ୍ରମାଣ ପତ୍ର**

(କୋଟି ଟଙ୍କାରେ)

| ବର୍ଷ | ବକେୟା ବିନିଯୋଗ ପ୍ରମାଣ ପତ୍ର | ପ୍ରାପ୍ତ ହେବାକୁଥିବା ବିନିଯୋଗ ପ୍ରମାଣ ପତ୍ରର ଅନୁଦାନ ସହାୟତା ଭାଉଚର ସଂଖ୍ୟା |
|---|---|---|
| 2003-04 | 774.79 | 8962 |
| 2004-05 | 674.66 | 6138 |
| 2005-06 | 803.88 | 7377 |
| 2006-07 | 1045.44 | 2629 |
| 2007-08 | 1501.80 | 3197 |
| 2008-09 | 1690.75 | 5131 |
| 2009-10 | 2013.55 | 4124 |
| 2010-11 | 2366.28 | 6949 |
| 2011-12 | 3268.28 | 4799 |
| 2012-13 | 2690.41 | 5101 |
| **ମୋଟ** | **16829.84** | **54407** |

ଉତ୍ସ : ପ୍ରଧାନ ମହାଲେଖାକାର(ଲେଖା ଓ ହକ୍‌ଦାରୀ)ଙ୍କ କାର୍ଯ୍ୟାଳୟ, ଓଡିଶା ଦ୍ୱାରା ସଂକଳିତ ତଥ୍ୟ

ବୃହତ୍ତ ଖିଲାପକାରୀ ବିଭାଗ ଭାବେ ପଞ୍ଚାୟତିରାଜ (6249.59 କୋଟି ଟଙ୍କା), ଯୋଜନା ଓ ସମନ୍ୱୟ ବିଭାଗ (3034.90 କୋଟି ଟଙ୍କା), ଗୃହ ଓ ନଗର ଉନ୍ନୟନ ବିଭାଗ (1926.42 କୋଟି ଟଙ୍କା), ଆଦିବାସୀ, ହରିଜନ ଓ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିକାଶ ବିଭାଗ (1096.51 କୋଟି ଟଙ୍କା), ଗ୍ରାମୀଣ ବିକାଶ ବିଭାଗ (941.88 କୋଟି ଟଙ୍କା) ଏବଂ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ(581.07 କୋଟି ଟଙ୍କା) ଥିଲେ । ଏହିପରି ମାର୍ଚ୍ଚ 2013 ସୁଦ୍ଧା ମୋଟ ବକେୟା ପରିମାଣ 13830.37 କୋଟି ଟଙ୍କା ଯାହା ମୋଟ ବକେୟା ବିନିଯୋଗ ପ୍ରମାଣ ପତ୍ରର 82.18 ପ୍ରତିଶତ ଅଟେ ।

ଏହା ବ୍ୟତୀତ ମାର୍ଚ୍ଚ 2014 ଶେଷ ସୁଦ୍ଧା 30ଟି ବିଭାଗ ବିପକ୍ଷରେ 7939.98 କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ବକେୟା ରହିଥିଲା । ବିଭାଗଦ୍ୱାରୀ ବକେୟା ବିନିଯୋଗ ପ୍ରମାଣ ପତ୍ର ***ପରିଶିଷ୍ଟ 3.2*** ରେ ଦର୍ଶାଯାଇଛି । ପ୍ରଚୁର ବକେୟାର କାରଣ ମୁଖ୍ୟତଃ ମୁଖ୍ୟ ନିୟନ୍ତ୍ରଣ ଅଧିକାରୀ ତଥା ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ବିନିଯୋଗ ପ୍ରମାଣ ପତ୍ରର ଯଥା ସମୟରେ ପ୍ରାପ୍ତିର ଅନୁଧ୍ୟାନ ପାଇଁ ଓ.ଜି.ଏଫ.ଆରର ପ୍ରଚଳିତ ନିର୍ଦ୍ଦେଶକୁ ନ ମାନିବା ଦ୍ୱାରା ଏବଂ ଚିରାଚରିତ ପ୍ରଣାଳୀରେ ପୂର୍ବ ଅନୁଦାନର ବିନିଯୋଗର ପ୍ରମାଣ ପତ୍ର ପାଇଁ ଆଗ୍ରହ ନ ଦେଖାଇ ପୁନଃ ଅନୁମୋଦନ ପ୍ରଦାନ ଯୋଗୁଁ ହୋଇଥିଲା, ଯାହାକି ଓ.ଜି.ଏଫ୍.ଆର୍ ଏବଂ ମଞ୍ଜୁରୀ ଆଦେଶରେ ନିର୍ଦ୍ଧାରିତ ହୋଇଛି । ବିନିଯୋଗ ପ୍ରମାଣ ପତ୍ର ଅଭାବରେ ଦୁଇଟି ପ୍ରମାଣ ପତ୍ର (ଦିଗ ଅପରିବର୍ତ୍ତନ ଏବଂ ଅପବ୍ୟବହାର ନ ହେବା) ଯାହାକି ସରକାରୀ ଅନୁଦାନ ଖର୍ଚ୍ଚ କରିପାରିବାର କ୍ଷମତା ଦେବାର ଥିଲା ତାହା ବିଭାଗୀୟ ମୁଖ୍ୟ/ମୂଖ୍ୟ ନିୟନ୍ତ୍ରଣ ଅଧିକାରୀମାନେ ପାଳନ କରି ନ ଥିଲେ । ସରକାର ଯିଏକି ଅନୁଦାନ ଦେଇଥାନ୍ତି ସଠିକ ଉପାୟରେ ଅନୁଦାନ ଉପଯୋଗର ଭରସା ପାଇ ନ ଥିଲେ । ଏହି

ପ୍ରକ୍ରିୟାର ବିଳମ୍ବ ପାଇଁ ପ୍ରବଞ୍ଚନାତ୍ମକ ଖର୍ଚ୍ଚ ଦେଣନେଣ ନିଧିର ଉଦ୍ଦେଶ୍ୟ ପରିବର୍ତ୍ତନ ଏବଂ ମିଥ୍ୟା ସମ୍ପତ୍ତି ସୃଷ୍ଟିର ସମ୍ଭାବନା ରହେ ଯାହା ପାଇଁ ମୁଖ୍ୟ ନିୟନ୍ତ୍ରଣ ଅଧିକାରୀ ତଥା ବିଭାଗୀୟ ମୁଖ୍ୟମାନେ ସମଭାବରେ ଦାୟୀ ।

ସରକାର ଦର୍ଶାଇଲେ(ଅକ୍ଟୋବର 2014) ଯେ, ସମୟାନୁଯାୟୀ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବା ପାଇଁ ଏକ ବିସ୍ତୃତ ନିୟମାବଳୀ ପ୍ରସ୍ତୁତ କରାଯାଇଅଛି । ଯେଉଁଥିରେ କି ପ୍ରଦତ୍ତ ଅନୁଦାନ ମଞ୍ଜୁରୀ ଓ ବିନିଯୋଗ ପ୍ରମାଣ ପତ୍ର ଦାଖଲର ସମୟସୀମା ଉଦ୍ଦିଷ୍ଟ କରାଯାଇଅଛି ।

## 3.2 ପୁଙ୍ଖାନୁପୁଙ୍ଖ ଅନୁଦାନ /ଋଣର ବିବରଣୀ ପ୍ରଦାନ ନ କରିବା / ପ୍ରଦାନରେ ବିଳମ୍ବ

ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବାର ସର୍ତ୍ତାବଳୀ) ଅଧିନିୟମ 1971 ଅନ୍ତର୍ଗତ ଧାରା 14 ଏବଂ ଧାରା 15 ର ପରିସର ମଧ୍ୟରେ ଆସୁଥିବା ସଂସ୍ଥାମାନଙ୍କୁ ଚିହ୍ନିତ କରିବା ପାଇଁ ସରକାର ଏବଂ ବିଭାଗୀୟ ମୁଖ୍ୟମାନେ ପ୍ରତିବର୍ଷ ଅନୁଷ୍ଠାନମାନଙ୍କୁ ପ୍ରଦତ୍ତ ଆର୍ଥିକ ସହାୟତା, ସହାୟତାର ଉଦ୍ଦେଶ୍ୟ ଏବଂ ବ୍ୟୟର ସବିଶେଷ ବିବରଣୀ ଲେଖା ସମୀକ୍ଷାକୁ ପ୍ରଦାନ କରିବା ଉଚିତ । ଅଧିକତର ରେଗୁଲେସନ ଅନ୍ ଅଡିଟ୍ ଏଣ୍ଡ ଏକାଉଣ୍ଟସ 2007 ଅନୁଯାୟୀ ସରକାର ଏବଂ ବିଭାଗୀୟ ମୁଖ୍ୟମାନେ ପ୍ରତିବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ଦଶ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ବା ଋଣ ଦିଆଯାଇଥିବା ଅନୁଷ୍ଠାନମାନଙ୍କର ତାଲିକା ଲେଖା ପରୀକ୍ଷା କାର୍ଯ୍ୟାଳୟକୁ ପ୍ରଦାନ କରିବା କଥା ଯେଉଁଥିରେ କି (କ) ସହାୟତାର ପରିମାଣ (ଖ) ସହାୟତାର ମଞ୍ଜୁରୀର ଉଦ୍ଦେଶ୍ୟ ଏବଂ (ଗ) ସଂସ୍ଥାର ମୋଟ ବ୍ୟୟ ଦର୍ଶାଇବା ଉଚିତ । ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ 2008-13 ବର୍ଷ ପାଇଁ ରାଜ୍ୟ ଆର୍ଥିକ ସ୍ଥିତିର ପ୍ରତିବେଦନର ଅନୁଚ୍ଛେଦ 3.2 ରେ ସରକାରୀ ବିଭାଗ ଏବଂ ସେମାନଙ୍କର ବିଭାଗୀୟ ମୁଖ୍ୟମାନଙ୍କୁ ଏହି ସୂଚନା ଉପଲବ୍ଧ କରିବାର ନୈତିକ ଦାୟିତ୍ୱ ବିଷୟରେ ଉଲ୍ଲେଖ କରାଯାଇଥିଲା । ଏହା ସତ୍ତ୍ୱେ ସରକାରଙ୍କ ପ୍ରଶାସନିକ ବିଭାଗଗୁଡିକ ଅର୍ଥ ବିଭାଗ ଜରିଆରେ ଆବଶ୍ୟକୀୟ ତଥ୍ୟ ମହାଲେଖାକାରଙ୍କ ଠାରେ ଉପଲବ୍ଧ କରାଇ ନଥିଲେ ଓ ଉପରୋକ୍ତ ନୈତିକ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଥିଲେ ଏବଂ ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବାର ସର୍ତ୍ତାବଳୀ) ଅଧିନିୟମ 1971 ଅନ୍ତର୍ଗତ ଧାରା 14(1) ପରିସର ମଧ୍ୟରେ ଆସୁଥିବା କୌଣସି ନୂଆ ସଂସ୍ଥା ଏହି ବର୍ଷ 2013-14 ରେ ଚିହ୍ନଟ କରାଯାଇ ନଥିଲା ।

## 3.3 ସ୍ୱାୟତ୍ତ ନିକାୟମାନଙ୍କର ହିସାବ/ଲେଖା ପରୀକ୍ଷା ପ୍ରତିବେଦନ ଉପସ୍ଥାପନରେ ବିଳମ୍ବ

ବିଭିନ୍ନ ସରକାରୀ କ୍ଷେତ୍ର ଅଧୀନରେ ମୋଟାମୋଟି ଭାବେ 204ଟି ସ୍ୱାୟତ୍ତ ନିକାୟ ଯେଉଁମାନଙ୍କର ସମସ୍ତ ଦେଣନେଣ ହିସାବର କାର୍ଯ୍ୟକଳାପ ପ୍ରକ୍ରିୟା ଏହି ହିସାବ, ଆଭ୍ୟନ୍ତରୀଣ ପରିଚାଳନା, କାର୍ଯ୍ୟକାରୀ ପଦ୍ଧତି, ପ୍ରକ୍ରିୟା ସମୀକ୍ଷା ଇତ୍ୟାଦି ସମ୍ବନ୍ଧରେ ସତ୍ୟାପନ ଓ ନିୟମିତ ଅନୁପାଳନ ଲେଖା ପରୀକ୍ଷା କରିବା ପାଇଁ ମହାଲେଖା ନିୟନ୍ତ୍ରକ ତଥା ସମୀକ୍ଷକଙ୍କ ଦ୍ୱାରା ଚିହ୍ନିତ ହୋଇଅଛି ।

ମାର୍ଚ୍ଚ 2014 ସୁଦ୍ଧା 26 ଟି ନିକାୟ/କର୍ତ୍ତୃପକ୍ଷଙ୍କୁ ହିସାବ ଦାଖଲ କରିବା ନିମିତ୍ତ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଓ ସେବା ସର୍ତ୍ତାବଳୀ ଅଧିନିୟମାନୁଯାୟୀ ଚିହ୍ନିତ କରାଯାଇଥିଲା । ଏହା ମଧ୍ୟରୁ ଦୁଇଟି ନିକାୟ/ କର୍ତ୍ତୃପକ୍ଷ ଯଥା ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକାରୀ (ଓଏସ୍ଏଲ୍ଏସ୍ଏ) ଓ ଜଙ୍ଗଲ କ୍ଷେତ୍ର ଉନ୍ନୟନ ପ୍ରକଳ୍ପ (ଓଏଫଏସଡିପି) 2012-13 ପର୍ଯ୍ୟନ୍ତ ସେମାନଙ୍କର ହିସାବ ଅଡିଟ୍ ନିକଟରେ ଉପସ୍ଥାପିତ କରିଥିଲେ ।

ଏପର୍ଯ୍ୟନ୍ତ ବାକିଥିବା 24ଟି ନିକାୟ/ କର୍ତ୍ତୃପକ୍ଷଙ୍କ ମଧ୍ୟରୁ ନଅଟି[2] ଉନ୍ନୟନ କର୍ତ୍ତୃପକ୍ଷଙ୍କର ହିସାବ ସିଏଜିଙ୍କର ଡିପିସି ଆକ୍ଟ ଧାରା 19(3) ଅନୁଯାୟୀ ମହାଲେଖାକାର(ସାଧାରଣ ଓ ସାମାଜିକ କ୍ଷେତ୍ର ଅଡିଟ୍) ଓ 15ଟି[3] ନିକାୟ/ କର୍ତ୍ତୃପକ୍ଷଙ୍କର ହିସାବ ଧାରା 14(1) ଡିପିସି ଆକ୍ଟ ଅନୁଯାୟୀ ମହାଲେଖାକାର(ଆର୍ଥିକ ଓ ରାଜସ୍ୱ କ୍ଷେତ୍ର ଅଡିଟ୍) ନିକଟରେ ସେପ୍ଟେମ୍ବର 2014 ସୁଦ୍ଧା ହସ୍ତଗତ ହୋଇ ନଥିଲା, ଯଦିଓ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଠାରେ ଅଡିଟ୍ ଦାୟିତ୍ୱ ନ୍ୟସ୍ତ କରାଯାଇଅଛି ।

ସରକାର (ଅକ୍ଟୋବର 2014) ରେ ଦର୍ଶାଇଥିଲେ ଯେ ସ୍ୱୟଂଶାସିତ ନିକାୟମାନଙ୍କର ହିସାବ, ଲେଖାପରୀକ୍ଷା ପ୍ରତିବେଦନର ଉପସ୍ଥାପନ ଠିକ୍ ସମୟରେ କରିବା ନିମିତ୍ତ ସଂପୃକ୍ତ ପ୍ରଶାସନିକ ବିଭାଗ ଗୁଡିକୁ ନିର୍ଦ୍ଦେଶ ଦିଆଯିବ ।

## 3.4 ସରକାରୀ ବିଭାଗ ପରିଚାଳିତ ବାଣିଜ୍ୟିକ କ୍ରିୟା କଳାପ

ସରକାରୀ ବିଭାଗ ଅଧିନସ୍ଥ ଯେଉଁ ଉଦ୍ୟୋଗମାନଙ୍କ ଦ୍ୱାରା ଅର୍ଦ୍ଧ ବାଣିଜ୍ୟିକ କାର୍ଯ୍ୟ କଳାପ ସମ୍ପାଦନ କରାଯାଏ । ସେମାନେ ସେମାନଙ୍କର ଆର୍ଥିକ କାର୍ଯ୍ୟକ୍ରମର ଫଳାଫଳ ଦର୍ଶାଇ ବିହିତ ଶୈଳୀରେ ବାର୍ଷିକ କଚ୍ଚା ହିସାବ ପ୍ରସ୍ତୁତ କରିବା କଥା, ଯଦ୍ୱାରା ସରକାର ସେମାନଙ୍କର କାର୍ଯ୍ୟଧାରାର ମୂଲ୍ୟାୟନ କରିପାରିବେ । ବାଣିଜ୍ୟିକ ଏବଂ ଅର୍ଦ୍ଧ-ବାଣିଜ୍ୟିକ କାର୍ଯ୍ୟକଳାପମାନଙ୍କର ଚୂଡାନ୍ତ ହିସାବ ସେମାନଙ୍କର ସାମଗ୍ରୀକ ଆର୍ଥିକ ଅବସ୍ଥା ଏବଂ ବ୍ୟାପରର ଦକ୍ଷତାକୁ ପ୍ରତିଫଳିତ କରେ । ହିସାବ ଠିକ୍ ସମୟରେ ଚୂଡାନ୍ତ ନ ହେଲେ ସରକାରୀ ପୁଞ୍ଜି ଲଗାଣ ଅଡିଟ/ରାଜ୍ୟ ବିଧାନମଣ୍ଡଳର ସମୀକ୍ଷା ବାହାରେ ରହିଯାଏ । ପରିଣାମ ସ୍ୱରୂପ, ଦାୟୀତ୍ୱବୋଧତା ସୁନିଶ୍ଚିତ ଏବଂ ଆବଶ୍ୟକ ହେଉଥିବା ଦକ୍ଷତା ଅଭିବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ସମୟ ମିଳି ନ ଥାଏ । ଏହା ବ୍ୟତୀତ କୌଣସି ପ୍ରକାର ବିଳମ୍ବ ସରକାରୀ ସମ୍ପତ୍ତିର ଅପବ୍ୟୟ ଏବଂ ପ୍ରବଞ୍ଚନାତ୍ମକ କ୍ଷତିର ସମ୍ଭାବନା ସୃଷ୍ଟି କରେ ।

ମୁଖ୍ୟ ନିୟନ୍ତ୍ରଣ ଅଧିକାରୀ ତଥା ବିଭାଗୀୟ ମୁଖ୍ୟମାନେ ସୁନିଶ୍ଚିତ ହେବା ଦରକାର ଯେ ଏହି ୟୁନିଟମାନେ ସେମାନଙ୍କର  କଚ୍ଚା ହିସାବ ପ୍ରସ୍ତୁତ କରି ରାଜ୍ୟ ମହାଲେଖାକାରଙ୍କୁ ସ୍ଥିରୀକୃତ ସମୟ ସୀମା ମଧ୍ୟରେ ଅଡିଟ୍ ପାଇଁ ପ୍ରଦାନ କରିଛନ୍ତି । ମାର୍ଚ୍ଚ 2014 ସୁଦ୍ଧା ଏହିପରି 16ଟି ଉଦ୍ୟୋଗ ମଧ୍ୟରୁ କେବଳ ମୁଖ୍ୟ ବନ ସଂରକ୍ଷକ, କେନ୍ଦୁପତ୍ର ଓଡିଶା ଯିଏକି 2005-06 ପର୍ଯ୍ୟନ୍ତ ହିସାବ ପ୍ରସ୍ତୁତ କରିଥିଲେ ଏବଂ ଅନ୍ୟମାନେ ସେମାନଙ୍କର ହିସାବ ଫର୍ଦ୍ଦ 2013-14 ର ପ୍ରସ୍ତୁତ କରି ନ ଥିଲେ । ଏହି 16ଗୋଟି ମଧ୍ୟରୁ ଚାରିଗୋଟି ଉଦ୍ୟୋଗ ଅଚଳ ତଥା ବନ୍ଦ ଥିଲା । ସେମାନଙ୍କର ପରି ସମ୍ପତ୍ତି ଏବଂ ଦେୟତା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ନିକାଶିତ କିମ୍ବା ସମାପିତ ହୋଇ ନ ଥିଲା । ଏହିପରି ଦୁଇଟି ପରିକଳ୍ପନା ଯଥା- (i) ଚାଷୀମାନଙ୍କୁ ଉନ୍ନତମାନର ବିହନ କ୍ରୟ ଓ ଯୋଗାଣ ଏବଂ (ii) କୁକୁଟ ଉନ୍ନୟନ କ୍ଷେତ୍ରରେ କଚ୍ଚା ହିସାବ ପ୍ରସ୍ତୁତ କରିବା ପାଇଁ ସରକାରୀ ଭାବେ ବ୍ୟବସ୍ଥା କରିବାକୁ ଥିଲା । ଚାଷୀମାନଙ୍କୁ ଉନ୍ନତମାନର ବିହନ କ୍ରୟ ଓ ଯୋଗାଣ କରିବା ପାଇଁ 1977-78 ରେ ବ୍ୟକ୍ତିଗତ ଜମା ଖାତା ଖୋଲା ଯାଇଥିଲା ।

---

2 (1) 9ଟି ଉନ୍ନୟନ ପ୍ରାଧିକରଣ ଯଥା: (i) ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ii) ବ୍ରହ୍ମପୁର ଉନ୍ନୟନ ପ୍ରାଧିକରଣ(ii i) କଟକ ଉନ୍ନୟନ ପ୍ରାଧିକରଣ (iv) କଳିଙ୍ଗନଗର-ଯାଜପୁର ଉନ୍ନୟନ ପ୍ରାଧିକରଣ (v) ପାରାଦୀପ ଉନ୍ନୟନ ପ୍ରାଧିକରଣ (vi) ପୁରୀ-କୋଣାର୍କ ଉନ୍ନୟନ ପ୍ରାଧିକରଣ(vii) ସମ୍ବଲପୁର ଉନ୍ନୟନ ପ୍ରାଧିକରଣ(viii) ରାଉରକେଲା ଉନ୍ନୟନ ପ୍ରାଧିକରଣ (ix) ତାଳଚେର-ଅନୁଗୁଳ-ମେରାମଣ୍ଡଳୀ ଉନ୍ନୟନ ପ୍ରାଧିକରଣ ।

3 (i) ଉତ୍କଳ ଗୋମଙ୍ଗଳ ସମିତି (ୟୁଜିଏସ) ii) ସିଇଓ, ଲୁଣାପାଣି ମତ୍ସ୍ୟ ବିକାଶ ସମିତି, ବାଲେଶ୍ୱର (iii) ସିଇଓ, ଲୁଣାପାଣି ମତ୍ସ୍ୟ ବିକାଶ ସମିତି, ପୁରୀ (iv) ସିଇଓ, ଲୁଣାପାଣି ମତ୍ସ୍ୟ ବିକାଶ ସମିତି, ବ୍ରହ୍ମପୁର (v) ଓଡିଶା ପଶୁ ସମ୍ପଦ ବିକାଶ ସମିତି, କଟକ (vi) ଇନ୍ଦିରାଗାନ୍ଧୀ ବୈଷୟିକ ଅନୁଷ୍ଠାନ ସାରଙ୍ଗ (vii) ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱ ବିଦ୍ୟାଳୟ(ବିପିୟୁଟି)(viii) ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ(ସିଇଟି) (ix) ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ, ବୁର୍ଲା, (x) ଓଡିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ(ଇଡକୋ)(xi) ଉଦ୍ୟୋଗ ବିକାଶ ଅନୁଷ୍ଠାନ, ଭୁବନେଶ୍ୱର (xii) ବୟନ ପ୍ରଯୁକ୍ତି ବିଦ୍ୟାନୁଷ୍ଠାନ, ଚୌଦ୍ୱାର, କଟକ(xiii) ଓଡିଶା ଖଦୀ ଓ ଗ୍ରାମ ଉଦ୍ୟୋଗ ବୋର୍ଡ (xiv) ରାଜ୍ୟ ହସ୍ତତନ୍ତ ଗୁଚ୍ଛ ଏଜେନସୀ(ଏସଏଚିଏଚଏସି), ଭୁବନେଶ୍ୱର(xv) ରାଜ୍ୟ କଳା ଓ କାରିଗରୀ ବିକାଶ ଅନୁଷ୍ଠାନ, ଭୁବନେଶ୍ୱର ।

କଚ୍ଚା ହିସାବ ପ୍ରସ୍ତୁତିରେ ସରକାରୀ କଳର ବିଫଳତା ସମ୍ପର୍କରେ ସରକାରୀ ହିସାବ କମିଟି (ପି.ଏ.ସି) ର ବାରମ୍ବାର ସୁପାରିଶ[4] କରିଥିବା ସତ୍ତ୍ୱେ ଏବଂ ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ସିଭିଲ ଅଡିଟ୍ ରିପୋର୍ଟ (2005-06 ପର୍ଯ୍ୟନ୍ତ) ଏବଂ ପରବର୍ତ୍ତୀ ବର୍ଷର ରାଜ୍ୟ ଆର୍ଥିକ୍ ସ୍ଥିତିର ରିପୋର୍ଟମାନଙ୍କରେ ବାରମ୍ବାର ମନ୍ତବ୍ୟ ଦେଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଏହି ଉଦ୍ୟୋଗମାନଙ୍କ ଦ୍ୱାର  କଚ୍ଚା ହିସାବ ପ୍ରସ୍ତୁତିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ । କଚ୍ଚା ହିସାବ ପ୍ରସ୍ତୁତିରେ ବକେୟା ଏବଂ ସରକାରୀ ପୁଞ୍ଜି ବିନିଯୋଗର ବିଭାଗ ୱାରୀ ସ୍ଥିତି ***ପରିଶିଷ୍ଟ-3.3*** ରେ ଦର୍ଶାଯାଇଛି ।

ସରକାର ଅକ୍ଟୋବର 2014 ରେ ଦର୍ଶାଇଥିଲେ ଯେ ବିଭାଗଗୁଡ଼ିକ ଦ୍ୱାରା ପରିଚାଳିତ ବାଣିଜ୍ୟିକ ସଂସ୍ଥାଗୁଡ଼ିକ ଦ୍ୱାରା କଚ୍ଚା ହିସାବ ପ୍ରସ୍ତୁତ କରିବା ପାଇଁ ଏକ ଆଦର୍ଶ ନକସାକୁ ମହାଲେଖାକାରଙ୍କ ପରାମର୍ଶ କ୍ରମେ ପ୍ରସ୍ତୁତ କରାଯିବ ।

## 3.5 ଆତ୍ମସାତ୍, କ୍ଷତି ଏବଂ ତୋଷରପାତ ଇତ୍ୟାଦି ସଂପର୍କୀୟ

ଓଡିଶା ସାଧାରଣ ବିତ୍ତୀୟ ନିୟାମକ ପ୍ରଥମ ଭାଗ ଅନୁଯାୟୀ ସରକାରୀ ଅଧିକାରୀମାନେ ସରକାରୀ ଅର୍ଥ, ବିଭାଗୀୟ ରାଜସ୍ୱ ଭଣ୍ଡାର ଏବଂ ଅନ୍ୟାନ୍ୟ ସରକାରୀ ସମ୍ପତ୍ତିର କ୍ଷତିର ପରିମାଣ ଯଦି 500 ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ହୋଇଥାଏ, ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତତ୍କ୍ଷଣାତ୍ ଉପରିସ୍ଥ ଅଧିକାରୀ ଏବଂ ମହାଲେଖାକାର (ସାଧାରଣ ଏବଂ ସାମାଜିକ କ୍ଷେତ୍ର ଲେଖା)ଓଡିଶାଙ୍କୁ ରିପୋର୍ଟ କରିବା ପାଇଁ କ୍ଷମତା ପ୍ରାପ୍ତ ହୋଇଛନ୍ତି । ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗରେ 1748 କ୍ଷେତ୍ରରେ 17.46 କୋଟି ଟଙ୍କାର ସରକାରୀ ଅର୍ଥର ଆତ୍ମସାତକରଣ, ତୋଷରପାତ ଇତ୍ୟାଦି ମାମଲା ମାର୍ଚ୍ଚ 2014 ସୁଦ୍ଧା ଜଣାଇଥିଲେ । ଯେଉଁ ସବୁର ଚୂଡାନ୍ତ କାର୍ଯ୍ୟାନୁଷ୍ଠାନ ବିଚାରାଧିନ ଥିଲା  । ବକେୟା ମାମଲା ଗୁଡ଼ିକର ବିଭାଗୱାରୀ ଅବଧି ଅନୁସାରେ ସମୀକ୍ଷା ***ପରିଶିଷ୍ଟ-3.4*** ରେ ଏବଂ ଉକ୍ତ ମାମଲାର ପ୍ରକାର ଭେଦ ***ପରିଶିଷ୍ଟ-3.5*** ରେ ଦର୍ଶାଯାଇଛି । ବକେୟା ମାମଲା ଗୁଡ଼ିକର ଅବଧି ଏବଂ ପ୍ରତି ବର୍ଗରେ ଥିବା ଚୋରି ଓ ତୋଷାରପାତ /କ୍ଷତି ମାମଲା ସଂଖ୍ୟା ଯାହାକି ଉପରୋକ୍ତ ପରିଶିଷ୍ଟରେ ଏବଂ ସେଗୁଡ଼ିକର ସମୀକ୍ଷା ମାର୍ଚ୍ଚ 2014 ସୁଦ୍ଧା **ସାରଣୀ-3.2(i)** ଓ **ସାରଣୀ 3.2(*ii*)** ରେ ସାରାଂଶୀକୃତ କରାଯାଇଛି ।

**ସାରଣୀ 3.2(i): ଆତ୍ମସାତ୍, କ୍ଷତି ଏବଂ ତୋଷାରପାତ ଇତ୍ୟାଦିର ପାର୍ଶ୍ୱଚିତ୍ର**

| ବକେୟା ମାମଲାର ଅବଧି | | |
|---|---|---|
| ମାମଲାର ଅବଧି | ମାମଲା ସଂଖ୍ୟା | ବକେୟା ପରିମାଣ (ଲକ୍ଷ ଟଙ୍କାରେ) |
| 0 - 5 | 11 | 53.95 |
| 5 - 10 | 56 | 276.20 |
| 10 - 15 | 126 | 282.63 |
| 15 - 20 | 290 | 419.97 |
| 20 - 25 | 352 | 196.10 |
| 25 ଏବଂ ତଦୁର୍ଦ୍ଧ୍ୱ | 913 | 517.04 |
| ମୋଟ | **1748** | **1745.89** |

**ଉତ୍ସ:** ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରୁ ସଂଗୃହୀତ ତଥ୍ୟ

4 ଦଶମ ବିଧାନସଭା ଚତୁର୍ଦ୍ଦଶ ପ୍ରତିବେଦନ, ଅନୁଚ୍ଛେଦ-12 ଓ 15, ଦଶମ ବିଧାନ ସଭା ତେତିଶତମ ପ୍ରତିବେଦନ ଅନୁଚ୍ଛେଦ-2 ଓ 6

ସାରଣୀ 3.2(ii): ବକେୟା ମାମଲାଗୁଡିକର ପ୍ରକାରଭେଦ ଏବଂ ତୋଷରପାତ ଇତ୍ୟାଦି

| ବକେୟା ମାମଲାଗୁଡିକର ପ୍ରକାରଭେଦ | ମାମଲା ସଂଖ୍ୟା | ବକେୟା ପରିମାଣ (ଲକ୍ଷ ଟଙ୍କାରେ) |
|---|---|---|
| ଚୋରୀ | 796 | 400.81 |
| ଦ୍ରବ୍ୟର ଆତ୍ମସାତକରଣ ଓ କ୍ଷତି | 952 | 1345.08 |
| **ମୋଟ** | **1748** | **1745.89** |
| ଚଳିତ ବର୍ଷରେ ସରକାରୀ ହିସାବରୁ ବାଦ୍ ହେଇଥିବା କ୍ଷତି ସମ୍ପର୍କିତ ମାମଲା | 0 | 0 |
| **ମୋଟ ବକେୟା ମାମଲା** | **1748** | **1745.89** |

**ଉତ୍ସ: ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରୁ ସଂଗୃହୀତ ତଥ୍ୟ**

ରାଜ୍ୟର ବିଭିନ୍ନ ବିଭାଗରୁ ଆସିଥିବା ସୂଚନା ସଂକଳନ କରି, ବାକିଥିବା କେସ୍ ଗୁଡିକର କାରଣ(***ପରିଶିଷ୍ଟ-3.6***) ପାଞ୍ଚଟି ଭାଗରେ ବିଭକ୍ତ, ଯାହାର ସାର **ସାରଣୀ-3.3** ରେ ନିମ୍ନରେ ଦିଆଗଲା ।

ସାରଣୀ 3.3: ପ୍ରକାରଭେଦ ଅନୁସାରେ ଆତ୍ମସାତ୍, କ୍ଷତି ଏବଂ ତୋଷରପାତ ଆଦି ମାମଲାଗୁଡିକର ଚୂଡାନ୍ତକରଣ ପାଇଁ ବିଚାରାଧିନ

| ବକେୟା ମାମଲାର ବିଳମ୍ବର କାରଣ | | ମାମଲା ସଂଖ୍ୟା | ପରିମାଣ (ଲକ୍ଷ ଟଙ୍କାରେ) |
|---|---|---|---|
| i) | ବିଭାଗୀୟ ଏବଂ ଅପରାଧିକ ତଦନ୍ତ ଅପେକ୍ଷାରେ | 473 | 530.75 |
| ii) | ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି କିନ୍ତୁ ଚୂଡ଼ାନ୍ତ ହୋଇ ପାରିନାହିଁ | 605 | 708.57 |
| iii) | ଅପରାଧ ଅନୁଶୀଳନ କାର୍ଯ୍ୟବିଧି ଚୂଡାନ୍ତ କିନ୍ତୁ କ୍ଷତି ରାଶିର ଭରଣା ପାଇଁ ମାମଲା ଜାରି ହୋଇନାହିଁ | 32 | 19.91 |
| iv) | କ୍ଷତି ରାଶିର ଭରଣା କିମ୍ବା ସରକାରୀ ହିସାବରୁ ବାଦ ଦେବା ଆଦେଶ ଅପେକ୍ଷାରେ | 491 | 194.53 |
| v) | ଅଦାଲତ ଆଦେଶ ଅପେକ୍ଷାରେ | 147 | 292.13 |
| | **ମୋଟ** | **1748** | **1745.89** |

**ଉତ୍ସ: ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରୁ ସଂଗୃହୀତ ତଥ୍ୟ.**

ଉପରୋକ୍ତ ସାରଣୀର ଏହା ଦେଖାଗଲା ଯେ 1965-66 ମସିହାରୁ 49 ବର୍ଷ ଧରି 5.31 କୋଟି ଟଙ୍କାର 473 ଟି ମାମଲା ବିଭାଗୀୟ ଏବଂ ଅପରାଧିକ ତଦନ୍ତ ଅପେକ୍ଷାରେ ରହିଛି । ସେହିପରି 491 ଟି ମାମଲାରୁ 1.95 କୋଟି ଟଙ୍କା ଆଦାୟ କିମ୍ବା ହିସାବରୁ ବାଦ ଦେବା ପାଇଁ କ୍ଷମତାପନ୍ନ ପ୍ରାଧିକାରୀଙ୍କର ଆଦେଶ ଅପେକ୍ଷାରେ ରହିଛି । ସରକାରଙ୍କର ସଂପୃକ୍ତ ବିଭାଗର ମୁଖ୍ୟମାନେ ଓଡିଶା ସାଧାରଣ ବିତ୍ତୀୟ ନିୟମର ଧାରା ଅନୁସାରେ ସଠିକ ପଦକ୍ଷେପ ନେଇ ମାମଲାଗୁଡିକ ସରକାରୀ ହିସାବରୁ ବାଦ୍ ଦେବାରେ ବିଫଳ ହୋଇଥିଲା । ଅଡିଟ୍‌ରେ ଦର୍ଶାଗଲା ଯେ (ମେ 2014) 7.08 କୋଟି ଟଙ୍କାର 605 ଟି ଆତ୍ମସାତ୍ ଓ କ୍ଷତି ମାମଲା ଗୁଡିକର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା ତାହା ଚୂଡାନ୍ତ ନ ହେବାର କାରଣ ଉପଲବ୍ଧ କରିପାରି ନ ଥିଲେ । ଏହିପରି ମୁଖ୍ୟ ନିୟନ୍ତ୍ରଣ ଅଧିକାରୀମାନେ ସେମାନଙ୍କର ବିଭାଗ ଉପରେ ବାକିଥିବା ଭିଜିଲାନ୍ସ ମାମଲାଗୁଡିକ ପ୍ରତି ଅନାଗ୍ରହଭାବକୁ ସୂଚାଇଥାଏ ।

ସରକାର ଅକ୍ଟୋବର 2014 ରେ ଦର୍ଶାଇଥିଲେ ଯେ ଆତ୍ମସାତ୍, କ୍ଷତି ଏବଂ ତୋଷରପାତ ମାମଲାଗୁଡିକ ବିଭାଗୀୟ କମିଟି ଦ୍ୱାରା ମାସିକ ଭାବରେ ପର୍ଯ୍ୟାଲୋଚନା କରାଯାଉଅଛି । କିନ୍ତୁ ବର୍ଷକ ମଧ୍ୟରେ କୌଣସି ପ୍ରମୁଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

## 3.6 ବ୍ୟବସ୍ଥିତ କରିବା ନିମିତ୍ତ ବକେୟା ଥିବା ସଂକ୍ଷିପ୍ତ ଅନିୟତ ବିଲ

ଓଡିଶା କୋଷାଗାର ସଂହିତା ପ୍ରଥମ ଭାଗ ଅଧିନିୟମ 260 ଏବଂ 261 ତଥା ଓଡିଶା ସାଧାରଣ ବିତ୍ତୀୟ ନିୟାମକ ଧାରା 84 ଅନୁଯାୟୀ ପ୍ରତ୍ୟେକ ଉଠାଣ ଅଧିକାରୀ ସମସ୍ତ ସଂକ୍ଷିପ୍ତ ଅନିୟତ ବିଲ ଯାହା ଚଳିତ ମାସ ପୂର୍ବରୁ ସଂଘଟିତ ହୋଇଛି, ତା ପାଇଁ ବିଶଦ ବିଲ ଆକସ୍ମିକ ବ୍ୟୟ ନିମନ୍ତେ ସଂପୃକ୍ତ ନିୟନ୍ତ୍ରଣ ଅଧିକାରୀଙ୍କ ନିକଟକୁ ପ୍ରତିସ୍ୱାକ୍ଷର ପାଇଁ ପ୍ରେରଣ କରିବାର ପ୍ରମାଣ କରିବେ ଯାହା ମହା ଲେଖାକାରଙ୍କ ନିକଟକୁ ପଠାଯିବ 2004-05 ରୁ 2013-14 ବର୍ଷ ମଧ୍ୟରେ ସମୁଦାୟ 543.10 କୋଟି ଟଙ୍କାର ସଂକ୍ଷିପ୍ତ ଅନିୟତ ବିଲ ଉଠାଣ ହୋଇଥିଲା, ଯାହା ବିପକ୍ଷରେ ମାତ୍ର 428.60 କୋଟି ଟଙ୍କାର (78.92 ପ୍ରତିଶତ) ବିଶଦ ପ୍ରତି ସ୍ୱାକ୍ଷରିତ ବିଲ 2013-2014 ବର୍ଷ ମଧ୍ୟରେ ପ୍ରାପ୍ତ ହୋଇଥିଲା । ଫଳରେ 31 ମାର୍ଚ୍ଚ 2013 ସୁଦ୍ଧା 114.49 କୋଟି ଟଙ୍କାର ସଂକ୍ଷିପ୍ତ ଅନିୟତ ବିଲ ବାକି ରହିଲା । ଏହାର ବାର୍ଷିକ ଓ୍ୱାରୀ ବିଶଦ ବିବରଣୀ **ସାରଣୀ 3.4** ରେ ଦର୍ଶାଯାଇଛି ।

**ସାରଣୀ 3.4: ସଂକ୍ଷିପ୍ତ ଅନିୟମିତ ବିଲ ବାବଦକୁ ବାକିଥିବା ବିଶଦ ପ୍ରତି ସ୍ୱାକ୍ଷରିତ ଅନିୟତ ବିଲ**

(କୋଟି ଟଙ୍କାରେ)

| ବର୍ଷ | ସଂକ୍ଷିପ୍ତ ଅନିୟତ ବିଲ ପରିମାଣ | ବାକିଥିବା ବିଶଦ ଅନିୟତ ବିଲ ରାଶି | ବାକିଥିବା ବିଶଦ ଅନିୟତ ବିଲ ସଂକ୍ଷିପ୍ତ ଅନିୟତ ବିଲର | ବକେୟା ସଂକ୍ଷିପ୍ତ ଅନିୟତ ବିଲ ସଂଖ୍ୟା |
|---|---|---|---|---|
| Up to 2009-10 | 241.46 | 4.96 | 2.05 | 1442 |
| 2010-11 | 35.54 | 2.49 | 7.01 | 374 |
| 2011-12 | 61.18 | 2.01 | 3.29 | 344 |
| 2012-13 | 74.14 | 10.03 | 13.53 | 226 |
| 2013-14 | 130.78 | 95.00 | 72.64 | 2517 |
| **ମୋଟ** | **543.10** | **114.49** | **21.08** | **4903** |

**ଉତ୍ସ: ପ୍ରଧାନ ମହାଲେଖାକାର (ଲେଖା ଓ ହକ୍‌ଦାରୀ)ଙ୍କ କାର୍ଯ୍ୟାଳୟ, ଓଡିଶା ଦ୍ୱାରା ପ୍ରଦତ୍ତ ତଥ୍ୟ**

***ପରିଶିଷ୍ଟ 3.7*** ରେ ବକେୟା ବିଶଦ ପ୍ରତି ସ୍ୱାକ୍ଷରିତ ଅନିୟମିତ ବିଲ 2013-14 ପାଇଁ ଦିଆଯାଇଛି । ଏହି ପରିଶିଷ୍ଟ ସୂଚୀତ କରାଏ କି ଅନିୟମିତ ସଂକ୍ଷିପ୍ତ ବିଲ ବ୍ୟବସ୍ଥିତ ନ କରିବା ଶୀର୍ଷରେ ତିନୋଟି ମୁଖ୍ୟ ବିଭାଗ ଯଥାକ୍ରମେ ଗୃହ ବିଭାଗ(92.17 କୋଟି ଟଙ୍କା) ଉଚ୍ଚ ଶିକ୍ଷା ବିଭାଗ(6.36 କୋଟି ଟଙ୍କା) ଏବଂ ଯୋଜନା ଓ ସମନ୍ୱୟ ବିଭାଗ(5.32 କୋଟି ଟଙ୍କା) ମିଶି ସମୁଦାୟ ଅନିୟତ ବିଲର 90.71 ପ୍ରତିଶତ ହୋଇଥିଲା । ଯେହେତୁ ପ୍ରଦତ୍ତ ପାଣ୍ଠି ସଂପୃକ୍ତ କାର୍ଯ୍ୟକଳାପ ପାଇଁ ରାଜସ୍ୱ ବ୍ୟୟ ହିସାବରେ ଭାରିତ ହୋଇଛି ସେଥିପାଇଁ ଖର୍ଚ୍ଚ ହୋଇ ନଥିବା ବଳକା ରାଶିର ବିଳମ୍ବିତ ବୁଝାମଣା ପ୍ରକୃତ ଖର୍ଚ୍ଚଠାରୁ ଅଧିକ ପ୍ରଦର୍ଶନ ଏବଂ ସରକାରୀ ପାଣ୍ଠିର ଆତ୍ମସାତ କରିବାର ସମ୍ଭାବ୍ୟ ଆଶଙ୍କା ମଧ୍ୟ ରହିଛି ।

ଅନିୟମିତ ବିଲ୍ ଦ୍ୱାରା ଉଠାଯାଇଥିବା ଟଙ୍କା ଏକତ୍ରୀକୃତ ନିଧିରେ କାର୍ଯ୍ୟାତ୍ମକ ମୂଖ୍ୟ ଶୀର୍ଷକ ପାର୍ଶ୍ୱରେ ଦର୍ଶାଯାଇଥାଏ । ଆବଣ୍ଟିତ ସମୟ ସୀମା ମଧ୍ୟରେ ହିସାବକୁ ଚୂଡାନ୍ତ ନ କଲେ ଏହା ଖର୍ଚ୍ଚକୁ ସ୍ଫିତି କରିଥାଏ । ଏହା ସରକାରଙ୍କର ଆର୍ଥିକ ସୂଚକାଙ୍କୁ (ରାଜସ୍ୱ ବଳକା / ଆର୍ଥିକ ନିଅଣ୍ଟ) ପ୍ରଭାବିତ କରିଥାଏ ।

ସରକାର ଅକ୍ଟୋବର 2014 ରେ ଜଣାଇଲେ ଯେ ସମସ୍ତ ଅନିୟମିତ ବିଲ୍ ବିପକ୍ଷରେ କେତେ ପ୍ରତିସ୍ୱାକ୍ଷରିତ ବିଲ୍ ଉପସ୍ଥାପନ ହେଲା ତାକୁ ଅନ୍ ଲାଇନରେ ନିରୀକ୍ଷଣ କରିବା ପାଇଁ ବ୍ୟବସ୍ଥା କରାଯାଉଅଛି ଯାହାକି ବକେୟା କମାଇବାରେ ସହାୟକ ହେବ ।

### 3.6.1 ଉଚ୍ଚଶିକ୍ଷା ବିଭାଗରେ ବ୍ୟବସ୍ଥିତ କରିବା ନିମିତ୍ତ ବକେୟା ଥିବା ସଂକ୍ଷିପ୍ତ ଅନିୟମିତ ବିଲର ବିଶ୍ଳେଷଣ

ଉଚ୍ଚଶିକ୍ଷା ବିଭାଗରେ ବକେୟା ଥିବା ଅନିୟତ ବିଲ୍ ସମ୍ବନ୍ଧରେ ଲେଖା ପରୀକ୍ଷା ପର୍ଯ୍ୟାଲୋଚନା କରାଯାଇଥିଲା । ଏହି ବିଭାଗରେ ବର୍ଷ ସାରା ଅତ୍ୟଧିକ ମାତ୍ରାରେ ସଂକ୍ଷିପ୍ତ ଅନିୟମିତ ବିଲ୍ ଉଠାଣ ହୋଇଥିଲା, ଯାହା ବିପକ୍ଷରେ ବିଶଦ ପ୍ରତିସ୍ୱାକ୍ଷରିତ ବିଲ୍ ପଇଠ କରାଯାଇ ନଥିଲା । ଉଚ୍ଚଶିକ୍ଷା ବିଭାଗରେ ଅନିୟତ ବିଲ୍ ସମ୍ବନ୍ଧରେ ଭିଏଲସି ତଥ୍ୟାବଳୀର ବିଶ୍ଳେଷଣର ନିମ୍ନ ସୂଚନା ମିଳେ ।

### 3.6.1.1 ଅନିୟମିତ ବିଲ୍ ଦ୍ୱାରା ଟଙ୍କା ଉଠାଣ ଓ ସେହି ଅର୍ଥକୁ ବିତରଣ ଅଧିକାରୀଙ୍କଠାରେ ରଖିବା

ଅନିୟିତ ବିଲ୍ ଦ୍ୱାରା ଟଙ୍କା ଉଠାଣ ସମୟରେ ଖର୍ଚ୍ଚକୁ ପ୍ରାସଙ୍ଗିକ ସେବା ଶୀର୍ଷରେ ସ୍ଥାନୀତ କରାଯାଇଥାଏ । ସୁତରାଂ ଏହି ଅର୍ଥ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଅନୁବନ୍ଧିତ ସମୟାନୁସାରେ ଉପଯୋଗ କରିବା ଆବଶ୍ୟକ । ସମୟାନୁସାରେ ଦାଖଲ ନ କରିବା ଦ୍ୱାରା ଏହା ଆର୍ଥିକ ଶୃଙ୍ଖଳା ଭଙ୍ଗ କରିବା ଏବଂ ଅର୍ଥ ଆତ୍ମସାତହେବାର ଭୟ ଥାଏ । ମାର୍ଚ୍ଚ 2014 ସୁଦ୍ଧା ଅନିୟମିତ ବିଲ୍ ଦ୍ୱାରା ଉଠାଯାଇଥିବା ଅର୍ଥର ବିଶଦ ବିବରଣୀ **ସାରଣୀ 3.5** ରେ ପ୍ରଦାନ କରାଯାଇଅଛି ।

**ସାରଣୀ 3.5: ଉଚ୍ଚ ଶିକ୍ଷା ବିଭାଗର ବର୍ଷଓ୍ୱାରୀ ବକେୟା ଅନିୟତ ବିଲ୍**

| ବର୍ଷ | ଟଙ୍କା ଉଠାଣ (ଟଙ୍କାରେ) | ଚିଜ ସଂଖ୍ୟା | ବକେୟା ଅନିୟତ ବିଲ୍ (ଟଙ୍କାରେ) | ଚିଜ ସଂଖ୍ୟା |
|---|---|---|---|---|
| 2003-04 | 2943758 | 39 | --- | --- |
| 2004-05 | 6714332 | 146 | 5024008 | 92 |
| 2005-06 | 9495963 | 172 | 6284285 | 114 |
| 2006-07 | 7460084 | 181 | 6207218 | 92 |
| 2007-08 | 6941470 | 188 | 5234946 | 123 |
| 2008-09 | 6076220 | 176 | 3750748 | 115 |
| 2009-10 | 7264570 | 161 | 5439698 | 106 |
| 2010-11 | 11151275 | 230 | 6171138 | 157 |
| 2011-12 | 12374795 | 245 | 4624090 | 113 |
| 2012-13 | 14495490 | 218 | 4278455 | 73 |
| 2013-14 | 16997119 | 192 | 16550302 | 183 |
| ମୋଟ | **101915076** | **1948** | **63564888** | **1168** |

**ଉତ୍ସ: ପ୍ରଧାନ ମହାଲେଖାକାର(ଲେଖା ଓ ହକ୍‌ଦାରୀ)ଙ୍କ କାର୍ଯ୍ୟାଳୟ, ଓଡିଶା ଦ୍ୱାରା ସଂକଳିତ ତଥ୍ୟ**

ଅନିୟତ ବିଲ୍ ଦ୍ୱାରା ଟଙ୍କା ଉଠାଣର 10 ବର୍ଷ ପରେ ମଧ୍ୟ ବିଶଦ ପ୍ରତି ସ୍ୱାକ୍ଷରିତ ବିଲ୍ ପ୍ରଦାନ ନ କରାଯିବା, ଟଙ୍କାର ଉପଯୁକ୍ତ ବିନିଯୋଗ ସମ୍ବନ୍ଧରେ ଆଶଙ୍କା ପ୍ରକାଶ ପାଇଥାଏ । ବର୍ଷସାରା ବକେୟା ଥିବା ଅନିୟତ ବିଲ୍ ଦର୍ଶାଇଥାଏ ଯେ ସରକାରଙ୍କ ଦ୍ୱାରା ବିଭିନ୍ନ ଉଦ୍ଦେଶ୍ୟରେ ଉଠାଯାଇଥିବା ଟଙ୍କା ତତ୍କାଳ ପ୍ରଦାନ କରା ନଯାଇ ଉଠାଣ ଓ ବିତରଣ ଅଧିକାରୀଙ୍କଠାରେ ଜମା ଥାଏ । ପୁନଶ୍ଚ ଓଟିସିର ଧାରା 261ର ଆବଶ୍ୟକତାନୁଯାୟୀ ଉଠାଣ ଓ ବିତରଣ ଅଧିକାରୀମାନେ ଏକ ପ୍ରମାଣପତ୍ର ଉପଲବ୍ଧ କରିବା ଆବଶ୍ୟକ ଯେ ଅନିୟତ ବିଲ୍ ଦ୍ୱାରା ଉଠା ଯାଇଥିବା ଅର୍ଥ ସେହି ଆର୍ଥିକ ବର୍ଷ ମଧ୍ୟରେ ଖର୍ଚ୍ଚ ହେବା ଉଚିତ୍ । କିନ୍ତୁ ଏହି ଅର୍ଥକୁ ପରବର୍ତ୍ତୀ ଆର୍ଥିକ ବର୍ଷକୁ ନିଆଯାଉଅଛି ।

### *3.6.1.2 ମାର୍ଚ୍ଚ ମାସରେ ଅନିୟତ ବିଲର ଉଠାଣ*

ସମ୍ବିଧାନର ଧାରା 202 ଅନୁଯାୟୀ ରାଜ୍ୟ ସରକାର ସମାନ ଆର୍ଥିକ ବର୍ଷରେ ଅଧିକୃତ ବିନିଯୋଗ ଅର୍ଥ ଖର୍ଚ୍ଚ କରିବା ଆବଶ୍ୟକ । ପୁନଶ୍ଚ ଓଟିସିର 242 ନିୟମାନୁଯାୟୀ କୋଷାଗାରରୁ କୌଣସି ଅର୍ଥ ଉଠାଯିବା ଅନାବଶ୍ୟକ ଯଦି ଏହା ତତ୍କାଳ ପ୍ରଦାନ ପାଇଁ ଆବଶ୍ୟକ ହୋଇ ନଥାଏ । ପୁନଶ୍ଚ, ଓଡିଶା ବଜେଟ୍ ନିୟମ ବହି (ଓବିଏମ୍) ଧାରା 147 ର ବ୍ୟବସ୍ଥାନୁଯାୟୀ ଆର୍ଥିକ ବର୍ଷର ଶେଷ ମାସରେ ପ୍ରଚୁର ଖର୍ଚ୍ଚକୁ ଆର୍ଥିକ ଶୃଙ୍ଖଳା ଭଙ୍ଗ ବୋଲି ଅଭିହିତ କରାଯାଏ, ଯାହାକି ପରିହାର ଯୋଗ୍ୟ ।

ପ୍ରମୁଖ ମହାଲେଖାକାର (ଲେଖା ଓ ହକ୍‌ଦାରୀଙ୍କ) ଭାଉଚର ସ୍ତରୀୟ ପ୍ରସ୍ତୁତ ସଂକଳନର (ଭିଏଲସି) ପ୍ରସ୍ତୁତ ରିପୋର୍ଟର ସମ୍ୟକ ପରୀକ୍ଷାରୁ ପ୍ରକାଶ ଯେ 2003-04 ରୁ 2013-14 ମଧ୍ୟରେ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସରେ ମୋଟ 74.03 ଲକ୍ଷ ଟଙ୍କା ଉଠା ଯାଇଅଛି । ତନ୍ମଧ୍ୟରୁ 27.73 ଲକ୍ଷ ଟଙ୍କା ମାର୍ଚ୍ଚ 2014 ପର୍ଯ୍ୟନ୍ତ ବକେୟା ରହିଥିଲା । ଏହା **ସାରଣୀ 3.6** ରେ ବିସ୍ତୃତ ଭାବେ ପ୍ରଦାନ କରାଯାଇଅଛି ।

**ସାରଣୀ 3.6: ମାର୍ଚ୍ଚ ମାସର ଅନିୟତ ବିଲର୍ ବର୍ଷ ୱାରୀ ବିବରଣ**

| କ୍ର.ସଂ. | ବର୍ଷ | ମାର୍ଚ୍ଚ ମାସରେ ଉଠାଣ (ଟଙ୍କାରେ) | 31 ମାର୍ଚ୍ଚ 2014 ସୁଦ୍ଧା ମୋଟ ବକେୟା (ଟଙ୍କାରେ) |
|---|---|---|---|
| 1 | 2003-04 | 2015555 | --- |
| 2 | 2004-05 | 735117 | 142456 |
| 3 | 2005-06 | 86371 | 17676 |
| 4 | 2006-07 | 663137 | 630707 |
| 5 | 2007-08 | 85372 | --- |
| 6 | 2008-09 | 975311 | 938161 |
| 7 | 2009-10 | 191855 | 56683 |
| 8 | 2010-11 | 906221 | 412221 |
| 9 | 2011-12 | 293763 | 176509 |
| 10 | 2012-13 | 657465 | 6525 |
| 11 | 2013-14 | 792427 | 392213 |
| ମୋଟ | | **7402594** | **2773151** |

**ଉତ୍ସ: ପ୍ରଧାନ ମହାଲେଖାକାର(ଲେଖା ଓ ହକ୍‌ଦାରୀ)ଙ୍କ କାର୍ଯ୍ୟାଳୟ, ଓଡିଶା ଦ୍ୱାରା ପ୍ରଦତ୍ତ ତଥ୍ୟ**

ମାର୍ଚ୍ଚ ମାସରେ ଉଠାଯାଇଥିବା ପରିମାଣ ଏହା ଦର୍ଶାଇ ଥାଏ ଯେ ସମ୍ପୃକ୍ତ ଆର୍ଥିକ ବର୍ଷରେ ଏହାର ବାସ୍ତବିକ ଖର୍ଚ୍ଚ ହେବାର ସମ୍ଭାବନା ବହୁତ କମ୍ ଏବଂ ବିନିଯୋଗ ଅର୍ଥର ସମାପ୍ତିକୁ ପରିହାର କରିବା ନିମିତ୍ତ ଉଠାଣ କରାଯାଇଥାଏ ।

### *3.6.1.3 ଯୋଜନା ଖର୍ଚ୍ଚ ନିମିତ୍ତ ଅନିୟତ ବିଲ୍ ଦ୍ୱାରା ଟଙ୍କା ଉଠାଣ*

ଯୋଜନା ଖର୍ଚ୍ଚ ନିମିତ୍ତ ଅନିୟତ ବିଲ୍ ଦ୍ୱାରା ଟଙ୍କା ଉଠାଣ ଅନୁଚିତ ଅଟେ କାରଣ ଏହା ଆକସ୍ମିକ ଖର୍ଚ୍ଚ ନୁହେଁ । ଯୋଜନା ଖର୍ଚ୍ଚ ଯାହାକି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ/ ପରିକଳ୍ପନା/ କେନ୍ଦ୍ର ଅଥବା ରାଜ୍ୟ ପ୍ରକଳ୍ପ ସାଧନ ଉଦ୍ଦେଶ୍ୟରେ ଅଭିପ୍ରେତ । ଏଣୁ ଏଗୁଡିକ ବହୁ ପୂର୍ବରୁ ଯୋଜନା ପ୍ରସ୍ତୁତ ଏବଂ ଏହା ସଂପୃକ୍ତ ପ୍ରକଳ୍ପ/ ପରିକଳ୍ପନାର ବିଶଦ ବିବରଣୀରେ ପୂର୍ବରୁ ଚିହ୍ନିତ ନିର୍ଦ୍ଦିଷ୍ଟ ଖର୍ଚ୍ଚ ବହନ ଲାଗି ଉଦ୍ଦିଷ୍ଟ । ଏଣୁ, ଅନିୟତ ବିଲ୍ ମାଧ୍ୟମରେ ଯୋଜନା ଖର୍ଚ୍ଚ ବହନ କରିବାର କୌଣସି ବ୍ୟବସ୍ଥା ନାହିଁ । ମାର୍ଚ୍ଚ 2014 ସୁଦ୍ଧା ରାଜ୍ୟ ସରକାରଙ୍କ ଦ୍ୱାରା ଯୋଜନା ଖର୍ଚ୍ଚ ବାବଦରେ ବକେୟା ଅନିୟତ ବିଲ୍ ଉଠାଣ **ସାରଣୀ 3.7** ରେ ଉଲ୍ଲେଖ କରାଯାଇଅଛି ।

**ସାରଣୀ 3.7: ଉଚ୍ଚ ଶିକ୍ଷା ବିଭାଗର ବର୍ଷୱାରୀ ବକେୟା ଅନିୟତ ବିଲ୍(ଯୋଜନା ପରିକଳ୍ପନା)**

| କ୍ର.ସଂ. | ବର୍ଷ | ଯୋଜନା ଖର୍ଚ୍ଚ ନିମିତ୍ତ ଅନିୟତ ବିଲ୍ ଉଠାଣ (ଟଙ୍କାରେ) | ମୋଟ ବକେୟା ଅନିୟତ ବିଲ୍ ଉଠାଣ (ଟଙ୍କାରେ) |
|---|---|---|---|
| 1 | 2004-05 | 133698 | 32838 |
| 2 | 2005-06 | 865292 | 555150 |
| 3 | 2006-07 | 85000 | Nil |
| 4 | 2007-08 | Nil | Nil |
| 5 | 2008-09 | 1560550 | 520975 |
| 6 | 2009-10 | 231550 | 231547 |
| 7 | 2010-11 | 324569 | 120915 |
| 8 | 2011-12 | 272411 | 1711 |
| 9 | 2012-13 | 715040 | 452910 |
| 10 | 2013-14 | 5142203 | 5129313 |
| ମୋଟ | | **9330313** | **7045359** |

**ଉତ୍ସ: ପ୍ରଧାନ ମହାଲେଖାକାର(ଲେଖା ଓ ହକ୍‌ଦାରୀ)ଙ୍କ କାର୍ଯ୍ୟାଳୟ, ଓଡିଶା ଦ୍ୱାରା ପ୍ରଦତ୍ତ ତଥ୍ୟ**

2004-05 ବର୍ଷ ଠାରୁ 2013-14 ବର୍ଷର ମାର୍ଚ୍ଚ 2014 ସୁଦ୍ଧା, ଯୋଜନା ଖର୍ଚ୍ଚ ପାଇଁ ଅନିୟତ ବିଲ୍ ଦ୍ୱାରା ଉଠାଯାଇଥିବା ସମସ୍ତ ଅର୍ଥ 93.30 ଲକ୍ଷ ଟଙ୍କା ମଧ୍ୟରୁ ପାଇଁ 70.45 ଲକ୍ଷ ଟଙ୍କା(75.71 ପ୍ରତିଶତ), ସମୁଦାୟ ଉଠାଣର ବକେୟା ରହିଥିଲା । ବିଶଦ ପ୍ରତିସ୍ୱାକ୍ଷରିତ ବିଲ୍ ଦ୍ୱାରା ଯୋଜନା ଶୀର୍ଷରେ ଉଠାଯାଇଥିବା ଅର୍ଥ ସୂଚାଇ ଥାଏ ଯେ ବସ୍ତୁ ସ୍ତରୀୟ ଯୋଜନାରେ କମ୍ତି ଓ ଟଙ୍କା ଉଠାଣ ସମୟରେ ଖର୍ଚ୍ଚର ଚିଜଗୁଡିକ ସ୍ଥିରିକୃତ ନ ହେବା ଏବଂ ସାଧାରଣତଃ ଟଙ୍କାକୁ ଭବିଷ୍ୟତରେ କାର୍ଯ୍ୟାନ୍ୱୟନରେ ପ୍ରକାର ଭିତ୍ତି ଚୂଡାନ୍ତ ହେବା ପର୍ଯ୍ୟନ୍ତ ବକେୟା ରଖିବା, ବିନିଯୋଗର ସମାପ୍ତିକୁ ଦୂର କରିବା ଲାଗି ଉଦ୍ଦିଷ୍ଟ । ଫଳତଃ ଅତ୍ୟାବଶ୍ୟକ ଖର୍ଚ୍ଚ ଲାଗି ଏହିପରି ଉଠାଯାଇଥିବା ସରକାରୀ ଅର୍ଥ ପ୍ରତିବର୍ଷ ଏକତ୍ରୀକୃତ ନିଧି ବାହାରେ ରଖାଯାଇଥିଲା ।

## 3.7 ଅକାମି / ଅଯୁକ୍ତିଯୁକ୍ତ ବ୍ୟକ୍ତିଗତ ଜମାଖାତା (ପି.ଡି) ସମାପ୍ତି ନ କରିବା ସମ୍ବନ୍ଧରେ

ଓଡିଶା ବଜେଟ ମାନୁଆଲ ଧାରା 141 ଏବଂ ଉପଧାରା (3) ଅନୁଯାୟୀ ତତ୍କାଳ ବ୍ୟବହାର ପାଇଁ ଆବଶ୍ୟକ ନ ଥିଲେ କୋଷାଗାରରୁ ପାଣ୍ଠି ଉଠେଇବା ଉଚିତ ନୁହେଁ । ବଜେଟର ଆବଣ୍ଟନର ସମାପ୍ତି ଏଡାଇବା ପାଇଁ କୋଷାଗାରରେ ଥିବା ରାଜସ୍ୱ ହିସାବରୁ ଟଙ୍କା ଉଠାଇ (ଯାହାକି ରାଜ୍ୟ ଶୀର୍ଷ ସଂଗଠିତ ପାଣ୍ଠିର ଅଂଶ ବିଶେଷ) ବ୍ୟକ୍ତିଗତ ଜମା ଖାତାରେ ରଖିବା ଅନୁମୋଦିତ ନୁହେଁ । ବ୍ୟକ୍ତିଗତ ଜମା ଖାତାରେ ପାଣ୍ଠି ରଖାଯିବା ଦ୍ୱାରା ଏହା ରାଜ୍ୟ ହିସାବର ସ୍ୱଚ୍ଛତାକୁ ପ୍ରତିକୂଳ ଭାବେ ପ୍ରଭାବିତ କରେ ଯେହେତୁ ଏହା ରାଜସ୍ୱ ବ୍ୟୟକୁ ଅଧିକ କରି ଦର୍ଶାଇବା ସଙ୍ଗେ ସଙ୍ଗେ ସମ୍ବଳ ଖର୍ଚ୍ଚ ନ ହୋଇ ଠୁଳ ହୋଇ ରହେ, ଯାହା ଉନ୍ନୟନ ପାଇଁ ଅନ୍ୟ କେଉଁଠି ବିନିଯୋଗ ହୋଇ ପାରିଥାନ୍ତା । ପୁନଶ୍ଚ ଓଡିଶା

ରାଜକୋଷ ସଂହିତା ଭାଗ-1 (ଧାରା 423) ଅନୁଯାୟୀ କୌଣସି ବ୍ୟକ୍ତିଗତ ଜମାଖାତା କ୍ରମାଗତ ଭାବେ ତିନି ଆର୍ଥିକ ବର୍ଷ ଧରି ଅଚଳ ହୋଇଥିଲେ, ତାହା ସ୍ୱୟଂକ୍ରିୟ ଭାବେ ବନ୍ଦ ହୋଇଯାଏ ଏବଂ ଅବ୍ୟୟିତ ରାଶି ସରକାରୀ ତହବିଲକୁ ଫେରି ଯାଇଥାଏ । ସେଥିପାଇଁ ରାଜକୋଷ ଅଧିକାରୀମାନେ ଆର୍ଥିକ ବର୍ଷର 31 ମାର୍ଚ୍ଚ ପରେ ତୁରନ୍ତ ମହାଲେଖାକାର (ଲେଖା ଓ ହକଧାରୀ)ଙ୍କୁ ଏହାର ବିସ୍ତୃତ ବିବରଣୀ ଦର୍ଶାଇଥାନ୍ତି ।

ରାଜ୍ୟର 874 ଗୋଟି କ୍ରିୟାଶୀଳ ବ୍ୟକ୍ତିଗତ ଜମାଖାତା ଯାହାର ଶୀର୍ଷକ ହେଉଛି 8443 ଏବଂ 8448 ଯେଉଁଥିରେ ମାର୍ଚ୍ଚ 2014 ସୁଦ୍ଧା 1287 କୋଟି ଟଙ୍କା ଜମା ରହିଥିଲା । ବର୍ଷ 2013-14 ରେ ରାଜ୍ୟ ସଂଗଠିତ ପାଣ୍ଠିରୁ ବ୍ୟକ୍ତିଗତ ଜମାଖାତାରେ 2287.13 କୋଟି ଟଙ୍କା ଅନ୍ତରଣ ଜମା କରାଗଲା ଓ ସେଥି ମଧ୍ୟରୁ 2413.07 କୋଟି ଟଙ୍କା ବ୍ୟୟ ହୋଇଥିଲା । ଫଳ ସ୍ୱରୂପ ବର୍ଷ ଶେଷ ଆଡକୁ କ୍ରମ ବର୍ଦ୍ଧିଷ୍ଣୁ ଅବଶେଷ 125.94 କୋଟି ଟଙ୍କାକୁ କମି ଯାଇଥିଲା ।

ଏହିସବୁ ଅନିୟମିତ ଉଠାଣରେ ବିଭାଗୀୟ ମୁଖ୍ୟ ନିୟନ୍ତ୍ରଣ ଅଧିକାରୀ ଓ ଅର୍ଥ ବିଭାଗର ଅନୁମୋଦନ ଥିଲା । ଯେହେତୁ ପରବର୍ତ୍ତୀ ବର୍ଷରେ ବ୍ୟକ୍ତିଗତ ଜମାଖାତାରୁ ଉଠାଣ ବୈଧାନିକ ଅନୁମୋଦନ କିମ୍ବା ବୈଧାନିକ ମଣ୍ଡଳ ମାଧ୍ୟମରେ ଉପଯୁକ୍ତ ବ୍ୟବସ୍ଥା ଦ୍ୱାରା ଖର୍ଚ୍ଚ ହୋଇ ନ ଥାଏ, ସୁତରାଂ ଏହି ଅନିୟମିତ ଅଭ୍ୟାସ ଦ୍ୱାରା ଖର୍ଚ୍ଚ ଉପରେ ବୈଧାନିକ ନିୟନ୍ତ୍ରଣର ଅବକ୍ଷୟ ହୋଇଛି ।

ସରକାର (ଅକ୍ଟୋବର 2014) ରେ ଦର୍ଶାଇଲେ ଯେ ଚଳିତ ଆର୍ଥିକ ବର୍ଷରେ 51ଟି ଅକାମି ବ୍ୟକ୍ତିଗତ ଜମାଖାତା ବନ୍ଦ କରିବା ପାଇଁ ଚିହ୍ନିତ କରାଯାଇଥିଲା । ତନ୍ମଧ୍ୟରୁ 12ଟି ଖାତାକୁ ସେପ୍ଟେମ୍ବର 2014 ସୁଦ୍ଧା ବନ୍ଦ କରାଯାଇଅଛି ।

## 3.8 ସରକାରୀ ପ୍ରାପ୍ତି ଓ ବ୍ୟୟକୁ ଲଘୁ ଶୀର୍ଷକ "800-ଅନ୍ୟାନ୍ୟ ପ୍ରାପ୍ତି ଓ 800-ଅନ୍ୟାନ୍ୟ ବ୍ୟୟ" ଅଧିନରେ ଅନ୍ତର୍ଭୁକ୍ତ କରିବା ।

ସରକାରଙ୍କର ପ୍ରାପ୍ତି ଓ ବ୍ୟୟର ହିସାବକୁ ଠିକ ରୂପରେ ବିଧାନମଣ୍ଡଳକୁ ପ୍ରତିବେଦିତ କରିବା ସ୍ୱଚ୍ଛ ହିସାବ ପଦ୍ଧତିର ଏକ ନିର୍ଣ୍ଣାୟକ ଉପାଦାନ ଅଟେ । ଏହା ସର୍ବଦା ସମୀକ୍ଷିତ ଏବଂ ଅଧୁନାତନ ହେବା ଉଚିତ୍ ଯାହା ଫଳରେ ତାହା ସମସ୍ତ ମୁଖ୍ୟ କ୍ରିୟା କଳାପ ଅନ୍ତର୍ଗତ ଆୟବ୍ୟୟର ସଠିକ ହିସାବ ସ୍ୱଚ୍ଛ ମାଧ୍ୟମରେ ପ୍ରତିଫଳିତ କରିବ ଓ ସମସ୍ତ ପ୍ରଧାନ ଅଂଶୀଦାରମାନଙ୍କର ମୌଳିକ ସୂଚନା ପାଇଁ ଅସହମତ ସ୍ତରରେ ହେବ ।

ରାଜ୍ୟ ବିତ୍ତୀୟ ହିସାବ ବର୍ଷ 2013-14 ର ନଥି ଯାଞ୍ଚରୁ ଜଣା ଗଲା ଯେ 29ଟି ମୁଖ୍ୟ ହିସାବ ଶୀର୍ଷ ଅଧିନରେ (ଉଭୟ ରାଜସ୍ୱ ଓ ପୁଞ୍ଜି) ସମୁଦାୟ ଖର୍ଚ୍ଚ 14078.66 କୋଟି ଟଙ୍କାରୁ 5124.13 କୋଟି ଟଙ୍କା (36 ପ୍ରତିଶତ) "800-ଅନ୍ୟାନ୍ୟ ବ୍ୟୟ" ଅଧିନରେ ଶ୍ରେଣୀକୃତ ହୋଇଅଛି । ଯାହାକି ମଧ୍ୟ ପାରସ୍ପରିକ ମୁଖ୍ୟ ଶୀର୍ଷକ ଅନୁସାରେ ଥିବା ସମୁଦାୟ ଖର୍ଚ୍ଚରୁ 10 ରୁ 100 ପ୍ରତିଶତ ମଧ୍ୟରେ ବିସ୍ତାରିତ । ସେହିପରି 36ଟି ମୁଖ୍ୟ ହିସାବ ଶୀର୍ଷ ଅଧିନରେ (ରାଜସ୍ୱ ପ୍ରାପ୍ତି) ସମୁଦାୟ ପ୍ରାପ୍ତି 3137.39 କୋଟି ଟଙ୍କାରୁ 883.52 କୋଟି ଟଙ୍କା (28 ପ୍ରତିଶତ) "800- ଅନ୍ୟାନ୍ୟ ପ୍ରାପ୍ତି" ଅଧିନରେ ଶ୍ରେଣୀକୃତ ହୋଇଅଛି, ଯାହାକି ପାରସ୍ପରିକ ମୁଖ୍ୟ ହିସାବ ଶୀର୍ଷକ ଅଧିନରେ ଥିବା ରାଜସ୍ୱ ଆୟର 15 ରୁ 100 ପ୍ରତିଶତ ମଧ୍ୟରେ ବିସ୍ତାରିତ ।

ଲଘୁ ଶୀର୍ଷକ '800' ଅଧିନରେ ଅଧିକ ପରିମାଣର ପ୍ରାପ୍ତି ଓ ବ୍ୟୟ ଅନ୍ତର୍ଭୁକ୍ତ କରିବା ପ୍ରତିବେଦନର ସ୍ୱଚ୍ଛତାକୁ ପ୍ରଭାବିତ କରିଥାଏ ଯେହେତୁ ଏହା ସରକାରଙ୍କର ବିଭିନ୍ନ କାର୍ଯ୍ୟ କଳାପର ପୃଥକ ହିସାବ ଅସହମତି ସୂଚନା ପ୍ରଦାନ କରିବାରେ ବିଫଳ ହୋଇଥାଏ ।

## 3.9 ପାଣ୍ଠି ପରିଚାଳନା କାର୍ଯ୍ୟପଦ୍ଧତି

ପାଣ୍ଠି ପରିଚାଳନା, ଟଙ୍କା ରଖିବା ଏବଂ ଏହାର ବ୍ୟବହାରରେ ନିର୍ଦ୍ଧାରିତ ନିୟମ ଓ ପଦ୍ଧତି ପ୍ରତି ଦୃଢ଼ ଆନୁଗତ୍ୟ ସହିତ ସଂପୃକ୍ତ ଅଟେ । ରାଜ୍ୟ ସରକାରଙ୍କର କୋଷାଗାର ଓ ବିତ୍ତୀୟ ନିୟମ ଅନୁଯାୟୀ ତୁରନ୍ତ ବିତରଣର ଆବଶ୍ୟକତା ନ ଥିଲେ କୋଷାଗାରରୁ ଟଙ୍କା ଉଠାଯିବ ନାହିଁ । ସମସ୍ତ ଆର୍ଥିକ କାରବାର ସମ୍ପନ୍ନ ହେବା ମାତ୍ରେ ଆବଶ୍ୟକୀୟ ଅନୁପ୍ରମାଣନ ସହିତ ରୋକଡ଼ ଖାତାରେ ଦର୍ଜ ହେବା ଆବଶ୍ୟକ ଥିଲା । ସରକାରୀ ମଂଜୁରୀପ୍ରାପ୍ତ ଏବଂ ସ୍ୱତନ୍ତ୍ର ଭାବରେ ଆବଣ୍ଟନ ହୋଇ ନ ଥିବା କୌଣସି ବିଷୟରେ ଖର୍ଚ୍ଚ କରାଯିବାର ଅନୁମତି ନ ଥିଲା । ରୋକଡ଼ ଖାତାର ହିସାବ ପ୍ରତ୍ୟେକ ଦିନ ସଂପୂର୍ଣ୍ଣ କରିବାର ଥିଲା ଏବଂ କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀଙ୍କୁ ରୋକଡ଼ ଖାତା ଅନୁସାରେ ହାତରେ ଥିବା ରୋକଡ଼ ଅବଶେଷର ବସ୍ତୁତଃ ତନଖି କରି ତଦ୍‌ଜନିତ ଏକ ପ୍ରମାଣପତ୍ର ପ୍ରତ୍ୟେକ ମାସର ଶେଷରେ ଲେଖି ରଖିବାର ଥିଲା ।

### *3.9.1 ଅଗ୍ରୀମ ଅର୍ଥ ପ୍ରଦାନ ପରେ ବ୍ୟବସ୍ଥିତ ନହେବା*

ଓଡ଼ିଶା କୋଷାଗାର ସଂହିତା(ଓଟିସି) ଭାଗ-1 ର ଅଧିନିୟମ 37 ର ନୋଟ୍ 9 ଅନୁଯାୟୀ ପ୍ରତ୍ୟେକ ଉଠାଣ ଓ ବିତରଣ ଅଧିକାରୀ "ଅଗ୍ରୀମ ରେଜିଷ୍ଟର" ନାମରେ ଗୋଟିଏ ରେଜିଷ୍ଟର ବ୍ୟବହାର କରିବେ, ଯେଉଁଥିରେ ତାରିଖ, ନାମ, ଅଗ୍ରୀମ ଗ୍ରହଣ କରିଥିବା ଅଧିକାରୀଙ୍କ ନାମ, କେଉଁ ଉଦ୍ଦେଶ୍ୟରେ ଏହା ଦିଆଯାଇଥିଲା ଏବଂ ଏହିପରି ଅଗ୍ରୀମର ହିସାବ / ବିଲ୍ ଉପସ୍ଥାପିତ କରିବାର ତାରିଖ ଯେଉଁଥିରେ ପ୍ରଦତ୍ତ ଅର୍ଥ ଇତ୍ୟାଦି ଦର୍ଶାଯାଇଥିବ, ଏହାର ହିସାବ ପ୍ରତ୍ୟେକ ଉଠାଣ ଓ ବିତରଣ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ଓ ଅନୁମୋଦିତ ହେବା ଆବଶ୍ୟକ । ଅଧିକନ୍ତୁ, ଅର୍ଥ ବିଭାଗର ଅଧିସୂଚନା ନଂ-43784/F ତାରିଖ 2-12-1986 ଅନୁଯାୟୀ ଡ଼ିଡ଼ିଓଙ୍କର ରୋକଡ଼ ଖାତାରେ ଦର୍ଶାଯାଇଥିବା ପ୍ରତ୍ୟେକ ବିଷୟ ଗୁଡ଼ିକ ବିଶ୍ଳେଷଣ ଓ ବ୍ୟବସ୍ଥାପନ ଏକ ମାସ ମଧ୍ୟରେ ହେବା ବାଞ୍ଛନୀୟ, ଯାହା ପାଳିତ ହୋଇ ନ ପାରିଲେ ସଂପୃକ୍ତ ସରକାରୀ କର୍ମଚାରୀଙ୍କର ଦରମା ଅଟକ ରହିବ । ଓଟିସି ଭାଗ-1 ର ଅଧିନିୟମ 509 ଅନୁଯାୟୀ ପ୍ରତ୍ୟେକ ଉଠାଣ ଓ ବିତରଣ ଅଧିକାରୀଙ୍କର ଦ୍ୱାରା ଅଗ୍ରୀମ ରେଜିଷ୍ଟର ବାରମ୍ବାର ସମୀକ୍ଷା କରାଯିବା ଉଚିତ୍, ଏହାର ଉଲଂଘନ ଦ୍ୱାରା ପ୍ରକୃତ ଖର୍ଚ୍ଚକୁ କମ୍ କରି ଦର୍ଶାଯାଇଥିବା ବିବରଣୀ ଏବଂ ତାହା ସହିତ ଉଠାଯାଇଥିବା ଅଗ୍ରୀମର ଅନୁଚିତ୍ ଓ ଅନିୟମିତ ବିନିଯୋଗର ବିପଦ ଅଛି । ଦୀର୍ଘଦିନ ଧରି ଗଡ଼ି ଚାଲିଥିବା ଅର୍ଥର ଅସମାୟୋଜନ ଦ୍ୱାରା ଆତ୍ମସାତ୍‌କରଣ ଓ ଅର୍ଥ ହେରଫେରର ଆଦି ସୃଷ୍ଟି ହେବାର ସମ୍ଭାବନା ଥାଏ ।

ମାର୍ଚ୍ଚ 2014 ସୁଦ୍ଧା 36ଟି ଉଠାଣ ଓ ବିତରଣ ଅଧିକାରୀଙ୍କ ନଥିପତ୍ର ଯାଞ୍ଚରୁ ଜଣାପଡିଲା ଯେ 11ଟି ଉଠାଣ ଓ ବିତରଣ ଅଧିକାରୀଙ୍କ କ୍ଷେତ୍ରରେ 12.85 କୋଟି ଟଙ୍କା ***(ପରିଶିଷ୍ଟ-3.8)*** ଦୀର୍ଘଦିନ ଧରି ସମାୟୋଜନ ହୋଇପାରି ନାହିଁ । ବକେୟା ଅଗ୍ରୀମ ଗୁଡ଼ିକର ସୂଚୀ ତିଆରି ହୋଇ ନ ଥିବାରୁ ଏବଂ ଅଗ୍ରୀମ ରେଜିଷ୍ଟର ଠିକ୍ ଭାବରେ ରକ୍ଷଣା-ବେକ୍ଷଣ କରା ନ ଯାଇଥିବାରୁ ଏହି ଅଧିକାରୀମାନଙ୍କ ପାଖରେ ସମୟଓ୍ୱାରୀ ବିଶ୍ଳେଷଣ ଗୁଡିକର ଉପଲବ୍ଧ ନଥିଲା । ସମଯୋଜନ ପାଇଁ ସମୟୋଚିତ ପଦକ୍ଷେପର ଅଭାବ ଯୋଗୁଁ ଅଗ୍ରୀମ ପରିଶୋଧର ସମ୍ଭାବ୍ୟତା ବହୁତ ଦୂରରେ ଥିଲା ।

ଏତଦ୍‌ବ୍ୟତୀତ 20ଟି ଉଠାଣ ଓ ବିତରଣ ଅଧିକାରୀଙ୍କ ନଥିପତ୍ର ଯାଞ୍ଚରୁ ଜଣାପଡିଲା ଯେ ଯଦିଓ ଅଗ୍ରୀମ ରେଜିଷ୍ଟର ନିର୍ଦ୍ଧାରିତ ମତରେ ବ୍ୟବହାର କରାଯାଇଛି ଏକ ବର୍ଷରୁ 50 ବର୍ଷ ମଧ୍ୟରେ 42.07 କୋଟି ଟଙ୍କାର ଅଗ୍ରୀମ ସମାୟୋଜନ ହେବାକୁ ବାକି ଅଛି ***(ପରିଶିଷ୍ଟ 3.9)*** । ଅଗ୍ରୀମ ଗୁଡ଼ିକ ପ୍ରଧାନତଃ ସରକାରୀ କର୍ମଚାରୀ ବିଭାଗୀୟ ଏବଂ ଆନୁସଙ୍ଗିକ କାମ କରୁଥିବା ଯୋଗାଣକାରୀ (ସପ୍ଲାୟର) ମାନଙ୍କୁ କାର୍ଯ୍ୟ ନିର୍ବାହ ପାଇଁ, ପ୍ରଶିକ୍ଷଣ ଦେବା ତଥା କୃଷି ସମ୍ବନ୍ଧୀୟ ଉପକରଣ ଯୋଗାଇ ଦେବା ପାଇଁ ଦିଆଯାଇ ଥିଲା । ବିଶଦ ତଥ୍ୟ ଅଭାବରେ କେଉଁ ଯୋଜନାଠାରୁ ଏହି ଅଗ୍ରୀମ ଗୁଡ଼ିକ ଦିଆଯାଇଥିଲା, ତାହା ସମୀକ୍ଷାରେ ନିରୂପିତ ହୋଇ ପାରି ନ ଥିଲା । ଏହି ପରିସ୍ଥିତିରେ ସରକାରୀ ଅର୍ଥର ହେରଫେର ହେବାର ବିପଦ ଅଛି ।

### *3.9.2 ଡ଼ିଡ଼ିଓ ମାନଙ୍କ ପାଖରେ ଥିବା ବିତରିତ ହୋଇ ନଥିବା ରୋକଡ଼ ଅବଶେଷର ଦୁରୁପଯୋଗ*

ଓଡିଶା ସାଧାରଣ ବିତ୍ତୀୟ ନିୟମର ଧାରା 8 ଓ 11 ଅନୁସାରେ କୌଣସି ଅଧିକାରୀ ସରକାରୀ ମଞ୍ଜୁରୀ ବିନା କୌଣସି ଖର୍ଚ୍ଚ କରିପାରିବେ ନାହିଁ । ପୁନଶ୍ଚ, ଅନୁଦାନ ଠାରୁ ଅଧିକ ଖର୍ଚ୍ଚ ଏବଂ ଅନୁଦାନର ପରିସର ବାହାରେ ଖର୍ଚ୍ଚକୁ ଅନଧିକୃତ ଖର୍ଚ୍ଚ ଭାବେ ଅଭିହିତ କରାଯିବ ।

ବିଭିନ୍ନ ଅଫିସ୍‌ର ନଥିପତ୍ରର ନମୁନା ଯାଞ୍ଚରୁ ଜଣା ପଡ଼ିଥିଲା ଯେ 36 ଜଣ ଉଠାଣ ଓ ବିତରଣ ଅଧିକାରୀମାନଙ୍କ ମଧ୍ୟରୁ 13 ଜଣ 26.65 କୋଟି ଟଙ୍କା ***(ପରିଶିଷ୍ଟ 3.10)*** । କୌଣସି ଆବଣ୍ଟନ ବ୍ୟତୀତ ଏବଂ କ୍ଷମତାସମ୍ପନ୍ନ ଅଧିକାରୀଙ୍କର ଅନୁମୋଦନ ବିନା ବିତରିତ ହୋଇଥିଲା । ଏହି ପରିମାଣ ଏପର୍ଯ୍ୟନ୍ତ ପ୍ରଦତ୍ତ ଭାଉଚର ଭାବେ କାର୍ଯ୍ୟାଳୟମାନଙ୍କରେ ରଖାଯାଇଅଛି ।

### *3.9.3 ବ୍ୟାଙ୍କ ଅବଶେଷ ଏବଂ ରୋକଡ଼ ଖାତାର ସମୀକରଣ ନ ହୋଇ ଥିବାରୁ 177.08 କୋଟି ଟଙ୍କାର ଅସାମଞ୍ଜସ୍ୟତା*

କୌଣସି ଆତ୍ମସାତ୍‌କରଣ / ହେରଫେଂର ଆଦିର ନିର୍ଣ୍ଣୟ କରିବା ପାଇଁ ଏବଂ ରାଶି ଓ ହିସାବର ସ୍ୱଚ୍ଛତା ସମ୍ବନ୍ଧରେ ନିଶ୍ଚିତ ହେବା ପାଇଁ ବ୍ୟାଙ୍କର ହିସାବ ଏବଂ ରୋକଡ଼ ଖାତାର ହିସାବର ସାମଞ୍ଜସ୍ୟକରଣ କରିବା ଦରକାର । କୌଣସି ଅସାମଞ୍ଜସ୍ୟ / ଭିନ୍ନତା ଠିକ୍ କରିବା ପାଇଁ ଡ଼ିଡ଼ିଓ ମାନେ ପ୍ରତ୍ୟେକ ମାସ ଶେଷରେ ସାମଞ୍ଜସ୍ୟକରଣ କରିବା ଉଚିତ୍ ।

36ଟି ପ୍ରତ୍ୟେକ ଉଠାଣ ଓ ବିତରଣ ଅଧିକାରୀମାନଙ୍କର ମଧ୍ୟରୁ 16 ଜଣଙ୍କର ରୋକଡ଼ ପରିଚାଳନା ସମୀକ୍ଷା ସମୟରେ ରୋକଡ଼ ଖାତା ଏବଂ ବ୍ୟାଙ୍କ ପାସ୍ ବହିରେ 177.08 କୋଟି ଟଙ୍କାର ***(ପରିଶିଷ୍ଟ 3.11)*** ପ୍ରଭେଦ ଦେଖାଯାଇଥିଲା ଏବଂ ତାହା ମାର୍ଚ୍ଚ 2014 ପର୍ଯ୍ୟନ୍ତ ଅସାମଞ୍ଜସ୍ୟ ହୋଇ ରହିଥିଲା । ଅବଶେଷ ଟଙ୍କାର ସାମଞ୍ଜସ୍ୟକରଣ ନ ହେଲେ ଡ଼ିଡ଼ିଓ ମାନଙ୍କର ଦ୍ୱାରା ପରିଚାଳିତ ହିସାବର ପ୍ରମାଣିକତା ଅଡ଼ିଟ୍‌ରେ ସଂପ୍ରମାଣପତ୍ର ଭାବରେ ରହିପାରିବ ନାହିଁ ।

### *3.9.4 ସମୟସୀମା ଅତିକ୍ରାନ୍ତ କରିଥିବା ବ୍ୟାଙ୍କ ଡ୍ରାଫ୍ଟ ଗୁଡ଼ିକର ସ୍ଥିତି*

ଅର୍ଥ ବିଭାଗର ନିର୍ଦ୍ଦେଶାବଳୀ ଅନୁସାରେ କୌଣସି ପରିସ୍ଥିତିରେ ମଧ୍ୟ ଟଙ୍କା ଉଠାଯାଇ ଡ଼ିମାଣ୍ଡ ଆଟ୍ କଲ୍ ରିସିଟ୍ (ଡିସିଆର୍), ଟର୍ମ ଡିପୋଜିଟ୍, ବ୍ୟାଙ୍କ ଡ୍ରାଫ୍ଟ (ବିଡି) ମୁଦଦିଆ ଥଳିରେ କିମ୍ବା ଅନ୍ୟ କୌଣସି ଭାବରେ ରଖାଯାଇପାରିବ ନାହିଁ । ଅର୍ଥ ବିଭାଗ ଦ୍ୱାରା ବିଶେଷ ଭାବରେ ଲିଖିତ ଅନୁମତି ଛଡା ଏହିପରି ଯେ କୌଣସି ବିଷୟ ସାମୟିକ ଅର୍ଥ ଆତ୍ମସାତ୍‌କରଣ ଭାବରେ ପରିଗଣିତ ହେବ ।

36ଟି ଉଠାଣ ଓ ବିତରଣ ଅଧିକାରୀମାଙ୍କ ନଥିପତ୍ର ଯାଞ୍ଚରୁ ଜଣାପଡ଼ିଲା ଯେ ଚାରୋଟି ଅଧିକାରୀଙ୍କ ସମୟସୀମା ଅତିକ୍ରମ କରିଥିବା 68 ଟି ବ୍ୟାଙ୍କ ଡ୍ରାଫ୍ଟ ଯାହାର ସମୁଦାୟ ରାଶି 17.34 ଲକ୍ଷ ***(ପରିଶିଷ୍ଟ 3.12)*** ଟଙ୍କା 31 ମାର୍ଚ୍ଚ, 2014 ସୁଦ୍ଧା ଅନ୍ତିମ ଅବଶେଷର ଏକ ଅଂଶ ଭାବରେ ପରିଗଣିତ ହୋଇଛି । ଯେହେତୁ, ସମସ୍ତ ବ୍ୟାଙ୍କ ଡ୍ରାଫ୍ଟ ଗୁଡ଼ିକ ସମୟସୀମା (ଛଅ ମାସ) ଅତିକ୍ରମ ହୋଇଯାଇଥିଲା, ଯାହା ଫଳରେ ସରକାରୀ ଟଙ୍କାର ଅବରୋଧ ହେବା ସଙ୍ଗେ ସଙ୍ଗେ ରାଜ୍ୟର ସାଧନୋପାୟ ଓ୍ୱେଜ୍ ଆଣ୍ଡ ମିନ୍ସ୍)କୁ ପ୍ରଭାବିତ କରିଥିଲା ।  କୋରାପୁଟର ଜିଲ୍ଲା ସାମାଜିକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ 15.27 ଲକ୍ଷ ଟଙ୍କା ଶେଷ ଜମା ଭାବରେ ରୋକଡ ଖାତାରେ ଉଲ୍ଲେଖ ଥିଲେ ମଧ୍ୟ ତାହା ଅଡିଟ୍‌କୁ ଦର୍ଶାଯାଇ ନଥିଲା ।  ଯେହେତୁ, ସମସ୍ତ ବ୍ୟାଙ୍କ ଡ୍ରାଫ୍ଟ ଗୁଡ଼ିକ ସମୟସୀମା (ଛଅ ମାସ) ଅତିକ୍ରାନ୍ତ ହେବା ସତ୍ତ୍ୱେ ଏଗୁଡିକ ପୁନର୍ବାର ବ୍ୟାଙ୍କରେ ଜମା କରାଯାଇ ନଥିଲା । ଫଳରେ ସରକାରୀ ଟଙ୍କାର ଅବରୋଧ ହେବା ସଙ୍ଗେ ସଙ୍ଗେ ରାଜ୍ୟର ସାଧନୋପାୟ ଓ୍ୱେଜ୍ ଆଣ୍ଡ ମିନ୍ସ୍)କୁ ପ୍ରଭାବିତ କରିଥିଲା ।

## 3.10 ଉପସଂହାର

- ସ୍ୱାୟତ୍ତ ନିକାୟ ଗୁଡିକଠାରୁ ବହୁଳ ଭାବରେ ସହାୟକ ଅନୁଦାନର ବିନିଯୋଗ ପ୍ରମାଣ ପତ୍ର (ୟୁସି) ପ୍ରାପ୍ତି ହୋଇନାହିଁ । ସମୟାନୁଯାୟୀ ପ୍ରାପ୍ତ ହେବାକୁ ଥିବା ପୂର୍ବ ଅନୁଦାନ ବିନିଯୋଗ ପ୍ରମାଣ ପତ୍ର ଯାହାକି ଓଡିଶା ସାଧାରଣ ବିତ୍ତିୟ ଅଧିନିୟମ ଏବଂ ଅନୁଦାନ ମଞ୍ଜୁରୀ ଆଦେଶରେ ଉଲ୍ଲେଖ ଅଛି, ତାହାକୁ ଅଣ ଦେଖାକରି ସରକାର ନିୟମିତ ଭାବେ ଅନୁଦାନ ମଞ୍ଜୁର କରୁଥିବାରୁ ଏପରି ହେଉଅଛି । ***(ଅନୁଚ୍ଛେଦ 3.1)***.

- ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଲେଖା ଓ ଲେଖା ପରୀକ୍ଷକଙ୍କ ଅଧିନିୟମ 2007 ଅନୁସାରେ ସରକାରଙ୍କ ପ୍ରଶାସନ ବିଭାଗ ମାନେ ନିକାୟ ଓ କର୍ତ୍ତୃପକ୍ଷଙ୍କ ତାଲିକା ଯେଉଁମାନଙ୍କୁ ଅନୁଦାନ / ଋଣ ଦିଆଯାଇଛି, କେଉଁ ଉଦ୍ଦେଶ୍ୟ ପାଇଁ ଅନୁଦାନ ଦିଆଯାଇଛି ଏବଂ 2013-14 ବର୍ଷର ଅନୁଦାନ ଉପଯୋଗର ସ୍ଥିତି କଣ ତାହା ମହା ଲେଖାକାର (ସାଧାରଣ ଏବଂ ସାମାଜିକ କ୍ଷେତ୍ର ଲେଖା ପରୀକ୍ଷା) କୁ ସୂଚନା ଦେଇନାହାନ୍ତି । ଏହାଛଡା ପୂର୍ବ ଅଡିଟ ପ୍ରତିବେଦନରେ ବହୁବାର ମନ୍ତବ୍ୟ ଦେବା ସତ୍ତ୍ୱେ 16 ଟି ବିଭାଗୀୟ ପରିଚାଳିତ ବାଣିଜ୍ୟକ ନିକାୟଗୁଡିକ ସେମାନଙ୍କର କଚ୍ଚା ହିସାବ 2013-14 ବର୍ଷ ପାଇଁ ପ୍ରସ୍ତୁତ କରି ନାହାନ୍ତି(ଜଣକୁ ଛାଡି ଯିଏକି 2005-06 ପର୍ଯ୍ୟନ୍ତ ହିସାବ ପ୍ରସ୍ତୁତ କରିଛନ୍ତି) । ***(ଅନୁଚ୍ଛେଦ 3.2*** ଏବଂ ***3.4)***

- ରିପୋର୍ଟ ଅନୁଯାୟୀ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟରେ ଆତ୍ମସାତ ଓ ତୋଷରପାତ ସଂପର୍କିତ 1748 ମାମଲା ଯେଉଁଥିରେ କି 17.46 କୋଟି ଟଙ୍କା ସାମିଲ ହୋଇଛି । ସେସବୁର ତଦନ୍ତ ପାଇଁ 25 ବର୍ଷରୁ ଉର୍ଦ୍ଧ ସମୟ ହେଲା ବିଚାରାଧିନ ଅଛି ***(ଅନୁଚ୍ଛେଦ 3.5)***

- ନିୟନ୍ତ୍ରଣ ଅଧିକାରୀମାନେ ବିତ୍ତୀୟ ନିୟମ ଉଲ୍ଲଂଘନ କରି 114.49 କୋଟି ଟଙ୍କାର ସଂକ୍ଷିପ୍ତ ଅନିୟମିତ ବିଲ୍(4903ଟି ମାମଲା) ଯାହା 31 ମାର୍ଚ୍ଚ 2014 ସୁଦ୍ଧା ଉଠାଣ ହୋଇଥିଲା ତାହା ପ୍ରଧାନ ମହାଲେଖାକାରଙ୍କ ନିକଟକୁ ତା ପାଇଁ ବିଶଦ ପ୍ରତିସ୍ୱାକ୍ଷରିତ ବିଲ୍ ପ୍ରେରଣ ହୋଇ ନଥିଲା । ଏହା ବ୍ୟତୀତ କେତେକ ବିଭାଗ ପୂର୍ବ ବର୍ଷର ସଂକ୍ଷିପ୍ତ ଅନିୟମିତ ବିଲ୍ ବ୍ୟବସ୍ଥିତ ନ ହୋଇଥିଲେ ମଧ୍ୟ ସଂକ୍ଷିପ୍ତ ଅନିୟମିତ ବିଲ୍ ଉଠାଣ ପାଇଁ ଅନୁମତି ଦେଇଥିଲେ । ***(ଅନୁଚ୍ଛେଦ 3.6)***

- ବର୍ଷ ବର୍ଷ ଧରି ଅନେକ ଅକାମୀ ବ୍ୟକ୍ତିଗତ ଜମା ଖାତାରେ ଥିବା ପାଣ୍ଠି ଉପଯୋଗ ନ ହୋଇ ପଡି ରହିଛି ଯାହା ପାରସ୍ପରିକ ବର୍ଷ ଶେଷରେ ପର୍ଯ୍ୟାତ୍ମକ ଶୀର୍ଷକୁ ଫେରସ୍ତ ହେବା ଆବଶ୍ୟକ । ଏକତ୍ରିକୃତ ନିଧିରୁ ସରକାରୀ ହିସାବର ବ୍ୟକ୍ତିଗତ ଜମା ଖାତାକୁ ଆର୍ଥିକ ପ୍ରତିକୂଳ ଭାବେ ପ୍ରଭାବିତ କରେ । ଏହା ବ୍ୟୟକୁ ସେହି ପରିମାଣରେ ଅଧିକ ଦର୍ଶାଇବା ସଙ୍ଗେ ସଙ୍ଗେ ସମ୍ବଳକୁ ଉପଯୋଗ ନ କରି ରଖି ଦେଇଥାଏ ଯାହା ଅନ୍ୟାନ୍ୟ କ୍ଷେତ୍ରରେ ସେହି ବର୍ଷରେ ଉପଯୋଗ ହୋଇ ପାରିଥାନ୍ତା । ପୁନଶ୍ଚ ଏହା ସରକାରୀ ଅର୍ଥ ଉପରେ ବଜେଟୀୟ ଓ ବୈଧାନିକ ନିୟନ୍ତ୍ରଣର ଅବକ୍ଷୟ କରିଥାଏ ***(ଅନୁଚ୍ଛେଦ 3.7)***

- ମୋଟ ଖର୍ଚ୍ଚ 14078.66 କୋଟି ଟଙ୍କାର 36 ପ୍ରତିଶତ 5124.13 କୋଟି ଟଙ୍କା ଲଘୁ ଶୀର୍ଷକ "800-ଅନ୍ୟାନ୍ୟ ପ୍ରାପ୍ତି" ଅଧିନରେ ଶ୍ରେଣୀକୃତ ହୋଇଅଛି ଏବଂ ସେହିପରି ସମୁଦାୟ ପ୍ରାପ୍ତି 3137.39 କୋଟି ଟଙ୍କାର 28 ପ୍ରତିଶତ 883.52 କୋଟି ଟଙ୍କା "800-ଅନ୍ୟାନ୍ୟ ପ୍ରାପ୍ତି" ଅଧିନରେ ଶ୍ରେଣୀକୃତ ହୋଇଅଛି ***(ଅନୁଚ୍ଛେଦ 3.8)***

- ଓଡିଶା କୋଷାଗାର ସଂହିତା ଭାଗ-1 ଏବଂ ଓଡିଶା ସାଧାରଣ ବିତ୍ତୀୟ ନିୟମ ଭାଗ-1 ରେ ଉଲ୍ଲେଖ ଥିବା ବିଭିନ୍ନ ନିୟମ ଓ ବ୍ୟବସ୍ଥାକୁ ଅନେକ ଉଠାଣ ଓ ବିତରଣ ଅଧିକାରୀମାନେ ପାଳନ କରିବାରେ ବିଫଳ

ହୋଇଛନ୍ତି । ଉଠାଣ ଓ ବିତରଣ ଅଧିକାରୀମାନେ ରୋକଡ ବହିର ଅର୍ଥ ସହିତ ପାସ୍ ବୁକ ଅର୍ଥର ସାମଞ୍ଜସ୍ୟ କରି ନାହାନ୍ତି । ବ୍ୟାଙ୍କ ହିସାବରେ ଥିବା ପାଣ୍ଠି ଉପଯୋଗ ନ ହୋଇ ପଡିରହିବା ସଙ୍ଗେ ସଙ୍ଗେ ଅନେକ କ୍ଷେତ୍ରରେ ରାସି ଆବଣ୍ଟିତ ନ ହୋଇ ମଧ ଖର୍ଚ୍ଚ ହୋଇଅଛି । ଏସବୁ ସ୍ପଷ୍ଟଭାବେ ସୂଚିତ କରେ କି ଏହିସବୁ ଉଠାଣ ଓ ବିତରଣ ଅଧିକାରୀମାନଙ୍କର କାର୍ଯ୍ୟାଳୟରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ । ***(ଅନୁଚ୍ଛେଦ 3.9)***

## ସୁପାରିଶ

- ମାର୍ଚ୍ଚ 2014 ସୁଦ୍ଧା ବୃହତ୍ତ ଖିଲାପକାରୀ ବିଭାଗ ଯଥା- ପଞ୍ଚାୟତିରାଜ, ଯୋଜନା ଓ ସମନ୍ୱୟ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ଆଦିବାସୀ, ହରିଜନ ଓ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିକାଶ ବିଭାଗ, ଗ୍ରାମୀଣ ବିକାଶ ବିଭାଗ ଏବଂ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ଯାହା ମୋଟ ବକେୟା ବିନିଯୋଗ ପ୍ରମାଣ ପତ୍ରର 82.18 ପ୍ରତିଶତ ସେଥିପାଇଁ ସରକାର ବିନିଯୋଗ ପ୍ରମାଣ ପତ୍ର ଦାଖଲ କରିବା ପାଇଁ ଅଗ୍ରାଧୀକାର ଦେବା ଉଚିତ୍ ।
- ବକେୟା ଆତ୍ମସାତ୍, କ୍ଷତି ଓ ତୋଷରପାତ ସମ୍ବନ୍ଧୀୟ ମାମଲାଗୁଡିକ ସରକାର ଅଗ୍ରାଧୀକାର ଭିତ୍ତିରେ ଯେଉଁ ମାମଲାଗୁଡିକରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଅଛି କିମ୍ବା ହିସାବରୁ ବାଦ୍ ଦେବା ପାଇଁ କ୍ଷମତାପନ୍ନ ପ୍ରାଧୀକାରୀଙ୍କର ଆଦେଶ ଅପେକ୍ଷାରେ ରହିଛି ସେଗୁଡିକ ଚୂଡାନ୍ତ କରିବା ଆବଶ୍ୟକ ।

ଭୁବନେଶ୍ୱର
ତାରିଖ

**(ଅମର ପଟ୍ଟନାୟକ)**
ମହାଲେଖାକାର(ସାଧାରଣ ଏବଂ ସାମାଜିକ କ୍ଷେତ୍ର)
ଓଡ଼ିଶା

ପ୍ରତିସ୍ୱାକ୍ଷରିତ

ନୂଆ ଦିଲ୍ଲୀ
ତାରିଖ

**(ଶଶୀକାନ୍ତ ଶର୍ମା)**
ଭାରତର ମହାଲେଖା ନିୟନ୍ତ୍ରକ ଓ ମହା ସମୀକ୍ଷକ

# ପରିଶିଷ୍ଟ

## ପରିଶିଷ୍ଟ -1.1

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1 ପୃଷ୍ଠା 1)

## ଓଡିଶାର ସଂକ୍ଷିପ୍ତ ପାର୍ଶ୍ୱଚିତ୍ର

### କ. ସାଧାରଣ ତଥ୍ୟାବଳୀ

| | ସବିଶେଷ ବିବରଣୀ | | | ଅଙ୍କ |
|---|---|---|---|---|
| 1 | କ୍ଷେତ୍ରଫଳ | | | 155707 ବର୍ଗ କିମିରେ |
| 2 | ଜନସଂଖ୍ୟା | | | |
| | କ. | 2001 ଜନଗଣନା ଅନୁଯାୟୀ | | 3.68 କୋଟି |
| | ଖ. | 2011 ଜନଗଣନା ଅନୁଯାୟୀ | | 4.19 କୋଟି |
| 3 | ଜନସଂଖ୍ୟାର ସାନ୍ଦ୍ରତା ( 2001 ଜନଗଣନା ଅନୁଯାୟୀ ) . (ସର୍ବଭାରତୀୟ ସାନ୍ଦ୍ରତା = 325 ପ୍ରତି ବର୍ଗ କି.ମି ଅନୁଯାଯୀ ) | | | 236 ପ୍ରତି ବର୍ଗ କିମିରେ |
| | ଜନସଂଖ୍ୟାର ସାନ୍ଦ୍ରତା ( 2011 ଜନଗଣନା ଅନୁଯାୟୀ ) . (ସର୍ବଭାରତୀୟ ସାନ୍ଦ୍ରତା = 382 ପ୍ରତି ବର୍ଗ କି.ମି ଅନୁଯାଯୀ ) | | | 269 ପ୍ରତି ବର୍ଗ କିମିରେ |
| 4 | [1]ଦାରିଦ୍ର୍ୟ ସୀମା ରେଖା ତଳେ ଜନ ସଂଖ୍ୟା (ବି.ପି.ଏଲ) (ସର୍ବ ଭାରତୀୟ ହାରାହାରି= 21.92 *ପ୍ରତିଶତ*) | | | 32.59 ପ୍ରତିଶତ |
| 5 | କ. | ସାକ୍ଷରତା (ଜନଗଣନା ଅନୁଯାୟୀ 2001 ) (ସର୍ବ ଭାରତୀୟ ହାରାହାରି = 64.8*ପ୍ରତିଶତ*) | | 63.08 ପ୍ରତିଶତ |
| | ଖ. | ସାକ୍ଷରତା ( 2011 ଜନଗଣନା ଅନୁଯାୟୀ) (ସର୍ବ ଭାରତୀୟ ହାରାହାରି = 74.04*ପ୍ରତିଶତ*) | | 73.45 ପ୍ରତିଶତ |
| 6 | ଶିଶୁ ମୃତ୍ୟୁ ସଂଖ୍ୟା [2](ପ୍ରତି1000 ଜନ୍ମରେ). (ସର୍ବ ଭାରତୀୟ ହାରାହାରି = 40 ପ୍ରତିଶତ 1000 ଜନ୍ମେ) | | | 53 |
| 7 | ଜନ୍ମର ପ୍ରତ୍ୟାଶିତ ଆୟୁ[3]. (ସର୍ବ ଭାରତୀୟ ହାରାହାରି =65.80 ବର୍ଷ) | | | 63.0 ବର୍ଷ |
| 8 | ଆବଣ୍ଟନର ଅସମତା ମାପକ[4] | | | |
| | କ. | ଗ୍ରାମ୍ୟ. (ସର୍ବ ଭାରତୀୟ = 0.29 ) | | 0.26 |
| | ଖ. | ନଗର. (ସର୍ବ ଭାରତୀୟ = 0.38) | | 0.39 |
| 9 | ରାଜ୍ୟର ସର୍ବମୋଟ ଘରୋଇ ଉତ୍ପାଦନ (ଜି.ଏସ୍.ଡି.ପି) 2013-14 ପ୍ରଚଳିତ ଦରରେ | | | ₹ 288414 କୋଟି |
| 10 | ଜଣପିଛା ଜି.ଏସ୍.ଡି.ପି. ସିଏଜିଆର (2004-05 ଠାରୁ 2013-14) | | | 14.88 |
| 11 | ଜି.ଏସ.ଡି.ପି.ସି.ଏଜିଆର୍ ( 2004-05 ଠାରୁ 2013-14) | | ଓଡିଶା | 15.68 |
| | | | ଅନ୍ୟାନ୍ୟ ସାଧାରଣ ବର୍ଗ ରାଜ୍ୟ | 15.49 |
| 12 | ଜନସଂଖ୍ୟା ବୃଦ୍ଧି[5] ( 2004-05 ଠାରୁ 2013-14) | | ଓଡିଶା | 12.56 |
| | | | ଅନ୍ୟାନ୍ୟ ସାଧାରଣ ବର୍ଗ ରାଜ୍ୟ | 12.94 |

### ଖ. ଆର୍ଥିକ ତଥ୍ୟ

| ବିବରଣୀ | | | | |
|---|---|---|---|---|
| ସି.ଏ.ଜି.ଆର୍ | | 2004-05 ଠାରୁ 2012-13 | | 2004-05 ଠାରୁ 2013-14 |
| | | ସାଧାରଣ ବର୍ଗ ରାଜ୍ୟ | ଓଡିଶା | |
| | | (ପ୍ରତିଶତରେ) | | |
| କ | ରାଜସ୍ୱ ପ୍ରାପ୍ତି | 16.93 | 17.80 | 17.07 |
| ଖ | ନିଜସ୍ୱ କର ରାଜସ୍ୱ | 16.42 | 17.36 | 16.79 |
| ଗ | ଅଣକର ରାଜସ୍ୱ | 12.49 | 25.12 | 22.54 |
| ଘ | ମୋଟ ଖର୍ଚ୍ଚ | 15.37 | 15.80 | 16.49 |
| ଙ | ପୁଞ୍ଜିଗତ ବ୍ୟୟ | 17.01 | 23.25 | 24.80 |
| ଚ | ଶିକ୍ଷାର ରାଜସ୍ୱ ବ୍ୟୟ | 17.44 | 17.53 | 17.14 |
| ଛ | ସ୍ୱାସ୍ଥ୍ୟର ରାଜସ୍ୱ ବ୍ୟୟ | 16.50 | 13.12 | 12.51 |
| ଜ | ଦରମା ଓ ମଜୁରି | 14.73 | 12.39 | 12.28 |
| ଝ | ପେନ୍‌ସନ୍ | 18.34 | 19.89 | 18.79 |

ଗିନି କୋଫିସିଏଣ୍ଟ, ଜନସଂଖ୍ୟାର ଆୟର ଅସମାନତାର ଏକ ମାପକ । ଏହାର ମୂଲ୍ୟ ଶୁନ୍ୟ ଠାରୁ ଏକ ପର୍ଯ୍ୟନ୍ତ ହୋଇପାରେ । ଶୁନ୍ୟରୁ ନିକଟତର, କମ୍ ଅସମାନତାକୁ ସୂଚାଇ ଥାଏ । ଏକର ନିକଟରେ ଅଧିକ ଅସମାନତାକୁ ସୂଚାଇଥାଏ ।

1 ପ୍ରେସ୍‌ନୋଟ୍ ଜୁଲାଇ 2013 ଯୋଜନା ଆୟୋଗ(ବିପିଏଲ 2011-12 ତେନ୍ଦୁଲକର ପଦ୍ଧତି) ।
2 ଏସ୍.ଆର.ଏସ୍ ବୁଲେଟିନ୍ ସେପ୍ଟେମ୍ବର 2013 ।
3 2012-13 ଅର୍ଥନୈତିକ ସର୍ବେକ୍ଷଣରେ ପ୍ରକାଶିତ 2010-11 ପାଇଁ ଅର୍ଥନୈତିକ ସର୍ବେକ୍ଷଣର ସଙ୍କେତ ।
4 2009-10 ର ଯୋଜନା ଆୟୋଗଙ୍କ ତଥ୍ୟ ।
5 ଜନଗଣନା ଅଧିକାରୀ, ଭାରତଙ୍କ ଦ୍ୱାରା ପ୍ରକାଶିତ 2001-2026 ର ପ୍ରକ୍ଷେପିତ ମୋଟ ଜନସଂଖ୍ୟା ।

# ପରିଶିଷ୍ଟ – 1.2

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.1 ପୃଷ୍ଠା 2)

## ସରକାରୀ ହିସାବର ଢାଞ୍ଚା ଓ ଆକାର

### *ଭାଗ-କ-ସରକାରୀ ହିସାବର ଢାଞ୍ଚା ଓ ଆକାର*

**ସରକାରୀ ଲେଖାର ସଂରଚନା:** ରାଜ୍ୟ ସରକାରଙ୍କ ହିସାବ ତିନିଭାଗରେ ରଖାଯାଏ (କ) ସଂଗଠିତ ପାଣ୍ଠି (ଖ) ଆକସ୍ମିକ ପାଣ୍ଠି (ଗ) ସରକାରୀ ହିସାବ ।

**ଭାଗ-କ: ସଙ୍ଗଠିତ ପାଣ୍ଠି :** ରାଜ୍ୟ ସରକାର ପାଇଥିବା ସମସ୍ତ ରାଜସ୍ୱ, କୋଷାଗାର ବିଲ୍ ଜାରିକରି ଉଠାଯାଇଥିବା ସମସ୍ତ ଋଣ ଆଭ୍ୟନ୍ତରିଣ ଓ ବାହ୍ୟ ଋଣ ଏବଂ ପରିଶୋଧରୁ ପ୍ରାପ୍ତ ସମସ୍ତ ଆୟ ମିଳିତ ଭାବେ ଏକ ପାଣ୍ଠି ଗଠନ କରିବେ ଯାହା ଭାରତୀୟ ସଂବିଧାନର ଅନୁଚ୍ଛେଦ 266(1) ଅନୁଯାୟୀ ରାଜ୍ୟର ଏକତ୍ରୀକୃତ ପାଣ୍ଠି ନାମରେ ନାମିତ ହେବ ।

**ଭାଗ-ଖ: ଆକସ୍ମିକ ପାଣ୍ଠି:** ଭାରତୀୟ ସଂବିଧାନରେ ଅନୁଛୋଦର 267(2) ଅନୁସାରେ ଗଠିତ ଆକସ୍ମିକ ପାଣ୍ଠି ରାଜ୍ୟ ବିଧାନ ସଭା ଅନୁମୋଦନକୁ ଅପେକ୍ଷା ନକରି ଜରୁରୀ ଅଦୃଷ୍ଟପୂର୍ବ ବ୍ୟୟ ସକାଶେ ଅଗ୍ରୀମ ନେବାପାଇଁ ରାଜ୍ୟ ପାଳଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏକ ଅଗ୍ରୀମ ପାଣ୍ଠି ଯେଉଁଠି ଆକସ୍ମିକ ପାଣ୍ଠିଠାରୁ ଅଗ୍ରୀମ ଦିଆଯାଇଥାଏ । ସେହି ବ୍ୟୟର ତଥା ତାକୁ ଭରଣା କରିବା ପାଇଁ ଏକତ୍ରୀକୃତ ପାଣ୍ଠି ଉଠାଯାଇଥିବା ସମପରିମାଣରେ ନଥିର ଅନୁମୋଦନ ପରବର୍ତ୍ତୀ କାଳରେ ବିଧାନ ସଭାରେ ନିଆଯାଇଥାଏ ।

**ଭାଗ-ଗ: ସରକାରୀ ହିସାବ:** ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧିଜମା,ସଂରକ୍ଷିତ ପାଣ୍ଠି ,ନିକ୍ଷେପ ,ପ୍ରେରିତ ଅର୍ଥ ଆଦି କେତେକ ନିର୍ଦ୍ଦିଷ୍ଟ ନେଣଦେଣ କ୍ଷେତ୍ରରେ ଏକତ୍ରୀକୃତ ପାଣ୍ଠିର ଅଂଶ ବିଶେଷ ହୋଇନଥିବା ପ୍ରାପ୍ତି ବିବରଣୀକୁ ସଂଧାନର ଅନିଛେଦ 266(2) ଅଧିନରେ ସ୍ଥାପିତ ସରକାରୀ ହିସାବ ରେ ରଖାଯାଇଥିବା ଏବଂ ରାଜ୍ୟ ବିଧାନ ସଭାରେ ଏହା ଉପରେ ମତଦାନ ଅଧିକାରୀ ନାହିଁ, *ସମ୍ବିଧାନର ଅନୁଛେଦ ।*

### *ଭାଗ-ଖ: ଅର୍ଥିକ ହିସାବରେ ରୂପରେଖ*

| ବିବରଣୀ ସଂଖ୍ୟା. | ବିବରଣୀ ସଂଖ୍ୟା. |
|---|---|
| *ପ୍ରଥମ ଖଣ୍ଡ* | |
| *1* | *ଆର୍ଥିକ ସ୍ଥିତିର ବିବରଣୀ* |
| *2* | *ଆୟ ଏବଂ ବିତରଣ ବିବରଣ* |
| *3* | *ସଂଗଠିତ ପାଣ୍ଠିର ଆୟର ବିବରଣ* |
| *4* | *ସଂଗଠିତ ପାଣ୍ଠିର ବିବରଣ ବ୍ୟୟର*<br>*କାର୍ଯ୍ୟ ଏବଂ ପ୍ରକାର ଦ୍ୱାରା ହିସାବର ଟିପପଣୀ*<br>*ପରିଶିଷ୍ଟ-I* |
| *ଦ୍ୱିତୀୟ ଖଣ୍ଡ* | |
| *5* | *ପ୍ରଗତି ପୁଞ୍ଜି ବ୍ୟୟର ବିବରଣ* |
| *6* | *ଋଣ ଏବଂ ଦାୟିତ୍ୱର ବିବରଣ* |
| *7* | *ସରକାରଙ୍କଠାରୁ ପ୍ରାପ୍ତି ଋଣ ଓ ବିବରଣ* |
| *8* | *ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନର ବିବରଣ* |
| *9* | *ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିର୍ଭରତାର ବିବରଣ* |
| *10* | *ଏବଂ ପାରିତ ଆୟର ବିବରଣ* |
| *11* | *ରାଜସ୍ୱ ଏବଂ ପୁଞ୍ଜିଗତ ପ୍ରାପ୍ତିର ବିସ୍ତୃତ ବିବରଣ ଲଘୁ ଶୀର୍ଷ ଦ୍ୱାରା* |
| *12* | *ରାଜସ୍ୱ ବ୍ୟୟର ବିସ୍ତୃତ ବିବରଣ ଲଘୁ ଶୀର୍ଷ ଦ୍ୱାରା* |
| *13* | *ପୁଞ୍ଜିଗତ ବ୍ୟୟର ବିସ୍ତୃତ ବିବରଣ* |
| *14* | *ସରକାରଙ୍କ ପୁଞ୍ଜି ଲଗାଣର ବିସ୍ତୃତ ବିବରଣ* |
| *15* | *ଋଣ ଏବଂ ଦାୟିତ୍ୱର ବିସ୍ତୃତ ବିବରଣ* |
| *16* | *ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଏବଂ ଅଗ୍ରୀମର ବିସ୍ତୃତ ବିବରଣ* |
| *17* | *ଉତ୍ସ ଓ ପାଣ୍ଠିର ବିନିଯୋଗ ରାଜସବ ହିସାବ ବ୍ୟତୀତର ବିସ୍ତୃତ ବିବରଣ* |
| *18* | *ଆକସ୍ମିକ ପାଣ୍ଠି ଏବଂ ଅନ୍ୟାନ୍ୟ ସରକାରୀ ହିସାବ ନେଣଦେଣରେ ବିସ୍ତୃତ ବିବରଣ* |
| *19* | *ଚିହ୍ନିତ ରାଶିର ପୁଞ୍ଜି ଲଗାଣ ବିସ୍ତୃତ ବିବରଣ* |

## ପରିଶିଷ୍ଟ – 1.3

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.2 ପୃଷ୍ଠା 2 )

### ରାଜ୍ୟ ସରକାରଙ୍କ ଅର୍ଥ ବ୍ୟବସ୍ଥା ଉପରେ ସମୟ ପର୍ଯ୍ୟାୟ ତଥ୍ୟ

(କୋଟି ଟଙ୍କାରେ)

| | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| *ଭାଗ (କ) ପ୍ରାପ୍ତି* | | | | | |
| **1.** ରାଜସ୍ୱ ପ୍ରାପ୍ତି | **26430** | **33276** | **40267** | **43937** | **48947** |
| (i) କର ରାଜସ୍ୱ | **8982(34)** | **11193(34)** | **13443 (34)** | **15034(34)** | **16892(35)** |
| କୃଷି ଭିତ୍ତିକ ଆୟ ଉପରେ କର | Nil | Nil | Nil | Nil | Nil |
| ବିକ୍ରୟ ବାଣିଜ୍ୟ ଇତ୍ୟାଦି ଉପରେ କର | 5409(60) | 6807(61) | 8197(61) | 9685(64) | 10729 |
| ରାଜ୍ୟ ଅବକାରୀ | 849(10) | 1094(10) | 1379(10) | 1499(10) | 1780 |
| ମୋଟର ଯାନ ଉପରେ କର | 611(7) | 728(6) | 788(6) | 746(5) | 860 |
| ଷ୍ଟାମ୍ପ ଓ ରେଜିଷ୍ଟ୍ରିକରଣ ଆୟ | 360(4) | 416(4) | 498(4) | 545(4) | 606 |
| ଭୂ ରାଜସ୍ୱ | 292(3) | 391(3) | 522(4) | 420(3) | 431 |
| ଦ୍ରବ୍ୟ ଓ ଯାତ୍ରୀ ଉପରେ କର | 815(9) | 1111(10) | 1312(10) | 1342(9) | 1613 |
| ଅନ୍ୟାନ୍ୟ କର | 646(7) | 646(6) | 747(5) | 797(5) | 873 |
| (ii) ଅଣ କର ରାଜସ୍ୱ | **3212(12)** | **4780(14)** | **6443(16)** | **8078(18)** | **8379(17)** |
| (iii) କେନ୍ଦ୍ରିୟ କର ଓ ଶୁଳ୍କ ଅର୍ଥର ରାଜ୍ୟ ଅଂଶ | **8519(32)** | **10497(32)** | **12229(30)** | **13965(32)** | **15247(31)** |
| (iv) କେନ୍ଦ୍ରରୁ ପ୍ରାପ୍ତ ଅନୁଦାନ* | **5717(22)** | **6806(20)** | **8152(20)** | **6860(16)** | **8429(17)** |
| **2. ବିବିଧ ପୁଞ୍ଜି ପ୍ରାପ୍ତି** | **Nil** | **Nil** | **Nil** | **Nil** | **0.03** |
| **3. ଋଣ ଓ ଅଗ୍ରୀମର ଅସୁଲ** | **356** | **34** | **132** | **142** | **257** |
| **4. ମୋଟ ରାଜସ୍ୱ ଓ ଅଣ ଋଣ ପୁଞ୍ଜି ପ୍ରାପ୍ତ (1+2+3)** | **26786** | **33310** | **40399** | **44079** | **49204** |
| **5. ସରକାରୀ ଋଣ ପ୍ରାପ୍ତି** | **1650** | **2268** | **1354** | **1880** | **2290** |
| ଆଭ୍ୟନ୍ତରୀଣ ଋଣ (ସାଧନୋପାୟ ଅଗ୍ରୀମ ଏବଂ ଓଭରଡ୍ରାପ୍ଟ ବ୍ୟତୀତ) | 1460 | 2042 | 1121 | 1436 | 1740 |
| ସାଧନୋପାୟ ଅଗ୍ରୀମ ଏବଂ ଓଭରଡ୍ରାପ୍ଟ ଅଧିନରେ ପ୍ରକୃତ ନେଣଦେଣ | Nil | Nil | Nil | Nil | Nil |
| କେନ୍ଦ୍ରରୁ ପ୍ରାପ୍ତି ଋଣ ଓ ଅଗ୍ରୀମ | 190 | 226 | 233 | 444 | 550 |
| **6. ସଙ୍ଗଠିତ ପାଣ୍ଠିର ମୋଟ ପ୍ରାପ୍ତି (4+5)** | **28436** | **35578** | **41753** | **45959** | **51494** |
| **7. ଆକସ୍ମିକ ପାଣ୍ଠି ପ୍ରାପ୍ତି** | **11** | **199** | **375** | **16** | **--** |
| **8. ସରକାରୀ ହିସାବ ପ୍ରାପ୍ତି** | **11735** | **12779** | **15487** | **27545** | **32677** |
| **9. ରାଜ୍ୟର ମୋଟ ପ୍ରାପ୍ତି (6+7+8)** | **40182** | **48556** | **57615** | **73520** | **84171** |
| ଭାଗ ଖ ବ୍ୟୟ/ବଣ୍ଟନ | | | | | |
| **10.** ରାଜସ୍ୱ ବ୍ୟୟ | **25292(87)** | **29368(86)** | **34660(87)** | **38238(87)** | **45618(85)** |
| ଯୋଜନା | 5615(22) | 7393(25) | 9720(28) | 11593(30) | 15008(33) |
| ଅଣ ଯୋଜନା | 19677(78) | 21975(75) | 24940(72) | 26645(70) | 30610(67) |
| ସାଧାରଣ ସେବା (ସୁଧ ପଇଠ ସହିତ) | 9285(37) | 9937(34) | 10929(32) | 12423(32) | 13689(30) |
| ସାମାଜିକ ସେବା | 9838(39) | 11922(41) | 14338(41) | 14977(39) | 18722(41) |
| ଅର୍ଥନୈତିକ ସେବା | 5762(23) | 7077(24) | 8732(25) | 10196(27) | 12315(27) |
| ଅନୁଦାନ ଓ ଅଂଶଦାନ | 406(1) | 432(1) | 661(2) | 642(2) | 892(2) |

* ରାଜ୍ୟର ଏନ.ଜି.ଓ/ଭି.ଓ ମାନଙ୍କୁ ସିଧାସଳଖ ହସ୍ତାନ୍ତରିତ ହୋଇଥିବା ପାଣ୍ଠିକୁ ଛାଡି

| | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| **11. ପୁଞ୍ଜିଗତ ବ୍ୟୟ** | **3648(12)** | **4285(13)** | **4496(11)** | **5622(13)** | **7756(14)** |
| ଯୋଜନା | 3257(89) | 4157(97) | 4435(99) | 5603(99) | 7598 |
| ଅଣଯୋଜନା | 391(11) | 128(3) | 61(1) | 19(1) | 158 |
| ସାଧାରଣ ସେବା | 178(5) | 234(6) | 258(6) | 351(6) | 470 |
| ସାମାଜିକ ସେବା | 563(15) | 784(18) | 657(14) | 1205(22) | 1725 |
| ଅର୍ଥନୈତିକ ସେବା | 2907(80) | 3267(76) | 3581(80) | 4066(72) | 5561 |
| **12. ଋଣ ଓ ଅଗ୍ରୀମର ବିତରଣ** | **112(1)** | **315(1)** | **621(2)** | **216** | **463** |
| **13. ମୋଟ (10+11+12)** | **29052** | **33968** | **39777** | **44076** | **53837** |
| **14. ସରକାରୀ ଋଣ ପରିଶୋଧ** | **1489** | **2084** | **2328** | **3180** | **2293** |
| ଆଭ୍ୟନ୍ତରିଣ ଋଣ (ସାଧନୋପାୟ ଅଗ୍ରିମ ଓ ଓଭରଡ୍ରାଫ୍ଟ ବ୍ୟତୀତ) | 1052 | 1222 | 1781 | 2666 | 1775 |
| ସାଧନୋପାୟ ଅଗ୍ରିମ ଓ ଓଭରଡ୍ରାଫ୍ଟ ଅଧିନରେ ନିଟ୍ | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ |
| ଭାରତ ସରକାରଙ୍କଠାରୁ ଋଣ ଓ ଅଗ୍ରୀମ | 437 | 862 | 547 | 514 | 518 |
| **15. ଅନିୟତ ପାଣ୍ଠି ବିନିଯୋଗ** | ନାହିଁ | ନାହିଁ | ନାହିଁ | ନାହିଁ | ନାହିଁ |
| **16. ଏକତ୍ରୀକୃତ ପାଣ୍ଠିରୁ ମୋଟ ବିତରଣ (13+14+15)** | **30541** | **36052** | **42105** | **47256** | **56130** |
| **17. ଅନିୟତ ପାଣ୍ଠିରୁ ବିତରଣ** | **199** | **375** | **3** | **--** | **150** |
| **18. ସରକାରୀ ହିସାବ ବିତରଣ** | **9849** | **11408** | **14023** | **24886** | **31257** |
| **19. ରାଜ୍ୟ ଦ୍ୱାରା ମୋଟ ବିତରଣ (16+17+18)** | **40589** | **47835** | **56131** | **72142** | **87537** |
| ଭାଗ (ଗ) . ନିଅଣ୍ଟ | | | | | |
| **20. ରାଜସ୍ୱ ନିଅଣ୍ଟ (-)/ରାଜସ୍ୱ ବଳକା (+) (1-10)** | **1138** | **3908** | **5607** | **5699** | **3329** |
| **21. ବିତ୍ତୀୟ ନିଅଣ୍ଟ (-)/ ବିତ୍ତୀୟ ବଳକା (+) (4-13)** | **(-)2266** | **(-)658** | **622** | **3** | **(-)4633** |
| **22. ପ୍ରାଥମିକ ନିଅଣ୍ଟ(-)/ ପ୍ରାଥମିକ ବଳକା (+) (21+23)** | **778** | **2403** | **3198** | **2810** | **(-)1745** |
| ଭାଗ (ଘ) ଅନ୍ୟାନ୍ୟ ତଥ୍ୟ | | | | | |
| **23. ସୁଧ ଦେୟ (ରାଜସ୍ୱ ବ୍ୟୟ ସହ)** | **3044(12)** | **3061** | **2576** | **2807** | **2888** |
| **24. ସ୍ଥାନିୟ ନିକାୟକୁ ଆର୍ଥିକ ସହାୟତା ଆଦି.,** | **6722** | **9086** | **9065** | **7023** | **9495** |
| **25. ସାଧନୋପାୟ ଅଗ୍ରୀମ ଓ ଓଭାରଡ୍ରାଫ୍ଟର ଲଭ୍ୟତା (ଦିନରେ)** | -- | -- | -- | -- | -- |
| ସାଧନୋପାୟ ଅଗ୍ରୀମ ଲଭ୍ୟତା(ଦିନରେ) | ନାହିଁ | ନାହିଁ/ନାହିଁ | ନାହିଁ/ନାହିଁ | ନାହିଁ/ନାହିଁ | ନାହିଁ/ନାହିଁ |
| ଓଭାରଡ୍ରାଫ୍ଟର ଲଭ୍ୟତା (ଦିନରେ) | ନାହିଁ/ନାହିଁ | ନାହିଁ/ନାହିଁ | ନାହିଁ/ନାହିଁ | ନାହିଁ/ନାହିଁ | ନାହିଁ/ନାହିଁ |
| **26. ସାଧନାପାୟ ଅଗ୍ରୀମ/ଓଭରଡ୍ରାଫ୍ଟ ଉପରେ ସୁଧ** | ନାହିଁ/ନାହିଁ | ନାହିଁ/ନାହିଁ | ନାହିଁ/ନାହିଁ | ନାହିଁ/ନାହିଁ | ନାହିଁ/ନାହିଁ |
| **27 ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦ (ଜି.ଏସ୍.ଡି.ପି)** | **162946** | **197530** | **214583** | **255459** | **288414** |
| **28 ବକେୟା ବିତ୍ତୀୟ ଦେୟତା (ବର୍ଷ ଶେଷରେ)** | **40613** | **42191** | **42467** | **43344** | **44714** |
| **29. ବକେୟା ଗ୍ୟାରେଣ୍ଟି (ବର୍ଷ ଶେଷରେ) (ସୁଧ ସହିତ)** | **1027** | **2066** | **2510** | **2251** | **1705** |
| **30. ଗ୍ୟାରେଣ୍ଟି ଦତ୍ତ ଅଧିକତମ ରାଶି (ବର୍ଷ ଶେଷରେ)** | **8389** | **9789** | **10579** | **10579** | **10625** |
| **31. ଅସମ୍ପୂର୍ଣ୍ଣ ପ୍ରକଳ୍ପ ସଂଖ୍ୟା** | **35** | **68** | **150** | **151** | **190** |
| **32. ଅସମ୍ପୂର୍ଣ୍ଣ ପରିଯୋଜନାର ଅବରୋଧିତ ପାଣ୍ଠି** | **115** | **227** | **352** | **347** | **874** |
| ଭାଗ (ଙ) ବିତ୍ତୀୟ ସ୍ୱାସ୍ଥ୍ୟ ପରିମାପକ | | | | | |
| **I ସୟଳ ସ୍ଥାନାନ୍ତରିତ** | | | | | |

| | 2009-10 | 2010-11 | 2011-12 | 2012-13 | 2013-14 |
|---|---|---|---|---|---|
| ନିଜସ୍ୱ କର ରାଜସ୍ୱ/ଜି.ଏସ୍.ଡି.ପି | 5.51 | 5.67 | 6.26 | 5.89 | 5.86 |
| ନିଜସ୍ୱ ଅଣ-କର ରାଜସ୍ୱ/ଜି.ଏସ୍.ଡି.ପି | 1.97 | 2.42 | 3.00 | 3.16 | 2.91 |
| କେନ୍ଦ୍ରୀୟ ସ୍ଥାନାନ୍ତରିଣ / ଜି.ଏସ୍.ଡି.ପି | 5.23 | 5.31 | 5.70 | 5.47 | 5.29 |
| **II ବ୍ୟୟ ପରିଚାଳନା** | | | | | |
| ମୋଟ ବ୍ୟୟ/ଜି.ଏସ୍.ଡି.ପି | 17.83 | 17.20 | 18.54 | 17.25 | 18.67 |
| ମୋଟ ବ୍ୟୟ/ରାଜସ୍ୱ ପ୍ରାପ୍ତି | 109.92 | 102.08 | 98.78 | 100.32 | 109.99 |
| ରାଜସ୍ୱ ବ୍ୟୟ/ମୋଟ ବ୍ୟୟ | 87.06 | 86.46 | 87.14 | 86.75 | 84.73 |
| ସାମାଜିକ ସେବା ବ୍ୟୟ/ମୋଟ ବ୍ୟୟ | 35.80 | 37.41 | 37.70 | 36.71 | 37.98 |
| ଅର୍ଥନୈତିକ ସେବା ବ୍ୟୟ/ମୋଟ ବ୍ୟୟ | 29.84 | 30.45 | 30.96 | 32.36 | 33.88 |
| ପୁଞ୍ଜିଗତ ବ୍ୟୟ/ମୋଟ ବ୍ୟୟ | 12.56 | 12.61 | 11.30 | 12.76 | 14.40 |
| ସାମାଜିକ ଓ ଅର୍ଥନୈତିକ ସେବା ନିମିତ୍ତି ପୁଞ୍ଜିଗତ | 11.94 | 11.93 | 10.65 | 11.96 | 13.53 |
| **III ଆର୍ଥିକ ଅସମତାର ପରିଚାଳନା** | | | | | |
| ରାଜସ୍ୱ ନିଅଣ୍ଟ (ବଳକା)/ଜିଏସ୍.ଡି.ପି | 0.70 | 1.98 | 2.61 | 2.23 | 1.15 |
| ବିତ୍ତୀୟ ନିଅଣ୍ଟ/ଜି.ଏସ୍.ଡି.ପି | (-)1.39 | (-)0.37 | 0.29 | 0.00 | (-)1.61 |
| ପ୍ରାଥମିକ ରାଜସ୍ୱ (ବଳକା)/ଜି.ଏସ୍.ଡି.ପି | 0.48 | 1.22 | 1.49 | 1.10 | (-)0.60 |
| **IV ଆର୍ଥିକ ଦେୟତାର ପରିଚାଳନା** | | | | | |
| ବିତ୍ତୀୟ ଦେୟତା/ଜି.ଏସ୍.ଡି.ପି | 24.92 | 21.36 | 19.79 | 16.97 | 15.50 |
| ବିତ୍ତୀୟ ଦେୟତା/ରାଜସ୍ୱ ପ୍ରାପ୍ତି | 153.66 | 126.79 | 105.46 | 98.65 | 91.35 |
| **V ଅନ୍ୟାନ୍ୟ ବିତ୍ତୀୟ ସ୍ଥିତିର ପରିମାପକ** | | | | | |
| ପୁଞ୍ଜି ଲଗାଣରୁ ପ୍ରାପ୍ତି | 11.90 | 4.64 | 9.84 | 19.04 | 13.67 |
| ଚଳିତ ରାଜସ୍ୱ ଅବଶେଷ | 3166 | 6606 | 9946 | 12437 | 12637 |
| ଆର୍ଥିକ ପରିସମ୍ପତ୍ତି ଦେୟତା | 0.87 | 0.95 | 1.07 | 1.19 | 1.25 |

## ପରିଶିଷ୍ଟ – 1.4

(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.2 ପୃଷ୍ଠା 2)

### 2013-14 ବର୍ଷ ନିମିତ୍ତ ପ୍ରାପ୍ତି ଓ ବିତରଣର ବିବରଣ

(କୋଟି ଟଙ୍କାରେ)

| 2012-13 | ପ୍ରାପ୍ତି | 2013-14 | 2012-13 | ବିତରଣ | ଅଣ ଯୋଜନାଗତ | ଯୋଜନା ଗତ | 2013-14 |
|---|---|---|---|---|---|---|---|
| ଅନୁଭାଗ (କ) ରାଜସ୍ୱ | | | | | | | |
| **43936.91** | **I.ରାଜସ୍ୱ ପ୍ରାପ୍ତି** | **48946.85** | **38237.55** | **I.ରାଜସ୍ୱ ବ୍ୟୟ** | **30610.06** | **15007.69** | **45617.75** |
| 15034.13 | -କର ରାଜସ୍ୱ | 16891.59 | 12423.26 | ସାଧାରଣ ସେବା | 13537.65 | 151.76 | 13689.41 |
| | -- | | 14976.56 | ସାମାଜିକ ସେବା- | 10079.08 | 8642.47 | 18721.55 |
| 8078.03 | ଅଣକର ରାଜସ୍ୱ | 8378.60 | 7263.07 | ଶିକ୍ଷା,କ୍ରିଡା,କଳା ଓ ସଂସ୍କୃତି | 5524.64 | 2757.73 | 8282.37 |
| | -- | | 1681.17 | ସ୍ୱାସ୍ଥ୍ୟ ଓ ପରିବା କଲ୍ୟାଣ | 1306.29 | 506.92 | 1812.58 |
| 13965.01 | କେନ୍ଦ୍ରିୟ କରର ରାଜ୍ୟ ଅଂଶବିଶେଷ | 15247.24 | 1107.99 | ଜଳଯୋଗାଣ,ପରିମଳ, ଗୃହନିର୍ମାଣ ଓ ନଗର ଉନ୍ନୟନ | 703.71 | 881.43 | 1585.14 |
| | -- | | 35.89 | ସୂଚନା ପ୍ରସାରଣ | 45.42 | 6.88 | 52.30 |
| 1505.49 | ଅଣ ଯୋଜନା ଅନୁଦାନ | 2729.19 | 1190.10 | ଅନୁସୂଚିତ ଜନଜାତି, ଜାତି ଓ ଲଘୁ ସମ୍ପ୍ରଦାୟ ଓ ଅନ୍ୟାନ୍ୟ ପଛୁଆ ବର୍ଗ କଲ୍ୟାଣ | 655.14 | 674.01 | 1330.15 |
| 3483.62 | ରାଜ୍ୟ ଯୋଜନା ପାଇଁ ଅନୁଦାନ | 3429.46 | 91.79 | ଶ୍ରମ ଓ ଶ୍ରମିକ କଲ୍ୟାଣ | 51.87 | 95.08 | 146.95 |
| | -- | | 3532.58 | ସମାଜ ଓ କଲ୍ୟାଣତଥା ପୁଷ୍ଟି ସାଧନା | 1723.15 | 3693.41 | 5416.56 |
| 1870.63 | କେନ୍ଦ୍ର ଓ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ପାଇଁ ଅନୁଦାନ | 2270.77 | 74.47 | ଅନ୍ୟାନ୍ୟ | 68.86 | 26.64 | 95.50 |
| | -- | | 10196.24 | ଅର୍ଥନୈତିକ ସେବା | 6101.13 | 6213.46 | 12314.59 |
| | -- | | 4104.23 | କୃଷି ଓ ଅନୁଷଙ୍ଗିକ କାର୍ଯ୍ୟକ୍ରମ | 2353.83 | 2347.29 | 4701.12 |
| | -- | | 2178.70 | ଗ୍ରାମ୍ୟ ଉନ୍ନୟନ | 908.60 | 2075.03 | 2983.63 |
| | -- | | | ସ୍ୱତନ୍ତ୍ର ଅଞ୍ଚଳ କାର୍ଯ୍ୟକ୍ରମ | | | |
| | -- | | 1043.22 | -ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ | 1087.61 | 309.44 | 1397.05 |
| | -- | | 16.20 | -ଶକ୍ତି | 10.64 | 11.71 | 22.35 |
| | -- | | 254.51 | -ଶିଳ୍ପ ଓ ଖଣିଜ ପଦାର୍ଥ | 112.58 | 193.12 | 305.70 |
| | -- | | 1561.68 | -ପରିବହନ | 1508.34 | 196.43 | 1704.77 |
| | -- | | 56.32 | -ବିଜ୍ଞାନ କାରୀଗରି ଓ ପରିବେଶ | 14.65 | 51.21 | 65.86 |
| | -- | | 981.38 | -ସାଧାରଣ ଅର୍ଥନୈତିକ ସେବା | 104.86 | 1029.25 | 1134.11 |
| | -- | | 641.49 | ଅନୁଦାନ ଓ ଅଂଶଦାନ | 892.20 | -- | 892.20 |
| -- | **II.** ରାଜସ୍ୱ ନିଅଣ୍ଟକୁ ନିଆଗଲା | -- | **5699.35** | **II.** ରାଜସ୍ୱ ବଳକାକୁ ନିଆଗଲା | | | **3329.10** |
| ଅନୁଭାଗ (ଖ) ପୁଞ୍ଜି | | | | | | | |
| **11488.94** | **III.** ପ୍ରାରମ୍ଭିକ ଅବଶେଷ ସ୍ଥାୟୀ ଅଗ୍ରୀମ ଏବଂ ନଗଦ ଅର୍ଥ ଅବଶେଷ ବିନିଯୋଗ ସମେତ | **12687.19** | -- | **III.** ଭାରତୀୟ ରିଜର୍ଭ ବ୍ୟାଙ୍କରୁ ପ୍ରାରମ୍ଭିକ ଓଭରଡ୍ରାଫ୍ଟ | -- | -- | -- |
| Nil | **IV.** ବିବିଧ ପୁଞ୍ଜିଭିତ୍ତିକ ପ୍ରାପ୍ତି | **0.03** | **5622.18** | **IV.** ପୁଞ୍ଜିଭିତ୍ତିକ ଖର୍ଚ୍ଚ- | **157.81** | **7598.59** | **7756.40** |
| -- | -- | -- | 351.22 | ସାଧରଣ ସେବା- | 16.24 | 453.64 | 469.88 |
| -- | -- | -- | 1204.91 | ସମାଜିକ ସେବା | 4.45 | 1720.34 | 1724.79 |
| -- | -- | -- | 40.22 | -ଶିକ୍ଷା,କ୍ରିଡା ଓ ସଂସ୍କୃତି | -- | 155.16 | 155.16 |

| 2012-13 | ପ୍ରାପ୍ତି | 2013-14 | 2012-13 | ବିତରଣ | ଅଣ ଯୋଜନାଗତ | ଯୋଜନା ଗତ | 2013-14 |
|---|---|---|---|---|---|---|---|
| -- | -- | -- | 83.77 | -ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | -- | 144.35 | 144.35 |
| -- | -- | -- | 386.04 | -ଜଳ ଯୋଗାଣ,ପରିମଳ ଗୃହ ଓ ନଗର ଉନ୍ନୟନ | 4.45 | 770.43 | 774.88 |
| -- | -- | -- | | -ସୂଚନା ଓ ପ୍ରସାରଣ | -- | -- | -- |
| -- | -- | -- | 470.17 | ହରିଜନ ଆଦିବାସୀ ଓ ଅନ୍ୟାନ୍ୟ ପଛୁଆ ବର୍ଗ କଲ୍ୟାଣ | -- | 420.26 | 420.26 |
| -- | -- | -- | 200.00 | -ସମାଜ କଲ୍ୟାଣ ଓ ପୁଷ୍ଟି ସାଧନ | -- | 195.37 | 195.37 |
| -- | -- | -- | | -ଅନ୍ୟାନ୍ୟ | -- | | |
| -- | -- | -- | 4066.05 | ଅର୍ଥନୈତିକ ସେବା | 137.11 | 5424.42 | 5561.73 |
| -- | -- | -- | 48.16 | -କୃଷି ଓ ଅନୁସଙ୍ଗିକକାର୍ଯ୍ୟ କଳାପ | -- | 161.33 | 161.33 |
| -- | -- | -- | 2.00 | -ଗ୍ରାମ୍ୟ ଉନ୍ନୟନ | -- | -- | -- |
| -- | -- | -- | 148.50 | -ସ୍ୱତନ୍ତ୍ର ଅଞ୍ଚଳ କାର୍ଯ୍ୟକ୍ରମ | -- | 148.50 | 148.50 |
| -- | -- | -- | 2007.40 | -ଜଳ ସେଚନ ଓ ବନ୍ୟା ନିୟନ୍ତ୍ରଣ | (-)2.10 | 2215.32 | 2213.22 |
| -- | -- | -- | 287.53 | -ଶକ୍ତି | 143.73 | 630.34 | 774.07 |
| -- | -- | -- | -11.74 | ଶିଳ୍ପ ଓ ଖଣିଜ ପଦାର୍ଥ | (-)10.42 | 18.10 | 7.68 |
| -- | -- | -- | 1544.65 | -ପରିବହନ | 5.81 | 2197.26 | 2203.07 |
| -- | -- | -- | 39.54 | -ସାଧାରଣ ଅର୍ଥନୈତିକ ସେବା | 0.10 | 53.76 | 53.86 |
| **142.47** | **V.** ଋଣ ଓ ଅଗ୍ରୀମ ଅସୁଲ | **257.18** | **216.02** | **V.** ଋଣ ଓ ଅଗ୍ରୀମ- | | | **463.55** |
| | ଶକ୍ତି ପ୍ରକଳ୍ପରୁ | 0.21 | 135.00 | -ଶକ୍ତି ପ୍ରକଳ୍ପ ନିମିତ | 358.56 | -- | 358.56 |
| | ସରକାରୀ କର୍ମଚାରୀଙ୍କ ଠାରୁ | 57.33 | 73.96 | -ସରକାରୀ କର୍ମଚରଙ୍କ ପାଇଁ | 99.23 | -- | 99.23 |
| | ଅନ୍ୟମାନଙ୍କ ଠାରୁ | 199.64 | 7.06 | -ଅନ୍ୟ ମାନଙ୍କୁ | 5.76 | -- | 5.76 |
| **5699.35** | **VI.** ରାଜସ୍ୱ ବଳକା | **3329.10** | -- | **VI. ରାଜସ୍ୱ ନିଅଣ୍ଟ** | -- | -- | -- |
| **1879.55** | **VII.** ସରକାରୀ ଋଣ ପ୍ରାପ୍ତି | **2290.25** | **3179.86** | **VII. ସରକାରୀ ଋଣ ପରିଶୋଧ** | | | **2293.22** |
| -- | - ବାହ୍ୟ ଋଣ | -- | -- | -ବାହ୍ୟ ଋଣ | -- | -- | -- |
| 1435.76 | ସାଧନୋପାୟ ଅଗ୍ରୀମ ଓ ଓଭରଡ୍ରାଫ୍ଟ ବ୍ୟତୀତ ଆଭ୍ୟନ୍ତରୀଣ ଋଣ | 1739.65 | 2665.72 | -ସାଧନୋପାୟ ଅଗ୍ରୀମ ଓ ଓଭରଡ୍ରାଫ୍ଟ ବ୍ୟତୀତ ଆଭ୍ୟନ୍ତରୀଣ ଋଣ | 1775.32 | -- | -- |
| -- | ସାଧନୋପାୟ ଅଗ୍ରୀମ ଅଧିନରେ ନେଣଦେଣ | -- | -- | -ସାଧନୋପାୟ ଅଗ୍ରୀମ ଅଧିନରେ ନିଟ୍ ନେଣଦେଣ | -- | -- | -- |
| -- | ଓଭରଡ୍ରାଫ୍ଟ ଅଧିନରେ ନିଟ୍ ନେଣଦେଣ | -- | -- | ଓଭରଡ୍ରାଫ୍ଟ ଅଧିନରେ ପ୍ରକୃତ ନେଣଦେଣ | -- | -- | -- |
| 443.79 | - କେନ୍ଦ୍ର ସରକାରଙ୍କଠାରୁ ଋଣ ଓ ଅଗ୍ରୀମ | 550.60 | 514.14 | -କେନ୍ଦ୍ର ସରକାରଙ୍କୁ ଋଣ ଓ ଅଗ୍ରୀମ ପରିଶୋଧ | 517.90 | -- | -- |
| -- | **VIII. ଆକସ୍ମିକ ପାଣ୍ଠିକୁ ବିନିଯୋଗ** | -- | -- | **VII. ଆକସ୍ମିକ ପାଣ୍ଠିକୁ ବିନିଯୋଗ** | -- | -- | -- |
| **15.89** | **IX .** ଆକସ୍ମିକ ପାଣ୍ଠିକୁ ସ୍ଥାନାନ୍ତରିତ ରାଶି | **--** | **--** | **IX. ଆକସ୍ମିକ ପାଣ୍ଠିରୁ ବ୍ୟୟ** | | | **150.00** |
| **27545.35** | **X.** ସରକାରୀ ହିସାବ ପ୍ରାପ୍ତି | **32677.32** | **24886.31** | **X. ସରକାରୀ ହିସାବ ବିତରଣ** | | | **31256.60** |
| 3001.00 | ସ୍ୱଳ୍ପ ସଞ୍ଚୟ ଓ ଭବିଷ୍ୟନିଧି ପାଣ୍ଠି | 3332.33 | 2309.92 | -ସ୍ୱଳ୍ପ ସଞ୍ଚୟ ଓ ଭବିଷ୍ୟନିଧି ପାଣ୍ଠି | -- | -- | 2643.27 |
| 938.81 | ଆରକ୍ଷିତ ପାଣ୍ଠି | 1760.46 | 545.80 | -ଆରକ୍ଷିତ ପାଣ୍ଠି | -- | -- | 1890.21 |
| 8527.91 | ନିଲମ୍ବନ ତଥା ବିବିଧ | 10224.62 | 8551.14 | -ନିଲମ୍ବନ ତଥା ବିବିଧ | -- | -- | 10204.48 |
| 8540.73 | ପ୍ରେରିତ ଅର୍ଥ | 10341.10 | 8536.32 | -ପ୍ରେରିତ ଅର୍ଥ | -- | -- | 10312.44 |
| 6536.90 | ଜମା ରାଶି ତଥା ଅଗ୍ରୀମ | 7018.81 | 4943.13 | -ଜମା ରାଶି ତଥା ଅଗ୍ରୀମ | -- | -- | 6206.20 |
| -- | **XI. ଭାରୀୟ ରିଜର୍ଭ ବ୍ୟାଙ୍କରୁ ଓଭରଡ୍ରାଫ୍ଟ ଅବଶେଷ** | -- | **12867.19** | **XI. ପରିଶେଷରେ ରୋକଡ଼ ଅବଶେଷ** | -- | -- | **9501.30** |
| -- | -- | -- | | -କୋଷାଗାରରେ ଥିବା ରୋକଡ଼ ଓ ସ୍ଥାନୀୟ ପ୍ରେରିତ ଅର୍ଥ | -- | -- | -- |
| -- | -- | -- | -23.92 | -ରିଜର୍ଭ ବ୍ୟାଙ୍କରେ ଜମା | -- | -- | 26.87 |
| -- | -- | -- | 23.79 | -ସ୍ଥାୟୀ ଅଗ୍ରୀମ ସହ ବିଭାଗୀୟ ରୋକଡ଼ ଅବଶେଷ | -- | -- | 21.88 |
| -- | -- | -- | 12867.32 | -ରୋକଡ଼ ଅବଶେଷ ବିନିଯୋଗ | -- | -- | 9452.55 |
| **90708.46** | ମୋଟ | **100367.92** | **90708.46** | ମୋଟ | | | **100367.92** |

## ପରିଶିଷ୍ଟ – 1.5

(ଦ୍ରଷ୍ଟବ୍ୟ ଅନୁଛେଦ 1.3.2 ପୃଷ୍ଠା 8)

### ରାଜ୍ୟରେ କାର୍ଯ୍ୟକାରୀ ସଂସ୍ଥାକୁ ସିଧାସଳଖ ଦିଆଯାଇଥିବା ପାଣ୍ଠି ବିବରଣ

| କ୍ର.ସଂ. | ଭାରତ ସରକାରଙ୍କ ପରିକଳ୍ପନା | ଭାରତ ସରକାରଙ୍କ ଦ୍ୱାରା ଖଲାସ ରାଶି (ଲକ୍ଷ ଟଙ୍କାରେ) | | |
|---|---|---|---|---|
| | | 2011-12 | 2012-13 | 2013-14 |
| 1 | ତ୍ୱରାନ୍ୱିତ ଗ୍ରାମୀଣ ଜଳଯୋଗାଣ ପରିକଳ୍ପନା | 1,71,05.21 | 2,46,52.66 | 3,17,06.56 |
| 2 | ମାନବ ସମ୍ବଳ ବିକାଶ ସହିତ ପ୍ରଶାସନିକ, ପର୍ଯ୍ୟାଲୋଚନାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ | 6.30 | .. | .. |
| 3 | ଯୁବକଙ୍କର କୌଶଳ ଶିକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ସାକ୍ଷରତା କାର୍ଯ୍ୟକ୍ରମ | 9,64.38 | 15,12.13 | 2,28.16 |
| 4 | ବନୀକରଣ ଓ ଜଙ୍ଗଲ ପରିଚାଳନା | .. | 3,37.93 | 5,35.74 |
| 5 | ଆପଦ କାଳରେ କ୍ଷମତା ବୃଦ୍ଧି ନିମନ୍ତେ ରାଜ୍ୟକୁ ମିଳୁଥିବା ସହାୟତା | 1,55.38 | .. | 2,40.23 |
| 6 | ସମାଜର ଆତ୍ମରକ୍ଷା ତଥା ମଦ୍ୟ ଓ ଔଷଧ ସେବନରୁ ନିବୃତ୍ତ ନିମନ୍ତେ ସ୍ୱେଚ୍ଛାସେବିକା ମିଳୁଥିବା ସହାୟତା | .. | 15.00 | .. |
| 7 | ବାୟୁ ମଣ୍ଡଳ ନେଟ୍‌ୱାର୍କକୁ ପରିଚାଳନାର ଅବଲୋକନ | .. | 72.40 | 62.06 |
| 8 | ଜୀବକୋଷର ସୂଚନା | 5.50 | 6.32 | 9.91 |
| 9 | ସମାଜର ଉନ୍ନତି ପରିକଳ୍ପେ ଜୀବ ରସାୟନ | .. | 3.74 | .. |
| 10 | କ୍ଷମତା ବୃଦ୍ଧି ନିମନ୍ତେ ସେବା ଯୋଗାଉଥିବା ସଂସ୍ଥା | 16.00 | .. | 1,61.88 |
| 11 | ବୈଜ୍ଞାନିକ ପାରିଭାଷିକ ଶବ୍ଦାବଳୀର ଆୟୋଗ | 18.95 | 25.00 | 20.00 |
| 12 | ବ୍ୟାପକ ହସ୍ତତନ୍ତ ବିକାଶ ଯୋଜନା | .. | .. | 53.62 |
| 13 | ବେଆଇନ୍ ଯାତାୟତକୁ ରୋକିବା ପାଇଁ ବ୍ୟାପକ ଯୋଜନା | 0.75 | .. | .. |
| 14 | ଝିଅ ପିଲାଙ୍କର ସୁରକ୍ଷା ନିମନ୍ତେ ସର୍ତ୍ତାବଳୀ ସହିତ ପଇସା ଚାଲାଣ ଓ ବୀମା ସୁରକ୍ଷା | .. | 1,08.44 | .. |
| 15 | ଜୈବମଣ୍ଡଳ ଓ ପ୍ରାକୃତିକ ସମ୍ବଳର ସଂରକ୍ଷଣ | .. | 0.98 | 5.00 |
| 16 | ଅପରାଧ ଓ ଅପରାଧ ଚଳାପଥ ନେଟ୍ ୱାର୍କକୁ ରୋକିବା ପାଇଁ ଯୋଜନା | 3,92.49 | .. | .. |
| 17 | ବଧିରତା | .. | 2,32.49 | .. |
| 18 | ଉନ୍ନତମାନର ବିହନ ଉତ୍ପାଦନ ଓ ବିତରଣ ପାଇଁ ଭିତ୍ତି ପ୍ରସ୍ତର ଜୋରଦାର କରିବା ଓ ଉନ୍ନତି କରିବା | .. | 11,04.85 | 4,85.45 |
| 19 | ନାରୀମାନଙ୍କ ପାଇଁ ବୈଜ୍ଞାନିକ ଦିଶା କାର୍ଯ୍ୟକ୍ରମ | .. | 19.85 | .. |
| 20 | ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପରିଚାଳନା | 26,02.56 | 12,12.53 | 1,43.53 |
| 21 | ବାତ୍ୟା ବିପଦ ଲଘୁକରଣ କରିବା ନିମନ୍ତେ ଏଫ୍ଏପି ଯୋଜନା | 20,03.08 | 44,84.00 | 94,42.00 |
| 22 | କମ୍ ସାକ୍ଷରତା ସ୍ଥାନରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା | 6,00.00 | 69.07 | 13,79.32 |
| 23 | ବୈଦ୍ୟୁତିକ ସାମଗ୍ରୀର ପରିଚାଳନା | 8,54.24 | .. | 4,00.76 |
| 24 | ଲଘୁ ଜଙ୍ଗଲ ଉତ୍ପାଦନ ସମ୍ପାଦନ ପାଇଁ ରାଜ୍ୟ ଟିଡ଼ିସିସିଏସକୁ ସହାୟକ ଅନୁଦାନ | .. | .. | 40,00.00 |
| 25 | ଗ୍ରୀଡ୍ ପାରସ୍ପରିକ ନବୀକରଣ ଶକ୍ତି-ଏମ୍ଏନ୍ଆର୍ଆଇ | .. | .. | 1.84 |
| 26 | ଅଣ ସଂଗଠିତ ଶ୍ରମିକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା | 1,27.21 | .. | .. |
| 27 | ଅଣ ସଂଗଠିତ ଶ୍ରମିକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା | 1,16.16 | .. | .. |
| 28 | ରାଷ୍ଟ୍ରିୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ଥିବା ଡାକ୍ତରଖାନାର ଉନ୍ନତି | 70.67 | .. | .. |
| 29 | ମାବନ ସମ୍ବଳର ବିକାଶ ଓ କ୍ଷମତା ବୃଦ୍ଧି ନିମନ୍ତେ ବାହାର ରାଜ୍ୟକୁ ଭ୍ରମଣ | 3.50 | .. | .. |

| କ୍ର.ସଂ. | ଭାରତ ସରକାରଙ୍କ ପରିକଳ୍ପନା | ଭାରତ ସରକାରଙ୍କ ଦ୍ୱାରା ଖଲାସ ରାଶି (ଲକ୍ଷ ଟଙ୍କାରେ) | | |
|---|---|---|---|---|
| | | 2011-12 | 2012-13 | 2013-14 |
| 30 | ଜୀବ ରସାୟନର ବୃଦ୍ଧି ନିମନ୍ତେ ମାନବ ସମ୍ବଳର ବିକାଶ | 39.02 | 35.91 | 18.47 |
| 31 | ହସ୍ତଶିଳ୍ପ ମାନବ ସମ୍ବଳ ବିକାଶ | .. | .. | 1.25 |
| 32 | ସ୍ୱାସ୍ଥ୍ୟ ପାଇଁ ମାନବ ସମ୍ବଳର ବିକାଶ | .. | 13,51.50 | .. |
| 33 | ଭାରତୀୟ ପାଣିପାଗ ବିଭାଗ | 16.11 | .. | .. |
| 34 | ସାଧାରଣ ଅବଗତି ନିମନ୍ତେ ସୂଚନା, ଶିକ୍ଷା ଓ ଏହାର ପ୍ରସାର | 1.18 | .. | .. |
| 35 | ସାଧାରଣ ଅବଗତି ନିମନ୍ତେ ସୂଚନା, ଶିକ୍ଷା ଓ ଏହାର ପ୍ରସାର | 35.00 | 2.00 | .. |
| 36 | ସୂଚନାର ପ୍ରଚାର ଓ ସଂପ୍ରସାରଣ | 46.28 | 31.47 | .. |
| 37 | ଜନସାଧାରଣଙ୍କ ପରିବହନ ବ୍ୟବସ୍ଥାକୁ ଦୃଢିକରଣ କରିବା ପାଇଁ ନିରୀକ୍ଷଣ ଓ ରକ୍ଷଣାବେକ୍ଷଣ ଏବଂ ରାସ୍ତା ସୁରକ୍ଷା ବୋର୍ଡ | 67.50 | .. | .. |
| 38 | ଅନୁପ୍ରେରିତ କରିବା | 15.02 | .. | .. |
| 39 | ହସ୍ତତନ୍ତ ଉନ୍ନତି ନିମନ୍ତେ ସମନ୍ୱିତ ଯୋଜନା | 55.65 | .. | .. |
| 40 | ଜଳ ବିଭାଜିକା ସମ୍ମନିତ ଯୋଜନା | 1,14,66.59 | 1,01,26.90 | 1,48,44.78 |
| 41 | ଅନ୍ତର୍ଦେଶୀୟ ସମବାୟ କାର୍ଯ୍ୟକ୍ରମ | .. | .. | 26.76 |
| 42 | ଅନୁସୂଚୀତ ଜାତି ଓ ଉପ ଜାତି ନିର୍ଦ୍ଦେଶାଳୟ | .. | 78.84 | .. |
| 43 | ପ୍ରାଣୀଧନ ବୀମା | 1,00.00 | 39.46 | 2,95.00 |
| 44 | ସାମୁଦ୍ରିକ ଜୀବ ଉପରେ ଗବେଷଣା ଓ ଉନ୍ନତି | 20.03 | .. | .. |
| 45 | ହସ୍ତତନ୍ତ, ବସ୍ତ୍ରଶିଳ୍ପର ବିକ୍ରି ଓ ଆମଦାନି ବୃଦ୍ଧି | 63.09 | 23.00 | .. |
| 46 | ଜିଣାବିକା ଗବେଷଣା ନିରୀକ୍ଷଣ ଏବଂ ସୂଚନା ନେଟ୍ ୱାର୍କ | 16.60 | 0.88 | 12.78 |
| 47 | ଜିଣାବିକା ସମର୍ଥନ ଓ ସେବା | 21.47 | 60.17 | 51.60 |
| 48 | ଡାକ୍ତରୀ ଥଇଥାନ | 11.95 | 7.60 | .. |
| 49 | ମୌଳିକ ଗବେଷଣା ପାଇଁ ବୃହତ୍ ସହାୟତା | .. | .. | 11.00 |
| 50 | ଅଣୁ ଜଳସେଚନ | 8,23.00 | 20,00.00 | 25,85.94 |
| 51 | ପଞ୍ଚାୟତ ଗୁଡିକର କମ୍ପ୍ୟୁଟରୀକରଣ କରିବା ପାଇଁ ମିଶନ | 50.00 | .. | .. |
| 52 | ସ୍ଥାନୀୟ ଜାଗାର ବିକାଶ ନିମନ୍ତେ ସାଂସଦ ପାଣ୍ଠି | 96,00.00 | 1,51,00.00 | 1,70,00.00 |
| 53 | ଗୋଷ୍ଠୀ ଉନ୍ନୟନ ପାଇଁ ସାଂସଦ ପାଣ୍ଠି | 69.40 | 11.66 | 36.59 |
| 54 | ନଗର ପାଳିକାରେ ଯୁବକ କ୍ରୀଡା ଓ ଖେଳ ଅଭିଯାନ | 5,00.00 | 5,30.00 | .. |
| 55 | ଜାତୀୟ ଶିଶୁ ଶ୍ରମିକ ପରିଯୋଜନା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସହାୟକ ଅନୁଦାନ | 13,14.51 | 15,29.37 | 10,81.54 |
| 56 | ଜାତୀୟ ବନୀକରଣ ଓ ପରିବେଶର ଉନ୍ନତି କରିବା ସଂସ୍ଥା | 1,07.50 | .. | .. |
| 57 | ଜାତୀୟ ବନୀକରଣ କାର୍ଯ୍ୟକ୍ରମ | 3,64.79 | .. | .. |
| 58 | ଜାତୀୟ ଏଡ୍ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ III | 14,80.37 | .. | 8,16.68 |
| 59 | ଜାତୀୟ ବାଉଁଶ ମିଶନ | 4,83.27 | 4,64.00 | 5,47.24 |
| 60 | ଜାତୀୟ କ୍ୟାନସର ନିୟନ୍ତ୍ରଣ କାର୍ଯ୍ୟକ୍ରମ | 3,34.15 | .. | .. |
| 61 | ଜାତୀୟ ଖାଦ୍ୟ ନିରାପତ୍ତା ମିଶନ | 66,76.61 | 63,52.61 | 58,14.13 |
| 62 | ଜାତୀୟ ଉଦ୍ୟାନ କୃଷି ମିଶନ | 46,94.34 | 65,91.00 | 84,34.20 |
| 63 | ଜାତୀୟ ଔଷଧୀୟ ବୃକ୍ଷ ମିଶନ | 1,69.62 | .. | 97.00 |
| 64 | ଜାତୀୟ ମାନସିକ ସ୍ୱାସ୍ଥ୍ୟ ଯୋଜନା | 22,50.00 | .. | .. |
| 65 | ଜାତୀୟ ଔଷଧୀୟ ବୃକ୍ଷ ମିଶନ ନିମନ୍ତେ ମିଶନ | 4,75.58 | 1,11.00 | 1,50.66 |
| 66 | ଜମି ସମ୍ପଦ ପରିଚାଳନା ପାଇଁ ରାଷ୍ଟ୍ରୀୟ ଯୋଜନା | .. | .. | 62,52.10 |
| 67 | ଅନ୍ଧତ୍ୱ ନିୟନ୍ତ୍ରଣ ପାଇଁ ରାଷ୍ଟ୍ରୀୟ ଯୋଜନା | .. | .. | 3.00 |
| 68 | ବୃଦ୍ଧଙ୍କର ସ୍ୱାସ୍ଥ୍ୟ ଯତ୍ନ ପାଇଁ ଜାତୀୟ କାର୍ଯ୍ୟକ୍ରମ | 2,23.88 | .. | .. |
| 69 | ମଧୁମେହ ରୋଗୀ ଓ ହୃଦୟରୋଗୀଙ୍କ ପ୍ରତିଭୂତି କରିବା ପାଇଁ ଜାତୀୟ କାର୍ଯ୍ୟକ୍ରମ | 5,10.21 | .. | .. |

| କ୍ର.ସଂ. | ଭାରତ ସରକାରଙ୍କ ପରିକଳ୍ପନା | ଭାରତ ସରକାରଙ୍କ ଦ୍ୱାରା ଖଲାସ ରାଶି (ଲକ୍ଷ ଟଙ୍କାରେ) | | |
|---|---|---|---|---|
| | | 2011-12 | 2012-13 | 2013-14 |
| 70 | ଜାତୀୟ ଗୋ ଏବଂ ମଇଁଷ ପ୍ରଜନନ ପ୍ରକଳ୍ପ | 6,00.00 | .. | 7,00.00 |
| 71 | ମୃତ୍ତିକା ଓ ସ୍ୱାସ୍ଥ୍ୟ ସଂରକ୍ଷଣ ନିମନ୍ତେ ଜାତୀୟ କାର୍ଯ୍ୟକ୍ରମ | .. | .. | 5,77.38 |
| 72 | ଜାତୀୟ ନଦୀ ସଂରକ୍ଷଣ ଯୋଜନା | 5,00.00 | .. | .. |
| 73 | ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା | 9,78,21.72 | 8,47,97.88 | 7,57,52.84 |
| 74 | ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ(ଏନ୍‌ଆରଏଚଏମ) | 51.06 | 1,39.48 | 18.69 |
| 75 | ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ(ଏନ୍‌ଆରଏଚଏମ) | 4,07,73.25 | 2,39,64.81 | 4,44,16.25 |
| 76 | ଜାତୀୟ ସେବା ଯୋଜନା | 26.57 | 14.89 | 21.36 |
| 77 | ଜାତୀୟ ଅନୁସୂଚୀତ ଉପଜାତି ଉନ୍ନତି ନିମନ୍ତେ ପାଣ୍ଠି ଉନ୍ନୟନ କାର୍ଯ୍ୟକ୍ରମ | 3,00.00 | .. | 90.00 |
| 78 | ପିପିପି ମାଧ୍ୟମରେ ଦକ୍ଷତାର ବିକାଶ ପାଇଁ ନୂତନ ପଦକ୍ଷେପ | 13.50 | .. | .. |
| 79 | ଅଫଗ୍ରୀଡ ଡି.ଆର୍.ପି.ଏସ୍ ଏମ୍.ଏନ୍.ଆର.ଇ | 1,25.09 | 50.00 | 0.47 |
| 80 | ପଞ୍ଚାୟତ ଶସକ୍ତିକରଣ ଏବଂ ଦାୟିତ୍ୱାଧୀନତା ପ୍ରୋତ୍ସାହନ କାର୍ଯ୍ୟକ୍ରମ | 1,02.92 | .. | .. |
| 81 | ପଞ୍ଚାୟତର ମହିଳା ଓ ଯୁବକ ଶକ୍ତି ଅଭିଯାନ କାର୍ଯ୍ୟକ୍ରମ | .. | 51.13 | .. |
| 82 | ମେରୁ ବିଜ୍ଞାନ | .. | 1.50 | 5.00 |
| 83 | ପ୍ରଦୂଷଣ ହ୍ରାସ | .. | 5.57 | .. |
| 84 | ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା | 19,69,95.27 | 87,25.14 | 7,58,91.50 |
| 85 | ଦିଶା ଓ ସର୍କିଟ୍ ପାଇଁ ଭିତ୍ତି ଭୂମିର ବିକାଶ | 11,00.77 | 4,65.42 | 3,73.60 |
| 86 | ଗୋପାଳନ ସହିତ ଶୁଦ୍ଧ ଦୁଗ୍ଧ ଉତ୍ପାଦନ ପାଇଁ କାର୍ଯ୍ୟକ୍ରମ | 6,02.75 | .. | 3,06.50 |
| 87 | ଭିନ୍ନ କ୍ଷମ ମଧ୍ୟରେ ଖେଳର ବିକାଶ | 0.67 | .. | 1.36 |
| 88 | ସୂଚନା ଅଧିକାର ଆଇନର ମତ ପ୍ରଚାର-ପିପିଜି | .. | .. | 39.70 |
| 89 | ଆର ଏବଂ ଡି ନୂତନ ଓ ପୂର୍ଣ୍ଣ ନବୀକରଣ ଶକ୍ତି ଜ୍ଞାନ କୌଶଳ ଏମଏନଆରଇ ରେ | 11.21 | .. | .. |
| 90 | ଆରଇ ଏବଂ ନଗର ଏବଂ ଶିଳ୍ପ କ୍ଷେତ୍ରରେ ନୂତନ ଶକ୍ତି ଜ୍ଞାନ କୌଶଳରେ | 4.59 | .. | .. |
| 91 | ରାଜୀବ ଗାନ୍ଧୀ ପଞ୍ଚାୟତ ଶସକ୍ତିକରଣ ଅଭିଯାନ | .. | .. | 1,90.00 |
| 92 | ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଯୋଜନା | 5,44.00 | 2,09.00 | .. |
| 93 | ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ | 1,28,86.89 | 2,15,42.51 | 2,65,53.62 |
| 94 | ସୁଦୂର ଗ୍ରାମ୍ୟ କାର୍ଯ୍ୟକ୍ରମ ଯୋଜନା | 26,37.42 | .. | .. |
| 95 | ସମସ୍ତ ଗ୍ରାମ ପାଇଁ ଗ୍ରାମୀଣ ପ୍ରୟୋଗ ପାଇଁ ଶକ୍ତି ନବୀକରଣ ଯୋଜନା | 6,60.98 | 2,69.81 | 7.25 |
| 96 | ଗବେଷଣା ଓ ଉନ୍ନତିକରଣ | 2.14 | .. | .. |
| 97 | ଜୈବିକ ଗବେଷଣା ଓ ଉନ୍ନତି କାର୍ଯ୍ୟକ୍ରମ | 29.20 | 14.97 | 76.14 |
| 98 | ଗବେଷଣା ଓ ସଂରକ୍ଷଣ, ଉନ୍ନତିକରଣ ଓ ଉନ୍ନତି କାର୍ଯ୍ୟକ୍ରମ | 6.55 | .. | .. |
| 99 | ଅନୁସନ୍ଧାନ ଓ ବିକାଶ ସହାୟତା | 4,00.37 | 48.50 | 9,21.78 |
| 100 | ଆଦିବାସୀ ଯାତ୍ରା ଓ ଅନ୍ୟାନ୍ୟ ଉପରେ ଗବେଷଣା ସହିତ ସର୍ବଶିକ୍ଷା | 7.50 | 10.00 | 10.00 |
| 101 | ଗବେଷଣା ପରିଷଦ | 0.68 | .. | .. |
| 102 | ରାଜ୍ୟକୁ ସମ୍ବଳ ସହାୟତା | .. | 4.40 | .. |
| 103 | ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଗ୍ରାମୀଣ ଗୃହ ନିର୍ମାଣ | 6,29,99.06 | 4,58,65.04 | 4,44,62.65 |
| 104 | ସର୍ବଶିକ୍ଷା ଅଭିଯାନ | 9,27,19.98 | 10,43,07.62 | 7,39,56.08 |
| 105 | ମାନବ ସମ୍ବଳର ବିକାଶ ପାଇଁ ପରିକଳ୍ପନା | 46.00 | .. | .. |
| 106 | ଉତ୍କର୍ଷର ନମୂନା ପାଇଁ ବ୍ଲକ୍ ସ୍ତରରେ 6000 ଟି ଆଦର୍ଶ ବିଦ୍ୟାଳୟ ସ୍ଥାପନା | 1,28,85.00 | .. | .. |
| 107 | ଅନୁଷ୍ଠାନର ସଶକ୍ତିକରଣ ଯୋଜନା-ଏନଆଇଏଫଟିଇଏମ ସହିତ | .. | .. | .. |

| କ୍ର.ସଂ. | ଭାରତ ସରକାରଙ୍କ ପରିକଳ୍ପନା | ଭାରତ ସରକାରଙ୍କ ଦ୍ୱାରା ଖଲାସ ରାଶି (ଲକ୍ଷ ଟଙ୍କାରେ) | | |
|---|---|---|---|---|
| | | 2011-12 | 2012-13 | 2013-14 |
| 108 | ଉତ୍କର୍ଷ ଶ୍ରେଣୀ ଶିକ୍ଷା ଅନୁଷ୍ଠାନର ପରିକଳ୍ପନା | 76.35 | 2,06.89 | 1,58.20 |
| 109 | ସାମାଜିକ ଓ ଅର୍ଥନୈତିକ ଉନ୍ନତି ନିମନ୍ତେ ବୈଜ୍ଞାନିକ ଓ କୌଶଳ କାର୍ଯ୍ୟକ୍ରମ | 16.55 | .. | 12.80 |
| 110 | ନିଜସ୍ୱ ଓ ସାର୍ବଜନିକ ଉଦ୍ୟମରେ କୌଶଳର ବିକାଶ ପାଇଁ ନୂତନ ସୂତ୍ରପାତ | 3,06.75 | 16,83.75 | 1.19 |
| 111 | ଅସଂଗଠିତ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା | .. | .. | 70,51.44 |
| 112 | କୃଷି ସୂଚନାର ସଶକ୍ତିକରଣ ଯୋଜନା | 4,00.00 | .. | .. |
| 113 | ସ୍ୱାସ୍ଥ୍ୟ ଶିକ୍ଷା  ଏବଂ ଅନୁସନ୍ଧାନ ସଂସ୍ଥାର ସଶକ୍ତିକରଣ | 2,94.04 | .. | .. |
| 114 | ଓ୍ୱାକଫ ବୋର୍ଡର ଶସକ୍ତିକରଣ | .. | 6.26 | .. |
| 115 | କୃଷି ଅର୍ଥନୈତିକ ନୀତି ଏବଂ ବିକାଶର ଅଧ୍ୟୟନ | 1,03.00 | 93.75 | 1,24.55 |
| 116 | ସଂପ୍ରସାରଣ ସଂସ୍କାର ପାଇଁ ରାଜ୍ୟ ସପ୍ରସାରଣ ଯୋଜନା ସହାୟତା | 48,82.35 | 42,49.98 | 35,26.50 |
| 117 | ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା | 10,41.64 | 16,69.30 | 23,03.62 |
| 118 | ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା | 1,25,48.12 | 1,23,79.25 | 53,76.85 |
| 119 | ବୈଷୟିକ ଉନ୍ନୟନ କାର୍ଯ୍ୟକ୍ରମ | 23.94 | 39.36 | 16.38 |
| 120 | ବୈଷୟିକ ଉନ୍ନୟନ ପଦୋନ୍ନତି ଏବଂ ଉପଯୋଗ କାର୍ଯ୍ୟକ୍ରମ | 0.20 | .. | .. |
| 121 | ଏସସିଏସ ଏସଜେଇ ପାଇଁ ଉଚ୍ଚମାନର ଶିକ୍ଷା | 0.73 | 1,11.76 | 57.52 |
| 122 | ସଂପୂର୍ଣ୍ଣ ପରିମଳ ଯୋଜନା | 11,12.15 | .. | .. |
| 123 | ସଂପୂର୍ଣ୍ଣ ପରିମଳ ଯୋଜନା | 1,00,59.55 | .. | .. |
| ମୋଟ | | **62,28,65.61** | **38,92,32.73** | **46,99,58.00** |

ଦ୍ରଷ୍ଟବ୍ୟ - 1. ରାଜ୍ୟ ଭିତରେ ଅବସ୍ଥିତ କେନ୍ଦ୍ରୀୟ ସଂସ୍ଥା ଏବଂ ଓଡିଶା ରାଜ୍ୟ ସରକାରଙ୍କ ପରିସର ବହିର୍ଭୁତ ଅନ୍ୟାନ୍ୟ ସଂସ୍ଥାକୁ ଆବଣ୍ଟିତ 4,35,53.72 ଲକ୍ଷ ଟଙ୍କା ଏହି ପରିଶିଷ୍ଟରେ ଦର୍ଶାଯାଇଥିବା ଅର୍ଥରୁ ବାଦ୍ ଦିଆଯାଇଅଛି ।

ଉପରୋକ୍ତ ସୂଚନା ସି.ଜି.ଏଙ୍କର ସିପିଏସ୍ଏମ୍.ଏସ୍ ପୋର୍ଟାଲରେ ମିଳିଥିବା ତଥ୍ୟ ଉପରେ ଆଧାରିତ ଅଟେ ।

## ପରିଶିଷ୍ଟ – 1.6

(ଦ୍ରଷ୍ଟବ୍ୟ ଅନୁଛେଦ 1.8.3 ପୃଷ୍ଠା 27)

### 2013-14 ଆର୍ଥିକ ବର୍ଷ ମଧ୍ୟରେ ବଜେଟ୍ ଫଳାଫଳର ବିବରଣ

### ପଞ୍ଚାୟତିରାଜ ବିଭାଗ

(ଲକ୍ଷ ଟଙ୍କାରେ)

| କ୍ର.ସଂ. | ପରିକଳ୍ପନାର ନାମ | ଆର୍ଥିକ | | | ଭୌତିକ | | |
|---|---|---|---|---|---|---|---|
| | | 2013-14 ମଧ୍ୟରେ ଆର୍ଥିକ ଖର୍ଚ୍ଚ | ଆର୍ଥିକ ଲକ୍ଷ୍ୟ ପ୍ରାପ୍ତ | ହ୍ରାସ | ଭୌତିକ ଲକ୍ଷ୍ୟ ଧାର୍ଯ୍ୟ | ଭୌତିକ ଲକ୍ଷ୍ୟ ପ୍ରାପ୍ତ | ହ୍ରାସ |
| 1 | ମୋ-କୁଡିଆ | 21827 | 21827 | Nil | 38998 | 18668 | 20330 (52 %) |
| 2 | ଜିଜିଓ୍ୱାଇ | 22500 | 22500 | Nil | 13313 | 12278 | 1035 (8 %) |
| 3 | ବିଆରଜିଏଫ୍ | 45317 | 29979 | 15338 (34 %) | 12247 | 8193 | 4054 (33 %) |
| 4 | ସି.ସି.ରୋଡ୍ | 49888 | 49888 | Nil | 23575 | 21809 | 1766 (7 %) |
| 5 | ଆଇ.ଏ.ଓ୍ୱାଇ | 40637 | 22393 | 18244 (45 %) | 387404 | 158657 | 228747 (59 %) |

### ଅନୁସୂଚିତ ଜାତି ଏବଂ ଉପଜାତି, ଉନ୍ନୟନ ବିଭାଗ

(ଲକ୍ଷ ଟଙ୍କାରେ)

| କ୍ର.ସଂ. | ପରିକଳ୍ପନାର ନାମ | ଆର୍ଥିକ | | | ଭୌତିକ | | |
|---|---|---|---|---|---|---|---|
| | | ଆର୍ଥିକ ଲକ୍ଷ୍ୟ ଧାର୍ଯ୍ୟ | ଆର୍ଥିକ ହାସଲ | ହ୍ରାସ | ଆର୍ଥିକ ଲକ୍ଷ୍ୟ ଧାର୍ଯ୍ୟ | ଭୌତିକ ହାସଲ | ହ୍ରାସ |
| ରାଜ୍ୟ ଯୋଜନା | | | | | | | |
| 1 | ଅନୁସୂଚିତ ଉପଜାତି ବାଳିକା ଆବାସ ନିର୍ମାଣ ପାଇଁ (1000 ଟି) | 23000 | 22445 (98%) | 555 | 1000 | 11 (1%) | 989 (99%) |
| କେନ୍ଦ୍ରୀୟ ଯୋଜନା | | | | | | | |
| 1 | ଆଦିମ ଅଧିବାସୀ ନିମନ୍ତେ ଅଣୁ ପ୍ରକଳ୍ପର ପ୍ରତିଷ୍ଠା ଅନୁଦାନ (ଜି .ଆଇ.ଏ ) | 5000 | 2000 (40%) | 3000 | 17 ଟି ଅଣୁ ପ୍ରକଳ୍ପ | ସମ୍ପୂର୍ଣ୍ଣ ନହେବା | 100 % |
| 2 | ଏମ୍. ଏଫ୍. ପି ସଂପାଦନ ପାଇଁ ଅନୁଦାନ -ରାଜ୍ୟ ଆଦିବାସୀ ବିକାଶ ସମବାୟ ନିଗମ | 300 | 193 (64%) | 107 | ଫେୟାର ପ୍ରାଇସ୍ ନିର୍ଭର 68 ଟି ଗୋଦାମ . | ସମ୍ପୂର୍ଣ୍ଣ ନହେବା | 100 % |

## ମତ୍ସ୍ୟ ଏବଂ ପଶୁସମ୍ପଦ ବିକାଶ ବିଭାଗ

(ଲକ୍ଷ ଟଙ୍କାରେ)

| କ୍ର.ସଂ. | ପରିକଳ୍ପନାର ନାମ | ଆର୍ଥିକ | | | ଭୌତିକ | | |
|---|---|---|---|---|---|---|---|
| | | ଆର୍ଥିକ ଖର୍ଚ୍ଚ | ଆର୍ଥିକ ଲକ୍ଷ୍ୟ ପ୍ରାପ୍ତ | ହ୍ରାସ | ଭୌତିକ ଲକ୍ଷ୍ୟ ଧାର୍ଯ୍ୟ | ଭୌତିକ ଲକ୍ଷ୍ୟ ପ୍ରାପ୍ତ | ହ୍ରାସ |
| ରାଜ୍ୟ ଯୋଜନା | | | | | | | |
| 1 | କୌଶଳ ବୃଦ୍ଧି ଓ ଅବଗତ ସଭା ସଂଗଠନ | 65 | 65 | ନାହିଁ | 700 | 426 | 274 (39 %) |
| 2 | ମତ୍ସ୍ୟ ଚାଷୀଙ୍କୁ ସ୍ୱଳ୍ପ ମିଆଦୀ ଋଣ ଉପରେ ସୁଧ ରିହାତି | 800 | 800 | ନାହିଁ | 2000 | Nil | 2000 (100 %) |
| 3 | ମତ୍ସ୍ୟ ଚାଷୀଙ୍କୁ ଦୀର୍ଘ ମିଆଦୀ ଋଣ ଉପରେ ସୁଧ ରିହାତି | 450 | 450 | ନାହିଁ | 2000 | Nil | 2000 (100 %) |
| 4 | ମତ୍ସ୍ୟ ପାଳକଙ୍କୁ ଭ୍ରାମ୍ୟମାଣ ଉପଦେଷ୍ଟା ସେବା ଦ୍ୱାରା କ୍ଷମତା ଓ ମତ୍ସ୍ୟପାଳକ ସଂପ୍ରସାରଣ ସେବା ପାଇଁ ମାଗଣା କଲ ସେଣ୍ଟର ସ୍ଥାପନା | 388 | 379 | 9 | 100000 | 42192 | 57808 (58 %) |
| 5 | ସଘନ ପ୍ରଣାଳୀରେ ଜଳ ଜୀବ ଚାଷ ପାଇଁ ପ୍ରୋତ୍ସାହନ | 1250 | 1250 | ନାହିଁ | 2000 ha | 677 ha | 1323 ha (66 %) |
| କେନ୍ଦ୍ରୀୟ ଯୋଜନା | | | | | | | |
| 1 | ମତ୍ସ୍ୟ ଚାଷୀ କଲ୍ୟାଣ, ମତ୍ସ୍ୟଚାଷୀ ତାଲିମ ଓ ସଂପ୍ରସାରଣ ପାଇଁ କେନ୍ଦ୍ରୀୟ ଯୋଜନା | 44 | 44 | ନାହିଁ | 570 | Nil | 570 (100 %) |
| 2 | ଆନ୍ତଦେଶୀୟ ସମ୍ବଳର ପୂର୍ଣ୍ଣାଙ୍ଗ ବିକାଶ | 15 | 15 | ନାହିଁ | 16 nos | 2 nos | 14 nos (88 %) |
| 3 | ସାମୁଦ୍ରିକ ମତ୍ସ୍ୟ ପାଳନର ବିକାଶ-ପାରମ୍ପାରିକ କାରିଗରୀର ମୋଟରିକରଣ | 189 | 189 | ନାହିଁ | 1000 | 658 | 342 (34 %) |
| 4 | ସାମୁଦ୍ରିକ ମତ୍ସ୍ୟ ବିକାଶ-ସମୁଦ୍ରରେ ମାଛ ଧରାଳିଙ୍କ ନିରାପତ୍ତା | 48 | 48 | ନାହିଁ | 320 | Nil | 320 (100 %) |

## ପରିଶିଷ୍ଟ – 1.7

(ଦ୍ରଷ୍ଟବ୍ୟ ଅନୁଛେଦ 1.10.1 ପୃଷ୍ଠା 35)

### 31 ମାର୍ଚ୍ଚ 2014 ସୁଦ୍ଧା ଓଡିଶା ରାଜ୍ୟର ଆର୍ଥିକ ସ୍ଥିତିର ସଂକ୍ଷିପ୍ତ ବିବରଣ

(କୋଟି ଟଙ୍କାରେ)

| 31 ମାର୍ଚ୍ଚ 2013 ସୁଦ୍ଧା | | | 31 ମାର୍ଚ୍ଚ 2014 ସୁଦ୍ଧା |
|---|---|---|---|
| | ଦେୟତା | | |
| **16108.53** | ଆଭ୍ୟନ୍ତରୀଣ ଋଣ - | | **16072.87** |
| 3805.97 | ସୁଧ ଥିବା ବଜାର ଋଣ | | |
| 0.09 | ସୁଧ ବିହୀନ ବଜାର ଋଣ | | |
| 4.74 | ଭାରତ ଜୀବନ ବୀମାରୁ ଋଣ | | |
| 12297.73 | ଅନ୍ୟାନ୍ୟ ଅନୁଷ୍ଠାନରୁ ଋଣ | | |
| Nil | ସାଧନୋପାୟ ଅଗ୍ରୀମ | | |
| Nil | ଭାରତୀୟ ରିଜର୍ଭ ବ୍ୟାଙ୍କରୁ ଓଭର ଡ୍ରାଫ୍ଟ | | |
| **7208.85** | କେନ୍ଦ୍ର ସରକାରଙ୍କଠାରୁ ଋଣ ଓ ଅଗ୍ରୀମ - | | **7241.55** |
| 46.47 | 1984-85 ପୂର୍ବରୁ ଋଣ | | |
| 27.17 | ଅଣ ଯୋଜନା ଋଣ | | |
| 7135.21 | ରାଜ୍ୟ ଯୋଜନା ପରିକଳ୍ପନା ପାଇଁ ଋଣ | | |
| ---- | କେନ୍ଦ୍ର ଯୋଜନା ବ୍ୟବସ୍ଥା ପାଇଁ ଋଣ | | |
| ---- | କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ବ୍ୟବସ୍ଥା ପାଇଁ ଋଣ | | |
| **400.00** | ଆକସ୍ମିକ ପାଣ୍ଠି | | **400.00** |
| **14663.47** | ସ୍ୱଳ୍ପ ସଞ୍ଚୟ, ଭବିଷ୍ୟନିଧି ପାଣ୍ଠି ଇତ୍ୟାଦି | | **15352.52** |
| **5161.84** | ଜମା ରାଶି | | **5595.04** |
| **5724.78** | ଆରକ୍ଷିତ ପାଣ୍ଠି ଅଗ୍ରୀମ | | **5724.78** |
| **---** | ସସ୍‌ପେନ୍‌ସ ଓ ବିବିଧ ଅବଶେଷ | | **57.11** |
| **---** | ପ୍ରେରିତ ଅବଶେଷ | | **21.40** |
| **698.12** | ବିବିଧ ପୁଞ୍ଜି ପ୍ରାପ୍ତି | | **698.15** |
| **9350.84** | ଖର୍ଚ୍ଚ ଠାରୁ ଅଧିକ ଆୟର ପରିମାଣ | | **12630.93** |
| **59316.43** | ମୋଟ | | **64044.38** |
| | ପରିସମ୍ପତ୍ତି | | |
| **42446.02** | ସ୍ଥାୟୀ ପରିସମ୍ପତ୍ତି ପାଇଁ ସାମଗ୍ରୀକ ପୁଞ୍ଜି ବିନିଯୋଗ - | | **50202.42** |
| 2964.28 | କମ୍ପାନୀ, ନିଗମ ଇତ୍ୟାଦିରେ ବିନିଯୁକ୍ତ ଅଂଶ ଧନ | 3308.80 | |
| 39481.74 | ଅନ୍ୟାନ୍ୟ ପୁଞ୍ଜି ବିନିଯୋଗ | 46893.62 | |
| **3976.69** | ଋଣ ଓ ଅଗ୍ରୀମ | | **4183.06** |
| 2490.77 | ଶକ୍ତି ପ୍ରକଳ୍ପ ପାଇଁ ଋଣ | 2849.13 | |
| 1034.82 | ଅନ୍ୟାନ୍ୟ ବିକାଶମୂଳକ ଋଣ | 996.62 | |
| 451.10 | ସରକାରୀ କର୍ମଚାରୀଙ୍କୁ ଋଣ ଓ ବିବିଧ ଋଣ | 337.31 | |

| 31 ମାର୍ଚ୍ଚ 2013 ସୁଦ୍ଧା | | | 31 ମାର୍ଚ୍ଚ 2014 ସୁଦ୍ଧା |
|---|---|---|---|
| | **ପରିସଂପତ୍ତି** | | |
| **9.77** | ଅଗ୍ରୀମ | | **10.13** |
| **7.26** | ପ୍ରେରିତ ଅବଶେଷ | | **---** |
| **12.01** | ସସ୍‌ପେନ୍‌ସ ଓ ବିବିଧ ଅବଶେଷ | | |
| **12864.68** | ନଗଦ - | | **9498.77** |
| --- | କୋଷାଗାର ଓ ସ୍ଥାନୀୟ ପ୍ରେରିତ ରୋକଡ଼ | --- | |
| -23.92 | ରିଜର୍ଭ ବ୍ୟାଙ୍କରେ ଜମା ରାଶି | 26.87 | |
| 23.79 | ନିମ୍ନ ପ୍ରଦ ସହ ବିଭାଗୀୟ ନଗଦ ଅର୍ଥ ଅବଶେଷ ସ୍ଥାୟୀ ଅଗ୍ରୀମ ସମେତ | 21.88 | |
| ** | ଅମାନତ ଜମା | ** | |
| 5523.00 | ନିର୍ଦ୍ଧାରିତ ପାଣ୍ଠିର ବିନିଯୋଗ | 5523.00 | |
| 7341.81 | ଅବଶେଷ ତହବିଲ ବିନିଯୋଗ | 3927.02 | |
| --- | ସରକାରୀ ହିସାବ ନିଅଣ୍ଟ | --- | |
| | (i) ଚ଼ଳିତ ବର୍ଷର ରାଜସ୍ୱ ବଳକାର କମ୍ତି | | |
| | (ii) ଆକସ୍ମିକ ପାଣ୍ଠିରେ ବିନିଯୋଗ | | |
| | ବର୍ଷ ଆରମ୍ଭରେ ରାଶିକୃତ ନିଅଣ୍ଟ | | |
| **59316.43** | **ମୋଟ** | | **64044.38** |

** ସସ୍‌ପେନ୍‌ସ ଓ ବିବିଧ ଅଧିନରେ ନିଆଯାଇଅଛି

ଟିପ୍ପଣୀ: ଆକସ୍ମିକ ପାଣ୍ଠିର ଅବଶେଷ ଦେୟତା ଅଧିନରେ ନିଆଯାଇଅଛି ।

ପରିଶିଷ୍ଟ-1.3 ଏବଂ 1.4 ସମ୍ପର୍କିତ ବାଖ୍ୟାମୂଳକ ଟୀପ୍ପଣୀ

